ISSN No. : 2583-147X (P)

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

# PRACHEE

ମଇ ୨୦୨୨

ମୂଲ୍ୟ : ୨୫ ଟଙ୍କା





**ମୁଖ୍ୟ ଉପଦେଷ୍ଟା**
**କବି ଜୟନ୍ତ ମହାପାତ୍ର**



*ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ*

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ଅଷ୍ଟମ ବର୍ଷର ଦ୍ୱିତୀୟ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଓ 'ପ୍ରାଚୀ'ର କଲମ ୫୦

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.- 8, May 2022, Issue No. II

ISSN NO. 2583-147X(P)

RNI No. ODIODI/2015/64435

P.R. No. CK(C)/96/2022-2024



**ଉପଦେଷ୍ଟା ମଣ୍ଡଳୀ**
ଶ୍ରୀଯୁକ୍ତ ପାବ୍ଲିକ କାନୁନ୍‌ଗୋ
ଶ୍ରୀମତୀ ମନ୍ଦାକିନୀ ଦାସ
**କୃଷ୍ଣ ପ୍ରସାଦ ଦାସ**
**ସମୀକ୍ଷକ ମଣ୍ଡଳୀ**
**ପ୍ରଫେସର ବୈଷ୍ଣବ ଚରଣ ସାମଲ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଆଦିକନ୍ଦ ସାହୁ**
ଅବସରପ୍ରାପ୍ତ ପ୍ରଫେସର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର
**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
ପ୍ରଫେସର, ଓଡ଼ିଆ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
**ପ୍ରଫେସର ନୀଳାଦ୍ରିଭୂଷଣ ହରିଚନ୍ଦନ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଶରତ କୁମାର ପଲିତା**
ପ୍ରଫେସର, ଜୈବ ବିବିଧତା ଓ ପ୍ରାକୃତିକ ସଂସାଧନ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ସଂପାଦକ**
**ଡକ୍ଟର ବିଭୂଦତ୍ତ ଖଣ୍ଡାୟତରାୟ**
**ସମ୍ପାଦନା ସହଯୋଗୀ :**
**ପ୍ରାଚୀ ପ୍ରଯୁକ୍ତା**
**ସଂପାଦନା ମଣ୍ଡଳୀ**
**ଡକ୍ଟର ନାରାୟଣ ମହାନ୍ତି-**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଦର୍ଶନ ବିଭାଗ
**ଡକ୍ଟର ଆଦିତ୍ୟ ପ୍ରତାପ ଧଳ**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
**ପ୍ରଫେସର ଅଞ୍ଜୁମନ ଆରା**
ହିନ୍ଦୀ ବିଭାଗ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
ଅଧ୍ୟାପକ, ହିନ୍ଦୀ ବିଭାଗ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଆଲୋକ ବରାଳ**
ମୁଖ୍ୟ, ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ଡକ୍ଟର ନେତାଜୀ ଅଭିନନ୍ଦନ**
ସହାୟକ ପ୍ରଫେସର, ରାଜନୀତିବିଜ୍ଞାନ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଦିପକ କୁମାର ଦାଶ**
ଅଧ୍ୟାପକ, ରାଜନୀତିବିଜ୍ଞାନ ବିଭାଗ,
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ
**ଡକ୍ଟର ନୀରୋଦ କୁମାର ମନ୍ତ୍ରୀ**
ଅଧ୍ୟାପକ, ଓଡ଼ିଆ ବିଭାଗ,
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ କଲେଜ
**ଡକ୍ଟର ବିଦ୍ୟୁତପ୍ରଭା ରାଉତ**
ଅଧ୍ୟାପିକା, ଓଡ଼ିଆ ବିଭାଗ,
ସିମୁଳିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ
**ଡକ୍ଟର ସୁମନ୍ତ ସ୍ୱାଇଁ**
ସହାୟକ ପ୍ରଫେସର, ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ
**ଡକ୍ଟର ମମତା ଖଣ୍ଡାୟତରାୟ**
ବିଭାଗୀୟ ମୁଖ୍ୟ, ରାଜନୀତିବିଜ୍ଞାନ ବିଭାଗ,
ପାରାଦୀପ କଲେଜ, ପାରାଦୀପ
ଡିଟିପି :
**ପ୍ରଶାନ୍ତି ସାଇଁ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ଅଳଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ଅବିନାଶ ଦାଶ**
ବିତରଣ ଅଧିକାରୀ :
**ରାଜେନ୍ଦ୍ର ବାରିକ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪


## ଏଇ ସଂଖ୍ୟାରେ...


**ମନ ଓ ମନତଳ : ୧୯୮୦ ପରବର୍ତ୍ତୀ ଓଡ଼ିଆ ଓ ହିନ୍ଦୀ ଲେଖିକାଙ୍କ ଉପନ୍ୟାସ**

- ଲୋପାମୁଦ୍ରା ସ୍ୱାଇଁ ୦୭

**କାଠଗଡ଼ାରେ ଗାନ୍ଧୀଙ୍କ ଖଦି**

- ଅଶ୍ୱିନୀ କୁମାର ସେଠୀ ୧୧

**ନବମୂଲ୍ୟାୟନ ପରିପ୍ରେକ୍ଷୀରେ ପ୍ରତିଭା ଗଳ୍ପାନୁଶୀଳନ**

- ବର୍ଷା ବିଶ୍ୱାଳ ୧୩

**ଗ୍ରାମ୍ୟ ଜୀବନରେ ଜଗତୀକରଣର ପ୍ରଭାବ : ଓଡ଼ିଆ କବିତା**

- *ବର୍ଷାରାଣୀ ଗଜେନ୍ଦ୍ର* ୧୬

**ପ୍ରୀତିର ପ୍ରତୀତି ଓ ସଂପ୍ରୀତିର ପ୍ରତିଶ୍ରୁତି**

**ଗୁରୁପ୍ରସାଦ ମହାନ୍ତିଙ୍କ ପ୍ରାରମ୍ଭିକ କବିତାର ଭିତ୍ତି-ଭୂତି ଓ ଭାରତୀ**

- ଡକ୍ଟର ସନ୍ତୋଷ କୁମାର ନାୟକ ୧୯

**୧୯୮୦ ପରବର୍ତ୍ତୀ ଓଡ଼ିଆ କ୍ଷୁଦ୍ରଗଳ୍ପରେ ଚରିତ୍ର**

-ରାଜେଶ କୁମାର ସେଠୀ ୩୭

**ପଲ୍ଲୀକବି ନନ୍ଦକିଶୋର ଏକ ସଂକ୍ଷିପ୍ତ ଆକଳନ**

- ଡକ୍ଟର ବସନ୍ତ କିଶୋର ସାହୁ ୪୨

**ପଶ୍ଚିମ ଓଡିଶାର ଲୋକଧାରାରେ ପ୍ରତୀକିତ 'ଢଗ' ଓ'ବଖାନି'**

- ଡକ୍ଟର ଦେବାଶିଷ ପାଣ୍ଡିଆ ୪୫

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011


## ପ୍ରାଚୀର ନିୟମାବଳୀ

- "ପ୍ରାଚୀ" ଏକ ମାସିକ ଗବେଷଣାଧର୍ମୀ ISSN ସଂଯୁକ୍ତ ମାନକ Peer Reviewed ପତ୍ରିକା ଅଟେ ।
- "ପ୍ରାଚୀ" ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ,ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଥାଏ ।
- "ପ୍ରାଚୀ" ଯୁବପୀଢ଼ିଙ୍କର ଗବେଷଣାକୁ ଏକ ଉଚିତ ଦିଶା ଓ ଆଭିମୁଖ୍ୟ ପ୍ରଦାନ କରିବା ପାଇଁ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି । ଲେଖାଗୁଡ଼ିକ ଗବେଷଣାର ଆଭିମୁଖ୍ୟ ଓ ସରଞ୍ଜନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରି ପ୍ରେରଣା କରିବାକୁ ସମସ୍ତଙ୍କୁ ଅନୁରୋଧ । ଗବେଷଣାତ୍ମକ ଆଲେଖ୍ୟର ଆଦର୍ଶ, ନିୟମ ଓ ମୂଲ୍ୟବୋଧ ପ୍ରତି ସଚେତନ ରହି ସର୍ବଦା ଗବେଷଣାର ମୌଳିକତାକୁ ଦୃଷ୍ଟିରେ ରଖି ଲେଖକମାନେ ନିଜର ଲେଖା ପ୍ରେରଣ କରନ୍ତୁ ଏବଂ ଆବଶ୍ୟକସ୍ଥଳେ ଅନୁଷଙ୍ଗ ସୂଚୀର ସଂଯୋଗ କରନ୍ତୁ ।
- ଏହି ପତ୍ରିକାରେ ମଧ୍ୟ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ, ଭ୍ରମଣ କାହାଣୀ, ପରିବେଶଜନିତ ଲେଖା ଓ କବିତା ପରିପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡ଼ିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିଷ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡ଼ିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍-୭୫୩୦୦୪ କିମ୍ବା ପାଠକ ପାଠିକାମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ । ଲେଖା ଗୁଡ଼ିକ ପେଜ୍ ମେକର ଫରମାଟ, ଆକୃତି ସାରଳା ଫଣ୍ଟରେ ଟାଇପ କରି ଦେବାକୁ ଅନୁରୋଧ ନଚେତ୍ ଲେଖା ଗ୍ରହଣଯୋଗ୍ୟ ହେବନାହିଁ ।**

---

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................................

ଠିକଣା ........................................................ ପିନ୍‌କୋର୍ଡ଼ ..............................

ମୋବାଇଲ୍ ନମ୍ବର ........................................ ଇ-ମେଲ୍ ........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର.................................................. ତାରିଖ..................................

ବ୍ୟାଙ୍କ୍.......................................... ସ୍ଥାନ......................................................

ତାରିଖ....................................... ଦସ୍ତଖତ.......................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheenews.com

ISSN -2583-147X(P) , Vol.- 8, Issue No. II, May 2022
Bastabatara Pariprakash Prachee
*Peer Reviewed and Referred Research Journal*

# ମନ ଓ ମନତଳ : ୧୯୮୦ ପରବର୍ତ୍ତୀ ଓଡ଼ିଆ ଓ ହିନ୍ଦୀ ଲେଖିକାଙ୍କ ଉପନ୍ୟାସ

ଲୋପାମୁଦ୍ରା ସ୍ୱାଇଁ

ଆଧୁନିକତାର ପରିପ୍ରେକ୍ଷୀରେ ମନୋବିଜ୍ଞାନ ଏବଂ ଏହାର ବିଚାରଭିତ୍ତିକ ସିଦ୍ଧାନ୍ତଗୁଡ଼ିକ ବିବିଧ ସାହିତ୍ୟ ଆଙ୍ଗିକରେ ପ୍ରୟୋଗ ଓ ପରୀକ୍ଷାନିରୀକ୍ଷା ବାଟଦେଇ ଗତିକରି ଆସିଛି । ଏହି ଶୈଳୀରେ ରଚିତ ଉପନ୍ୟାସରେ ଚାରିତ୍ରିକ ବିଶ୍ଳେଷଣ ଅପେକ୍ଷା ମନ ଓ ମାନସିକତାର ସୂକ୍ଷ୍ମାତିସୂକ୍ଷ୍ମ ବିଶ୍ଳେଷଣ ଉପରେ ଗୁରୁତ୍ୱ ଦିଆଯାଇଥାଏ । ମନସ୍ତାତ୍ତ୍ୱିକ ଉପନ୍ୟାସ ଗୁଡ଼ିକରେ କାହାଣୀ ଅପେକ୍ଷା ଚରିତ୍ର ପ୍ରତି ଏବଂ ଚରିତ୍ରର ସାଧାରଣ ଜୀବନ ପ୍ରବାହର ଚିତ୍ର ଅପେକ୍ଷା ତା'ର ଭାବନା, ଚିନ୍ତା ଓ ମନସ୍ତାତ୍ତ୍ୱର ପରିପ୍ରକାଶ ପ୍ରତି ଅଧିକ ଗୁରୁତ୍ୱ ଦିଆଯାଏ । କେବଳ କାହାଣୀ ବା ଚରିତ୍ରର ବିକାଶଧାରାରେ ଉପନ୍ୟାସର ସଫଳତା ନିହିତ ନଥାଏ ବରଂ ମନୋବିଶ୍ଳେଷଣ ଜରିଆରେ ହିଁ ଉପନ୍ୟାସର ଅନ୍ତର୍ଦୃଷ୍ଟି ଅଧିକ ଗଭୀରତା ପାଏ । ଏହି ମନସ୍ତାତ୍ତ୍ୱିକ ଧାରା ହିଁ ଚରିତ୍ରର କ୍ରିୟା-ପ୍ରତିକ୍ରିୟା ସହିତ ପାଠକର ସଂଯୋଗ ସ୍ଥାପନ କରିଥାଏ ।

ନାରୀ ମାୟା ଦେବେ ଅଗୋଚର । ଏହି ମିଥ୍ୟା ଅବଧାରଣା କାହିଁ କେତେ କାଳରୁ ନାରୀ ପ୍ରତି ରହିଆସିଛି । ପୁରୁଷ ସ୍ରଷ୍ଟା ଦ୍ୱାରା ରଚିତ ରାମାୟଣ, ମହାଭାରତ, ଭଳି ବିଭିନ୍ନ ପୁରାଣାଦିରେ ନାରୀର ହୃଦୟକୁ ରହସ୍ୟମୟ ବୋଲି ବର୍ଣ୍ଣନା କରାଯାଇଛି । କହିବା ବାହୁଲ୍ୟ ଅତି ଚତୁରତାର ସହିତ ରହସ୍ୟମୟୀ ଭାବରେ ଅବତାରଣା କରି ଯୁଗେ ଯୁଗେ କିନ୍ତୁ ସମାଜ ପାଖରେ ତା'ର ସତୀତ୍ୱ ଓ ପବିତ୍ରତାର ପରୀକ୍ଷା କରାଯାଇଛି । କେତେବେଳେ ସେ ଅଗ୍ନିପରୀକ୍ଷା ଦେଇଛି ତ କେତେବେଳେ ଭରା ରାଜସଭାରେ ହୋଇଛି ବିବସନା । ପୁଣି କେତେବେଳେ ଚରିତ୍ରହୀନାର ଟୀକା ପିନ୍ଧାଇ ଦିଆଯାଇଛି । ପ୍ରତି ଯୁଗରେ ନାରୀକୁ ମାତା, ପତ୍ନୀ, କନ୍ୟା, ଭଗିନୀ, ପ୍ରେମିକା ଆଦି ପ୍ରତିଟି ରୂପରେ ପୁରୁଷନିୟନ୍ତ୍ରିତ ସମାଜ ଦ୍ୱାରା ଲାଞ୍ଛନା ଭୋଗ କରିବାକୁ ହୋଇଛି । ଏହି ପରିପ୍ରେକ୍ଷୀରେ ପ୍ରଶ୍ନ ଉଠେ ଯେ , ନାରୀର ଦେହ ଓ କାର୍ଯ୍ୟକଳାପ ଉପରେ ପୁରୁଷର ଅଙ୍କୁଶ ରହି ଆସିଥିଲାବେଳେ ପୁରୁଷ ପାଖରେ ନାରୀର ହୃଦୟଟି ଅଜଣା ବା ରହସ୍ୟମୟ କିପରି ? ଅପିତୁ ଏପରି କୁହାଯାଇପାରେ ଯେ, ସମାଜରେ ଉଚ୍ଚାସୀନ ପୁରୁଷ କେବେ ବି ନାରୀର ହୃଦୟକୁ ପଢ଼ିବାର ଆବଶ୍ୟକତା ମନେ କରିନାହିଁ ।

ମନୋବିଜ୍ଞାନୀ ସିଗ୍‌ମଣ୍ଡ ଫ୍ରୟେଡ୍ ମଧ୍ୟ ନାରୀ ହୃଦୟରୁ ସେହି ପରଦା ଉଠେଇବାକୁ ଚେଷ୍ଟା କରି ସଫଳ ହୋଇପାରି ନାହାନ୍ତି । ସେଥିପାଇଁ ନାରୀ ସ୍ରଷ୍ଟା ବର୍ତ୍ତମାନ ନିଜର ସେହି ଅବଦମିତ ହୃଦୟର ଭାଷାକୁ ଦୁନିଆ ଆଗରେ ଖୋଲିଦେବାପାଇଁ ଚେଷ୍ଟାକରିଛି ଆପଣା ଅନ୍ତଶ୍ଚେତନା ପ୍ରତି ସଜାଗ ରହି ଅନାଦି କାଳରୁ ରୁଦ୍ଧ ହୋଇ ରହିଥିବା ମନ-ମସ୍ତିଷ୍କର ଦ୍ୱାର ଖୋଲିବାର ପ୍ରୟାସ କରିଚାଲିଛି । ୧୯୮୦ ପରବର୍ତ୍ତୀ ସମୟରେ ସାହିତ୍ୟର ଗତିଧାରା ଯେଉଁ ନୂଆ ମୋଡ଼ ନେଇଛି; ଲେଖିକାମାନେ ସେହିମୋଡ଼ରେ ଯୋଗ ଦେଇଛନ୍ତି ଉଭୟ ଆଙ୍ଗିକ ଓ ଆତ୍ମିକ ଦିଗରୁ । ଅଧୁନା ସେ ସମାଜ, ଇତିହାସ ତଥା ସଂସ୍କୃତିର ମୁକ୍ତ ବ୍ୟାଖ୍ୟା କେବଳ କରୁନାହିଁ, ବରଂ ତା'ର ପୁନର୍ମୂଲ୍ୟାଙ୍କନ ନିମନ୍ତେ ନୂଆ ନୂଆ ବାଟର ସନ୍ଧାନ ମଧ୍ୟ କରୁଛି । ତେବେ ମନସ୍ତତ୍ତ୍ୱ ଦୃଷ୍ଟିରୁ ନାରୀକୁ ବିବେଚନା କରିବାରେ ମନସ୍ତତ୍ତ୍ୱବିତ୍‌ମାନଙ୍କ ଭଳି ଲେଖକ, ଆଲୋଚକମାନେ ମଧ୍ୟ ସଫଳ ହୋଇପାରି ନାହାଁନ୍ତି । ସେଥିପାଇଁ ନିଜ ଜୀବନର ଅନୁଭବ ବଖାଣିବାକୁ ସ୍ଥିର କରିଛନ୍ତି ଲେଖିକାମାନେ ।

ଉତ୍ତର ଅଶୀ ସମୟର ପରିବର୍ତ୍ତିତ ପ୍ରେକ୍ଷାପଟରେ ଆପଣା ପ୍ରତ୍ୟକ୍ଷ ଅନୁଭବକୁ ଉପନ୍ୟାସରେ ପ୍ରକାଶ କରି ନାରୀ ମନସ୍ତତ୍ତ୍ୱ, ଶିଶୁ ମନସ୍ତତ୍ତ୍ୱ ଆଦିକୁ ଅତି ନିପୁଣତାର ସହିତ ପ୍ରକାଶ କରିଛନ୍ତି ଲେଖିକା । ଏହି ଧରଣର ଉପନ୍ୟାସରେ ମଣିଷର ଚେତନ, ଅବଚେତନ ମନର ସଂଗୁପ୍ତ ଭାବନାକୁ ପ୍ରକାଶ କରାଯାଇଥାଏ । ଲେଖକ ଘଟଣା ଓ ପରିବେଶ ପ୍ରତି ଅଧିକ ଗୁରୁତ୍ୱ ନଦେଇ ପାଠକକୁ ମଣିଷ ମନର ଅତଳ ଗହ୍ୱରକୁ ନେଇଯାଇଥାଏ । ଆଧୁନିକ କାଳରେ ଫ୍ରଏଡଙ୍କପରି ମନୋବିଜ୍ଞାନୀମାନେ ଏହି ତତ୍ତ୍ୱକୁ ବ୍ୟାଖ୍ୟା କଲାପରେ ସମାଜରେ ମନୋବିଜ୍ଞାନର ଅଭୂତପୂର୍ବ ବିକାଶ ଘଟିଛି । ଫଳରେ ଔପନ୍ୟାସିକାମାନେ ଚରିତ୍ରମାନଙ୍କର ମନୋବିଶ୍ଳେଷଣ କରି ଏପରି ଉପନ୍ୟାସ ସୃଷ୍ଟି କରିବାରେ ମନୋନିବେଶ କରିଛନ୍ତି ।

ସିଗ୍‌ମଣ୍ଡ ଫ୍ରୟେଡ଼ଙ୍କ ବିଚାରରେ ବ୍ୟକ୍ତିର ବ୍ୟକ୍ତିତ୍ୱ ବୋଲି କିଛି ନାହିଁ । ଜଣେ ବ୍ୟକ୍ତି ହେଉଛି କେତେକ ଭାସମାନ ବ୍ୟକ୍ତିତ୍ୱର ସାହାଯ୍ୟରେ ପ୍ରାକୃତିକ ଶରୀର ଉପରେ ପଡ଼ୁଥିବା ପ୍ରଭାବର ବିଶ୍ଳେଷଣ କରିଥିଲେ । ସାହିତ୍ୟ ଉପରେ ମନସ୍ତତ୍ତ୍ୱର ଆକ୍ରମଣ ଶୀର୍ଷକ ଆଲୋଚନାରେ C.E.M. Joad କହନ୍ତି ଅନେକ ପ୍ରଚେଷ୍ଟା ହିଁ ମଗ୍ନ ଚୈତନ୍ୟ ସାନ୍ନିଧ କାମ ପ୍ରବୃତ୍ତିର ଅଜ୍ଞାତ ପ୍ରେରଣାରେ ଅନୁଷ୍ଠିତ ହୁଏ । "Freud declared that every little action

of man ever his dreams, reveries, half expressed and unexpressed thoughts could be traced back to his sex instincts."(୧) ସମୟ ଓ ପରିବେଶର ଆବେଷ୍ଟନୀରେ ମଣିଷ ମନରେ ଯେଉଁ ପ୍ରକାର ଚେତନାର ପ୍ରବାହ ଯେପରି ଭାବରେ ଦେଖା ଦେଇଛି, ତାହାକୁ ସୁସଙ୍ଗତ ଭାବରେ ପ୍ରକାଶ କରିବାରେ ଶିଳ୍ପୀର ସାର୍ଥକତା ନିହିତ । ଏ ରୀତି ଲେଖକ ମନର ଅଭ୍ୟନ୍ତର ମହଲର ଗହନତମ ପ୍ରଦେଶରେ ପ୍ରବେଶ କରିବା ଦିଗରେ ସାହାଯ୍ୟ କରେ । ଏହି ରୀତିର ଆଶ୍ରୟରେ ଲେଖକ ମାନବ ଜୀବନର କେତୋଟି ସୂକ୍ଷ୍ମତମ ସୁକୁମାର ବୃତ୍ତିକୁ ଅବଲମ୍ବନ କରି ଜୀବନର ଏକ ସାମଗ୍ରିକ ରୂପ ଅଙ୍କନ କରିଥାନ୍ତି । ମନୋବିଜ୍ଞାନର ଦୁଇଟି ଅର୍ଥ ରହିଛି । ପ୍ରଥମତଃ ଏହା ହେଉଛି ଏକ ବିଧି ଯାହା ଜଣେ ବ୍ୟକ୍ତିର ଚେତନ ଓ ଅବଚେତନ ଅବସ୍ଥାର ଅଧ୍ୟୟନ କରେ । ଦ୍ୱିତୀୟତଃ ମନୋବିକୃତିଗ୍ରସ୍ତତା ବା ମନରୋଗର ବିଶ୍ଳେଶଣ ଓ ଚିକିତ୍ସା । (୨) ତେବେ ସାହିତ୍ୟରେ ଲେଖକ ବା ଲେଖିକାଙ୍କ ଦ୍ୱାରା ଯେଉଁ ମନସ୍ତାତ୍ତ୍ୱିକ ବିଶ୍ଳେଷଣ କରାଯାଇ ଗଳ୍ପ ଉପନ୍ୟାସାଦି ରଚନା କରାଯାଏ ତାହା ମନୋବିଜ୍ଞାନର ପ୍ରାଥମିକ ଅର୍ଥ ଅନ୍ତର୍ଭୁକ୍ତ ।

ସମଗ୍ର ଭାରତୀୟ ସାହିତ୍ୟରେ ମନୋବିଶ୍ଳେଷଣ ଧର୍ମୀ ସାହିତ୍ୟ କୃତିର ରଚନା କରାଯାଇଛି, ସାହିତ୍ୟର ଅନ୍ୟ ସମସ୍ତ ବିଭାଗ ଅପେକ୍ଷା ଉପନ୍ୟାସରେ ଅଧିକ ପରିମାଣରେ ତାହାର ପ୍ରୟୋଗ ଦେଖାଦେଇଛି । ଉପନ୍ୟାସ ରଚନାର ପ୍ରାଥମିକ କାଳରେ ଲେଖକମାନେ ମୁଖ୍ୟତଃ ଏହି ପ୍ରକାରର ଉପନ୍ୟାସ ରଚନା କରିଥିବାବେଳେ ଲେଖିକାଙ୍କ ଦ୍ୱାରା ଏହା ଅପେକ୍ଷାକୃତ ଉହ୍ୟ ଭାବରେ ଉପନ୍ୟାସରେ ପ୍ରକାଶ ପାଇଛି । କିନ୍ତୁ ଉତ୍ତର ଅଶୀ ସମୟରେ ଐତିହାସିକ, ପୌରାଣିକ, ସାମାଜିକ, ରାଜନୀତିକ ଉପନ୍ୟାସ ଭଳି ମନସ୍ତାତ୍ତ୍ୱିକ ଉପନ୍ୟାସ ଲେଖିବାରେ ଲେଖିକାମାନେ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି । ଏହି ସମୟରେ ଲେଖିକାଙ୍କ ମନସ୍ତତ୍ତ୍ୱଧର୍ମୀ ଉପନ୍ୟାସରେ ନାରୀ ବ୍ୟକ୍ତିସତ୍ତାର ସମସ୍ତ ଦିଗକୁ ବିଶ୍ଳେଷଣ କରାଯାଇଛି । ବିଶେଷକରି ନାରୀ ମନସ୍ତତ୍ତ୍ୱକୁ ଅଧିକ ଗୁରୁତ୍ୱ ଦେଇଛନ୍ତି ଲେଖିକାମାନେ । ଲେଖିକାଙ୍କ ଅନୁସାରେ ପୂର୍ବରୁ ଲେଖକମାନଙ୍କ ଦ୍ୱାରା ରଚିତ ହୋଇଥିବା ଉପନ୍ୟାସଗୁଡ଼ିକରେ ନାରୀ ମନସ୍ତତ୍ତ୍ୱକୁ ସଠିକ ଏବଂ ପୂର୍ଣ୍ଣ ରୂପେ ବିଶ୍ଳେଷଣ କରାଯାଇ ନାହିଁ, ଏହାର କାରଣ ହେଉଛି ନାରୀମାନେ ପୁରୁଷମାନଙ୍କ ତୁଳନାରେ ଅଧିକ ଭାବମୁଖୀ (Feeling oriented) ହୋଇଥିବାରୁ ସେମାନଙ୍କର ଅନ୍ତରଙ୍ଗ ସଂପର୍କ ବେଶୀ ପରିମାଣରେ ଘନୀଭୂତ ହେବା ସ୍ୱାଭାବିକ । ଏହା ବ୍ୟତୀତ ଜୀବନକୁ ଦେଖିବାର ଦୃଷ୍ଟିଭଙ୍ଗୀରେ ନାରୀ ଓ ପୁରୁଷଙ୍କ ମଧ୍ୟରେ ଭିନ୍ନତା ମଧ୍ୟ ପରିଲକ୍ଷିତ ହୋଇଥାଏ । (୩) ସୁତରାଂ ନାରୀ ଜୀବନ ବିଷୟରେ ଲେଖକଙ୍କଠାରୁ ଲେଖିକାଙ୍କ ଅଭିଜ୍ଞତା-ଅନୁଭବ ପ୍ରସୂତ ବର୍ଣ୍ଣନା ଅପେକ୍ଷାକୃତ ବାସ୍ତବ ଓ ଜୀବନ୍ତ ।

ଓଡ଼ିଆ ସାହିତ୍ୟରେ ମନୋବିଶ୍ଳେଷଣଧର୍ମୀ ନାରୀ ଲେଖନୀ-ପ୍ରସୂତ ପ୍ରଥମ ସଫଳ ଓ ଅନ୍ତରଙ୍ଗ ମନସ୍ତାତ୍ତ୍ୱିକ ଉପନ୍ୟାସ ଭାବରେ ବସନ୍ତକୁମାରୀ ପଟ୍ଟନାୟକଙ୍କ 'ଅମଡ଼ାବାଟ' ଉପନ୍ୟାସକୁ ଗ୍ରହଣ କରାଯାଏ । ଓଡ଼ିଆ ଉପନ୍ୟାସ ଜଗତରେ ଏହା କେବଳ ଏକ କ୍ଲାସିକ ସୃଷ୍ଟି ନୁହେଁ ଏହାର ମୁଖ୍ୟନାୟିକା 'ମାୟା' ଚରିତ୍ରଟି ମଧ୍ୟ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରେ । ନାରୀର ମାନସିକ ବିଶ୍ଳେଷଣ ହୋଇଛି ମାୟା ଚରିତ୍ର ମାଧ୍ୟମରେ । କିନ୍ତୁ ଲେଖିକାଙ୍କ ଦ୍ୱାରା ରଚିତ ଉପନ୍ୟାସର ତୃତୀୟ ପର୍ଯ୍ୟାୟରେ ଅର୍ଥାତ ୧୯୮୦ ପରବର୍ତ୍ତୀ ସମୟରେ ଲେଖିକାଗଣ ନାରୀ ମନସ୍ତତ୍ୱର ବିଭିନ୍ନ ଦିଗକୁ ବିଶ୍ଳେଷଣ କରିଛନ୍ତି । ନାରୀର ଚେତନ ଅବଚେତନ ମନର ଅବସ୍ଥାକୁ ଚିତ୍ରିତ କରିବା ସଙ୍ଗେ ସଙ୍ଗେ ଯୌନ ପ୍ରବୃତ୍ତିର ବିଶ୍ଳେଷଣ ମଧ୍ୟ କରିଛନ୍ତି ଆଲୋଚ୍ୟ କାଳର ଔପନ୍ୟାସିକା । ଏହା ବ୍ୟତୀତ ଶିଶୁ ମନସ୍ତତ୍ତ୍ୱ, କିଶୋରୀ ମନସ୍ତତ୍ତ୍ୱ, ସ୍ତ୍ରୀ- ମନସ୍ତତ୍ତ୍ୱ, ମାତୃ ମନସ୍ତତ୍ତ୍ୱର ପରିପ୍ରକାଶ ଘଟିଛି ଲେଖିକାଙ୍କ ଉପନ୍ୟାସରେ । ଆପକାବଣ୍ଟି (ମନ୍ନୁଭଣ୍ଡାରୀ) ହେଉଛି ହିନ୍ଦୀ ଉପନ୍ୟାସ କ୍ଷେତ୍ରରେ ଏକ ସଫଳ ମନସ୍ତାତ୍ତ୍ୱିକ ଉପନ୍ୟାସ । ଏଥିରେ ଶିଶୁ ମନସ୍ତତ୍ତ୍ୱ, ନାରୀମନସ୍ତତ୍ତ୍ୱ, ମାତୃ ମନସ୍ତତ୍ତ୍ୱର ସଫଳ ପରିପ୍ରକାଶ ଘଟିଛି । ଉପନ୍ୟାସର ନାୟିକା ଶକୁନ ବଣ୍ଟିକୁ ଜନ୍ମ ଦେବା ପରେପରେ ସ୍ୱାମୀ (ଅଜୟ)ଠାରୁ ଅଲଗା ହୋଇଯାଇଛି । ମା' ହୋଇଥିବାରୁ ବଣ୍ଟିକୁ ସେ ନିଜ ପାଖରେ ରଖିଛି, କିନ୍ତୁ ଶାରୀରିକ ଆବଶ୍ୟକତା ପାଇଁ ନିଜକୁ ଏକୁଟିଆ ଅନୁଭବ କରିଛି । ଫଳସ୍ୱରୂପ ବଣ୍ଟିର ଚିକିତ୍ସକ ଡାକ୍ତର ଜୋଶୀଙ୍କ ସହ ପ୍ରେମ ସଂପର୍କରେ ରହିଛି । ଡାକ୍ତର ଯୋଶୀଙ୍କୁ ଦେଖି ତା ମନରେ ସୃଷ୍ଟି ହୋଇଛି କାମନା । ସେ ଭାବିଛି- ୱହ ଦେଖନା, କେବଲ ଦେଖନା ଭର ନହୀଁ ଥା, କୁଛ ଥା ଜିସମେ ରୋମ ରୋମ ଜୈସେ ଭୀଗତା ଡୁବତା ଚଲା ଜା ରହା ଥା । କେବଲ ଉସୀ ସମୟ ନହୀଁ ବହୁତ ଦେର ବାଦ ତକ ଭୀ । । ଉମ୍ର କେ ଛତୀସ ବର୍ଷ ପାର କରନେ ପର ଭୀ ଉସ୍କେ ମନ ମେ ଇନ ସବ ବାତୋଁ କେ ଲିଏ କିଶୋର ଉମ୍ରୱାଲା ଉଲ୍ଲାସ ଭୀ ହେ ଔର ଯୋବନୱାଲୀ ଉମଙ୍ଗ ଭୀ । ଡାକ୍ଟର କା ସାଥ ହୋତେ ହୀ କୈସେ ଏକାନ୍ତ କୀ ଇଚ୍ଛା ହୋ ଉଠତୀ ହେ ଔର ଏକାନ୍ତ ହୋତେ ହୀ ଏକ ଅଜୀବ ସା ରୋମାଞ୍ଚ ମନକୋ ଘେର ଲେତା ହେ । ଲଗତା ହେ, ଉମ୍ର ବୀତ ଜାନେ ସେ କୈଶୋର ଔର ଯୋବନ ନହୀଁ ବୀତ ଜାତା । ୟେ ଭାବନାଏଁ ତୋ କେବଲ ତୃପ୍ତ ହୋକର ହୀ ମରତୀ ହେ, ଭାବନା ଔର ଅଧିକ ବଲବତୀ ହୋକର ଆଦ୍ମୀ କୋ ମାରତୀ ହେ । (୪) ସ୍ୱାମୀଠାରୁ ବିଚ୍ଛେଦ ହେବା ପରେ ତା' ମନର ଏକାକୀତ୍ୱ କେଉଁଠି ନା କେଉଁଠି ପୁରୁଷର ସହାବସ୍ଥାନ ଖୋଜିଛି । ମୃଦୁଲା ଗର୍ଗଙ୍କ ଚିତ୍ତକୋବରା, କୃଷ୍ଣା ସୋବତୀଙ୍କ 'ସୂରଜମୁଖୀ ଅନ୍ଧେରେ କେ' ଆଦି ଉପନ୍ୟାସରେ ଏହି ଭାବନା ଦେବାକୁ ମିଳେ ।

'ହୋମୋସାପିଏନ୍ସ' (ମମତାମୟୀ ଚୌଧୁରୀ) ଉପନ୍ୟାସରେ ଲେଖିକା ଶ୍ରୀହରି ଓ ଦୀକ୍ଷାଙ୍କ ମନୋଭାବନାର

ଜୀବନ୍ତ ବର୍ଣ୍ଣନା ଦେଇଛନ୍ତି । ବାକି ଥିବା ତମାମ ରାସ୍ତା ସେମାନଙ୍କ ଭିତରେ କୌଣସି କଥାବାର୍ତ୍ତା ହୋଇ ନଥିଲା । ଶ୍ରୀହରିଙ୍କ ଆଗରେ ସେତେବେଳେ ବି ଗୋଟିଏ ରୋମାଞ୍ଚକର ଅନୁଭୂତି ପାଇଁ ପରିସ୍ଥିତି ମହଜୁଦ ଥିଲା । ଏମିତି ଗୋଟିଏ ପରିସ୍ଥିତିରେ ଦୀକ୍ଷା ପଡ଼ି ଯାଇଥିଲା ଯେ, ସେ ତାଙ୍କ ମାନସିକତାର ସୂକ୍ଷ୍ମତମ ଦିଗଟିକୁ ବୁଝିପାରୁଥିଲା ଏବଂ ଏହା ସତ୍ତ୍ୱେ ସେ ନବୁଝିବାର ଛଳନା କରୁଥିଲା । କାରଣ ଯେକୌଣସି ଅବସ୍ଥା ନିର୍ବିଶେଷରେ କିଛି ନବୁଝି ପାରିବାରେ ଅନେକ ନିରାପତ୍ତା । ଯିଏ ବୁଝେ ସିଏ ଦୁଃଖ ପାଏ । ଯେତେ ଅଧିକ ମଣିଷ ବୁଝେ, ସେତେ ବେଶୀ କଷ୍ଟ ପାଏ । (୫) ଏପରି ବର୍ଣ୍ଣନା ମାଧ୍ୟମରେ ଲେଖିକା ପ୍ରେମିକ-ପ୍ରେମିକାଙ୍କ ଭିତରେ ସୃଷ୍ଟି ହୋଇଥିବା ଭାବନାକୁ ରୂପ ଦେଇଛନ୍ତି । ମନର ଏକାକୀତ୍ୱ କେଉଁଠି ନା କେଉଁଠି ପୁରୁଷର ସହାବସ୍ଥାନ ଖୋଜିଛି । ମୃଦୁଲା ଗର୍ଗଙ୍କ 'ଚିତ୍ତକୋବରା', କୃଷ୍ଣା ସୋବତୀଙ୍କ 'ସୂରଜମୁଖୀ ଅନ୍ଧେରେ କେ' ଆଦି ଉପନ୍ୟାସରେ ଏହି ଭାବନା ଦେଖିବାକୁ ମିଳେ ।

ମାତୃତ୍ୱ, ଯୌନାକାଙ୍କ୍ଷା ପରି ମୌଳିକ ଭାବଚେତନା ପ୍ରତ୍ୟେକ ନାରୀର ମଗ୍ନ ଚୈତନ୍ୟରେ ଅହରହ ପ୍ରବାହିତ ହେଉଥାଏ । ସ୍ୱାମୀ, ପ୍ରେମିକ ଅବା ସନ୍ତାନମାନଙ୍କ ପାଖରେ ନାରୀଟିଏ ନିଜକୁ ପ୍ରମାଣିତ କରିବାକୁ ସବୁବେଳେ ଚେଷ୍ଟା କରିଥାଏ । ସେ ଋହେଁ ତା' ମନକୁ ସମସ୍ତେ ବୁଝନ୍ତୁ । 'ମେଘମୁକ୍ତ ଆକାଶ' (ସୁଲୋଚନା ଦାସ) ଉପନ୍ୟାସରେ ଲେଖିକା ମୋନାର ମନସ୍ତତ୍ତ୍ୱକୁ ଏହି ଭାବରେ ଉପସ୍ଥାପିତ କରିଛନ୍ତି । ମୋନା ପ୍ରକୃତରେ ନିଜକୁ ଦୋଷୀ ମନେକଲା । ସତକଥା, ପାଠପଢ଼ା, ରିସର୍ଚ୍ଚ ପାଇଁ ସେ ଦେବାଶିଷଙ୍କୁ ମଧ୍ୟ ଅନେକ ହେଳା କରିଛି । ଆଶିଷ ମଧ୍ୟ ଅନେକ ସମୟରେ ବେବି ସିଟର ପାଖରେ ବଢ଼ି ମଣିଷ ହୋଇଛି । ଏହି ତପସ୍ୟା ଭିତରେ ସଂସାରର ଭଲ ମନ୍ଦ କଥା ସବୁ ସେ ଭୁଲି ଯାଉଛି । ତଥାପି, ଏମାନେ କ'ଣ କେବେ ଅନୁଭବ କରନ୍ତିନି ! ମୋନା ସେମାନଙ୍କୁ କେତେ କେମିତି ପ୍ରାଣ ଦେଇ ଭଲପାଏ ତୁଣ୍ଡ ଖୋଲି କହିଲେ କଣ ଜଣାପଡ଼ିବ ! ତା ମନ କଥା କେହି ବି ଥରେ ବୁଝିବାକୁ ଚେଷ୍ଟା କଲେନି । କାହା ଆଗରେ ସେ ଫେରାଦ ହେବ । କାହା ବିରୁଦ୍ଧରେ ଅଭିଯୋଗ ବାଢ଼ିବ ! (୬) କବିତା ବାରିକଙ୍କ 'ପର୍ଦ୍ଦାପଛର ଗୀତ' ଏକ ମନସ୍ତାତ୍ତ୍ୱିକ ଉପନ୍ୟାସ । ମା', ବାପା, ପୁଅ, ଝିଅ, ଋକରକୁ ନେଇ କଥାବସ୍ତୁ କଳ୍ପିତ । ଗୋଟିଏ ଘରେ, ଗୋଟିଏ ଛାତ ତଳେ ସମସ୍ତେ ରହନ୍ତି । ଅଭାବ ନାହିଁ । ଉଚ୍ଚ ମଧ୍ୟବିତ୍ତ ପରିବାର । କିନ୍ତୁ କେହି କାହାକୁ ନିଜର ମନକଥା, ଜୀବନର ବ୍ୟଥା କହି ପାରନ୍ତି ନାହିଁ । ରାତିରେ ଡାଇନିଂ ଟେବୁଲରେ ଯାହା ଥରେ ମାତ୍ର ଏକତ୍ର ଖାଆନ୍ତି, ତା' ପରେ ଯେ ଯାହାର ରୁମ୍‌ରେ ନିଜ ଚିନ୍ତା ଚେତନାକୁ ନେଇ ଶୁଅନ୍ତି । ସ୍ୱଗତୋକ୍ତି ଛଳରେ ଉପନ୍ୟାସଟି ରଚିତ ।(୭) ଲେଖିକାଙ୍କର ଅନ୍ୟ ଉପନ୍ୟାସ ଯେପରି, 'ମନର ଘର' ଉପନ୍ୟାସରେ ବେବ, 'ଜୀବନ ନଈ' ଉପନ୍ୟାସର ରମା, 'ସଂପର୍କ' ଉପନ୍ୟାସର ରୁଚି, ଇପ୍ସିତ ସକାଳ ଉପନ୍ୟାସରେ କଳାବତୀ ଆଦି ନାରୀ ଚରିତ୍ରଙ୍କ ମନସ୍ତାତ୍ତ୍ୱିକ ରୂପାୟନ ହୋଇଛି ।

ମନୁଭଣ୍ଡାରୀଙ୍କ 'ଆପକାବଣ୍ଟି' ଉପନ୍ୟାସରେ ବଣ୍ଟିର ଶିଶୁ ସୁଲଭ ମନୋଭାବନାର ପରିପ୍ରକାଶ ଘଟିଛି । ଅନୁରୂପ ଭାବରେ ଚନ୍ଦ୍ରକାନ୍ତାଙ୍କ ଦ୍ୱାରା ଲିଖିତ 'ବାକୀସବ୍ ଖୈରିୟତ ହୈ' ଉପନ୍ୟାସରେ ପାରୁଲର ପୁଅ ବଚ୍ଚୁର କଳ୍ପନା ମାଧ୍ୟମରେ ଲେଖିକା ଶିଶୁ ମନସ୍ତତ୍ତ୍ୱକୁ ଉପସ୍ଥାପିତ କରିଛନ୍ତି । ବଚ୍ଚୁ ତାର ବାପାକୁ ଯେତେଥର ବାହାରକୁ ବୁଲେଇ ନେବାକୁ କହିଛି, ସେତେଥର ବାପା କାମର ଆଳରେ ତାକୁ ମନା କରି ଦେଇଛନ୍ତି । ସେତେବେଳେ ସେ କଳ୍ପନା ଦ୍ୱାରା ତାର ବୁଲିଯିବାର ଇଚ୍ଛାକୁ ପୂରଣ କରିଛି । ଲେଖିକାଙ୍କ ଭାଷାରେ – "ରାତ୍ ଦେର ତକ ୱହ ନୀଲେ କାଲେ ଆସମାନ ମେଁ ଆଁଖେ ଗଡ଼ାଏ ଡିଜନୀ ଲ୍ୟାଣ୍ଡ ପହୁଞ୍ଚତା । ଯହାଁ ପାପା ଉସେ ରୋକ ନ ପାତେ । ୱହ ପରୀ କଥାଓଁ କେ ଅନୁଠେ ସଂସାର ମେଁ ପଂଛୀ କୀ ତରହ ପଂଖ ଖୋଲକର ଉଡ଼ାନ ଭରତା । କମିକ୍ସ ମେଁ ପଢ଼େ, ଦେଖେ ଅପନେ ଦାସ୍ତୋଁକୋ ଦେଖ କର ଆଁଖେ ସହଲାତା । ୱହ ଡୋନାଲଡ ଡକ ! ଅରେ, ଯହ ତୋ ମିକୀ ମାଉସ ହୈ । ହ୍ୟାଲୋ, ହାଓ ଆର୍ୟୁ ? ୱହ କାସଲ ଜୈସା କ୍ୟାହୈ ? ଅରେ ହାଁ । ପରୀ ମାଁ । କ୍ୟା ତୁମ ମେରେ ପାସ ନହୀଁ ଆ ସକତୀ ହୋ ?(୮) ବଚ୍ଚୁ କଳ୍ପନାରେ ପାଉଥିବା କେଇକ୍ଷଣର ଆନନ୍ଦ କିନ୍ତୁ ଦୁଃଖରେ ପରିଣତ ହୋଇଯାଏ, ଯେତେବେଳେ ସେ ତା'ର ବାସ୍ତବ ଦୁନିଆକୁ ଓହ୍ଲାଇ ଆସେ । ନିଜ ବାପା ମାଙ୍କ କାର୍ଯ୍ୟ ବ୍ୟସ୍ତତା ଭିତରେ ଅବହେଳିତ ଶିଶୁ ମନସ୍ତତ୍ତ୍ୱର ମାର୍ମିକ ଚିତ୍ର ପ୍ରକାଶିତ ହୋଇଛି ଉପନ୍ୟାସରେ ।

"ମା' ଝିଅଙ୍କ ଆକାଶ" (ରଶ୍ମୀ ରାଉଳ) ଉପନ୍ୟାସରେ ଲେଖିକା ମା' (ସୁଚେତା) ଓ ଝିଅ (ନେହା)ଙ୍କ ମନସ୍ତତ୍ତ୍ୱର ସୂକ୍ଷ୍ମ ବିଶ୍ଳେଷଣ କରିଛନ୍ତି । ପ୍ରେମରେ ପଡ଼ିବା ପରେ ନିଜ ଝିଅର ଆଚରଣ ବ୍ୟବହାରରେ ପରିବର୍ତ୍ତନ ଲକ୍ଷ୍ୟ କରିଛନ୍ତି ସୁଚେତା । ଯାହା ଗୋଟିଏ ମା'ର ମାନସିକତାକୁ ପ୍ରକାଶ କରେ । ସେହିପରି କିଶୋରୀ ଅବସ୍ଥାରୁ ଯୌବନରେ ପାଦ ଥାପିଥିବା ନେହାର ପରିବର୍ତ୍ତନକୁ ଲେଖିକା ଅତ୍ୟନ୍ତ ଜୀବନ୍ତ ଭାବରେ ବର୍ଣ୍ଣନା କରିଛନ୍ତି । ଉପନ୍ୟାସରେ ଝିଅର ଏହି ପରିବର୍ତ୍ତିତ ସ୍ୱରୂପକୁ ଲକ୍ଷ୍ୟକରି ସୁଚେତା ଭାବିଛନ୍ତି । ସାନବେଳେ କିଛି ଗୋଟେ କଥା କହିବାକୁ ଥିଲେ ଯାଉଣୁ ଆସୁଣୁ ନେହା ଗେହ୍ଲା ହେଉଥିଲା । ବେକ ଧରି ଓହଳି ପଡୁଥିଲା, ମା'ର ଆଖିକୁ ଅନେଇ ବୁଝି ପାରୁଥିଲା ତା'ର ଯାହା କହିବା କଥା । ଏବେ କହିବ କି ନାହିଁ ! ନେହା ଗେହ୍ଲେଇ ହୋଇ କହୁଥିଲା ଗୋଟେ କଥା କହିଥାନ୍ତି ଯେ ତମେ ରାଗିବନି ବୋଲି ଆଗ ରାଣ ପକାଅ । ତେବେ କହିବି । ସୁଚେତା ହସି ହସି କହୁଥିଲେ । ହେଇ, ରାଣ ପକେଇଲି । ଏବେ କହ । ସେମିତି ନୁହଁ, କୁହ, ମୋ ରାଣ ଜମା ରାଗିବି ନାହିଁ । ସୁଚେତା ନେହାର କଥାକୁ ଅବିକଳ ଦୋହରାଉ ଥିଲେ । ତା'ପରେ ଡରିଡରି ନେହା କହୁଥିଲା । ଜାଣିଛ ମା' ମୁଁ ଆଜି ଗୋଟିଏ ମିଛ କହି ପକେଇଛି ।

ଠାକୁର କ'ଣ ମୋ ଉପରେ ରାଗିବେ ? ମୋର ପାଠ ହେବନି ? । କଣ୍ଠରେ ବିଶ୍ୱାସ ଭରି ସୁଚେତା କହୁଥିଲେ । କିଏ କହିଲା ? ତୁ ପରା ମିଛ କହିଛୁ ବୋଲି ମୋ ଆଗରେ ଏବେ ମାନିଗଲୁ । ଆଉ ଠାକୁର କାହିଁକି ରାଗିବେ, ବରଂ ଖୁସି ହୋଇ ଭାବିବେ । ଦେଖ ପିଲାଟା କେମିତି ସତ ସତ ମାନିଗଲା ।" (୯) ସୁଚେତାଙ୍କ ଭାବନା ମାଧ୍ୟମରେ ମା ଝିଅଙ୍କ ମନସ୍ତତ୍ତ୍ୱକୁ ଜୀବନ୍ତ ଭାବରେ ଲେଖିକା ରୂପାୟିତ କରିଛନ୍ତି ।

୧୯୮୦ ପରବର୍ତ୍ତୀ ସମୟରେ ରଚିତ ଲେଖିକାଙ୍କ ମନସ୍ତତ୍ତ୍ୱଧର୍ମୀ ଉପନ୍ୟାସର ବିଶ୍ଳେଷଣ କଲେ ଜଣାଯାଏ ଯେ, ଲେଖିକାଙ୍କ ଉପନ୍ୟାସରେ ମଣିଷ ମନର ସମସ୍ତ ପ୍ରକାର ଭାବଧାରାକୁ ଏହି ସମୟର ଲେଖିକାମାନେ ସେମାନଙ୍କ ଉପନ୍ୟାସରେ ସ୍ଥାନ ଦେଇଛନ୍ତି । ଫ୍ରୟେଡ୍‌ଙ୍କ ମନୋବିଜ୍ଞାନ ମନ ବା ଚେତନାକୁ ମଣିଷର ସମସ୍ତ କ୍ରିୟାକଳାପର ମୂଳ ଉତ୍ପ୍ରେରକ ଭାବରେ ଗ୍ରହଣ କରି ତା'ର ବ୍ୟବହାର ଓ ଆଚରଣ ମନ ଦ୍ୱାରା ନିୟନ୍ତ୍ରିତ ବୋଲି ମତ ଦେଉଥିଲାବେଳେ, ଏହି ସମୟର ଲେଖିକାଙ୍କ ଉପସ୍ଥାପନାରେ ମନସ୍ତତ୍ତ୍ୱର ଅନ୍ୟ ଏକ ଦିଗ ଉନ୍ମୋଚିତ ହୋଇଛି । ଲେଖିକାଙ୍କ ଅନୁସାରେ ମଣିଷର ପାରିପାର୍ଶ୍ୱିକ ପରିବେଶ ହିଁ ତା'ର ଚିନ୍ତନ ଓ ବ୍ୟବହାରର କାରଣ ହୋଇଥାଏ । ସେଥିପାଇଁ ଲେଖିକା ନାରୀ ପୁରୁଷ ନିର୍ବିଶେଷରେ ପ୍ରତ୍ୟେକ ବ୍ୟକ୍ତିର କାର୍ଯ୍ୟକଳାପର ପଶ୍ଚାତରେ ତା'ର ଚତୁଃପାର୍ଶ୍ୱସ୍ଥ ପରିବେଶକୁ ଦାୟୀ କରନ୍ତି । ମାତ୍ର ନାରୀର ବିଭିନ୍ନ ଅବସ୍ଥା ଓ ତା'ର ସଂଘର୍ଷଶୀଳ ଜୀବନ ସହ ନାରୀର ମନସ୍ତତ୍ତ୍ୱକୁ ସମନ୍ୱିତ କରି କାହାଣୀକୁ ଗଭୀରତା ଦେବାରେ ନାରୀ ଲେଖନୀର ସ୍ୱାତନ୍ତ୍ର୍ୟ ବାରିହୁଏ । ନାରୀର ଚେତନ-ଅଚେତନ-ଅବଚେତନ ମନର ସଂଗୁପ୍ତ ବାସନାକୁ ତାର ଆତ୍ମମର୍ଯ୍ୟାଦା ଅନୁସନ୍ଧିତ୍ସୁ ମନତଳର ସ୍ୱାଭିମାନ ଜନିତ ଆକାଂକ୍ଷାକୁ ଲେଖିକାମାନେ ଅଧିକ ସମ୍ବେଦନଶୀଳ ଢଙ୍ଗରେ ଉପସ୍ଥାପନ କରିପାରିଛନ୍ତି ବୋଲି ହୃଦ୍‌ବୋଧ ହୁଏ ।

**ପ୍ରାନ୍ତଟୀକା :**


୧. ରାଉତ, ଭୋଳାନାଥ; ଓଡ଼ିଆ ଉପନ୍ୟାସ ସାହିତ୍ୟର ପରିଚୟ, (ଅନ୍ତର୍ଭୁକ୍ତ) ଓଡ଼ିଆ ମନସ୍ତାତ୍ତ୍ୱିକ ଉପନ୍ୟାସର ଧାରା, କଟକ, ଓଡ଼ିଶା ବୁକ୍ ଷ୍ଟୋର, ୧୯୯୯, ପୃ. ୭୩୨

୨. ଶର୍ମା, ଜେ.ଡ଼ୀ; ମନୋବିଜ୍ଞାନ କା ଇତିହାସ, ଦିଲ୍ଲୀ, ବିନୋଦ ପ୍ରକାଶନ, ୧୯୭୩, ପୃ. ୨୦୬

୩. ସାହୁ, ଫକୀରମୋହନ, ନାରୀ ମନସ୍ତତ୍ତ୍ୱ, କଟକ, ଅଗ୍ରଦୂତ, ୨୦୧୩, ପୃ.୮୦

୪. ଭଣ୍ଡାରୀ, ମନ୍ନୁ; ଆପକା ବଣ୍ଟି, ନୂଆଦିଲ୍ଲୀ, ସାମୟିକ ପ୍ରକାଶନ, ୨୦୧୬, ପୃ-୧୦୯

୫. ଚୌଧୁରୀ, ମମତାମୟୀ; ହୋମୋସାପିଏନ୍ସ, ଭୁବନେଶ୍ୱର, ପଶ୍ଚିମା ପବ୍ଲିକେଶନ୍‌ସ, ୨୦୧୩, ପୃ-୨୯

୬. ଦାସ, ସୁଲୋଚନା; ଟୋପାଏ କାକର(ଅନ୍ତର୍ଭୁକ୍ତ)ମେଘମୁକ୍ତ ଆକାଶ, କଟକ, ସନ୍ତୋଷ ପବ୍ଲିକେଶନ୍‌ସ, ୨୦୧୨, ପୃ-୬୯-୭୦

୭. ସାମନ୍ତ, ଇତି, କଥାରେ କଥାରେ ଉପନ୍ୟାସରେ ନାରୀ ଚରିତ୍ର(ପ୍ରଥମ ଭାଗ), ଭୁବନେଶ୍ୱର, କାଦମ୍ବିନୀ ମିଡିଆ, ୨୦୧୧, ପୃ- ୩୪୭

୮. ଚନ୍ଦ୍ରକାନ୍ତା; ବାକିସବ ଖୈରିୟତ ହୈ, ନୂଆ ଦିଲ୍ଲୀ, କବିତା ଘର, ୨୦୧୪, ପୃ -୧୦୭

୯. ରାଉଳ, ରଶ୍ମୀ; ମା ଝିଅଙ୍କ ଆକାଶ, କଟକ, ବିଦ୍ୟାପୁରୀ, ୨୦୦୮, ପୃ-୩-୪



ଓଡ଼ିଆ ବିଭାଗ, ସରକାରୀ ମହାବିଦ୍ୟାଳୟ, କୋରାପୁଟ ।

ISSN -2583-147X(P), **Vol.- 8, Issue No. II, May 2022**
**Bastabatara Pariprakash Prachee**
***Peer Reviewed and Referred Research Journal***

# କାଠଗଡ଼ାରେ ଗାନ୍ଧୀଙ୍କ ଖଦି

**ଅଶ୍ୱିନୀ କୁମାର ସେଠୀ**

**ଭା**ରତୀୟ ସ୍ୱାଧୀନତା ଆନ୍ଦୋଳନ ଉପରେ ଖଦିର ପ୍ରଭାବ ଏତେ ବ୍ୟାପକ ଥିଲା ଯେ, ଆମ କଷ୍ଟଲବ୍ଧ ସ୍ୱାଧୀନତା ମୁଠାଏ ଲୁଣ ଓ କେରାଏ ସୂତାରୁ ମିଳିଛି ବୋଲି ଅନେକେ ସ୍ୱୀକାର କରନ୍ତି । ଗାନ୍ଧିଜୀଙ୍କର ଚରଖା ଓ ଖଦି ଉପରେ ଅଖଣ୍ଡ ବିଶ୍ୱାସ ଥିଲା । ସେ କହୁଥିଲେ ଚୁଲିପରି ଚରଖା ଯଦି ସର୍ବବ୍ୟାପୀ ନ ହେବ, ତେବେ ସ୍ୱରାଜ୍ୟ ପ୍ରାପ୍ତି ଅସମ୍ଭବ । ତାଙ୍କ ମତରେ ଖଦଡ଼ ବିନା ସ୍ୱଦେଶୀ, ଶରୀର ବିନା ଆତ୍ମା ପରି । ଅର୍ଥନୈତିକ ଦିଗରୁ ଭାରତୀୟମାନେ ସ୍ୱାବଲମ୍ବୀ ହେବେ ଓ ବ୍ରିଟିଶ ସରକାରକୁ ପଛକୁ ଠେଲିଦେଇ ପାରିଲେ, ଭାରତକୁ ସ୍ୱାଧୀନ କରିବା ସହଜ ହେବ ବୋଲି ଗାନ୍ଧିଜୀ ବିଶ୍ୱାସ କରୁଥିଲେ । ସେଥିପାଇଁ ୧୯୦୯ ମସିହାରେ ସେ ତାଙ୍କର ପୁସ୍ତକ ହିନ୍ଦ୍ ସ୍ୱରାଜରେ ସ୍ୱଦେଶୀ ଓ ଖଦି ବାବଦରେ ଉଲ୍ଲେଖ କରିଥିଲେ । ଭାରତୀୟ ତନ୍ତୀମାନଙ୍କର ଆଙ୍ଗୁଠି କାଟି ମାଞ୍ଚେଷ୍ଟର ଓ ଲାଙ୍କାଶାୟାର ର ମିଲଗୁଡ଼ିକରେ ତିଆରି ହେଉଥିବା ଲୁଗାକୁ ଏ ଦେଶରେ ସର୍ବବ୍ୟାପୀ କରିଥିବା ବ୍ରିଟିଶ ସରକାର ବିରୋଧରେ ସେ ଖଦି ମାଧ୍ୟମରେ ଯୋଜନାବଦ୍ଧ ଯୁଦ୍ଧ ଆରମ୍ଭ କରିଥିଲେ ।

ଲୁପ୍ତ ହୋଇଯାଇଥିବା ଚରଖାକୁ ୧୯୧୭ ମସିହାରେ ଗାନ୍ଧିଜୀ ପଞ୍ଜାବରୁ ଆବିଷ୍କାର କରିଥିଲେ । ସାବରମତୀ ଆଶ୍ରମରେ ପ୍ରଥମେ ଏହାର ଉପଯୋଗ କରି ସେ ଖଦି ଉତ୍ପାଦନ ଆରମ୍ଭ କରିଥିଲେ । ୧୯୨୨ ମସିହାରେ ଖଦିକୁ ସ୍ୱାଧୀନତା ସଂଗ୍ରାମ ସହ ପ୍ରତ୍ୟକ୍ଷ ଯୋଡ଼ିବା ଉଦ୍ଦେଶ୍ୟରେ କଂଗ୍ରେସ ମଞ୍ଚରୁ ଖଦି କାର୍ଯ୍ୟ ସମିତି ଗଠିତ ହୋଇଥିଲା । ଯାହାର ତିନି ଉପବିଭାଗ ରହିଥିଲା । ଯଥା – ସଂଯନ୍ତ୍ର ଉତ୍ପାଦନ ଓ ବିକ୍ରୟ । ସଂଯନ୍ତ୍ର ବିଭାଗର ଦାୟିତ୍ୱ ମଗନଲାଲ ଗାନ୍ଧୀଙ୍କ ଉପରେ ନ୍ୟସ୍ତ ଥିଲା । ମଗାନଲାଲ ଭାରତର ବିଭିନ୍ନ ଅଞ୍ଚଳ ବୁଲି ଖଦିର ବିଭିନ୍ନ ଦିଗ ଉପରେ ଗବେଷଣା କରିବା ସହ ଏହାକୁ ଏକ ସାକାର ରୂପ ଦେଇଥିଲେ । ଉତ୍ପାଦନ ବିଭାଗର ଦାୟିତ୍ୱ ରହିଲା ଲକ୍ଷ୍ମୀଦାସ ପୁରୁଷୋତ୍ତମଜୀଙ୍କ ଉପରେ । ଏଥିରେ ସୂତାକଟା ଓ ଲୁଗାବୁଣା ଶିକ୍ଷା ପାଇଁ ଛଅ ମାସର ଟ୍ରେନିଂ ସମ୍ପୃକ୍ତ ରହିଥିଲା, ତଥା ବିକ୍ରୟ ବିଭାଗର ଦାୟିତ୍ୱ ମୁମ୍ବାଇର ବିଠଲଦାସ ଜେରାଜାଣୀଙ୍କ ଉପରେ କଂଗ୍ରେସ ନ୍ୟସ୍ତ କରିଥିଲା । ଖଦି ଆନ୍ଦୋଳନକୁ ଆହୁରି ବ୍ୟାପକ କରିବା ଉଦ୍ଦେଶ୍ୟରେ ୧୯୨୪ ମସିହାରେ ସାବରମତୀ ଆଶ୍ରମରେ ଅଖିଳ ଭାରତ ଖଦି ବୋର୍ଡ ଗଠନ କରାଗଲା, ଯାହାର ସଭାପତି ସ୍ୱୟଂ ଗାନ୍ଧିଜୀ ରହିଲେ ଓ ସମ୍ପାଦକ ଶଙ୍କରଲାଲ ବ୍ୟାଙ୍କର ଓ କୋଷାଧ୍ୟକ୍ଷ ଯମୁନାଲାଲ ବଜାଜ ରହିଲେ । ତେବେ କଂଗ୍ରେସରେ ଅନେକ ଆଲୋଚନା ହେବାପରେ ଏହାକୁ କେବଳ ରଚନାତ୍ମକ କାମ ଭାବରେ ନୁହେଁ, ସ୍ୱାଧୀନତା ସଂଗ୍ରାମର ପ୍ରମୁଖ ଅସ୍ତ୍ର ଭାବରେ ବ୍ୟବହାର କରିବା ଦୃଷ୍ଟିରୁ ୧୯୨୫ ମସିହାରେ ଅଖିଳ ଭାରତ ଚରଖା ସଂଘ ଗଢ଼ାଯାଇଥିଲା । ଚରଖା ସଂଘର ପ୍ରଥମ ବୈଠକ ସେହି ବର୍ଷ ସେପ୍ଟେମ୍ବର ୨୫ ତାରିଖରେ ପାଟନାଠାରେ ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ସଭାପତି ରୂପେ ଗାନ୍ଧିଜୀ ତଥା ରାଜନୈତିକ କର୍ମୀ ଭାବରେ ଜବାହରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ଡ଼. ରାଜେନ୍ଦ୍ର ପ୍ରସାଦ ଓ ରାଜଗୋପାଳାଚାରୀ ସଦସ୍ୟ ଥିବାବେଳେ ରଚନାତ୍ମକ କର୍ମୀମାନଙ୍କ ଭିତରୁ ଯମନାଲାଲ ବଜାଜ, ଗଙ୍ଗାଧର ରାଓ ଦେଶପାଣ୍ଡେ, ସତୀଶ ଚନ୍ଦ୍ର ଦାସଗୁପ୍ତା, ଶଙ୍କରଲାଲ ବ୍ୟାଙ୍କର, ମଣିଲାଲ କୋଠାର, କୋଣ୍ଡା ଭେଙ୍କଟୟାପ୍ପା ଓ ଶ୍ରୀକୃଷ୍ଣଦାସ ଜାଜୁଙ୍କୁ ମିଶାଇ ବାର ଜଣ ସଦସ୍ୟ ରହିଲେ । ଲବଣ ସତ୍ୟାଗ୍ରହ କାଳରେ ଗାନ୍ଧିଜୀ ସାବରମତୀ ଆଶ୍ରମ ଛାଡ଼ି ଆସି ମହାରାଷ୍ଟ୍ରର ୱାର୍ଦ୍ଧାସ୍ଥିତ ସେବାଗ୍ରାମ ଆଶ୍ରମରେ ଆସି ରହିଲେ । ଏହି ସେବାଗ୍ରାମ ଆଶ୍ରମରୁ ଚରଖା ସଂଘର ନବ ସଂସ୍କରଣ ଆରମ୍ଭ ହେଲା ।

ସେବାଗ୍ରାମରେ ପହଞ୍ଚିବା ପରେ ଚରଖା ସଂଘ ଖଦି ନିର୍ମାଣ ଓ ବିକ୍ରୟ କ୍ଷେତ୍ରରେ ଏକ ମାଇଲ ଖୁଣ୍ଟରେ ପରିଣତ ହୋଇସାରିଥାଏ । ତେବେ ଏହା କେନ୍ଦ୍ରୀକୃତ ହୋଇ ଚାଲୁଥିବା ଦୃଷ୍ଟିରୁ ଗାନ୍ଧୀଜୀଙ୍କୁ ଭୟ ଘାରିଲା ଯେ, ଯଦି କୌଣସି କାରଣରୁ ଏହା କେବେ ବନ୍ଦ ହୋଇଯାଏ ଅଥବା ବ୍ରିଟିଶ ହୁକୁମତ ଏହା ବିରୋଧରେ କୌଣସି ପଦକ୍ଷେପ ନିଅନ୍ତି, ତେବେ ଏହା ସଂପୂର୍ଣ୍ଣ ବନ୍ଦ ହୋଇଯିବାର ଆଶଙ୍କା ରହିଛି । ତେଣୁ ସେ ଏହାକୁ ବିକେନ୍ଦ୍ରିତ କରିବାରେ ମନୋନିବେଶ କରିଥିଲେ, ଯାହାର ଫଳସ୍ୱରୂପ ଆମ ଓଡ଼ିଶାରେ ପୂର୍ବରୁ କାର୍ଯ୍ୟରତ ଥିବା ଗୋପବନ୍ଧୁ ଦରିଦ୍ର ନାରାୟଣ ସେବାସଂଘ ଆହୁରି ମଜଭୁତ ହେବା ସହ ଉତ୍କଳ ଖଦି ମଣ୍ଡଳ ଭଳି ସଂସ୍ଥାମାନ ପୁଣ୍ୟାତ୍ମା ଗୋପବନ୍ଧୁ ଚୌଧୁରୀଙ୍କ ନେତୃତ୍ୱରେ ଆରମ୍ଭ ହୋଇ ଖଦି ଆନ୍ଦୋଳନ କ୍ଷେତ୍ରରେ ଭାରତ ସମେତ ଓଡ଼ିଶାରେ ନବଜାଗରଣ ସୃଷ୍ଟି କରିପାରିଥିଲା ।

ଖଦି କାର୍ଯ୍ୟକ୍ରମ ଭାରତର ଗାଁ ଗହଳିର ଲୋକଙ୍କୁ ସ୍ୱାବଲମ୍ବୀ କରିବା ସହ ବ୍ରିଟିଶ ବିରୋଧୀ ଆନ୍ଦୋଳନର ପ୍ରତୀକ ପାଲଟିଗଲା । ମୁଣ୍ଡରେ ଖଦଡ଼ ଟୋପି ବା ଦେହରେ ଫତେଇଟିଏ ଗଳେଇଦେଲେ ସ୍ୱାଧୀନତା ଆନ୍ଦୋଳନର ସିପାହି ବୋଲି ଯେ କେହି ଲୋକମୁଖରେ ପରିଚିତ ହୋଇପାରୁଥିଲେ । ଏହା ବ୍ରିଟିଶ

ସରକାର ଦ୍ୱାରା କିପରି ବା ଗ୍ରହଣୀୟ ହୋଇପାରନ୍ତା ? ତେଣୁ ଭାରତଛାଡ ଆନ୍ଦୋଳନ କାଳରେ ଚରଖା ସଂଘର ପ୍ରାୟ ଦୁଇକୋଟି ଟଙ୍କାର ସମ୍ପତ୍ତି ନଷ୍ଟ କରିଦେବା ସହ ହଜାର ହଜାର ଖଦି କର୍ମୀଙ୍କୁ ଜେଲ ଭୋଗିବାକୁ ପଡ଼ିଥିଲା । ହେଲେ ଏଥର ଏହି କାମକୁ ପୁଣି ଛିଡା କରିବାକୁ ମହାତ୍ମା ଗାନ୍ଧୀଙ୍କ ସହ ବିନୋବା ଭାବେ, ଧୀରେନ୍ଦ୍ର ମଜୁମଦାର, ଆନ୍ନା ସାହେବ ସହସ୍ରବୁଦ୍ଧେ, ଶ୍ରୀକୃଷ୍ଣ ଦାସ ଜାଜୁଙ୍କ ଭଳି ରଚନାତ୍ମକ କର୍ମୀମାନେ ଅଣ୍ଟା ଭିଡ଼ିଲେ ।

୧୯୫୧ ମସିହାରେ ଆରମ୍ଭ ହୋଇଥିବା ପ୍ରଥମ ପଞ୍ଚବାର୍ଷିକୀ ଯୋଜନାରେ ଏ ଦେଶର ସମସ୍ତ ବସ୍ତ୍ର ଖଦି ମାଧ୍ୟମରେ ଉତ୍ପନ୍ନ ହେଉ ବୋଲି ବିନୋବା ମତ ଦେଇଥାନ୍ତି, ଯଦ୍ୱାରା ଦେଶର କୋଟିକୋଟି ପରିବାର ସ୍ୱାବଲମ୍ବୀ ହୋଇପାରିବେ । ହେଲେ ତାହା ଗ୍ରହଣୀୟ ହେଲା ନାହିଁ । ବିନୋବା ନିବେଦନ କଲେ, ଅନ୍ୟ ସବୁ କପଡ଼ା ମିଲରେ ତିଆରି ହେଲେ ହେଉ ପଛେ, ଦେଶ ପାଇଁ ଆବଶ୍ୟକ ରୁମାଲ ଖଦି ସଂସ୍ଥା ଯୋଗାଇବେ । ତେବେ ତାଙ୍କର ଏହି ନିବେଦନ ବି ଫେଲ୍ ମାରିଲା ।

୧୯୫୪ ମସିହାରେ ଖଦି ଓ ଗ୍ରାମୋଦ୍ୟୋଗ କମିସନ ସ୍ଥାପିତ ହେଲା । ୟୁଏନ୍ ଧେବର ଏହାର ପ୍ରଥମ ଚେୟାରମ୍ୟାନ ନିଯୁକ୍ତ ହୋଇଥାନ୍ତି । ସେ ବିନୋବା ଭାବେଙ୍କ ନିକଟକୁ ଆଶୀର୍ବାଦ ନେବାକୁ ଆସିଲେ । କ୍ଷୋଭ ପ୍ରକାଶ କରି ବିନୋବାଜୀ ତାଙ୍କୁ କହିଲେ, ବାପୁ ଚାହୁଁଥିଲେ ଖଦି ଏକ ମିସନରେ ପରିଣତ ହେଉ । ହେଲେ ଆପଣମାନେ କମିସନ ଗଢ଼ିଲେ, ଦେଖିବେ ଭାରତରୁ ଖଦି ବୁଡ଼ିଯିବ, କେବଳ କମିସନୀ କାରବାର ଚାଲିବ । ବାସ୍ତବରେ ତାହା ହିଁ ହେଲା । କମିସନ ଦେଶର ଖଦି ସଂସ୍ଥାମାନଙ୍କୁ ପଞ୍ଜିକୃତ କରିବା ପାଇଁ ସେମାନଙ୍କର ସମସ୍ତ ସ୍ଥାବର ସମ୍ପତ୍ତି ବନ୍ଧକ ରଖିବାର ନିୟମ କରି ସଂସ୍ଥାମାନଙ୍କର ସମ୍ପତ୍ତି ସବୁକୁ ବନ୍ଧକ ରଖାଗଲା । ଯଦ୍ୱାରା ଅନେକ ପୁରାତନ ସଂସ୍ଥା ବୁଡ଼ିଗଲେ ଓ ଅନ୍ୟମାନେ ଆଜି ଅର୍ଦ୍ଧମୃତ ଅବସ୍ଥାରେ ଅଛନ୍ତି । ସେହିଭଳି ରିବେଟ୍ ଆଳରେ ସଂସ୍ଥାମାନଙ୍କ ମଧ୍ୟରେ ଭ୍ରଷ୍ଟାଚାର ଏଭଳି ପ୍ରବେଶ କରିଯାଇଛି ଯେ, ସୂତା କଟା ନ ହୋଇ ସୁଦ୍ଧା ଆମ ରାଜ୍ୟ ସମେତ ସମଗ୍ର ଦେଶରେ ଖଦି ନାଁରେ ମିଲଗୁଡ଼ିକରେ ଖଦି ଭଳି ଦେଖାଯାଉଥିବା ବସ୍ତ୍ର ତିଆରି ହୋଇ ମାର୍କେଟରେ ବିକ୍ରୟ ହେଉଛି ।

ଗାନ୍ଧିଜୀଙ୍କ ସମୟରୁ ଅଦ୍ୟାବଧି ସେବାଗ୍ରାମ ଆଶ୍ରମରେ "ତୁଳାରୁ ଖଦି" କାର୍ଯ୍ୟକ୍ରମ ଚାଲୁ ରହିଛି । ଆଶ୍ରମର ଅନ୍ତେବାସୀ ନିଜେ ନିୟମିତ ସୂତା କାଟିବା ସହ ବୁଣେଇ କାମ କରନ୍ତି । ଗାନ୍ଧୀ ଆଶ୍ରମର ଖଦି ଦୃଷ୍ଟିରୁ ଏହାର ଚାହିଦା ବହୁତ । ୨୦୧୭ ମସିହାରେ ଖଦି କମିସନ ତାହାର କ୍ୟାଲେଣ୍ଡରରୁ ମହାତ୍ମା ଗାନ୍ଧୀଙ୍କ ଛବି ଉଠାଇଦେଇ ପ୍ରଧାନମନ୍ତ୍ରୀ ମୋଦୀଙ୍କର ଫଟୋ ଛାପି ସମାଲୋଚିତ ହୋଇଥିଲେ । ପରେ ସାବରମତୀ ଆଶ୍ରମକୁ ଭାଙ୍ଗି ପଞ୍ଚତାରକା ପର୍ଯ୍ୟଟନସ୍ଥଳରେ ପରିଣତ କରିବାକୁ ଭାରତ ସରକାର ପ୍ରୟାସ ଚଳାଇଲେ । ତେବେ ନିଜେ ଖଦି କାମରେ ବିଫଳ ହୋଇଥିବା କମିସନ ସେବାଗ୍ରାମ ଆଶ୍ରମକୁ ନୋଟିସ୍ ପଠାଇ ଗାନ୍ଧୀଙ୍କ ଖଦିକୁ କାଠଗଡାରେ ଛିଡ଼ା କରି ସ୍ୱାବଲମ୍ବୀ ଖଦିକୁ ଲୋପ କରିବା ସହ ଏ ଦେଶର ଜାତୀୟ ବସ୍ତ୍ରକୁ ସାଧାରଣ ଲୋକଙ୍କ ଠାରୁ ଛଡ଼େଇ ନେବା ପାଇଁ ଅପଚେଷ୍ଟା ଚଳାଇଛନ୍ତି । ଦେଶର ଐତିହ୍ୟ ଓ ପରମ୍ପରା ବିରୋଧରେ ଏହା ଏକ ଯୋଜନାବଦ୍ଧ ଷଡଯନ୍ତ୍ର ।

ଝଉଲିଆଗଞ୍ଜ, କଟକ

ISSN -2583-147X(P), Vol.- 8, Issue No. II, May 2022
Bastabatara Pariprakash Prachee
*Peer Reviewed and Referred Research Journal*

# ନବମୂଲ୍ୟାୟନ ପରିପ୍ରେକ୍ଷୀରେ ପ୍ରତିଭା ଗଳ୍ପାନୁଶୀଳନ

ବର୍ଷା ବିଶ୍ୱାଳ

ସାଧାରଣତଃ ଯେତେବେଳେ କୌଣସି ଘଟଣା ବା କାର୍ଯ୍ୟର ପ୍ରାଥମିକ ମୂଲ୍ୟାୟନ ଭିନ୍ନ ପୁନଃ ମୂଲ୍ୟାୟନ କରାଯାଏ, ତାହାକୁ ନବମୂଲ୍ୟାୟନ କୁହାଯାଏ । ସାହିତ୍ୟ କ୍ଷେତ୍ରରେ ବିଚାର କଲେ ପାରମ୍ପରିକ ଧାରା ଭିନ୍ନ ଏକ ନୂତନ ଦୃଷ୍ଟିକୋଣ ନେଇ କୌଣସି କୃତିକୁ ପୁନଃବିଚାର କରିବା ବା ବିଶ୍ଳେଷଣକୁ ନବମୂଲ୍ୟାୟନ କୁହାଯାଇପାରେ । ଏହି ନବମୂଲ୍ୟାୟନକୁ ଆମେ ପୁନଃମୂଲ୍ୟାୟନ, ନବନ୍ୟାସ, ନବବିଚାରର ନାମରେ ନାମିତ କରିପାରିବୁ । ସାହିତ୍ୟରେ କେବଳ ବିଷୟବସ୍ତୁ ନୁହେଁ ଚରିତ୍ରଗୁଡ଼ିକର ମଧ୍ୟ ନବମୂଲ୍ୟାୟନ କରାଯାଇପାରେ । ତେବେ ଜଣେ ସର୍ଜନଶୀଳ ବ୍ୟକ୍ତିର ନବମୂଲ୍ୟାୟନ କରିବାର କଳା ଯେତିକି ଅଭିନବ କୃତିଟିର ନବମୂଲ୍ୟାୟନ ଭିତ୍ତିକ ଭାବଧାରା ମଧ୍ୟ ସେତିକି ନୂତନ ତଥା ସୁଦୃଢ଼ ।

ପ୍ରତ୍ୟେକ ରାଷ୍ଟ୍ରର ଜନସଂଖ୍ୟାର ଅର୍ଦ୍ଧେକ ହେଉଛନ୍ତି ନାରୀ । ଭାରତର ଜନସଂଖ୍ୟା ମଧ୍ୟ ଏହି ସ୍ଥିତି ରହିଛି । କିନ୍ତୁ ଅର୍ଦ୍ଧେକ ସଂଖ୍ୟା ସତ୍ତ୍ୱେ ସେମାନେ ଦ୍ୱିତୀୟ ଶ୍ରେଣୀ ନାଗରିକ ଭାବେ ପରିଗଣିତ ହୁଅନ୍ତି । ସ୍ୱାଧୀନତା ପରବର୍ତ୍ତୀ ସମୟରେ ଅର୍ଥାତ୍ ୧୯୮୦ ପରବର୍ତ୍ତୀ ସମୟରେ ଆମ ଦେଶରେ ନାରୀମାନଙ୍କ ପଦ ମର୍ଯ୍ୟାଦା କ୍ଷେତ୍ରରେ ଅନେକ ପରିବର୍ତ୍ତନ ଆସିଛି । ପ୍ରାଚୀନ କାଳରୁ ଭାରତୀୟ ନାରୀର ବିଜୟଯାତ୍ରାର କାହାଣୀ ମଧ୍ୟଯୁଗ ଦେଇ ସାମ୍ପ୍ରତିକ ଯୁଗ ପର୍ଯ୍ୟନ୍ତ ବିସ୍ତୃତ । ଯେଉଁଠି ନାରୀ ତାହାର ପଦମର୍ଯ୍ୟାଦା ଉପରେ ଗୁରୁତ୍ୱ ଦେଇପାରିଛି । ତେବେ ସ୍ୱାଧୀନତା ପରବର୍ତ୍ତୀ ସମୟରେ ପରିବର୍ତ୍ତିତ ଆଧୁନିକ ଶିକ୍ଷିତ ସମାଜ ନାରୀର ଦୃଷ୍ଟିକୋଣ ବଦଳାଇବାକୁ କ୍ଷମ ହୋଇଛି । ସ୍ୱାଧୀନତା ପରବର୍ତ୍ତୀ ସମୟରେ ଭାରତରେ ନାରୀ ସଶକ୍ତିକରଣ ଓ ବିକାଶ ନିମନ୍ତେ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି । ଫଳସ୍ୱରୂପ ନାରୀର ଚିନ୍ତାଚେତନା ଏବଂ ଦୃଷ୍ଟିଭଙ୍ଗୀରେ ଭିନ୍ନତା ପରିଲକ୍ଷିତ ହୋଇଛି । ସମ୍ବିଧାନ କ୍ଷେତ୍ରରେ ହେଉ କିମ୍ବା ଆଇନ୍ କ୍ଷେତ୍ରରେ ସବୁଥିରେ ନାରୀକୁ ସାହାଯ୍ୟ ତଥା ଅଗ୍ରାଧିକାର ଦିଆଯାଇଛି । ସ୍ୱାସ୍ଥ୍ୟ, ବୈଷୟିକ କୌଶଳ, ସାକ୍ଷରତା ଦୃଷ୍ଟିରୁ ନାରୀ ଖୁବ୍ ଆଗକୁ ଯାଇପାରିଛି । ଶିକ୍ଷା କ୍ଷେତ୍ରରେ ସମୃଦ୍ଧି ହେବାଦ୍ୱାରା ନାରୀର ଚିନ୍ତାଶକ୍ତି ମଧ୍ୟ ସେହିଭଳି ପ୍ରସାରିତ ହୋଇପାରିଛି । ଶିକ୍ଷାଗତ ଯୋଗ୍ୟତା ଦୃଷ୍ଟିରୁ ନାରୀ ସର୍ବୋଚ୍ଚ ସ୍ଥାନାଧିକାର କରିବା ତଥା ବିଭିନ୍ନ କ୍ଷେତ୍ରରେ ପାଦ ସ୍ଥାପନ କରିବା ଦ୍ୱାରା ନାରୀର ଜ୍ଞାନର ବିକାଶ ହୋଇପାରିଛି । ଫଳରେ ନାରୀ ପ୍ରତ୍ୟେକ ଘଟଣା, କାର୍ଯ୍ୟକୁ ଏକ ନୂତନ ଭଙ୍ଗୀରେ ମୂଲ୍ୟାୟନ କରିବାର କ୍ଷମତା ହାସଲ କରିପାରିଛି । ଶିକ୍ଷା ଲାଭଦ୍ୱାରା ନାରୀ ନିଜ ଜୀବନରେ ଆମୂଳଚୂଳ ପରିବର୍ତ୍ତନ ଆଣିବା ସହ ସାମାଜିକ ପରିବର୍ତ୍ତନରେ ବି ସହାୟକ ହୋଇଛି । ନାରୀର ଚିନ୍ତା, ଚେତନା ତଥା ଜ୍ଞାନର ପରିସର ବୃଦ୍ଧି ଯୋଗୁଁ ଆଜି ପ୍ରତ୍ୟେକ ଘଟଣାର ନବମୂଲ୍ୟାୟନ କରିବାରେ ନାରୀ ବଳିଷ୍ଠ ରୂପ ଗ୍ରହଣ କରିଛି ।

ପ୍ରତିଭାରାୟଙ୍କ ଗଳ୍ପରେ ନାରୀ ପ୍ରତ୍ୟେକ ଘଟଣାକୁ କିଭଳି ଭାବେ ନବମୂଲ୍ୟାୟନ କରିବାର କ୍ଷମତା ରଖୁଛି ତାହା ଆଲୋଚନାର ବିଷୟ । ତେବେ ଗଳ୍ପରେ ନାରୀ ପାରମ୍ପରିକ ଯୁଗୀୟ ଅଭିରୁଚିକୁ ଅନୁସରଣ କରି ପରମ୍ପରାକୁ ସମ୍ମାନ ଦେବା ସହ ଯୁଗୀୟ ଅଭିରୁଚି ସହ ତାଳ ଦେଇ ଚାଲିପାରୁଛି ।

ନବମୂଲ୍ୟାୟନ ଭାବଧାରାକୁ ଉଦ୍ରେକ କରିବାରେ ଗାଳ୍ପିକା ପ୍ରତିଭା ରାୟ ବେଶ୍ ସଫଳ । ଇତିହାସର ପୃଷ୍ଠା ମନ୍ଥନ କଲେ ଜଣାଯାଏ, ପାଟଳୀପୁତ୍ରରେ ଅବସ୍ଥିତା ବିନ୍ଦୁମତୀ ଜଣେ ବାରାଙ୍ଗନା । ପୁରୁଷକୁ ରତିଦାନ କରି ଜୀବିକାର୍ଜନ କରୁଥିବାରୁ ସେ ସମାଜ ଆଖିରେ ଘୃଣ୍ୟ । ଇତିହାସ ଜଣେ ରୂପଜୀବୀକୁ ପତିତା, ବେଶ୍ୟା ବା ବାରାଙ୍ଗନାର ନାମ ଦେଇ ଘୃଣା କରିଥାଏ । କିନ୍ତୁ ଉକ୍ତ ଗଳ୍ପରେ ଗାଳ୍ପିକା ବିନ୍ଦୁମତୀକୁ ଜଣେ ଧାର୍ମିକ ନାରୀ ବୋଲି ପ୍ରମାଣିତ କରିଛନ୍ତି । ନିଜର କର୍ମ କରିବା ହିଁ ପ୍ରକୃତ ଧର୍ମ । ନିଷ୍କାମ କର୍ମ ହିଁ ସତ୍‌କ୍ରିୟା । ଜଣେ ବାରଙ୍ଗନା ରତିକ୍ରିୟା ପରେ କେବଳ ଘୃଣାର ଯଶ ମିଳିବ ବୋଲି ଜାଣେ, ତଥାପି ଘୃଣାର ଅପେକ୍ଷା ରଖେ ନାହିଁ ଓ ଅପମାନ ପ୍ରତି ଅନାସକ୍ତ ରହେ । ନିଜ ଶରୀରକୁ ବଂଚାଇ ରଖିବା ହିଁ ତାର ପ୍ରକୃତ ଧର୍ମ । ଗଣିକା ଭାବରେ ସେ ସ୍ୱଧର୍ମ ସମ୍ପାଦନ କରୁଛି । ଏହାବ୍ୟତୀତ ଜାତି, ଧର୍ମ, ବର୍ଣ୍ଣ ଓ ଅର୍ଥ ନିର୍ବିଶେଷରେ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖି ରତିସୁଖ ପ୍ରଦାନ କରେ । ଏହି ସତ୍‌କ୍ରିୟା ହିଁ ହେଉଛି ବାରଙ୍ଗନାର ଧର୍ମବଳ । ଏହି ଧର୍ମବଳରେ ଗଙ୍ଗା ନଦୀରେ ଆସିଥିବା ସ୍ରୋତକୁ ଲେଉଟାଇ ପାଟଳୀପୁତ୍ରକୁ ରକ୍ଷା କରି ହଜାର ହଜାର ଜୀବନ ବଂଚାଇ ପାରିଛି । ଗାଳ୍ପିକା ଉକ୍ତ ଗଳ୍ପରେ ବାରଙ୍ଗନା ବିନ୍ଦୁମତୀଙ୍କୁ ଜଣେ ଧାର୍ମିକ ନାରୀ ରୂପେ

ଉପସ୍ଥାପନା କରିଛନ୍ତି । ଯାହାଦ୍ୱାରା ବିନ୍ଦୁମତୀ ଭଳି ବେଶ୍ୟାମାନଙ୍କ ପ୍ରତି ଥିବା ଘୃଣା ମନୋଭାବ ସମ୍ମାନରେ ପରିଣତ ହୋଇପାରିଛି । ଏଠାରେ ଗାଳ୍ପିକା ଇତିହାସର ଏକ ଘୃଣ୍ୟ ଚରିତ୍ରକୁ ସମ୍ପୂର୍ଣ୍ଣ ଭିନ୍ନ ରୂପରେ ଉପସ୍ଥାପିତ କରି ଯୁଗୀୟ ଅଭିରୁଚିକୁ ପରିବର୍ତ୍ତନ କରିବାରେ ସଫଳ ହୋଇଛନ୍ତି । ସେହିପରି 'ଫେରାର' ଗଳ୍ପରେ ଅହଲ୍ୟା ଚରିତ୍ରଙ୍କର ମୂଲ୍ୟାୟନ ପରିଲକ୍ଷିତ । ଅହଲ୍ୟା ଋଷି ଗୌତମଙ୍କ ଦ୍ୱାରା ବଡ଼ ପ୍ରସ୍ତରରେ ପରିଣତ ହୋଇଯାଇଥିଲେ । ଏହି ପ୍ରସଙ୍ଗକୁ ଗାଳ୍ପିକା ଭିନ୍ନ ଭାବେ ଉପସ୍ଥାପନା କରିଛନ୍ତି । ବୋଧହୁଏ ମହର୍ଷି ଗୌତମ ସମାଜର ଏହି ନିଷ୍ଠୁରତାକୁ ଅନୁଭବ କରିଛନ୍ତି । ବାର୍ତ୍ତମାନିକ ସମାଜର ନାରୀ ଅତ୍ୟାଚାର, ଶୋଷଣକୁ ଋଷି ଅନୁଭବ କରିଛନ୍ତି । ସେଥିପାଇଁ ଏହି ଅତ୍ୟାଚାରର ସମ୍ମୁଖୀନ ନ ହେବାକୁ ଅହଲ୍ୟାକୁ ଶାପଗ୍ରସ୍ତା ପ୍ରସ୍ତରରେ ପରିଣତ କରିଦେଇଥିଲେ । ଇତିହାସର ନାରୀ ଚରିତ୍ରର ଗୁଣାବଳୀର ନବମୂଲ୍ୟାୟନ କ୍ଷେତ୍ରରେ ଗାଳ୍ପିକା ସିଦ୍ଧହସ୍ତା । 'ଝୋଟିପକା କାନ୍ଥ' ସଂକଳନସ୍ଥ 'ରକ୍ତନଦୀରେ ପ୍ରେମତରୀ' ଗଳ୍ପରେ କାରୁବକୀ ଚରିତ୍ରର ନବମୂଲ୍ୟାୟନ କରାଯାଇଛି । ଇତିହାସର ପୃଷ୍ଠାରେ ଜଣାଯାଏ କଳିଙ୍ଗ ବିଜୟ କଲାପରେ କାରୁବାକୀଙ୍କୁ ଅଶୋକ ବିବାହ କରିଥିଲେ । କିନ୍ତୁ ଉକ୍ତ ଗଳ୍ପରେ କାରୁବାକୀଙ୍କୁ ଗାଳ୍ପିକା ଦେବୀ ରୂପେ ଚିତ୍ରିତ କରିଛନ୍ତି । ଜଣେ ସାଧାରଣ ରାଜକୁମାରୀ ନୁହେଁ ଅଖଣ୍ଡ କଳିଙ୍ଗର ମାତା ରୂପେ ବର୍ଣ୍ଣନା କରାଯାଇଛି । ସମ୍ପୂର୍ଣ୍ଣ କଳିଙ୍ଗକୁ ଜୟ କରିବା ପରେ ଅଶୋକଙ୍କ ପାଇଁ ଘୃଣା ନୁହେଁ, ଦୟା ଜାତ ହୋଇଛି କାରୁବାକୀଙ୍କ ମନରେ । ବଡ଼ ଭୁଲ ପାଇଁ କାରୁବାକୀଙ୍କ ସାମ୍ନାରେ ନତମସ୍ତକ ହେଲେ ହେଁ କାରୁବାକୀ ଅଶୋକଙ୍କୁ ହତ୍ୟା କରିନାହାନ୍ତି । ସେ ଦେବୀ ରୂପରେ ବିଦ୍ୟମାନ ହୋଇ ମାତୃରୂପିଣୀଜ୍ଞାନ ପ୍ରଦାନ କରିଛନ୍ତି । ଅଶୋକଙ୍କୁ ହତ୍ୟା କରିବା ଦ୍ୱାରା ସମଗ୍ର କଳିଙ୍ଗ ଦେଶର ପୁତ୍ରମାନେ ଫେରିବେ ନାହିଁ । ବରଂ ଅଶୋକ ନିଜ ମନକୁ ପରିବର୍ତ୍ତନ କରି ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହୁଅନ୍ତୁ, ତାହାହିଁ କାରୁବାକୀଙ୍କ କାମନା । ଚଣ୍ଡାଶୋକ ଏବଂ ଧର୍ମାଶୋକ କେବଳ ମନର ଭିନ୍ନ ଭିନ୍ନ ରୂପ । ସେହି ରୂପ ସ୍ୱାଧୀନକୁ ଆଣିବା ହିଁ ମନୁଷ୍ୟତ୍ୱ । ତେଣୁ ମନୁଷ୍ୟତ୍ୱରେ ପରିବର୍ତ୍ତନ ଆଣିବାକୁ କାରୁବାକୀ ଅଶୋକଙ୍କୁ କହିଛନ୍ତି । "ତାଙ୍କର ଶିରରେ ହାତ ରଖି ବୃଦ୍ଧା କହିଲେ ଦୀର୍ଘଜୀବୀ ହୁଅ ପୁତ୍ର, ଯଶସ୍ୱୀ ହୁଅ, ନିର୍ମମ ଚଣ୍ଡାଶୋକ ପରି କୁପୁତ୍ର ନ ହୋଇ ସୁପୁତ୍ର ହୁଅ । ସୁପୁତ୍ର ହିଁ ଯୁଦ୍ଧ ନୁହେଁ ଶାନ୍ତିକୁ ଜୀବନରେ ବ୍ରତ ମନେକରେ । ଘ ଘ ଘ ମୋର ସମସ୍ତ ପୁତ୍ର ଆଜି ମୃତ । ମୁଁ ମୋର ପୁତ୍ରମାନଙ୍କୁ ଖୋଜି ହେଉଛି ।" ଉକ୍ତ ଉଦ୍ଧୃତିରେ କାରୁବାକୀଙ୍କର ଜନନୀ ରୂପୀ ମାନସିକତା ପରିଲକ୍ଷିତ । ଗଳ୍ପରେ କାରୁବାକୀ ଅଶୋକଙ୍କର ସ୍ତ୍ରୀ ହୋଇନାହାନ୍ତି । ଗାଳ୍ପିକା ତାଙ୍କୁ ସମଗ୍ର କଳିଙ୍ଗର ଜନନୀ ରୂପେ ଚିତ୍ରଣ କରିଛନ୍ତି । ଇତିହାସର ଚରିତ୍ରଠାରୁ ଭିନ୍ନ ରୂପେ ଉପସ୍ଥାପନା କରିବା ସହ କାରୁବାକୀଙ୍କର ମାନବୀୟ ମାନସିକତାକୁ ମଧ୍ୟ ଉପସ୍ଥାପିତ କରିଛନ୍ତି ।

ସେହିଭଳି 'ମୋକ୍ଷଛନ୍ଦ' ଗଳ୍ପରେ କିମ୍ବଦନ୍ତୀର ଶକୁନ୍ତଳା ଚରିତ୍ରକୁ ସାଧାରଣ ନାରୀ ରୂପେ ଉପସ୍ଥାପନା କରାଯିବା ସହ ନାରୀ ଚେତନାର ନବମୂଲ୍ୟାୟନ ହୋଇଥିବା ଦେଖାଯାଏ । ଶକୁନ୍ତଳା ଜଣେ ସାଧାରଣ ନାରୀର ଦୃଷ୍ଟିକୋଣ ନେଇ ନିଜ ବାର୍ତ୍ତାକୁ ଉପସ୍ଥାପିତ କରିଛନ୍ତି । ସେହିପରି ମନେକାଙ୍କର ମାନବୀୟ ଦୃଷ୍ଟିକୋଣ ମଧ୍ୟ ଏହି ଗଳ୍ପରେ ରୂପାୟିତ । ଶକୁନ୍ତଳାଙ୍କ ଜୀବନରେ ମାନବୀୟ ଚରିତ୍ର ତଥା ବସ୍ତୁ (ରତ୍ନମୁଦି) ହେଉଛି ବିବିଧ ସମସ୍ୟାର କାରଣ । ତାଙ୍କ ପାଳିତା ପିତା କଣ୍ୱ ଜଣେ ସର୍ବଦ୍ରଷ୍ଟା ଋଷି । ସେ କିପରି ଶକୁନ୍ତଳାଙ୍କୁ ଆଗତ ସଂକେତ ଦେଇପାରିଲେ ନାହିଁ ? ମାତା ମେନକା ମଧ୍ୟ ଶକୁନ୍ତଳାଙ୍କୁ ଶକୁନମାନଙ୍କ ମେଳରେ କିପରି ଛାଡ଼ିଯିବାର ସାହସ କରିଥିଲେ । ଜଣେ ପିତା ହୁଏତ ନିଜ ପ୍ରତିଷ୍ଠା ତୁଳନାରେ ନିଜ କନ୍ୟାକୁ ତୁଚ୍ଛ ମନେ କରେ । କିନ୍ତୁ ମେନକା ଜଣେ ମାତା ହୋଇ ନିଜ କନ୍ୟାକୁ କିପରି ତ୍ୟାଗ ଦେଇପାରିଲେ ।

ଋଷି ଦୁର୍ବାସାଙ୍କୁ ଶକୁନ୍ତଳା କହିଛନ୍ତି ପିତାତୁଲ୍ୟ ହୋଇ ମଧ୍ୟ ଅନମନା ହୋଇ ପିତାଙ୍କ ଡାକ ନଶୁଣିବାରୁ କିପରି ଜଣେ ପିତା ଅଭିଶାପ ଦେଇପାରେ । ଦୁର୍ବାସାଙ୍କଠାରୁ ପିତୃସୁଲଭ ମମତା ଆଶା କରିବା ମଧ୍ୟ ଅନୁଚିତ । କାରଣ ଯାହାର ସଂସାର ନାହିଁ ସେ କେଉଁଠାରୁ କନ୍ୟାର ମୋହ ବୁଝିବ । ଅଭିଶାପ ଦେବାର କ୍ଷମତା କେବଳ ମୁନି ଋଷିମାନଙ୍କର ନାହିଁ । ସେ କ୍ଷମତା ମଧ୍ୟ ନାରୀର ଅଛି । ତେଣୁ ଜଣେ ସାଧାରଣ ଶକୁନ୍ତଳା ନାମ୍ନୀ ନାରୀ ଦୁର୍ବାସାଙ୍କୁ ଅଭିଶାପ ପ୍ରଦାନ କରିଛନ୍ତି । କୋପ ଏବଂ ଅଭିଶାପ ପାଇଁ ଜଗତବାସୀ ଭୟରେ କରିବେ କିନ୍ତୁ ପ୍ରେମରେ ମଥାନତ କରିବେ ନାହିଁ । ରତ୍ନମୁଦି ସମ୍ପର୍କରେ ମଧ୍ୟ ଶକୁନ୍ତଳା କହିଛନ୍ତି ନାରୀର ଅନ୍ତଃଗୁଣ ହିଁ ନାରୀର ଶୋଭାବର୍ଦ୍ଧନ କରେ, ଅଳଙ୍କାର ଶୋଭାବର୍ଦ୍ଧନ କରିନଥାଏ । ଶକୁନ୍ତଳା କେବେ ସେ ରତ୍ନମୁଦିକୁ ଗ୍ରହଣ କରିବେ ନାହିଁ ବୋଲି ପ୍ରତିଜ୍ଞା କରିଛନ୍ତି । ସେହିଭଳି ନଦୀ ସମ୍ପର୍କରେ କହିଛନ୍ତି ତୁ ତ ମିଳନର ଆଶା ନେଇ ସାଗର ଅଭିମୁଖେ ପ୍ରବାହିତ, ତା' ହେଲେ ମୋର ମୁଦ୍ରିକାକୁ ନେଇ ମୋର ବିରହର କାରଣ କିପରି ପାଲଟିଗଲୁ । ନଦୀର ସମୁଦ୍ର ଅଭିମୁଖେ ପଥ କ'ଣ ଦୀର୍ଘ, କଙ୍କରିଳ ବୋଲି ସେ ଶକୁନ୍ତଳା ସହ ଈର୍ଷା କଲା ବୋଲି ଗାଳ୍ପିକା ଉପସ୍ଥାପନ କରିଛନ୍ତି ।

ଶକୁନ୍ତଳା ଦୁଷ୍ମନ୍ତଙ୍କ ଦ୍ୱାରା ପ୍ରତ୍ୟାଖାତା ହେଲେ ହେଁ ଜୀବନ ତ୍ୟାଗ କରିନାହାନ୍ତି । ସମାଜକୁ ସାମ୍ନା କରିବାର

ଶକ୍ତି ସଂଚାର କରିଛନ୍ତି । ଭ୍ରୂଣ ହତ୍ୟା ନ କରିବାର ପ୍ରତିଜ୍ଞା କରିଛନ୍ତି । ସମାଜ ଯେଉଁ ଶାସ୍ତି ଦେଲେ ମଧ୍ୟ ସେ ନିଜ ସନ୍ତାନ ସହ ରହିବେ ବୋଲି ପ୍ରକାଶ କରିଛନ୍ତି । ଅନ୍ୟ ପକ୍ଷରେ ମାତା ମେନକାଙ୍କର ମାନବୀୟ ଦୃଷ୍ଟିକୋଣ ଶକୁନ୍ତଳାଙ୍କୁ ବୋଧ ଦେବା ଛଳରେ ପ୍ରକାଶ ପାଇଛି । ମେନକା କୌଣସି ପରିସ୍ଥିତିରେ ଶକୁନ୍ତଳାଙ୍କୁ ସ୍ୱର୍ଗଲୋକଙ୍କୁ ନେବାକୁ ଚାହିଁନଥିଲେ । କାରଣ କୌଣସି ମାତା କେବେ ଚାହେଁନା ତା'ର କନ୍ୟାଗଣିକା ରୂପେ ଜୀବନ ଅତିବାହିତ କରୁ । ତେଣୁ ଶକୁନ୍ତଳାକୁ ମର୍ତ୍ତ୍ୟଭୂମିରେ ଛାଡ଼ିଯିବାର ନିର୍ଣ୍ଣୟ ନେଇଥିଲେ ମେନକା । ନିଜର ଦୁଃଖ ପ୍ରକାଶ ଛଳରେ ମେନକା କହିଛନ୍ତି ଜଣେ ଇନ୍ଦ୍ରଲୋକର ଗଣିକା ପାଇଁ ସାଧାରଣ ମନୁଷ୍ୟଭଳି ଜୀବନ ଚର୍ଯ୍ୟା ମନା ।

"ମା' ଶକୁନ୍ତଳା ତୁ ବୋଧହୁଏ ଜାଣିନାହୁଁ ଅପ୍ସରା ପାଇଁ ପ୍ରେମ ନିଷେଧ, ବିବାହ ନିଷେଧ, ମାତୃତ୍ୱ ନିଷେଧ, ଗୃହସ୍ଥ ଜୀବନବୋଧ । ଘଂ ଘଂ ଘଂ ଋଷିମାନଙ୍କର ତପୋଭଙ୍ଗ କରିବା ପାଇଁ ଅପ୍ସରାକୁ ଅସ୍ତ୍ର ରୂପେ ବ୍ୟବହାର କରାଯାଏ ବୋଲି ଜାଣିଲୁ ତ ?"(୧) (ପୃ-୧୬୭, ରାଧାରବଂଶୀ) ମେନକା ଜଣେ ଅପ୍ସରା ହେଲେ ହେଁ ନିଜର ମାନବୀୟ ଚେତନାକୁ ପରିପ୍ରକାଶ କରିଛନ୍ତି ନିଜସ୍ୱ ବକ୍ତବ୍ୟ ମାଧ୍ୟମରେ ।

ସ୍ୱସନ୍ତାନଠାରୁ ଦୂରୀଭୂତ ହେବାର ଦୁଃଖ ଅନନ୍ୟ, ଅସହ୍ୟ । ଦୁଷ୍ମନ୍ତ ତୁମକୁ ପ୍ରତ୍ୟାଖିତ କରିଛନ୍ତି ସତ କିନ୍ତୁ ସନ୍ତାନଠାରୁ ବିଚ୍ଛିନ୍ନ କରିନାହାନ୍ତି । ପରିଶେଷରେ ଶକୁନ୍ତଳା ଦୁଷ୍ମନ୍ତଙ୍କୁ କ୍ଷମା ପ୍ରଦାନ କରିଛି । ଗାଳ୍ପିକା ଉଭୟ ମେନକା ଏବଂ ଶକୁନ୍ତଳା ଦୁଇ ନାରୀ ଭାବାବେଶର ସ୍ୱରୂପ ଉନ୍ମୋଚନ କରିବାରେ ସଫଳ ହୋଇପାରିଛନ୍ତି । ପୁରାଣ ଚରିତ୍ରକୁ ଏକ ନୂତନ ମୂଲ୍ୟବୋଧର ସହ ଉପସ୍ଥାପନା କରିବାରେ ସିଦ୍ଧହସ୍ତ । ପୁରାଣର ଚରିତ୍ର ଅପେକ୍ଷା ମାନବୀୟ ଚରିତ୍ର ରୂପରେ ଉଭୟେ ସ୍ୱାଭାବାବେଗକୁ ପୂର୍ଣ୍ଣତଃ ପ୍ରକାଶ କରିପାରିଛନ୍ତି ।

'ବିଦେଶୀ' ଗଳ୍ପକୁ ବିଶ୍ଳେଷଣ କଲେ ଜଣାଯାଏ, ଏଥିରେ ଭାରତୀୟ ପରମ୍ପରାର ନବମୂଲ୍ୟାୟନ ପରିଲକ୍ଷିତ । ଯୌଥ ପରିବାର ଦ୍ୱାରା ସଂହତି ସ୍ଥାପନ ହୋଇଥାଏ । କିନ୍ତୁ ଏହି ଗଳ୍ପରେ ତାର ବିପରୀତ ଭାବକୁ ପ୍ରମାଣିତ କରାଯାଇଛି । ଯୌଥ ପରିବାର ଦ୍ୱାରା ପାରସ୍ପରିକ ସମ୍ପର୍କ ନଷ୍ଟ ହୁଏ ଦୃଢ଼ତା ଭଙ୍ଗ ହୁଏ ବୋଲି ଝିଅଟି ପ୍ରଶ୍ନ କ୍ରମେ ଉତ୍ତର ଦେଇଛି । ଦୂରକୁ ପର୍ବତ ସୁନ୍ଦର, ଦୂରତା ବନ୍ଧନକୁ ଦୃଢ଼ କରେ । ତେଣୁ ଯୌଥ ପରିବାରର ପ୍ରଥାରେ ସେ ବିଶ୍ୱାସ ରଖେ ନାହିଁ ବୋଲି ସ୍ପଷ୍ଟ ହୋଇଥିଲା ।

'ବାର୍ଦ୍ଧକ୍ୟ ଭତ୍ତା' ଗଳ୍ପକୁ ବିଶ୍ଳେଷଣ କଲେ ଜଣାଯାଏ ବର୍ତ୍ତମାନ ସମାଜରେ ପାରିବାରିକ ସମ୍ପର୍କରେ ମହତ୍ୱ ରକ୍ଷା କରାଯାଇପାରୁନାହିଁ । ପାରସ୍ପରିକ ସମ୍ପର୍କରେ ନବମୂଲ୍ୟାୟନ ଦର୍ଶାଇ ଦିଆଯାଇଛି । ଜେଜେମାଙ୍କର ନାତି ପ୍ରତି ଥିବା ସ୍ନେହକୁ ପାର୍ଟଟାଇମ୍ ଦେଖାଶୁଣାର ନାମ ଦିଆଯାଇଛି । ଯେଉଁ ସମ୍ପର୍କର ମୂଲ୍ୟ ତଉଲା ଯାଇପାରେ ନାହିଁ, ତାହାକୁ ବାର୍ଦ୍ଧକ୍ୟ ଭତ୍ତାର ନାମ ପ୍ରଦାନ କରାଯାଇଛି ଏତେଲା ମାଧ୍ୟମରେ । ମାତୃତ୍ୱ, ସ୍ନେହ ଓ ମମତାର ନବମୂଲ୍ୟାୟନ ସମ୍ଭବ ହୋଇପାରିଛି ଉକ୍ତ ଗଳ୍ପରେ । ଏତଦ୍‌ବ୍ୟତୀତ ପୁଅବୋହୂଙ୍କ ସହ ରହିଲେ ତାଙ୍କ ସମ୍ମାନରେ ବାଧା ସୃଷ୍ଟି ହେବ ବୋଲି ଭାରତରେ ବାର୍ଦ୍ଧକ୍ୟ ଭତ୍ତାର ବ୍ୟବସ୍ଥା ନ ଥିବାରୁ ପୁଅ ବୋହୂ ବାପା ମାଆଙ୍କୁ ପାଖରେ ନରଖି ବାର୍ଦ୍ଧକ୍ୟ ଭତ୍ତା ଦେବା ଉଚିତ ମନେ କରିଛନ୍ତି । ଭାରତୀୟ ପିତାମାତାଙ୍କ ପତ୍ରି ଦାୟିତ୍ୱ, କର୍ତ୍ତବ୍ୟକୁ ସମ୍ମାନ ମନେ କରାଯାଏ ଯାହା ମୂଲ୍ୟବୋଧର ଅନ୍ୟ ଏକ ରୂପ । ଦାୟିତ୍ୱକୁ ବାର୍ଦ୍ଧକ୍ୟ ଭତ୍ତା ରୂପେ ରୂପାନ୍ତରିତ କରିବା ଦ୍ୱାରା ଏହା ପାଠକଙ୍କ ଦୃଷ୍ଟି ଆକର୍ଷଣ କରେ ।

'ଇତିବୃତ୍ତକ' ଗଳ୍ପରେ ନାରୀମାନଙ୍କ ଦ୍ୱାରା ବୌଦ୍ଧଧର୍ମୀୟ ଚେତନାର ନବମୂଲ୍ୟାୟନ କରାଯାଇଛି । ନାରୀମାନେ ବୌଦ୍ଧଧର୍ମରେ ଯୁକ୍ତ ହେଲେ ବୌଦ୍ଧଧର୍ମ ବେଶୀ ଦିନ ଯାଏ ପୃଥିବୀପୃଷ୍ଠରେ ତିଷ୍ଠି ପାରିବ ନାହିଁ । ତା'ର କାରଣକୁ ଉପସ୍ଥାପନା କରିବାକୁ ଯାଇ ଗାଳ୍ପିକା ନାରୀ ଓ ବୌଦ୍ଧଧର୍ମର ନବମୂଲ୍ୟାୟନ କରିଛନ୍ତି । ସେ କହିଛନ୍ତି– ନାରୀ ବୌଦ୍ଧଧର୍ମ ଗ୍ରହଣ କରି ସନ୍ନ୍ୟାସିନୀ ପାଲଟି ଗଲେ ସୃଷ୍ଟିରେ ମଧ୍ୟ ବ୍ୟତିକ୍ରମ ଆସିଯିବ । ବୋଧହୁଏ ଗୌତମଙ୍କୁ ନାରୀର ଆବଶ୍ୟକତା ଏବଂ ଗୁରୁତ୍ୱ ସମ୍ପର୍କରେ ଅବଗତ ଥିଲା । ତେଣୁ ନାରୀ ଜାତିକୁ ସଂଘବଦ୍ଧ କରିବାକୁ ଚାହୁଁନଥିଲେ । ନାରୀ ବ୍ୟତିରକେ ସଂସାର ଜଙ୍ଗମ । ତେଣୁ ନାରୀଜାତିକୁ ବୌଦ୍ଧ ସଂଘଠାରୁ ଦୂରେଇ ରଖିବାର ଚେଷ୍ଟାରେ ଲିପ୍ତଥିଲେ ଗୌତମ । 'ଉଲ୍ଲଙ୍ଘନ' ସଂକଳନର 'ଦୁହିତା' ଗଳ୍ପକୁ ବିଶ୍ଳେଷଣ କଲେ ଜଣାଯାଏ ଯେ ସମାଜରେ ଜନ୍ମିତ କନ୍ୟାମାନଙ୍କୁ ନିର୍ଦ୍ଦିଷ୍ଟ ଆଦର୍ଶ ସହ ଗଢ଼ିବାରେ ସଫଳ ହୋଇପାରୁଥିଲେ ସମାଜବାସୀ । ବାର୍ତ୍ତମାନିକ ଚିନ୍ତା ଚେତନାରେ ଅସିଛି ପରିବର୍ତ୍ତନ । ସୀତାଙ୍କୁ ଆଦର୍ଶ ରୂପେ ଗ୍ରହଣ ନ କରି ନିଜ କନ୍ୟାଙ୍କୁ ଆଦ୍ୟାଶକ୍ତି ରୂପେରେ ଗଢ଼ିବାର ସ୍ୱପ୍ନ ଦେଖିଛନ୍ତି ବର୍ତ୍ତମାନର ମାତୃଜାତି, ଯିଏକି ସମାଜର ସମସ୍ୟାରୂପୀ ରାକ୍ଷସଙ୍କୁ ସାମ୍ନା କରିବାର ସାହସ ରଖେ ।

ପୁରାତନ ଚରିତ୍ର ତଥା କୌଣସି ଘଟଣାର ନବମୂଲ୍ୟାୟନକୁ ସୁନ୍ଦର ଭାବେ ଉପସ୍ଥାପନା କରିବାରେ ଗାଳ୍ପିକା ସିଦ୍ଧହସ୍ତ । ଚରିତ୍ରଗୁଡ଼ିକୁ ନୂତନ ଦୃଷ୍ଟିକୋଣରୁ ବିଶ୍ଳେଷଣ କରିବାରେ ଖୁବ୍ କ୍ଷମ । ଚରିତ୍ରଗୁଡ଼ିକର ଏକ ନୂଆ ଦିଗ ପାଠକ ସମ୍ମୁଖରେ ଉପସ୍ଥାପନା କରିପାରିଛନ୍ତି ଗାଳ୍ପିକା ।

**ସରକାରୀ ମହିଳା ମହାବିଦ୍ୟାଳୟ**
**ବାରିପଦା, ମୟୂରଭଞ୍ଜ**

ISSN -2583-147X(P), Vol.- 8, Issue No. II, April 2022
Bastabatara Pariprakash Prachee
*Peer Reviewed and Referred Research Journal*

# ଗ୍ରାମ୍ୟ ଜୀବନରେ ଜଗତୀକରଣର ପ୍ରଭାବ : ଓଡ଼ିଆ କବିତା

*ବର୍ଷାରାଣୀ ଗଜେନ୍ଦ୍ର*

ବିଶ୍ୱ ଅର୍ଥନୀତି ସହିତ ଜାତୀୟ ଅର୍ଥନୀତିର ଏକୀକରଣ ପ୍ରକ୍ରିୟାକୁ ଜଗତୀକରଣ ପ୍ରତିପାଦିତ କରିଥାଏ । ଏହି ଜଗତୀକରଣ ଦେଶର ଅର୍ଥନୀତି ଏବଂ ସଂସ୍କୃତିର ପାରସ୍ପରିକ ନିର୍ଭରଶୀଳତାକୁ ଚିତ୍ରିତ କରିଥାଏ । ଏହା ସୀମା ବାଣିଜ୍ୟ, ପୁଞ୍ଜିବିନିଯୋଗ, ଜ୍ଞାନର ଆଦାନପ୍ରଦାନ, ପ୍ରଯୁକ୍ତିବିଦ୍ୟାର ଆଦାନପ୍ରଦାନ ଏବଂ ସୂଚନା ପ୍ରବାହକୁ ବୃଦ୍ଧି କରିଥାଏ । ଜଗତୀକରଣର ଅର୍ଥ ହେଉଛି ବିଦେଶର ବଡ଼ ବଡ଼ କମ୍ପାନୀମାନଙ୍କୁ ନିଜ ଦେଶରେ ବ୍ୟବସାୟ କରିବା ପାଇଁ ସୁଯୋଗ ଦେବା ଏବଂ ନିଜ ଦେଶର ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ବିଦେଶରେ ନିଜର ବ୍ୟବସାୟ କରିବା । ଗୋଟିଏ ବାକ୍ୟରେ କହିବାକୁ ଗଲେ ଜଗତୀକରଣ ହେଉଛି ଗୋଟିଏ ଦେଶର ଅର୍ଥନୀତିକୁ ନେଇ ବିଶ୍ୱ ଅର୍ଥନୀତି ସହିତ ଯୋଡ଼ିବା । ଭାରତବର୍ଷରେ ଏହି ଜଗତୀକରଣ ୧୯୯୧ ମସିହା ପରଠାରୁ ବିଭିନ୍ନ ମାଧ୍ୟମ ଦେଇ ଜନଜୀବନ ଭିତରକୁ ଅଗ୍ରସର ହେବାକୁ ଲାଗିଛି । ଜଗତୀକରଣ ଫଳରେ ବିମୁକ୍ତ ବିଶ୍ୱବାଣିଜ୍ୟ, ଦ୍ରୁତ ଶିଳ୍ପାୟନ, ଟାଟା, ବିର୍ଲା, ଭୂଷଣ, ମିତ୍ତଲ, ଜିନ୍ଦଲ, ପୋସ୍କୋ ପରି ଶିଳ୍ପପତିମାନଙ୍କ ଆଧିପତ୍ୟ ଆମ ଦେଶରେ କ୍ରମେ ବଢ଼ିବଢ଼ି ଚାଲିଛି । ଏହାର ପ୍ରଭାବରେ ଏକବିଂଶ ଶତାବ୍ଦୀର ଶିଳ୍ପ, ବିଜ୍ଞାନ, ଶିକ୍ଷା, ଅର୍ଥନୀତି, କୃଷି, ରାଜନୀତି, ସାହିତ୍ୟ, ସମାଜ ତଥା ସଂସ୍କୃତି କ୍ଷେତ୍ରରେ ଗଭୀର ପରିବର୍ତ୍ତନ ଦେଖାଦେଇଛି । ଓଡ଼ିଆ କବିତା ମଧ୍ୟ ଏହି ଜଗତୀକରଣ ପ୍ରଭାବରୁ ମୁକ୍ତି ପାଇନାହିଁ । ଜଗତୀକରଣ ପ୍ରଭାବରେ ଘଟୁଥିବା ବିଭିନ୍ନ ପରିବର୍ତ୍ତନ ଓ ସମସ୍ୟାଗୁଡ଼ିକୁ ନେଇ କବିମାନେ କବିତା ରଚନା କରୁଛନ୍ତି । ଗ୍ରାମ୍ୟ ଜୀବନ ବା ଗ୍ରାମ୍ୟ ସଂସ୍କୃତିରେ ଯେଉଁସବୁ ପରିବର୍ତ୍ତନ ଘଟୁଛି ତାହା ସାଂପ୍ରତିକ ସମୟର କବିତାରେ ପ୍ରତି'ଳିତ । ଗ୍ରାମ୍ୟ ଜୀବନ ଉପରେ ଜଗତୀକରଣର ବହୁମୁଖୀ ପ୍ରଭାବକୁ କବିମାନେ ତାଙ୍କ କବିତା ମାଧ୍ୟମରେ ଦର୍ଶାଇବା ସହ ସଚେତନତା ସୃଷ୍ଟି କରୁଛନ୍ତି ।

ଗାଁ କଥା କହିଲେ ଆଖିରେ ଭାସିଯାଏ ଗୋଟେ ସବୁଜ ଶ୍ୟାମଳ ସୁନ୍ଦର ପରିବେଶ । ମନେପଡ଼େ ଗାଁ ଆମ୍ବତୋଟା, ଧାନକ୍ଷେତ, ପୋଖରୀତୁଠ, ଦୋଳଯାତ୍ରା ଆଦି ନାନା ପର୍ବପର୍ବାଣୀ । ମାତ୍ର ଜଗତୀକରଣ ଫଳରେ ଏକବିଂଶ ଶତାବ୍ଦୀରେ ଗାଁ ଆଉ ଗାଁ ହୋଇ ରହିନାହିଁ । ଗାଁ କଙ୍କାଳ ଉପରେ ଠିଆ ହୋଇଛି ଏକ ଛୋଟ ସହର । ଗାଁରେ ବର୍ତ୍ତମାନ ସବୁପ୍ରକାର ସୁବିଧା ଉପଲବ୍ଧ । ଗାଁ ରାସ୍ତା ଆଉ ମାଟି ହୋଇ ନାହିଁ ପକ୍କା ହେଲାଣି । ଦୁଆର ମୁହଁରୁ ଲୋକେ ବସରେ ଉଠି କଟକରୁ କାମସାରି ସନ୍ଧ୍ୟା ପୂର୍ବରୁ ଘରେ ପହଞ୍ଚିଲେଣି । ଗାଁ ଦୋକାନରେ ଏକା ସାଙ୍ଗରେ ଆଳୁ ପିଆଜ ସହିତ କଣ୍ଡମ୍ ଓ କୋକାକୋଲା ମିଳିଲାଣି । ମିଳିଲାଣି ମଧ୍ୟ ଗାଁରେ ବିଦେଶୀ ମଦ । ଚୋରା କାରବାର ସହିତ ସରକାରଙ୍କୁ ଟ୍ୟାକ୍ସ ଦେଇ ଗାଁମୁଣ୍ଡ ବରଗଛ ତାଳ ଖୋଲିଲାଣି ଠିପି ଖୋଲା ବିଦେଶୀ ମଦ ଦୋକାନ । ଦିଲୀପ କୁମାର ସ୍ୱାଇଁଙ୍କ 'ଆମ ଗାଁର ଚିତ୍ର' କବିତାରୁ ଗୋଟିଏ ପଙ୍କ୍ତି ଏହିପରି –

"ଗାଆଁ କେବିନ୍‌ରେ ଏକତ୍ର ମିଳୁଛି
ମନ ଓ ମହାପ୍ରସାଦ
କଣ୍ଡୋମ ଓ କୋକାକୋଲା
ବ୍ଲୁସିଡ଼ି ଓ ବକ୍ଷୋଜ ବିକାଶ ତୈଳ
ଦିନରେ ଭାଙ୍ଗ
ରାତିରେ ରଙ୍ଗ
ଆନନ୍ଦେ ଏକବାର ହରିବୋଲ ।"
(ଧାନଫୁଲ କାନଫୁଲ, ଦିଲୀପ କୁମାର ସ୍ୱାଇଁ)

ଜଗତୀକରଣ ଆଁ ଭିତରେ ଗ୍ରାମ୍ୟ ସଂସ୍କୃତି କିଭଳି ନିଜର ମୌଳିକତା ହରାଇସାରିଲାଣି ତା'ର ଏକ ଚିତ୍ର ଏଥିରେ ଦିଆଯାଇଛି । ଗାଁ'ରେ ଆଉ ଚଟଶାଳୀ ନାହିଁ, ବିଭିନ୍ନ ପ୍ରକାର ଇଂରାଜୀ ମିଡ଼ିୟମ ସ୍କୁଲ ଅଣ୍ଡା ଫୁଟେଇଲେଣି ଗାଁମାନଙ୍କରେ, ଝିଅମାନେ ହାଇହିଲ ସାଙ୍ଗକୁ ଓଠରେ ଲିପଷ୍ଟିକ୍ ମାରି, ବବ୍‌କାଟି, ଚୁଟିଛାଡ଼ି ସ୍କୁଟି ଚଢ଼ି କଲେଜ ଗଲେଣି । ପୁଅଝିଅ ମିଶି ସିନେମା ଯିବାବି ପୁରୁଣା ହେଲାଣି । ବର୍ତ୍ତମାନ ଗାଁର ବଡ଼ ପୋଖରୀ ଏକ ଛୋଟ ଗାଡ଼ିଆ । ଧୋବାତୁଠ ସପନ ପରି ଲାଗିଲାଣି ଆମ ଉତ୍ତର-ଦାୟଦମାନଙ୍କୁ । କେବଳ ସହରରେ ଯେ ଅପମିଶ୍ରଣ ଖାଦ୍ୟ ମିଳୁଥିଲା ତା ନୁହେଁ, ଗାଁରେ ମଧ୍ୟ ସେସବୁ ଖାଦ୍ୟ ମିଳିଲାଣି । ଜଗତୀକରଣ ଫଳରେ ଗାଁରେ ଆସିଥିବା ଏହିସବୁ ପରିବର୍ତ୍ତନକୁ ପ୍ରଫୁଲ୍ଲ କୁମାର ମିଶ୍ର ତାଙ୍କର 'ଦୂର ଗାଁ' କବିତା ସଂକଳନର ଅନେକ କବିତାରେ ଦର୍ଶାଇଛନ୍ତି । ଯେମିତିକି 'ଦୂର ଗାଁରେ ଚାଷୀ ମୂଲିଆ', 'ଦୂର ଗାଁ ଦୁଃଖ', 'ଦୂର ଗାଁ'ରେ ବିଲଡ଼ର ପଶିଛି', 'ଦୂର ଗାଁ ସାଧୁଙ୍କର ମେଳ', 'ଦୂର ଗାଁ ଗୀତନାଚ ପିଜା ଓ ବର୍ଗର', 'ଦୂର ଗାଁ ଠକଦଳ', 'ଦୂର ଗାଁ ସଂଜବେଳ' ପ୍ରଭୃତି କବିତାରେ । ଯେଉଁ ବିଦେଶୀ ଖାଦ୍ୟ ପିଜା, ବର୍ଗର, ଚାଓମିନ୍, ମୋମୋ ଦିନେ ସହରୀମାନଙ୍କର ପ୍ରିୟ ଖାଦ୍ୟ ପାଲଟିଥିଲା ତାହା ଏବେ ଗାଁରେ ଦୋକାନ ଖୋଲାଯାଇ ବିକ୍ରି ହେଲାଣି । ଯେମିତିକି

"ସବୁ ଦୂରତାକୁ ଧ୍ୱଂସକରି

ମାଡ଼ିଚାଲେ ବୈଶ୍ୱୀକରଣ ରାକ୍ଷସ
ସବୁ ମୌଳିକତାକୁ ତା'ର
ବଡ଼ ବଡ଼ ବୁଲଡ଼ୋଜର ପାଦରେ ଦଳି ମକଚି
ମଡ଼ାଇ ଚାଲେ ପିଜା, ବର୍ଗର, ଜିନ୍ ହ୍ୟୁସ୍କିର
ଫେଣ୍ଟାଫେଣ୍ଟି ବାର୍‌ରେ ।" (ଦୂର ଗାଁ ଗୀତନାଚ ପିଜା ଓ ବର୍ଗର, ପ୍ରଫୁଲ କୁମାର ମିଶ୍ର)

ଜଗତୀକରଣ ଆସିବା ପରେ ଭାରତୀୟ ଜୀବନଧାରାରେ ଯେଉଁ ଅର୍ଥନୈତିକ, ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ପରିବର୍ତ୍ତନ ଆସିଲା ତାହା ସହରୀ ସଭ୍ୟତା ଭିତରେ ସୀମିତ ଥିଲା । ମାତ୍ର ଏକବିଂଶ ଶତାବ୍ଦୀବେଳକୁ ଜଗତୀକରଣ, ଉଦାରୀକରଣ, ବଜାରୀକରଣ ଏତେ ମାତ୍ରାରେ କାୟାବିସ୍ତାର କଲା ଯେ ତାହା ଆଉ ସହରୀ ସଭ୍ୟତା ଭିତରେ ସୀମିତ ନ ରହି ଓଡ଼ିଶାର ନିପଟ ମଫସଲ ଗାଁମାନଙ୍କୁ ସଂପ୍ରସାରିତ ହେବାକୁ ଲାଗିଲା । ଜଗତୀକରଣ ଦ୍ୱାରା ଗାଁ ଓ ସହର ମଧ୍ୟରେ ଯେଉଁ ଆକାଶ ପାତାଳ ତଫାତ୍ ଥିଲା ତାହା କମିଗଲା । ଗାଁ ଭିତରେ ସହର ଓ ଯନ୍ତ୍ରଶିଳ୍ପର ଅବାଧ ପ୍ରବେଶ ଫଳରେ ଗାଁର ମାଟି କାନ୍ଥରୁ ମାଟି ଛାଡ଼ି ପଲସ୍ତରା ହେଲା । ଚାଳଘର ଭାଙ୍ଗି କୋଠାଘର କରାଗଲା । ଗାଁ ଖାଲି ବଞ୍ଚିରହିଲା କବିର ସ୍ମୃତିରେ । ହୃଷିକେଶ ମଲ୍ଲିକଙ୍କ 'ଜେଜେ ଦେଖିନଥିବା ଭାରତବର୍ଷ' କବିତା ସଂକଳନର 'ଗାଁ ଗାଁ ନଥିଲା', ଶତ୍ରୁଘ୍ନ ପାଣ୍ଡବଙ୍କ 'ମୂଳବସନ୍ତ', ମନୋଜ କୁମାର ପଣ୍ଡାଙ୍କ 'ଭୋକର ଗାଁ', ମମତାମୟୀ ଚୌଧୁରୀଙ୍କ 'ଘର', 'ବେଘର', ଭାରତ ମାଝିଙ୍କର 'ଲକ୍ଷ୍ମୀନାନୀ', ବିରଜା ବଳଙ୍କର 'ଜଗତୀକରଣ ଗାଁ' ପ୍ରଭୃତି କବିତାରେ ବଦଳିଯାଉଥିବା ଗାଁର ନକ୍ସା ଦେଖିବାକୁ ପାଉ । ହୃଷିକେଶ ମଲ୍ଲିକଙ୍କ ଭାଷାରେ –

"ଗାଁ ଆଉ ଗାଁ ନଥିଲା
ଭୁଜାଲି ହୋଇ ଚମକୁଥିଲା ଜହ୍ନରାତିରେ
ଇନ୍ଦିରାବାସ ହୋଇ
ତକେଇଥିଲା ଛୋଟ ଖଣ୍ଡିଏ ଦରଖାସ୍ତରେ ।"
(ଗାଁ ଗାଁ ନଥିଲା, ହୃଷିକେଶ ମଲ୍ଲିକ)

ଗାଁର ଅର୍ଥନୈତିକ ଚିତ୍ରକୁ ଜୀବନ୍ତ ଭାବରେ କବି ହୃଷିକେଶ ମଲ୍ଲିକ ତୋଳି ଧରିଛନ୍ତି ତାଙ୍କ କବିତାରେ । ଗାଁ'ରେ ସହରୀ ସଭ୍ୟତା ବସାବାନ୍ଧିବା ଦ୍ୱାରା ଗ୍ରାମ୍ୟ ଜୀବନଧାରାରେ ପରିବର୍ତ୍ତନ ଆସିଛି । ଗାଁର ଯୁବକ ଯୁବତୀମାନେ ଏହି ସହରୀସଭ୍ୟତା ପାଖରେ ବନ୍ଧା । ଗାଁ ଏବେ କୋଉ ପରୀରାଇଜ କାହାଣୀଠାରୁ ମଧ୍ୟ କମ ନୁହେଁ । ପରୀରାଇଜର ରାଜକୁମାର କଳାଘୋଡ଼ା, ଧଳାଘୋଡ଼ା ଚଢ଼ି ଆସିବ ଆଉ ରାଜକୁମାରୀକୁ ନେଇଯିବା ଘଟଣା ଏବେ ସତ ହୋଇଛି । ଗାଁ'ର ଟୋକାଦଳ ଏବେ ତ ନିଜକୁ କେଉଁ ରାଜକୁମାରଠାରୁ କମ୍ ବୋଲି ଭାବୁଛନ୍ତି କି ? 'ଦୂର ଗାଁ ପରୀରାଇଜ' କାହାଣୀ କବିତାର ଗୋଟିଏ ପଙ୍କ୍ତି ହେଉଛି –

"ଏବେ ଖାଲି ଟୋକାଦଳ
ମୋଟର ସାଇକେଲରେ ଚଢ଼ି
ଲୋଭାଇ ସାଙ୍ଗେ ନିଅନ୍ତି
ଆମ ଗାଁ ସୁକୁମାରୀଙ୍କୁ
ନଙ୍ଗଳା ଫଟୋ ଉଠାଇ
ଛାଡ଼ି ଦେଇ ଯାଇଥାନ୍ତି
ମନଇଚ୍ଛା ଡରାଇ ଥରାଇ ଭୋଗ କରିବାକୁ ।"
(ଦୂର ଗାଁ ପରୀରାଇଜ କାହାଣୀ, ପ୍ରଫୁଲ୍ଲ କୁମାର ମିଶ୍ର)

ଜଗତୀକରଣ ଫଳରେ ଉପଭୋକ୍ତାବାଦ ଗାଁରେ ସୃଷ୍ଟି କରିଛି ନୂଆ ନୂଆ ଦୁଃଖ । ଗାଁ'ର ଯୁବକ ଆଉ ବିଲରେ ଚାଷ କାମ କରିବାପାଇଁ ଚାହୁଁନାହିଁ । ନିଜର କୌଳିକ ବୃତ୍ତିକୁ ଆପଣେଇନେବା ପାଇଁ ସେ ଯେମିତି କୁଣ୍ଠାବୋଧ କରୁଛି । ଚାଷ କରିବା ଅପେକ୍ଷା ସେ କେରଳ, ସୁରଟ, ମୁମ୍ବାଇ, ଦିଲ୍ଲୀ ପ୍ରଭୃତି ସହରକୁ ଯିବାରେ ନିଜର ଆତ୍ମସମ୍ମାନ ଫେରିପାଇବ ବୋଲି ଭାବୁଛି । ଦିଲୀପ କୁମାର ସ୍ୱାଇଁ ତାଙ୍କର 'ବିସ୍ଥାପନ ପାଇଁ ବିଜ୍ଞାପନ' କବିତାରେ ପରିବାରର ପିତାପୁତ୍ର ମଧ୍ୟରେ ଥିବା ଦୂରତ୍ୱକୁ ଦେଖାଇଛନ୍ତି । ବାପ ବିସ୍ଥାପନକୁ ବିରୋଧ କରୁଥିବାବେଳେ ପୁଅ କେମିତି ବିସ୍ଥାପନ ସପକ୍ଷବାଦୀ ଦଳର ସଦସ୍ୟ ସାଜିଛି ତା'ର ଚିତ୍ର ଏହିପରି –

"ବାପ ବିସ୍ଥାପନ ବିରୋଧୀ ଜନମଞ୍ଚର ସଂପାଦକ
ପୁଅ ସପକ୍ଷବାଦୀଙ୍କ ସଦସ୍ୟ
× × ×
ଏକଥା କ'ଣ ପୁଅ ବୁଝେ
ମାଟି ମୁଠାକୁ ଟଙ୍କା ମୁଠାଏ
ମାଟି ବଦଳରେ ଲୋଡ଼ା କଙ୍କ୍ରିଟ୍ ଆଭିଜାତ୍ୟ ।"
(ବିସ୍ଥାପନ ପାଇଁ ବିଜ୍ଞାପନ, ଦିଲୀପ କୁମାର ସ୍ୱାଇଁ)

ଜଗତୀକରଣ ଚାଷୀର ଜୀବନକୁ କେତେ ଲୁହମୟ, ଗାଁର ଅବସ୍ଥାକୁ କେତେ ଅସହାୟ କରି ଦେଇଛି ତାହା ଦିଲୀପ କୁମାର ସ୍ୱାଇଁଙ୍କର 'ହଳିଆ ଗୀତ', 'ଗୋଟିଏ ଚଷାଘରର ଦୃଶ୍ୟ', 'ମରିଯାଇଥିବା ଚାଷୀ ପାଇଁ', 'ଉଜୁଡ଼ା କ୍ଷେତ', 'ବାପା ଆଉ ତୁମେ କାନ୍ଦନା', 'ଆମ ଗାଁ'ର ଚିତ୍ର', 'ହାତୀ ଖାଇଗଲା ପାଚିଲା ଧାନ' ପ୍ରଭୃତି କବିତାରେ ଚିତ୍ରିତ । ଚାଷୀର ଯନ୍ତ୍ରଣା, ତା'ର ସ୍ୱପ୍ନଭଙ୍ଗ ଏହିସବୁ କବିତାରୁ ଲକ୍ଷ୍ୟ କରାଯାଇପାରିବ । ଉନ୍ନତ ଯନ୍ତ୍ରପାତିର ବ୍ୟବହାର କରି ଚାଷୀଟିଏ ଅଧିକ ଉତ୍ପାଦନ କରିବାକୁ ସକ୍ଷମ ହେଉଥିବାବେଳେ ଅନ୍ୟ ପକ୍ଷରେ ବହୁଳ ମାତ୍ରାରେ ଶିଳ୍ପ ଓ କଳକାରଖାନା ବୃଦ୍ଧି ଯୋଗୁଁ ଚାଷୀଟିଏ ତା ବିଲକୁ ପାଣି ନ ପାଇ ଘୋର ସଂକଟର ସମ୍ମୁଖୀନ ହେଉଛି । ଫଳରେ ଚାଷୀ ଆତ୍ମହତ୍ୟା ବୃଦ୍ଧି ପାଉଛି । ଶତ୍ରୁଘ୍ନ ପାଣ୍ଡବଙ୍କ 'ଚାଷୀ ଆତ୍ମହତ୍ୟା କଲାବେଳେ', ଦିଲୀପ କୁମାର ସ୍ୱାଇଁଙ୍କର 'ମରିଯାଇଥିବା ଚାଷୀପାଇଁ', ତୁହିନାଂଶୁ ରଥଙ୍କର 'ଉଦ୍ଭିଦଗର୍ଭ', ବିରଜାବଳଙ୍କର 'ବିରଳ ପ୍ରଜାତି' ପ୍ରଭୃତି କବିତାରେ ଚାଷୀ ଆତ୍ମହତ୍ୟାର ଚିତ୍ର ଦିଆଯାଇଛି । ବିରାଜ ବାଳଙ୍କ ଭାଷାରେ –

"ପାଳ ଦଉଡ଼ିରେ ଝୁଲିପଡ଼ିଛି ଜଣେ ଋଷୀ
ପାଦତଳେ ଫାଟି ଆଁ କରିଛି ମାଟି
କ୍ଷେତକୁ ବଞ୍ଚାଇବା ପାଇଁ
ଗରା, ମାଣ୍ଡିଆ, ସିନ୍ଦୁକ ବିକ୍ରି କଲାପରେ
ଶେଷରେ କ୍ଷେତ ମୂଳକୁ ପାଣି ନାହିଁ ।"
(ବିରଳ ପ୍ରଜାତି, ବିରଜା ବଳ)

ଉପଭୋକ୍ତାବାଦୀ ସଂସ୍କୃତିର ଅର୍ଥଲାଳସା ଓ ଚକଚକ୍ୟ ଆରାମଦାୟକ ଜୀବନ ପାଖରେ ପ୍ରକୃତି, ସ୍ନେହପ୍ରୀତି, ସବୁକିଛି ଯେମିତି ବନ୍ଧା ପଡ଼ିଯାଇଛି । ଗାଁରେ ଆଉ ଯାତ୍ରା ଦଳ ନାହିଁ କି ଧୁଡୁକି ନାଚର ସ୍ୱର ଆଉ ଶୁଭୁନାହିଁ । ଦଣ୍ଡନାଚ, ରାମନାଟକ, ସପ୍ତାଙ୍ଗ, ଖଞ୍ଜଣି ଭଜନ ଏକବିଂଶ ଶତାବ୍ଦୀର ଗାଁରେ ଦେଖିବା ସପନ ହୋଇପଡ଼ିଛି । ପ୍ରତି ଗାଁରେ ତ ଏବେ ମେଲୋଡ଼ିର କର୍କଶସ୍ୱର ଯୁବଗୋଷ୍ଠୀଙ୍କୁ ଆନନ୍ଦପ୍ରଦାନ କରୁଛି । ଏକବିଂଶ ଶତାବ୍ଦୀର ଗାଁର ସଂସ୍କୃତି ଏକ ସାଂସ୍କୃତିକ ପୃଷ୍ଠଭୂମି ଉପରେ ପାଦ ଥାପିଛି । ଫଳରେ ଗାଁ'ଟା ଗୋଟେ ଛୋଟ ସହରରେ ପରିଣତ ହୋଇଛି ।

**ସହାୟକ ଗ୍ରନ୍ଥସୂଚୀ :**


୧. ମିଶ୍ର, ବୈଦ୍ୟନାଥ : ଜଗତୀକରଣ ଓ ପରିବେଶ, ପ୍ରଥମ ସଂସ୍କରଣ, ଓଡ଼ିଶା ବୁକ୍ ଷ୍ଟୋର, ବିନୋଦବିହାରୀ, କଟକ,-୭୫୩୦୦୨, ୨୦୧୦

୨. ମିଶ୍ର, ଚିତ୍ତରଂଜନ : ସାଂପ୍ରତିକ ସାହିତ୍ୟ ଓ ତତ୍ତ୍ୱ ବିଚାର, ପ୍ରଥମ ସଂସ୍କରଣ, ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ-୨, ୨୦୧୫

୩. ସ୍ୱାଇଁ, ଦିଲୀପ କୁମାର : ବିଦଗ୍ଧ କାବ୍ୟବୋଧ, ପ୍ରଥମ ସଂସ୍କରଣ, ବିଜୟନୀ ପବ୍ଲିକେସନସ୍, ଶଙ୍କରପୁର, ଅରୁଣୋଦୟ ମାର୍କେଟ, କଟକ-୧୨, ୨୦୧୮



**ଗବେଷିକା**
ଜାମ୍‌ସେଦ୍‌ପୁର ମହିଳା ବିଶ୍ୱବିଦ୍ୟାଳୟ
ଜାମ୍‌ସେଦ୍‌ପୁର, ଝାଡ଼ଖଣ୍ଡ

ISSN -2583-147X(P), Vol.- 8, Issue No. II, May 2022
Bastabatara Pariprakash Prachee
*Peer Reviewed and Referred Research Journal*

# ପ୍ରୀତିର ପ୍ରତୀତି ଓ ସଂପ୍ରୀତିର ପ୍ରତିଶ୍ରୁତି
## ଗୁରୁପ୍ରସାଦ ମହାନ୍ତିଙ୍କ ପ୍ରାରମ୍ଭିକ କବିତାର ଭିତ୍ତି-ଭୂତି ଓ ଭାରତୀ

**ଡକ୍ଟର ସନ୍ତୋଷ କୁମାର ନାୟକ**

ସ୍ୱାଧୀନତୋତ୍ତର କାଳର ଜଣେ ସଫଳ କାବ୍ୟବିନ୍ଧାଣୀ ଭାବରେ କବି ଗୁରୁପ୍ରସାଦ ମହାନ୍ତି (୧୬.୦୭.୧୯୨୪-୨୬.୦୮.୨୦୦୪) ଜଣାଶୁଣା ହେଲେ ହେଁ ଏହାର ଯଥେଷ୍ଟ ପୂର୍ବରୁ ସେ ଲେଖନୀ ଚାଳନା କରିଥିଲେ । (Nayak, WWJMRD, 2018; 4 (2): 253, 260) କବି ଗୁରୁପ୍ରସାଦଙ୍କ କାବ୍ୟର ଗଠନ, ଗ୍ରଥନ (Structure and Texture) ଓ ଆବେଦନ ପ୍ରଭୃତିକୁ ଲକ୍ଷ୍ୟକଲେ ସହଜରେ ତାଙ୍କର ରଚନାକଳା ଓ କାରିଗରୀ (poesy) ତଥା କାବ୍ୟିକ ଉଦ୍ଦେଶ୍ୟାଦିକୁ ଜାଣିହୁଏ ନାହିଁ । ତାଙ୍କର କାବ୍ୟ କଳାକୃତିର ମର୍ମକଥା ଜାଣିବାକୁ ହେଲେ ତାଙ୍କର ପ୍ରାରମ୍ଭିକ କାବ୍ୟଭୂତି ଓ ତା'ର ଭିତ୍ତିକୁ ଜାଣିବା ଜରୁରୀ । ପ୍ରକୃତରେ କବିଟିଏ କି ମାନସିକତାର, ସେ କ'ଣ ଚାହେଁ, ସେ କେଉଁ ଉପାଦାନରେ ଗଢ଼ା- ଏସବୁ ଜାଣିବା କବି ପାଇଁ, ତା' କବିତାକୁ ଅବବୋଧ କରିବା ଓ ଏସବୁର ଭିତ୍ତି ଓ ଭୂତ୍ତି ପ୍ରଭୃତି ସଂପର୍କରେ ଜାଣିବା ନିତାନ୍ତ ଜରୁରୀ । ପ୍ରକୃତ ପକ୍ଷରେ ଏହି ପ୍ରାରମ୍ଭିକ ପର୍ଯ୍ୟାୟର କବିତାରେ ଥିବା ଶୀତଳତା, ସ୍ୱଚ୍ଛତା ଓ ଏପରିକି ତାଙ୍କ ବାଲ୍ୟ ଜୀବନର ପରିବେଶ ଓ ଅନ୍ୟାନ୍ୟ ଅନୁଭୂତି ହିଁ ଉତ୍ତର କାଳରେ କବି ଶ୍ରୀ ମହାନ୍ତିଙ୍କ ପାଇଁ ଏକ ଅଭାବ ହୋଇ ଛିଡ଼ା ହୋଇଛି । ଶତେକ ଅନ୍ୱେଷା ସତ୍ତ୍ୱେ ସେ ଖୋଜି ପାଇନାହାଁନ୍ତି ସେଇ 'ଜହ୍ନ', 'ଜ୍ୟୋତ୍ସ୍ନା', 'କିଆଫୁଲ', ତା'ର ସ୍ୱଚ୍ଛତା, ତା'ର ମହମହ ପ୍ରାକୃତିକ ବାସ୍ନା, ତରୁଣୀର ନିର୍ମଳ ଚାହାଣୀ, ବିମଳ ମନ, ସ୍ୱଚ୍ଛ ନଈପଠା (ବାଲି), 'ମଞ୍ଜୁଳ ମଧୁ ଅତୁଳ ହାସ୍ୟ', ସେଇ ଅସ୍ତରାଗର ସ୍ମୃତି ଓ ଅନୁଭୂତି, ପାଇନାହାଁନ୍ତି ସେଇ ଯୁଗଯୁଗର ପରିଚୟ ଥିବା କାହାଣୀ, ପ୍ରେୟସୀ ଠାରେ ସେଇ ତରଳ ମଧୁର ଚାହାଣୀ, ପାଇନାହାଁନ୍ତି ସେ ସଂଭ୍ରମତା, ସାଇତି ରଖିବା ପରି ସ୍ମୃତି, ନିର୍ମଳ ଅଶ୍ରୁ, ଦୋଷହୀନ ଶୂନ୍ୟତା ବା ଅପ୍ରାପ୍ତି ଜନିତ ଅପୂର୍ଣ୍ଣତା ଅବା କେଉଁଠି ଦେଖିପାରି ନାହାଁନ୍ତି କାହାର ସଜଳ ଆଖିନୀରେ ସୁଖୀ ହେବାର ଦୃଶ୍ୟ । ବରଂ ସବୁ ଓଲଟା ଦେଖିଛନ୍ତି ଏଇ ସ୍ୱାଧୀନତା ପରେପରେ । ମ୍ଳାନ ନଈବାଲି, ମଳିନ ଆକାଶ, ମଳିନ ଶରତ, ମଳିନ ମେଘ, ଧୂସର ପୃଥିବୀ, ବିବର୍ଣ୍ଣ ଜୀବନ, ମଳିନତା ଆଉ ମଳିନତାର ଅଗଣାରେ ଅଶ୍ଳୀଳ ମିଳନର ଜୀବନଚିତ୍ର, ଦୁଃସ୍ଥ ବାସ୍ତବତା, ବିଷର୍ଣ୍ଣତା ଓ ଅବକ୍ଷୟିଷ୍ଣୁ ପୃଥିବୀର ବିପର୍ଯ୍ୟସ୍ତ ଚିତ୍ର ଜୀବନକୁ ଛୋଟା-କଣା-ମୂକ-ବଧିର ଓ ଅଥର୍ବ କରିପକାଇଛି । ଯଥାର୍ଥରେ ସେ ଏଲିଅଟ୍‌ଙ୍କ ମନ୍ତ୍ରଶିଷ୍ୟ ହେବାକୁ ବାଧ ହୋଇଛନ୍ତି । ମଣିଷକୁ 'ଫମ୍ପାମଣିଷ' (Hollow Man), Stuffed Man ବା Physically-Mentally ଓ Spiritually Paralysed Man ଭାବରେ ଦେଖି ସେ ଅତୀତକୁ ଖୋଜିଖୋଜି ଏପରି ବିଷଣ୍ଣ ଭାବଧାରାର ବାସ୍ତବବାଦୀ ଓ ଏଣ୍ଟିରୋମାଣ୍ଟିକ୍ ଭଏସ୍‌କୁ ଆପଣାଇଛନ୍ତି ।

ଗୁରୁପ୍ରସାଦ ମହାନ୍ତିଙ୍କୁ ଜଣେ 'ବିଷାଦବାଦୀ କାବ୍ୟ ନାୟକ' (ଶତପଥୀ, ୧୯୮୫: ୫୧୫) ବା 'ବାସ୍ତବତା ଓ ବିପର୍ଯ୍ୟୟର କବି' (ଶତପଥୀ, ୨୦୧୩: ୪୩-୪୪), 'ଦ୍ୱନ୍ଦ୍ୱମୂଳକ' (ରଥ, ୧୯୮୫: ୩୪), 'କ୍ଲାନ୍ତି ଓ ନିଃସଙ୍ଗତାର କବି' (ବାରିକ୍, କୋଣାର୍କ, ଜାନୁଆରୀ, ୧୯୯୪: ୧୨୦), ମାନବାତ୍ମାର ପତନର ଚିତ୍ରକର, ମଣିଷର ଦୁଃସ୍ଥିତି ଓ ଅସହାୟତାର ଆର୍କିଟେକ୍ଟ, ଭୟ ଆଉ ପାପମିଶା ଜୀବନ ଭଗ୍ନାଂଶର ରୂପକାର, 'ବିଷଣ୍ଣ ଅନୁରାଗର କବି' (ଚାନ୍ଦ, 'ତାରାଖସିବାର ବେଳ', ୨୦୦୫: ୧୫୯), 'ଦୂଷିତ ଆତ୍ମାର ଖେଦ' ଓ 'ଜୀବନର ଦୂଷିତ ଦୁଃସ୍ୱପ୍ନ'ର ପରିପ୍ରକାଶକ, 'ସମୟର କ୍ଷୟରେ ପୀଡ଼ିତ' (ମହାନ୍ତି, ୧୯୯୯: ୧୪୬), ମଣିଷର 'ବିଫଳତା' ଓ ମୃତ୍ୟୁର ଅନୁଭବ ଖଚିତ ଚେତନାକୁ ଆଙ୍କୁଥିବା, 'ଜୀବନ ଯନ୍ତ୍ରଣାର ରୂପକାର' (ମିଶ୍ର, ୨୦୧୦-୧୩୬) ଭାବରେ ଏବଂ ତାଙ୍କ କବିତାକୁ 'ବାଲି ଓ ଆକାଶର କବିତା' (ସାହୁ, ମୂଲ୍ୟାୟନ-୨/୨: ଫେବୃୟାରୀ, ୧୯୮୦: ୧୩), 'ମଣିଷର ଅସ୍ତିତ୍ୱ, ଶୂନ୍ୟତା (Nihilism) ଠାରୁ ଆରମ୍ଭ କରି ନଗ୍ନ ଆଧୁନିକତାର ପଦାଙ୍କ' (ନାୟକ, ନଭେମ୍ବର, ୨୦୧୩: ୧୧୭) ବିଶିଷ୍ଟ କବିତା, ଏକ "ଧୂସର-ମଳିନ-ବିବର୍ଣ୍ଣ ଉଜୁଡ଼ା ମୁହଁ" (ନାୟକ, ନଭେମ୍ବର, ୨୦୧୩: ୧୦୮) ଓ ଜୀବନ୍ମୃତ ଆତ୍ମାର ଉଜୁଡ଼ା କ୍ଷେତର କବିତା ବୋଲି କହିଲାବେଳେ କେହିକେହି ତାଙ୍କୁ "ଆମ ଦୁଃଖ, ଆମ ବିଷଣ୍ଣତାର ପ୍ରମୁଖ ପ୍ରବକ୍ତା" (ମହାପାତ୍ର, କୋଣାର୍କ- ୧୩୫ ସଂଖ୍ୟା, ୨୦୦୫: ୧୩୩), "ପରାଶ ଓ ପରାସର କବି" (ମିଶ୍ର, କୋଣାର୍କ- ୧୩୫ ସଂଖ୍ୟା, ୨୦୦୫: ୧୭୦) ଓ ତାଙ୍କ କବିତାକୁ 'ନିହିତ ଗୋଧୂଳିରୁ ନଷ୍ଟନକ୍ଷତ୍ର' (ଜେନା, କୋଣାର୍କ- ୧୩୫ ସଂଖ୍ୟା, ୨୦୦୫: ୧୬୬)ର ଅଭିସାର, "ଯନ୍ତ୍ରଣାବିକ୍ଷୁବ୍ଧ ଅପାଚାରର କାଠଗଡ଼ାରୁ ମୁକ୍ତିର ପ୍ରୟାସ" (ଷଡ଼ଙ୍ଗୀ, ୧୯୯୩:

୧୨୩) ତଥା "ଚେତନାର ଚୌଛକିରେ ଚିହ୍ନିତ ଚରିତ୍ର" (ବେହୁରା, କୋଣାର୍କ, ୧୩୫ ସଂଖ୍ୟା, ୨୦୦୫: ୧୫୮)ର ଚିରାୟତ ଚରିତ ବୋଲି ମତବ୍ୟକ୍ତ କରନ୍ତି । କେବଳ ପ୍ରଫେସର ନିତ୍ୟାନନ୍ଦ ଶତପଥୀ ଓ ଡକ୍ଟର ବାବାଜୀ ଚରଣ ପଟ୍ଟନାୟକଙ୍କୁ ଛାଡ଼ିଦେଲେ କବି ଶ୍ରୀ ଗୁରୁପ୍ରସାଦ ମହାନ୍ତିଙ୍କ ପ୍ରାରମ୍ଭିକ ପର୍ଯ୍ୟାୟର କାବ୍ୟାୟନ, କାବ୍ୟଭୂତି ତଥା ସେହି ସବୁଜ-ସଜଳ ଚେତନା କଥା ଅନ୍ୟ କେଉଁଠାରେ କାହା ଦ୍ୱାରା ଆଲୋଚନା କରାଯାଇଥିବାର ଜଣାଯାଏ ନାହିଁ । ଏହାର ସଂପର୍କ ଯେ ଗୁରୁପ୍ରସାଦଙ୍କ ଉତ୍ତର ଓ ଉତ୍ତରୋତ୍ତର କାଳର କବିତା ରଚନା ଏବଂ ତା'ର ମୋଟିଫ୍ ସହ କେତେ ନିବିଡ଼, ଗୁରୁତ୍ୱପୂର୍ଣ୍ଣ ଓ ଗଭୀର- ସେକଥାକୁ କୁତ୍ରାପି କାହାଦ୍ୱାରା ଆଲୋଚନା କରାଯାଇ ନାହିଁ । ଏହି ଉନ୍ମେଷ ପର୍ଯ୍ୟାୟର କବିତାଗୁଡ଼ିକର ତନ୍ନ ତନ୍ନ ଆଲୋଚନା ଅଦ୍ୟାବଧି ଆଦୌ ହୋଇନାହିଁ । ପ୍ରଫେସର ଶତପଥୀଙ୍କ କଳାବିଭୂଷଣ ମହାନିବନ୍ଧ 'ସବୁଜରୁ ସାଂପ୍ରତିକ' (ପୃ.୫୧୬-୧୮) ତଥା 'କୋଣାର୍କ' ପତ୍ରିକାର ୧୩୫ତମ ସଂଖ୍ୟାର ଏକ ପ୍ରବନ୍ଧ "ଗୁରୁପ୍ରସାଦଙ୍କ କବିତାର ପ୍ରାରମ୍ଭିକ ପ୍ରସ୍ଥ (୧୯୩୯-୪୦)" ଓ ଡକ୍ଟର ପଟ୍ଟନାୟକଙ୍କ 'ସାହିତ୍ୟର ବାଟେଘାଟେ' ପୁସ୍ତକର "ଗୁରୁପ୍ରସାଦଙ୍କ କବିତା: ଭିନ୍ନ ଏକ ବିବେଚନା" ଶୀର୍ଷକ ଆଲୋଚନା ବ୍ୟତୀତ ଅନ୍ୟ କେଉଁଠି କବି ଶ୍ରୀଯୁକ୍ତ ମହାନ୍ତିଙ୍କ କାବ୍ୟପ୍ରତିଭାର ଏହି ଦିଗଟି ପ୍ରତି ସବିଶେଷ ଯତ୍ନଶୀଳତା କାହାଦ୍ୱାରା ପ୍ରକାଶ କଲାପରି ମନେହୁଏ ନାହିଁ । ତେବେ ଗୁରୁପ୍ରସାଦଙ୍କ ପରି ଜଣେ ମପାଚୁପା ସିରିଅସ୍ କବିଙ୍କ କବିତାକୁ ସଠିକ୍ ଭାବେ ଓ ପୂର୍ଣ୍ଣରୂପରେ ଅବବୋଧ କରିବା ନିମନ୍ତେ ଏହି ପ୍ରାରମ୍ଭିକ ପର୍ବର ତଥା ପ୍ରାକ୍‌ସ୍ୱାଧୀନତା ପର୍ଯ୍ୟାୟର ତରୁଣ କାବ୍ୟସ୍ୱରର ସ୍ୱରୂପ ନିରୂପଣ କରିବା ନିତାନ୍ତ ଆବଶ୍ୟକ ବୋଲି ମନେହୁଏ । ଏଣୁ ତରୁଣ ଗୁରୁପ୍ରସାଦଙ୍କ ଏହି ସାରସ୍ୱତ କାବ୍ୟ ନୈବେଦ୍ୟଗୁଡ଼ିକୁ ବର୍ତ୍ତମାନ ଗୋଟିଗୋଟି କରି ବିଶ୍ଳେଷଣ କରାଯାଉଛି ।

ଗୁରୁପ୍ରସାଦ ମହାନ୍ତି ପ୍ରାୟ ୧୯୩୯ ବେଳକୁ ଓଡ଼ିଆ ସାହିତ୍ୟ ସ୍ରୋତରୁ ବିଚ୍ଛିନ୍ନ ରହି ଏକ ନିରୁତା ରୋମାଣ୍ଟିକ୍ (Pure Romantic) ସ୍ୱର ଭାବରେ ଆତ୍ମପ୍ରକାଶ କରିଥିଲେ । ଏପରି ସ୍ୱରର ଯଥେଷ୍ଟ ସ୍ୱାଭାବିକତା ମଧ୍ୟ ରହିଛି । କାରଣ ୧୬.୦୭.୧୯୨୪ରେ ଜନ୍ମ ହୋଇଥିବା ଗୁରୁପ୍ରସାଦଙ୍କୁ (Nayak, WWJMRD, 2018; 4 (2): 253) ଏପ୍ରିଲ୍ ୧୯୩୯ ବେଳକୁ ମାତ୍ର ୧୪ ବର୍ଷ ଆଠମାସ ବୟସ ହୋଇଥିଲା । ଏଥିରୁ ଏହା ସ୍ପଷ୍ଟ ଯେ, କବି ଗୁରୁପ୍ରସାଦ ସେତେବେଳେ କିଶୋରାବସ୍ଥାର ଚରମାବସ୍ଥା ବା ଚରମ-ଚରଣ ଦେଇ ଗତି କରୁଥିଲେ, ଯୌବନର ପ୍ରତ୍ୟକ୍ଷାନୁଭୂତି ତାଙ୍କଠି ଆସିନଥିଲା । ଯଦିଓ Prepubescentକୁ ସେ ସଦ୍ୟ ସ୍ପର୍ଶ ମାତ୍ର କରିଥିବାର ଜଣାଯାଏ । ଏହି Prepubescent ଅବସ୍ଥା 'early childhood' ଓ 'adolescence' ଅବସ୍ଥା ଦ୍ୱୟର ମଧ୍ୟବର୍ତ୍ତୀ ଅବସ୍ଥା ଯାହା 'puberty'ର ଆରମ୍ଭ ସହ ଶେଷ ଚରଣରେ ପହଞ୍ଚେ । (Cox & Demmitt, 2013:76) ଏହି ସମୟରେ ଯୌବନୋନ୍ମୁଖୀ କିଶୋରର ମାନସିକ ଓ ଶାରୀରିକ ସ୍ତରରେ ହରମୋନ୍‌ଗତ ପରିବର୍ତ୍ତନ ହେତୁ ତାକୁ ସ୍ୱଗତ ସଂଘର୍ଷ-ସଂଘାତ ଦେଇ ଗତି କରିବାକୁ ପଡ଼ିଥାଏ । ଏହାକୁ ଭେଷଜୀୟ ଭାଷାରେ 'anxieties' ବୋଲି କୁହାଯାଏ । 'The Sociology of Childhood' (୨୦୦୫) ପୁସ୍ତକରେ William A. Corsaro ଓ Essays in Modern Stylistics (୧୯୮୧) ପୁସ୍ତକରେ Donald C. Freeman ଏହି Preadolescence ପର୍ଯ୍ୟାୟକୁ ୯ ରୁ ୧୪ ବର୍ଷ ବୟସ ମଧ୍ୟରେ ସୀମିତ ରଖିଲାବେଳେ ସାଧାରଣତଃ ଏହି ପର୍ଯ୍ୟାୟକୁ ୧୦ ରୁ ୧୩ ମଧ୍ୟରେ ରଖାଯାଏ । (Hatfield, 2007 : 584) ବାଳିକାମାନଙ୍କର ଏହି ପ୍ରାକ୍‌କୈଶୋରାବସ୍ଥାରେ ତାରୁଣ୍ୟାଗମ ହୋଇଥାଏ । ପୁଣି ବାଳକମାନଙ୍କ ତୁଳନାରେ ବାଳିକାମାନଙ୍କର ଏହି ତାରୁଣ୍ୟାଗମ ତୁଳନାତ୍ମକ ଭାବରେ ଶିଘ୍ର ଆସିଥାଏ । (Breinbauer, 2005 : 303) ଏଣୁ ଏ ମର୍ମରେ 'ତରୁଣ' ଗୁରୁପ୍ରସାଦଙ୍କ 'କୈଶୋର' ବା 'କିଶୋର' ଗୁରୁପ୍ରସାଦଙ୍କ 'ତାରୁଣ୍ୟ' କଥା ବିଚାର କରାଯାଇପାରେ । Bob Krafft, Hershel Thornburg ଓ Stif Prof Hjarvard ଯଥାକ୍ରମେ ତାଙ୍କର 'Coping With Your Feelings: Five Active Meetings for your Junior Highers'ଓ 'Preadolescent development' ଓ 'The Mediatization of Culture and Society' ପୁସ୍ତକର ବିବିଧ ସ୍ଥାନରେ ବିବିଧ ପ୍ରସଙ୍ଗକ୍ରମେ ଏହି ଅବସ୍ଥାର ନାମ, ପ୍ରକୃତି, ପ୍ରବୃତ୍ତି, କ୍ରିୟା-ବିକ୍ରିୟା-ପ୍ରତିକ୍ରିୟାଦି ସଂପର୍କରେ ଆଲୋଚନା କରିଛନ୍ତି ।

ଗୁରୁପ୍ରସାଦ ହାତ ଗଣତି ଗୋଟିକେତେ କବିତା ଏକ ଉଚ୍ଛ୍ୱାସର ସ୍ରୋତରେ ଲେଖିଯାଇଛନ୍ତି । 'ଲତା', 'ସେଦିନ', 'ସପନତରୀ' ଯଥାକ୍ରମେ ଏପ୍ରିଲ୍, ମେ ଓ ଜୁନ୍ ମାସ କ୍ରମାନ୍ୱୟରେ 'ସହକାର' ପତ୍ରିକାରେ ୧୯୩୯ ମସିହାରେ ପ୍ରକାଶ ପାଇଥିଲା । ତା'ପରେ ସେହିବର୍ଷ 'ଅସ୍ତରାଗ', 'ଅପରାଜିତା' ' 'ଅଲାଜୁକୀ' କବିତା ଯଥାକ୍ରମେ 'ସହକାର' ପତ୍ରିକାର ୫ମ ସଂଖ୍ୟା, ୭ମ ସଂଖ୍ୟା ଓ ୮ମ - ୯ମ ମିଳିତ ସଂଖ୍ୟାରେ ପ୍ରକାଶିତ ହେଲା । ତା'ପରେ 'ଉତ୍କଳ ସାହିତ୍ୟ'ର ଜାନୁଆରୀ, ୧୯୪୦ ସଂଖ୍ୟାରେ ଗୁରୁପ୍ରସାଦଙ୍କ 'ସଜଳ ଆଖିନୀରେ' ଶୀର୍ଷକ କବିତା ଓ 'ସହକାର'ର ବୈଶାଖ, ୧୩୪୨ ସାଲ ୧ମ ସଂଖ୍ୟା (May, 1940)ରେ 'କାହାଣୀ' ଶୀର୍ଷକ କବିତା ପ୍ରକାଶ ପାଇଥିଲା । ଦମକାଏ ପବନ ପରି ଏହି ଆଠଟି କବିତା ଲେଖିଥିଲେ କବି ଗୁରୁପ୍ରସାଦ । ପୂର୍ବରୁ ଗୁରୁପ୍ରସାଦଙ୍କ ବୟସ ଓ ତାରୁଣ୍ୟାଗମ ବା ଆଡୋଲୋସେନ୍ସ କଥା କୁହାଯାଇଛି । ବର୍ତ୍ତମାନ ଗୁରୁପ୍ରସାଦଙ୍କ ପରି ବିଷାଦବାଦୀ ଓ ବାସ୍ତବବାଦୀ କବିତା ଲେଖିବାର ସଂସ୍କାର ଓ ସାମର୍ଥ୍ୟ ରଖିଥିବା ବ୍ୟକ୍ତିତ୍ୱ ଜୀବନର ଏହି ଅଦ୍ୟାବସ୍ଥାରେ କାହିଁକି ଏପରି ସ୍ୱାକ୍ଷର ଛାଡ଼ିଗଲେ ତା'ପଛର ମନସ୍ତାତ୍ତ୍ୱିକ ବା ମାନସିକ କାରଣାବଳୀ ବା କାରକାବଳୀ ଗୁଡ଼ିକ ସଂପର୍କରେ ଆଲୋଚନା କରିବା ।

ଶିଶୁ ବା କିଶୋରମାନଙ୍କର ସାମାଜିକ କାରକ ବା Socializing Agent ଦୁଇ ପ୍ରକାରର । ଯଥା- ୧. ପାରିବାରିକ ପରିବେଶ ଓ ୨. ଔପଚାରିକ ଶିକ୍ଷାନୁଷ୍ଠାନ ବା ଶୈକ୍ଷିକ ବାତାବରଣ । ଡାଫ୍‌ନା ଲେମିଶ୍ କୈଶୋର ମାନସିକ ଓ ମନସ୍ତାତ୍ତ୍ୱିକ ଦିଗ-ବିଦିଗ ସଂପର୍କରେ ଆଲୋଚନା କରିବାକୁ ଯାଇ ଏହି ଦ୍ୱିବିଧ କାରକ କଥା କହିଛନ୍ତି । ଦକ୍ଷିଣ ଆଫ୍ରିକାର ମନସ୍ତତ୍ତ୍ୱବିଦ୍ ଡେଭିଜ୍ ଗ୍ରାହମ କୁପର କିନ୍ତୁ କହନ୍ତି- "The family in its function a primary socializer of the child (Cooper, 1974 : 26)" ଶିଶୁର ପ୍ରଥମ ପାଞ୍ଚବର୍ଷର ଶିକ୍ଷାଳୟ ହେଉଛି ତା'ର ପରିବାର ଓ ପାରିବାରିକ ପରିବେଶ । "Middle childhood by contrast is characterised by a child's readiness for school... being self assured and interested; knowing what kind of behaviour is expected... being able to wait, to follow directions, and getting along with other children." (Goleman, 1995 : 193) ପ୍ରାକ୍ କୈଶୋରାବସ୍ଥାର ଶିଶୁ ପୃଥିବୀକୁ ଏକ ସ୍ୱତନ୍ତ୍ର ଦୃଷ୍ଟିରେ ଦେଖେ । ଏପରିକି ଯୁବକ-ଯୁବତୀମାନଙ୍କ ଠାରୁ ସେମାନେ ଏକ ଭିନ୍ନ ଦୃଷ୍ଟିରେ ଦୁନିଆଁକୁ, ପରିବେଶ ଓ ପରିସରକୁ ଦେଖନ୍ତି ଓ ବର୍ଣ୍ଣନା କରନ୍ତି । ସେମାନଙ୍କ ଅବବୋଧର ସ୍ତର ଖୁବ୍ ସ୍ୱତନ୍ତ୍ର । ସେମାନେ ପରିପକ୍ୱମାନଙ୍କ ପରି କପୋଳକଳ୍ପିତ ଜଗତର କଥା ନକହି ଆପାତତଃ ଅଧିକ ବାସ୍ତବବାଦୀ ହୋଇଥାଆନ୍ତି । ଏହି maturing stageଟି ବାଳକର ସର୍ବାଧିକ ସମ୍ବେଦନଶୀଳ ବା "the most sensible" (Klein, 1991 : 13) ସ୍ତର ବା ପର୍ଯ୍ୟାୟ ହୋଇଥାଏ କାରଣ ଏହି ସମୟରେ ବାଳକ/ବାଳିକାଟି ଅଧିକରୁ ଅଧିକ ଆବେଗଯୁକ୍ତ ହୋଇଥାଏ । ଅଳ୍ପବହୁତେ ସେ ଏକ 'emotional being' (Klein, 1991 : 78) ଭାବରେ ପରିଚୟ ପାଇଥାଏ । ଏହି emotion ଦ୍ୱାରା ଏ ସମୟରେ ସେମାନେ ବଡ଼ ବଡ଼ କାମ ବା ପକ୍ୱ ବୟସର ପ୍ରତିକ୍ରିୟା ମଧ୍ୟ ଦେଇପାରନ୍ତି । ଏହି ସମୟରେ "Sense of intentionality", "Seriousness", "Persistent act", "more developed sense of looking into the future"" (Goleman, 1995 : 194) ପ୍ରଭୃତି ସହିତ ମଧ୍ୟମ ସନ୍ତାନଗୁଡ଼ିକଙ୍କ ମନରେ ଜ୍ଞାନାର୍ଜନ ଆକାଂକ୍ଷା ବଢ଼ିଯାଏ, ସେମାନେ ପରିବେଶ ଓ ପରିସ୍ଥିତିର ବାସ୍ତବତାକୁ ବୁଝିବା ଓ ତା'ସହ ଯୁଝିବା ପାଇଁ ଏ ସମୟରେ ଜ୍ଞାନାର୍ଜନ ଓ ନିଜର ଦକ୍ଷତା ବୃଦ୍ଧି ପାଇଁ ଅଧିକ ପ୍ରଯତ୍ନଶୀଳ ହୋଇଥାନ୍ତି । (Klein, 1991 : 13) ସାମାଜିକ ସଂପର୍କ ଗୁଡ଼ିକୁ ସେମାନେ ପୂର୍ବବତ୍ ନଦେଖି ଏକ ସ୍ୱତନ୍ତ୍ର ଦୃଷ୍ଟିରେ ଦେଖନ୍ତି । ବେଳେବେଳେ ତାଙ୍କ ଭିତରେ ନିଜର ପରିଚୟ ସ୍ୱାତନ୍ତ୍ର୍ୟ ବା 'Sense of self identity' ବଢ଼ିବା ସହିତ ସେମାନେ ଅଧିକରୁ ଅଧିକ ସ୍ୱାଧୀନଚେତା ହୋଇଯାଆନ୍ତି । ଫେନ୍‌ୱିକ୍ ଓ ସ୍ମିଥ୍ ଏ ସଂପର୍କରେ ଗବେଷଣା ସାପେକ୍ଷ ତଥ୍ୟ ଦେଇ କହନ୍ତି, ସେମାନେ ଆଉ ପରିବାରର ଏକ ସଦସ୍ୟ ବୋଲି ନିଜକୁ ଭାବନ୍ତି ନାହିଁ । (Fenwick, Smith, 1993 : 29) ତାଙ୍କ ଦୃଷ୍ଟିରେ ନୈତିକତାର ଭିନ୍ନ ସଂଜ୍ଞା ତିଆରି ହୁଏ । ସହଯୋଗୀ ମନୋବୃତ୍ତି ମଧ୍ୟ ସେମାନଙ୍କ ଭିତରେ ଏ ସମୟରେ ଦେଖାଯାଏ । ଏହି ସମୟରେ 'ରାଜନୀତି', 'ଧର୍ମ ଓ ଧାର୍ମିକ ସିଦ୍ଧାନ୍ତ', 'ଯୌନତା' (Sexuality) ବା ଲିଙ୍ଗଗତ ଭେଦ ଓ ନାରୀ-ପୁରୁଷ ଭେଦ ଓ ସ୍ୱାତନ୍ତ୍ର୍ୟ ସଂପର୍କରେ ଚର୍ଚ୍ଚା, ମନୋନିବେଶ ଓ ସ୍ୱତନ୍ତ୍ର ମତାମତ ପ୍ରଦାନ କରିବା ପରି କିଛି ରୋଚକ ପରିବର୍ତ୍ତନ କିଶୋର-କିଶୋରୀମାନଙ୍କଠାରେ ଦେଖାଯାଏ । ମଧ୍ୟମସନ୍ତାନଗୁଡ଼ିକ ଆପାତତଃ ଅଧିକ ଦାୟିତ୍ୱସଂପନ୍ନତା ମଧ୍ୟ ଦେଖାଇଥାଆନ୍ତି । ମଧ୍ୟମ ସନ୍ତାନମାନଙ୍କ ପାଖରେ ପ୍ରେମ, ଆକର୍ଷଣ, ସ୍ନେହ ଓ ମମତ୍ୱାଦି ଭାବ ଦେଖାଯାଏ । ଡକ୍ଟର ସିଗ୍‌ମଣ୍ଡ ଫ୍ରଏଡ୍ ଏହି ଅବସ୍ଥାକୁ 'Latency' ପର୍ଯ୍ୟାୟ ବୋଲି ଅଭିହିତ କରନ୍ତି । ଏହି latency କିଶୋର/କିଶୋରୀର ଯୌନଭାବ ଓ ଅନ୍ତର୍ନିହିତ ତଥା ସଂଗୁପ୍ତ ଆକାଂକ୍ଷାକୁ ସୂଚାଏ । ଏହା ବ୍ୟକ୍ତିଠାରେ ପ୍ରଥମ 'eternal triangle' ସୃଷ୍ଟି କରେ, ଯାହା ତାଙ୍କର ପିତାମାତାଙ୍କ ଆକଟ ବା ପ୍ରତିପାଳନ କ୍ରିୟା ଠାରୁ ଦୂରରେ ରହି ନିଜର ଇଚ୍ଛା, ଆକାଂକ୍ଷା, ମୁକ୍ତଶକ୍ତି ଓ ନିଜର ଅନ୍ୟାନ୍ୟ କ୍ରିୟା ବିକ୍ରିୟାକୁ ଯୋଗକରି ସୃଷ୍ଟିହୁଏ । (Skynner & Cleese, 1994 : 271 & 242) ଏରିକ୍ ଏରିକ୍‌ସନ୍ ଏହିସବୁ କଥାକୁ ଆଧାର କରି ଗବେଷଣା ଉତ୍ତାରେ କହନ୍ତି ଏହିସବୁ ସଂଗୁପ୍ତ ଇଚ୍ଛା 'genitality' ପାଇଁ ହୁଏ ଓ ଏହି ପ୍ରଭାବରେ ଶିଶୁର ପ୍ରାକ୍‌ତାରୁଣ୍ୟ ଭାବ-ବିଭାବ ସବୁ ହଜିଯାଏ । (Erikson, 1973, 252) କୈଶୋରାବସ୍ଥାର ମଧ୍ୟପର୍ଯ୍ୟାୟରୁ ଏହି ଭାବ-ବିଭାବ ଓ ବିଚାରଧାରା ଆରମ୍ଭ ହୁଏ ଯାହାକୁ ମାଇକେଲ୍ ଲାଣ୍ଡସ୍‌ବର୍ଗ କହନ୍ତି, "the introspective and social concerns of the prepubescent (Landsberg, 1989; 270)" ଫ୍ରଏଡ୍‌ଙ୍କ ଏହି ଲାଟେନ୍ସି ପର୍ଯ୍ୟାୟକୁ ନେଇ ଫ୍ରାନ୍‌ସିସ୍ ସ୍ପଫୋର୍ଡ କହନ୍ତି ଏଗାର-ବାରବର୍ଷରେ ଉପନୀତ ହେବା ମାତ୍ରେ, ଏକ ଦୀର୍ଘ ସ୍ଥିର ଓ କ୍ରମବର୍ଦ୍ଧିଷ୍ଣୁ ପ୍ରକୃତି ଓ ପ୍ରବୃତ୍ତିର ପରିବର୍ତ୍ତନ ଆରମ୍ଭ ହୁଏ । (Spufford, 2002 : 163) ତେବେ ମୋଟାମୋଟି ଭାବରେ ଗୁରୁପ୍ରସାଦଙ୍କ ମାନସିକ ଓ ମନସ୍ତାତ୍ତ୍ୱିକ କ୍ରିୟା, ତଥା ଭାବ-ବିଭାବ-ଅନୁଭାବାଦି ସଂପର୍କରେ ଏହିସବୁ ତଥ୍ୟ ଓ ତତ୍ତ୍ୱ ଆଧାରରେ ବିଚାର କରାଯାଇପାରେ ।

ଗୁରୁପ୍ରସାଦଙ୍କୁ ଶେଷଥର 'କାହାଣୀ' ଶୀର୍ଷକ କବିତା ଲେଖିବା ପରେ ଅନେକ ଦିନ ଧରି ଏପରି ସ୍ୱରର କବିତା ରଚନା କରିଥିବାର ଦେଖାଯାଏ ନାହିଁ । ଅନ୍ୟ ଭାଷାରେ କହିବାକୁ ଗଲେ, କବି ଶ୍ରୀ ଗୁରୁପ୍ରସାଦ ଏପ୍ରିଲ୍, ୧୯୩୯ ରୁ ମେ, ୧୯୪୦ ମଧ୍ୟରେ ଏହି ଧରଣର କାବ୍ୟସ୍ୱର ସହ ସକ୍ରିୟ ଥିବାର ଦେଖାଯାଏ । ମାତ୍ର ଏହାପରେ ଏକ ଦୀର୍ଘ ନିରବତାକୁ ଲକ୍ଷ୍ୟ କରିହେବ । ତା'ପରେ ଯେଉଁ କବିତା ସବୁ ଲେଖାଗଲା, ସେସବୁ ଥିଲା ଏକାନ୍ତ ପ୍ରୟୋଗବାଦୀ । ନୂତନ କବିତା ପରଂପରାରେ ଲେଖାଗଲା 'ନୂତନ

କବିତା' (୧୯୫୫) । କବି ଭାଜୁଜୀ ରାଓ ଓ ଗୁରୁପ୍ରସାଦ ମହାନ୍ତି ମିଳିତ ଭାବରେ ଏହି ସଂକଳନଟି ପ୍ରକାଶ କରିଥିଲେ, ଯାହାର ସର୍ବମୋଟ ୨୩ଟି କବିତା ମଧ୍ୟରୁ ଗୁରୁପ୍ରସାଦ ମହାନ୍ତିଙ୍କର ମାତ୍ର ୯ଟି କବିତା ଥିଲାବେଳେ ଅବଶିଷ୍ଟ ୧୪ଟି କବିତା ଶ୍ରୀ ଭାଜୁଜୀ ରାଓଙ୍କ ଦ୍ୱାରା ଲିଖିତ ଥିଲା । ଗୁରୁପ୍ରସାଦ ଲେଖିଥିବା ଓ ୧୯୫୫ ମସିହା ଅଗଷ୍ଟ ମାସରେ ଜନଶକ୍ତି ପୁସ୍ତକାଳୟ, ବାଙ୍କାବଜାର, କଟକର ସ୍ୱତ୍ତ୍ୱାଧିକାରୀ ଏନ୍. ଏଲ୍. ଗୁପ୍ତଙ୍କଦ୍ୱାରା ପ୍ରକାଶିତ 'ନୂତନ କବିତା' ଶୀର୍ଷକ କବିତା ପୁସ୍ତକରେ ସ୍ଥାନିତ କବିତାଗୁଡ଼ିକର ନାମ ଥିଲା ଯଥାକ୍ରମେ ଏହିପରି- ୧. ପ୍ରିୟବାନ୍ଧବୀ, ୨. ଆଖିର କପୋତ ମୋର, ୩. ଗୋବର ଗଣେଶ, ୪. ସୁନାର ଝରଣା, ୫. ଶରତ ଋତୁରେ ଜହ୍ନ, ୬. ଚମ୍ପାଫୁଲ, ୭. ଚିଠି, ୮. ଅଳକା ସାନ୍ୟାଲ, ୯. ନିହିତ ଗୋଧୂଳି । ଏଥିରୁ 'ଗୋବର ଗଣେଶ' (ପୃ-୨୨୬), 'ପ୍ରିୟବାନ୍ଧବୀ' (ପୃ-୫୧୦), 'ଅଳକା ସାନ୍ୟାଲ' (ପୃ-୧୫୫), 'ନିହିତ ଗୋଧୂଳି' (ପୃ-୭୬) କବିତା ଯଥାକ୍ରମେ ଝଙ୍କାର ପତ୍ରିକାର ୧୯୫୨-୫୩ ବର୍ଷ ୪ର୍ଥ ଭାଗ ୨ୟ ସଂଖ୍ୟା, ୪ର୍ଥ ଭାଗ, ୫ମ ସଂଖ୍ୟା, ୧୯୫୪-୫୫ ବର୍ଷ ୬ଷ୍ଠ ଭାଗ, ୧ମ ସଂଖ୍ୟା ଓ ୧୯୫୫-୫୬ ବର୍ଷ ୭ମ ଭାଗ ୧ମ ସଂଖ୍ୟାରେ ପ୍ରକାଶ ଲାଭ କରିଥିଲା ବେଳେ 'ନବଭାରତ' ପତ୍ରିକାର ଅଗଷ୍ଟ, ୧୯୫୦ ତଥା ଦ୍ୱିତୀୟବର୍ଷ ୧୦ମ ସଂଖ୍ୟାରେ 'କପୋତ କପୋତୀ' (ପୃ. ୩୮୪-୮୫) କବିତା ପ୍ରକାଶ ପାଇଥିଲା । ଏସବୁର ସ୍ୱର ଓ ସ୍ୱାତନ୍ତ୍ର୍ୟ ସଂପର୍କରେ ଅନେକ ଆଲୋଚନା ହୋଇଛି ମାତ୍ର ବର୍ତ୍ତମାନ ଗୁରୁପ୍ରସାଦଙ୍କର ଏହି ଅନାଲୋଚିତ ଓ ଅଳ୍ପାଲୋକିତ କାବ୍ୟସ୍ୱର ତଥା ପ୍ରାରମ୍ଭିକ ପର୍ଯ୍ୟାୟର କବିତାଚୟ ସଂପର୍କରେ ସବିଶେଷ ଆଲୋଚନା କରାଯାଇପାରେ ।

ପ୍ରଥମ ଦେଖାରେ କବିଚିତ୍ତ ଓଢ଼ଣା ତଳେ ଥିବା ଆଖି ଦୁଇଟିର ଆଭାସିତ ରୂପ ଦେଖି ଚଞ୍ଚଳ ହୋଇଉଠିଛି । ଏହା ସେହି ସୁନ୍ଦରୀ ସହ ତରୁଣ କବିର ପ୍ରଥମ ସାକ୍ଷାତ । କବିଙ୍କ ଭାଷାରେ- "ଓଢ଼ଣା ଉଢ଼ାଳେ ଆଖି ଦିଓଟିର ଛାୟା / ପ୍ରଥମ ଦେଖାରେ ମରମ ଭିତରେ ରଚିଗଲା କିବା ମାୟା ?" ବ୍ୟକ୍ତି ମାୟାଛନ୍ନ ହେଲାପରି ତରୁଣ କବି ମଧ୍ୟରେ ରୂପ ଜନିତ ସମ୍ମୋହନ ଜାତ ହୋଇଛି । ଅର୍ଥାତ୍ 'ଅଭିଳାଷ', 'ଚିନ୍ତା', 'ସ୍ମୃତି', 'ଗୁଣ କଥନ' ଓ 'ଉଦ୍‌ବେଗ' ପ୍ରଭୃତି ପାଞ୍ଚଗୋଟି ଦଶାକୁ କାବ୍ୟ ନାୟକ ଭୋଗ କରିଛି । ତା'ର ଫଳଶ୍ରୁତି ହେଉଛି ଏହି କବିତା । ଦଶଦଶା (ପ୍ରହରାଜ ଓ ଅନ୍ୟାନ୍ୟ ୧୯୩୪ : ୩୬୯୧) ମଧ୍ୟରୁ ଏହି ପ୍ରଥମ ପାଞ୍ଚଦଶା ମାତ୍ର ନାୟକ ଭୋଗ କଲାପରି ମନେହୁଏ । ନଈର ଅପର ତୁଠ ସେପାରି ବାଲିବନ୍ଧର ରୂପେଲି ଛାତି ଉପରେ କୃଷ୍ଣ ଜୀମୂତ ଆଢୁଆଳରେ ଜହ୍ନଟିଏ ଘରକୁ ଫେରିବା କଥା କୁହାଯାଇଛି । ଏ ଉକ୍ତିରେ ଉପମେୟ 'ସେହି କିଶୋରୀର ମୁହଁ' କଥା ଆଦୌ ଉଲ୍ଲେଖ ନକରି ସିଧାସିଧା ସେହି କିଶୋରୀର ଗୌର ଲପନକୁ ଚନ୍ଦ୍ର ସହ ଅଭେଦ ତର୍କଣା ଯୋଗେ ତାକୁ ଏକ ଚନ୍ଦ୍ର ବୋଲି କୁହାଯାଇଛି । ଅତଏବ ଏଠାରେ 'ଅତିଶୟୋକ୍ତି' ଅଳଙ୍କାର ପ୍ରୟୋଗ କରାଯାଇଛି । କାରଣ "ଉପମେୟର ଅତ୍ୟନ୍ତ ଉତ୍କର୍ଷ ପ୍ରତିପାଦନ ପାଇଁ ଯେଉଁଠାରେ ଉପମେୟକୁ ଆଦୌ ଉଲ୍ଲେଖ ନକରି କେବଳ ଉପମାନର ଉଲ୍ଲେଖ କରାଯାଇଥାଏ, ସେଠାରେ ଅତିଶୟୋକ୍ତି ଅଳଙ୍କାର ହୁଏ ।" (ରଥ, ୨୦୧୩ : ୧୪୨) ଯଦି ଝିଅଟିର କଥା ନକହି ଜହ୍ନର ବର୍ଣ୍ଣନା କରାଯାଉଥାଏ, ତେବେ ଏଠାରେ Poetic Device ଭାବରେ କବିତାରେ ପ୍ରୋଜୋପୋପିଆ (Prosopopoeia)ର ରୀତିମତ ବ୍ୟବହାର ହୋଇଛି ବୋଲି କହିବାକୁ ହେବ । ଏ ଅର୍ଥରେ ଦ୍ୱିତୀୟ ପଦର ଅର୍ଥ ହେବ ଜହ୍ନ ନଈର ଆରତୁଠ ପାରି ହୋଇ ବାଲିବନ୍ଧ ପାଖ ରୂପେଲି ଛାତି (ଧଳା ମାଟିରାସ୍ତା) ଉପରେ ଆକାଶର କଳା ରଂଗର ଧୂଆଁ ପରି ଭାସି ବୁଲୁଥିବା ମେଘ ଆଢୁଆଳରେ ଲଜ୍ଜାବତୀ ଯୁବତୀ ବଧୂ ପରି ଓଢ଼ଣା ତଳେ ମୁହଁ ରଖି ପ୍ରତ୍ୟାବର୍ତ୍ତନ କରୁଥିଲା । ଅର୍ଥାତ୍ ଏହା ରାତ୍ରିର ଶେଷପ୍ରହର ତଥା ଭୋରଭୋର୍ ସମୟର କଥା । ସୂର୍ଯ୍ୟ ଉଦୟର ଅବ୍ୟବହିତ ପୂର୍ବରୁ ଗ୍ରାମର ଯୁବତୀ ଓ ବଧୂମାନେ ନଦୀରୁ ସ୍ନାନ ସାରି ନିଜ ନିଜ ଘରକୁ ଓଢ଼ଣା ଦେଇ ସଲଜ୍ଜ ଭାବରେ ପ୍ରତ୍ୟାବର୍ତ୍ତନ କରନ୍ତି । ସେହିପରି ସେହି ସମୟରେ ଚନ୍ଦ୍ର ମଧ୍ୟ ଅସ୍ତମିତ ହୁଏ । ଏଣୁ କବିଙ୍କ ଭାଷାରେ ଚନ୍ଦ୍ର (ଜହ୍ନ) ଘରକୁ ଫେରୁଥିଲା ସେ ସମୟରେ । ଜହ୍ନ ଘରକୁ ଫେରିଲାବେଳେ ତା'ଓଠରେ ଥିଲା ହସର ଅପୂର୍ବ ମାଧୁରୀ । ଚଇତି ପବନ ଆକାଶ ତଳେ ସେ ମାଧୁରୀମା ଝରିପଡୁ ଥିବାର ଲକ୍ଷ୍ୟ କରିଛନ୍ତି ତରୁଣ ପ୍ରେମିକ କବି । ତେଣୁ ସେ ଗାଇଉଠିଛନ୍ତି- "ନଈ ଆର ତୁଠ ପାରି ବାଲିବନ୍ଧ / ରୂପେଲି ଛାତିର ପରେ / କଳା ଧୂଆଁ ରଂଗ ମେଘ ଆଢୁଆଳେ / ଜହ୍ନ ଫେରୁଥିଲା ଘରେ / ଝରାଇ ତା'ଓଠେ ହସର ମାଧୁରୀ / ଉଞ୍ଚ ତାଳଗଛ ଶିରେ / ଚଇତି ପବନ ଆକାଶର ତଳେ / ଝରି ଯାଉଥିଲା ଧିରେ ।" (ମହାନ୍ତି, ସହକାର, ୨୦/୧, ଏପ୍ରିଲ୍, ୧୯୩୯ : ୫୦) ଏହି କବିତାରେ ଗ୍ରାମ୍ୟ ପରିବେଶ ବେଶ୍ ଜୀବିତ ଓ ପରିସ୍ଫୁଟିତ । ମନେହୁଏ ଏ ବର୍ଣ୍ଣନାର ଆଧାର ହେଉଛି କବି ଶ୍ରୀ ମହାନ୍ତିଙ୍କ ଜନ୍ମମାଟି ନାଗବାଲିର ପ୍ରାକୃତିକ ପରିବେଶ । ଗ୍ରାମ ପଥର ଉଭୟ ପାର୍ଶ୍ୱରେ କିଆବଣର ନିସର୍ଗ ଶୋଭା । ଏହି କିଆବଣରେ କିଆଫୁଲ ଫୁଟେ, ତା'ର ବାସ ଚହଟିଯାଏ ସାରା ବାଟ, ମନକୁ ଏହି ବାସ ଓ ତା'ର ସୌନ୍ଦର୍ଯ୍ୟ ପୁଲକିତ କରେ, ହୃଦୟରେ ଭରିଦିଏ ଅପୂର୍ବ ରୋମାଞ୍ଚ । ସେହିବାଟ ଆସି ସରେ ନଈ କୂଳରେ । ସେ ବାଟରେ ଫୁଟିଥାଏ ଗେଙ୍ଗୁଟି ଫୁଲ । କବି ଚିତ୍ତ ରୋମାଣ୍ଟିକ୍ ଭାବନାରେ ଜୁଡୁବୁଡୁ । ଏଣୁ କିଆର କଣ୍ଟା ତାଙ୍କୁ ଦିଶିନି, ତାଙ୍କୁ ଦିଶିଛି ତା'ର ଶ୍ୟାମଳିମା ଶୋଭା, ଦେଖାଯାଇଛି ଗ୍ରାମପଥ ପ୍ରାନ୍ତରେ ଫୁଟିଥିବା ଗେଙ୍ଗୁଟି ଫୁଲର ଚାରୁଚିତ୍ର ଓ ତହିଁରେ ପୁଲକିତ ହୋଇଉଠିଛି ତାଙ୍କ ମନ-ଆତ୍ମା ଆଉ ତମାମ୍ ଶରୀର । ସେହି ପଥରେ ସେଇ ସୁନ୍ଦରୀ ତନ୍ୱୀ ସହ ତରୁଣ କବିର ଦେଖା । ତାରୁଣ୍ୟରେ ଛଳଛଳ ମନ ଓ ଆଖି ନେଇ

କବିଚିତ୍ତ ପ୍ରାବେଗ ଭରା ଦୃଷ୍ଟିରେ ସଂଦର୍ଶନ କରିଛି ତା'ର ମନର ଚକୋରୀକୁ; ସେ ଚନ୍ଦ୍ରବଦନୀ ଯୁବତୀକୁ । କବିଙ୍କ ଭାଷାରେ "କିଆବଣ ଧାର ଛୁଇଁ ଯେଉଁ ପଥ / ହଜିଛି ନଇର କୂଳେ / ପାଖେ ପାଖେ ଯାଇ ହସିଉଠେ ମାଟି / ଫୁଟିଲା ଗେଙ୍ଗୁଟି ଫୁଲେ । ସେଇ ପଥେ ଦିନେ ବିଜନେ / ତା'ସାଥେ ଦେଖା / ଗାଧୁଆ ସାରି ସେ ଫେରଇ ନୀରବେ ଏକା ।" (ତତ୍ରୈବ, ପୃ-୫୦) ଗେଙ୍ଗୁଟି ଫୁଲର ପ୍ରସ୍ଫୁଟନରେ ମାଟିରାସ୍ତା ହସିଉଠିବା, ଜହ୍ନ ଘରକୁ ଫେରିବା, ଚଇତି ପବନ ଆକାଶ ତଳେ ଝରିଯିବା, କିଆବଣ ଧାର ଛୁଇଁ ରାସ୍ତାର ଧାଇଁଯିବା ଓ ନଈକୂଳରେ ହଜିବା ପ୍ରଭୃତି ସୌନ୍ଦର୍ଯ୍ୟତାତ୍ତ୍ୱିକ ଦୃଷ୍ଟି କେବଳ ଓ କେବଳ ରୋମାଣ୍ଟିକ୍ ତରୁଣ କବିର ମନକଥା ନୁହେ । କବି ଦୂରରୁ ଦେଖିଛନ୍ତି ସେ ତରୁଣୀକୁ । ଓଦାଲୁଗା ତଳୁ ଫୁଟି ଦିଶୁଥିଲା ସେ ତରୁଣୀର ହଳଦିଆ ଗୋରା ଦେହ । ସେ ଚିତ୍ରରୁ ଜଣାପଡୁନଥିଲା ସେ କାହାର କୂଳବଧୂ ବା ବାଡୁଅ ଝିଅ । କଳାମେଘ ପରି କେଶ ତା'ର ଝୁଲିପଡୁଥିଲା, ପାନଖିଆ ବିମ୍ବାଧରରେ ସ୍ୱଭାବ ସୁଲଭ ହସ ଥିଲା । ଏହି ହସ ସ୍ମିତ ହସ ନିଶ୍ଚିତ । କାରଣ ବର୍ଣ୍ଣିତ ସମସ୍ତ ସ୍ୱଭାବ ଉତ୍ତମା ନାରୀର ଲକ୍ଷଣ ଅଟେ । ସଂଭ୍ରମ, କୁଳଶୀଳ, ଲଜ୍ଜାବତୀ ଓ ଧୀରଲଳିତ ସ୍ୱଭାବ । ସେ ଉତ୍ତମାନାରୀ ପ୍ରତି ତରୁଣ କବିଚିତ୍ତରେ ଚାଞ୍ଚଲ୍ୟ ଓ ଦୁର୍ବଳତା ଦେଖାଦେଇଛି । ତା'ଦେହର ବର୍ଣ୍ଣ ବର୍ଣ୍ଣନା କରିବାକୁ ଯାଇ ସେ କହିଛନ୍ତି ତା'ର ବର୍ଣ୍ଣ ଶୁଦ୍ଧ ସୁବର୍ଣ୍ଣ ବରବର୍ଣ୍ଣ ପରି । କୁଳଶୀଳା ଓଡ଼ିଶୀ ନାରୀର ଶାସ୍ତ୍ରୀୟ ଲକ୍ଷଣ ସବୁ ଅତି ଚଟୁଳ ଭଂଗୀରେ କବି ବର୍ଣ୍ଣନା କରିଛନ୍ତି ଏହି କବିତାରେ । କବିଙ୍କ ଭାଷାରେ- "ଓଦା ଲୁଗାତଳୁ ଫୁଟି ଦିଶୁଥିଲା / ତାତିଲା ସୁନା ତା'ଦେହ । ଜାଣେ ନା ସେ କାର କୁଳବୋହୂ ଅବା / କାହାର ବାଡୁଅ ଝିଅ । ଚରମ ଆବୋରି ଝୁଲି ପଡ଼ିଥିଲା / କଳାମେଘ ପରି କେଶ / ପାନଖିଆ ଓଠେ ଲାଗି ରହିଥିଲା / ସ୍ୱଭାବ ସୁଲଭ ହସ ।" (ମହାନ୍ତି, ସହକାର, ୨୦/୧, ଏପ୍ରିଲ୍, ୧୯୩୯, ପୃ-୫୦) ପ୍ରେମରେ ଯେ ସଂଭ୍ରମତା ସହ ଲାଜ କିପରି ସ୍ୱେଦ, ଉନ୍ମାଦ, ବେପଥୁ ଆଦି ଆଣିପାରେ ସେକଥା କବିଙ୍କ ଏହି ପଦଟିରୁ ବେଶ୍ ସ୍ୱଷ୍ଟ ହୋଇପାରିଛି । ଲୁଗାକାନି ତଳେ ମନ ଭିତରେ ସେ ମଧ୍ୟ ଅନୁରୂପ ପୁଲକ ଓ ଚିତ୍ତଚାଞ୍ଚଲ୍ୟ ଅନୁଭବ କରିଛି । ଏଣୁ ଯଥାର୍ଥରେ ସେହି ପୁଲକକୁ ଇପ୍ସିତା ନାୟିକା ଅନୁଭବ କରିବା ସଂଗେସଂଗେ (କବିଙ୍କ ଭାଷାରେ) "ମନରେ ତା'ର ଖେଳିଯାଇଛି ଲୋହିତ ରକ୍ତର ଧାର ।" ତାଳୁରୁ ତଳିପା ଯାଏଁ ସେ ମଧ୍ୟ ବେପଥୁ ଅନୁଭବ କରିଛି ଓ ସାରା ଦେହରେ ତା'ର ଝାଳ (ସ୍ୱେଦ) ପରିଦୃଷ୍ଟ ହୋଇଛି । ତା'ପରେ ସଂଭ୍ରମତାର ସହ ସେ ନିଜର ଓଢ଼ଣା ଟାଣି ନୟନ କଣେ ଚାହିଁ ବାଟ ଆଡ଼ ହୋଇ ଚାଲିଯାଇଛି । ଏଥିରୁ ଜଣାଯାଏ ଯେ, ସେ ଗାଧୋଇ ଫେରିଲାବେଳେ ନାୟକ ସହ ସାମ୍ନାସାମ୍ନି ଏହିଠାରେ ହିଁ ତା'ର ଦେଖାହୋଇଛି ବା ପ୍ରତ୍ୟକ୍ଷ ସାକ୍ଷାତ୍ ହୋଇଛି । ଶୃଙ୍ଗାର ରସର ପ୍ରବାହ ବେଳେ ଯେଉଁ ନିର୍ବେଦ, ଆବେଗ, ଔତ୍ସୁକ୍ୟ, ତ୍ରାସ, ଲଜ୍ଜା, ହର୍ଷ ଓ ଅବହିତ୍ଥା ପ୍ରଭୃତି ବ୍ୟଭିଚାରୀ ଭାବ ଦେଖାଯାଏ, ତାହା ଏଠାରେ ସ୍ପଷ୍ଟ ଦେଖାଯାଇଛି । ଏହି 'ଅବହିତ୍ଥା' ହେଉଛି "ହୃଦ୍‌ଗତ ଭାବକୁ ଲଜ୍ଜା ଆଦି ଦ୍ୱାରା ଘୋଡ଼ାଇ ପକାଇବା ପାଇଁ ଚେଷ୍ଟା କରିବା ।" (ରଥ, ୨୦୧୩ : ୨୭୨) ରାଧାନାଥଙ୍କ 'ମେଘଦୂତ'ର ପଙ୍କ୍ତି ଏଠାରେ ମନେପଡ଼େ । କବିଙ୍କ ଭାଷାରେ- "କାମେ ଉନ୍ମତ୍ତ କାନ୍ତ ଦୁକୂଳ ହରେ / ସୁନ୍ଦରୀ ଦିଗମ୍ବରୀ ଥରେ ଲାଜରେ ।" (ମେଘଦୂତ) ସୌମ୍ୟଦର୍ଶନ ତରୁଣ ଗୁରୁପ୍ରସାଦଙ୍କୁ ଦେଖି ସେହି ସୁଦର୍ଶନା ତରୁଣୀଟି ମଧ୍ୟ ଅନୁରୂପ ପୁଲକ ଓ ଲଜ୍ଜା ଅନୁଭବ କରିଛି । କବିଙ୍କ ଭାଷାରେ- "କାନି ତଳେ ତା'ର ଖେଳିଗଲା ମନେ / ଲୋହିତ ରକତ ଧାର / ତାଳୁରୁ ତଳିପା ଯାକେ ଗଲା ଥରି / ବହିଗଲା ଦେହୁଁ ଝାଳ / ସଂଭ୍ରମଭରେ ଓଢଣାଟି ଟାଣି / ନୟନର କଣେ ଚାହିଁ / ବାଟ ଆଡ଼ ହୋଇ ଲାଜକୁଳୀ ଲତା / ଗଲା ସେ ତା ପଥ ବାହି ।" (ମହାନ୍ତି, ସହକାର: ଏପ୍ରିଲ, ୧୯୩୯ : ୫୦) ସ୍ୱାଧୀନତା ପୂର୍ବବର୍ତ୍ତୀ ଗ୍ରାମ୍ୟ ପରିବେଶ ଓ ତରୁଣ-ତରୁଣୀ ପ୍ରେମର ଏକ ନିଚ୍ଛକ ଓ ବିଶ୍ୱସ୍ତ ଚିତ୍ର ଏଠାରେ ଉଦ୍‌ଭାସିତ ହୋଇଛି ବୋଲି ନିର୍ଦ୍ୱନ୍ଦ୍ୱରେ କୁହାଯାଇପାରେ । ସେ ସମୟରେ ପ୍ରେମ କହିଲେ ଏହା ହିଁ ବୁଝାଉଥିଲା । ତାରୁଣ୍ୟର ରସୋଚ୍ଛ୍ୱଳ ମନ ଲଜ୍ଜା ଓ ସଂଭ୍ରମତାର ସୀମା ଉଲଘଂନ କରିପାରୁନଥିଲା । ସେ ସମୟରେ ଶରୀର ନୁହେଁ, ମନ ଓ ପ୍ରାଣରେ ଉଲ୍ଲାସ ଓ ଉତ୍ତେଜନା ଅଧିକ ଥିଲା । ଏହି କବିତା ତା'ର ଏକ ବିଶ୍ୱସ୍ତ ଦଲିଲ୍ ମାତ୍ର ।

'ସେଦିନ' କବିତାରେ ଅନୁରୂପ ଟକ୍‌ନିକ୍ ଓ ଅନୁରୂପ ଷ୍ଟାଇଲ୍ ପ୍ରୟୋଗ କରିଥିବାର ଦେଖାଯାଏ ଯାହା ତାଙ୍କର ପୂର୍ବାଲୋଚିତ 'ଲତା' କବିତାରେ ଦେଖାଯାଏ । ଗୋଟିଏ ପକ୍ଷରେ Prosopopoiea (ମାନବୀକରଣ)ର ପ୍ରୟୋଗ କଲାବେଳେ ଅନ୍ୟପକ୍ଷରେ 'ଅତିଶୟୋକ୍ତି' ଅଳଙ୍କାରକୁ ଅତ୍ୟନ୍ତ ଚାତୁର୍ଯ୍ୟ ସହ ପ୍ରୟୋଗ କରିଛନ୍ତି । ଏହା କବିର ଜ୍ଞାତସାର ବା ଅଜ୍ଞାତସାରରେ ମଧ୍ୟ ହୋଇପାରେ । କିନ୍ତୁ ଏଠାରେ ପ୍ରଥମ ପଦରେ 'ଅତିଶୟୋକ୍ତି' ଅଳଙ୍କାର ଯେ ସୁରକ୍ଷିତ ଏକଥାକୁ ଅସ୍ୱୀକାର କରାଯାଇନପାରେ । କବି ସାମାନ୍ୟ ନଷ୍ଟାଲ୍‌ଜିଆ ଭାବନେଇ ଅତୀତକୁ ମନେପକାଇଛନ୍ତି । ପରିବେଶ ଓ ପାରିପାର୍ଶ୍ୱିକ ଘଟଣା ତା'ର (ନାୟକର) ଅତୀତକୁ ମନେପକାଇ ରୋମନ୍ଥନ କରିବାରେ ସାହାଯ୍ୟ କରିଛି / ବା ଅନ୍ୟ ଭାଷାରେ କହିବାକୁ ଗଲେ, ତା'କୁ ବାଧ୍ୟ କରିଛି । ସେହି ଗ୍ରାମ୍ୟ ପରିବେଶ, ଗ୍ରାମ ପଥ, ଗ୍ରାମପଥ ପାର୍ଶ୍ୱରେ ଥିବା କିଆବଣର ସବୁଜିମା, ସେହି ସବୁଜିମା ଭିତରୁ ଉଙ୍କିମାରୁଥିବା ଶ୍ୱେତ ରଙ୍ଗର କିଆଫୁଲ, ସେ ଫୁଲର ମହମହ ବାସ, ଆକାଶର କଳାବଉଦ, ତା'ଫାଙ୍କରେ ନିର୍ମଳ ଜହ୍ନ, ସେ ଜହ୍ନର ଜ୍ୟୋତ୍ସ୍ନା ଓ ତା'ର ହସ- ଏହି କବିତାରେ ଆସର ଜମାଇଛନ୍ତି । ସେହି ଜୋଛନା ଏକପକ୍ଷରେ Personified ହୋଇ ରାଣୀ ହସ ହସିଛି ତ ଅନ୍ୟପକ୍ଷରେ ଏହି ଜୋଛନା (ଉପମାନ) ଠାରେ ଅନୁକ୍ତ ନାୟିକା ବା କବି ପ୍ରେୟସୀ (ଉପମେୟ)ର ଆରୋପ ମଧ୍ୟ ହୋଇଛି । କବିଙ୍କ ଭାଷାରେ-

"ସେଦିନ ଏମିତି କଳା ବଉଦର ଫାଙ୍କେ / ଝରି ପଡ଼ିଥିଲା ଜୋଛନା- ରାଣୀର ହସ, / କିଆବଣ କୋଲୁ ଭାସି ଆସୁଥିଲା / କିଆ କୁସୁମର ବାସ / ବାଉଁଶ ବଣର ତଳେ ଲାଗିଥିଲା / ଆଲୁଅ ଛାଇର ରାସ ।" (ମହାନ୍ତି, ସହକାର, ମେ, ୧୯୩୯ : ୧୬୫) ବର୍ତ୍ତମାନରେ ଥାଇ କବି ଚିନ୍ତା କରିଛନ୍ତି ସେଦିନର କଥା । ସେଦିନ ଏହିପରି କଳାମେଘ ଆଢୁଆଳରେ ଜୋଛନାରାଣୀ ସ୍ମିତ-ହସିତ ହସ ହସୁଥିଲା । କିଆବଣରୁ ଭାସିଆସୁଥିଲା ମନୋହରୀ କିଆକୁସୁମର ବାସ୍ନା ଓ ସାମାନ୍ୟ ପବନରେ ଗାଁର ବାଉଁଶବଣର ଛାଇରେ ଆଲୁଅ ମଝିରେ ମଝିରେ ପଡ଼ି ଚିତ୍ରିତ ଦିଶୁଥିଲା । ଏଠାରେ ବାଉଁଶଗଛ ଛାଇ କଥା ଅଧିକ କୁହାଯାଇଛି । ମାତ୍ର ଏଠାରେ ବି ସେଇ ତାଳଗଛର ବର୍ଣ୍ଣନା ରହିଛି । ତୃତୀୟା ଜହ୍ନଟି ମେଘ ଆଢୁଆଳରୁ ସେ ବଙ୍କା ତାଳଗଛ ଉପରେ ଫୁଟିଉଠୁଥିଲା । ଏପରି ଏକ ରୋମାଣ୍ଟିକ୍ ପରିବେଶ ମଧ୍ୟରେ କବି ପ୍ରେୟସୀ ସଜଳ ଆଖିନୀରେ ଭସାଇ ଦେଇଛି । ପ୍ରେମିକାକୁ ଦେଖି ତରୁଣ ପ୍ରେମିକ କବି ମଧ୍ୟ ନିଜ ଆଖିରୁ ଅଶ୍ରୁ ସ୍ରବଣକୁ ଅଟକାଇପାରିନି । ଏହା ଦେଖି ସେହି ପ୍ରେମିକାଟି ପଚାରିଛି- ଏହି ଅଶ୍ରୁର କାରଣ କ'ଣ ତା'ପ୍ରତି ଥିବା ନିସର୍ତ୍ତ ସ୍ନେହ ଓ ଭଲପାଇବା ? କବିଙ୍କ ଭାଷାରେ- "ବିଲ ମଝିରେ ସେ ବଙ୍କା ତାଳଗଛ ଶିରେ / ମେଘ ଆଢୁଆଳୁ ଫୁଟି ଉଠୁଥିଲା ତୃତୀୟା ଜହ୍ନଟି ଧୀରେ । ସେତିକି ବେଳେ ଗୋ କହିଥିଲ ତମେ ଭସାଇ ନୟନ ନୀରେ / "ସିନିହ କର କି ମତେ / ଲାଞ୍ଛିତା ଏହି ଅଭାଗିନୀ ପାଇଁ ଅଶ୍ରୁ ଝରାଅ ସତେ ?" (ମହାନ୍ତି, ସହକାର, ମେ, ୧୯୩୯ : ୧୬୫) ଏହାଥିଲା ଅତୀତର ଫ୍ଲାସ୍‌ବ୍ୟାକ୍ । ଅତୀତରେ ଏମିତି ଏକ ରୋମାଣ୍ଟିକ୍ ପରିବେଶରେ କବି ତା ପ୍ରେୟସୀ ସହ ଆନନ୍ଦ ଓ ଦୁଃଖରେ ଅଶ୍ରୁସଜଳ ହୋଇଉଠିଥିଲେ । ଆଜି ପୁଣି ଅନୁରୂପ ପରିବେଶ ଆସିଛି । ପ୍ରୋଜୋପୋପିଆ ଦ୍ୱାରା ଜହ୍ନକିରଣ ଏଠି ପର୍ସନିଫାଏଡ୍ ଓ ଏ ସବୁର ସାକ୍ଷୀ ପାଲଟିଛି । ଆଜିବି ମେଘ ଭାସିଭାସି ଆକାଶରେ ଆସିଛି । ଜୋଛନା ହସିଛି । କିଆଫୁଲର ମହମହ ବାସ୍ନାକୁ ବାହିଆଣିଛି ସମୀରଣ । ଅବଶ୍ୟ ସେ ସମୀରଣ, ଏବେ ଗନ୍ଧବହ ନହୋଇ ପାଲଟିଛି 'ବତାସ'ରେ । ବାଉଁଶ ବଣର ଗହଳ ପତର ଫାଙ୍କରେ, ଛାଇ ଆଲୁଅରେ ଖେଳ ଅନୁରୂପ ଭାବରେ ଚାଲିଛି । ମାତ୍ର ଏତିକି ପ୍ରଭେଦ ରହିଛି ସେଦିନ ଓ ଏଦିନ ମଧ୍ୟରେ ଯେ, କବି ପ୍ରେୟସୀ ଆଉ କବି ପାଖରେ ନାହିଁ । ପୂର୍ବୋକ୍ତ 'ଲତା' କବିତା ପରି ଏହି ସେଦିନ କବିତାର କଥା ମଧ୍ୟ ବିପ୍ରଲମ୍ଭ ଜନିତ । ନାୟକ-ନାୟିକାର ମିଳନ ଘଟିନାହିଁ ଠିକ୍ ପୂର୍ବପରି । ବିରହାନଳରେ ନାୟକ କବି ଦହନଜ୍ୱାଳା ସହିବା ଛଡ଼ା ଅନ୍ୟକିଛି ବାଟ ନାହିଁ । କବିଙ୍କ ଭାଷାରେ- "ଆଜିବି ସେମିତି ମେଘ ଭାସିଆସେ ଆକାଶେ / ଜୋଛନା ବି ହସେ ଆମରି ମିଳନ ସକାଶେ / କିଆ କୁସୁମର ବାସ ଭାସି ଆସେ ବତାସେ । ବାଉଁଶ ବଣର ଗହଳ ପତର ଫାଙ୍କେ / ଛାଇ ଓ ଆଲୁଅ ଗଛ ବୁରୁଛର ଶାଖେ / ଏତିକି ଖାଲି ଗୋ ରହିଛି ପ୍ରଭେଦ / ତୁମେ ନାହଁ ମୋର ପାଶେ ।" (ମହାନ୍ତି, ସହକାର, ମେ, ୧୯୩୯ : ୧୬୫) ଆଲୋଚ୍ୟ କବିତାରେ "କିଆ କୁସୁମର ବାସ"କୁ ସମୀରଣ ବା ଗନ୍ଧବହ ବା ପବନ ବାହି ନଆଣି 'ବତାସ' ବାହି ଆଣିବା ସୂଚାଇଛି ପ୍ରେମିକା ଠାରୁ ବିରହ ପାଇଁ ଯନ୍ତ୍ରଣା ଜର୍ଜରିତ ପ୍ରେମିକ ଛାତିର କୋହଭରା ଆର୍ତ୍ତନାଦପୂର୍ଣ୍ଣ ଅଶାନ୍ତ ପରିବେଶକୁ । ଏହା ସୂଚାଇଛି ତା'ର ଅଶାନ୍ତ ମାନସିକ ସ୍ଥିତିକୁ । ଏଠାରେ ମଧ୍ୟ ପୂର୍ବବର୍ତ୍ତୀ କବିତା ଅପ୍ରେଲ୍ ମାସ ୧୯୩୯ ମସିହା 'ସହକାର'ରେ ପ୍ରକାଶିତ 'ଲତା' ପରି ବିପ୍ରଲମ୍ଭ ଶୃଙ୍ଗାର ରସର ଅସ୍ତିତ୍ୱକୁ ରସିକ ପାଠକ ଉପଲବ୍ଧି କରିପାରିବ । ଏହି ବିପ୍ରଲମ୍ଭ 'ପ୍ରବାସ ବିପ୍ରଲମ୍ଭ' ଜାତୀୟ । ନାୟକ ମନର ହା'ହୁତାଶ ଲକ୍ଷ୍ୟ କରିଥିଲାବେଳେ ରାଧାନାଥ ରାୟଙ୍କ 'ମେଘଦୂତ' କାବ୍ୟରେ ବର୍ଣ୍ଣିତ ଯକ୍ଷ ଓ ଯକ୍ଷ ନାୟିକା (ଭାବିନି) ମଧ୍ୟରେ ଘଟିତ ଘଟଣା ମନକୁ ଆସେ । କବିଙ୍କ ଭାଷାରେ- "କି ରୂପେ ଗମିବି ମୁଁ ଏ ଘୋର କାଳ / ଭାବ ଭାବିନି ! କଷ୍ଟ କେଡ଼େ କରାଳ ॥ ସ୍ୱପନେ ବାଳା ତୋତେ ଲଭି ସକାଶେ / ପ୍ରସାରି ବେନିବାହୁ ଆଶ୍ଳେଷ ଆଶେ; ଶୂନ୍ୟକୁ ଭିଡ଼ଇ ମୁଁ ତା'ଦେଖି ଧନ ! ବର୍ଷଇ ଅଶ୍ରୁ ବନ ଦେବୀ ନୟନ ॥" (ମେଘଦୂତ) ଏହିପରି ଆଲମ୍ବନ ବିଭାବ କବି ଓ କବି ପ୍ରେୟସୀ ମଧ୍ୟରେ ବିପ୍ରଯୋଗ ବ୍ୟକ୍ତ ହୋଇଛି । ଏସବୁ କବିତାର କାରିଗରୀକୁ ଲକ୍ଷ୍ୟକଲେ, ଗୁରୁପ୍ରସାଦଙ୍କ ଏହି ଅଧ୍ୟାୟ ବା ଏହି ପର୍ଯ୍ୟାୟର କବିତା ଗୁଡ଼ିକ ଦୁର୍ବଳ ଶିଳ୍ପକଳା ବିଶିଷ୍ଟ ନୁହେଁ ବୋଲି ସ୍ପଷ୍ଟ ଜଣାପଡ଼େ ।

ଏହି ପର୍ଯ୍ୟାୟରେ ଲେଖା ହୋଇଥିବା ଗୋଟିଏ ବଳିଷ୍ଠ କବିତା ହେଉଛି 'ସପନତରୀ' ଯାହା 'ସହକାର' ପତ୍ରିକାର ୨୦ବର୍ଷ ୩ୟ ସଂଖ୍ୟା ଆଷାଢ଼, ୧୩୪୬ ସାଲ ତଥା ୧୯୩୯ ମସିହା ଜୁନ୍ ମାସ ସଂଖ୍ୟାର ୨୪୦ ପୃଷ୍ଠାରେ ପ୍ରକାଶ ପାଇଥିଲା । ଏଠାରେ କବି ଶ୍ରୀ ମହାନ୍ତି ଆପାତତଃ ଅଧିକ ସିରିୟସ୍ ଜଣାପଡ଼ିଛନ୍ତି । ଏହି କବିତାରେ 'ଅଦୃଶ୍ୟ'ର କାର୍ଯ୍ୟ ଓ କରାମତି କଥା କୁହାଯାଇଛି । ତା'ରି ନିର୍ଦ୍ଦେଶରେ ଜନ୍ମ, ମୃତ୍ୟୁ ଓ ତମାମ୍ ଜୀବନର କଥା ଘଟେ ବୋଲି କବି ସ୍ୱୀକାର କରନ୍ତି । ତା'ରି ଇଙ୍ଗିତରେ ଗୋଲାପ ବଧୂର ରକ୍ତ ଅଧରରେ ମଞ୍ଜୁଳ ମଧୁ ଅତୁଳ ହାସ୍ୟ ଫୁଟିଉଠେ, ରୂପ ଯୌବନ ଖେଳିଉଠେ, ଲାବଣ୍ୟ ରୂପବିଭା ଖେଳିଯାଏ । ପୁଣି ସେହି ଅଦୃଶ୍ୟର ଇଙ୍ଗିତରେ ବାର୍ଦ୍ଧକ୍ୟ ଆସେ, ଯୌବନ ମିଶିଯାଏ ମାଟିରେ, ପଞ୍ଚତତ୍ତ୍ୱର ଶରୀର ମିଶିଯାଏ ପଞ୍ଚଭୂତରେ । ଘନ ଅନ୍ଧାର କୋଳରେ ସବୁଦିନେ ମିଶିଯିବ, ନିଶ୍ଚିହ୍ନ ହୋଇଯିବ । ଏ ଯୌବନ କ୍ଷଣସ୍ଥାୟୀ, ରୂପ-ବିଭା ଚିରଦିନ ରହିବାର ନୁହେଁ । ଏଣୁ ଏ ରୂପ-ଯୌବନ ସୌନ୍ଦର୍ଯ୍ୟ ସବୁ ଘନ ବିସ୍ମୃତି ତଳେ ମିଶିଯିବ ଦିନେ ନା ଦିନେ । କବିଙ୍କ ଭାଷାରେ- "ଇଙ୍ଗିତେ ଯାର ଗୋଲାପ ବଧୂର ରକ୍ତ ଅଧର ଠାରେ / ମଞ୍ଜୁଳ ମଧୁ ଅତୁଳ ହାସ୍ୟ ନିବିଡ଼ ପୁଲକେ ଝରେ/ ସେଇ ଅଜଣାର ଇଙ୍ଗିତେ ପୁଣି ଗୋଟିଏ ଦିନର ଶେଷେ / ଗୋଲାପବାଳାର ଯୌବନ ମିଶେ ରୁକ୍ଷ ମାଟିର ଦେଶେ / ସେମିତି ସଖି ଗୋ, ଉଜ୍ଜ୍ୱଳ ଏଇ ଭରା ଯୌବନ ରୂପ / ସେଇ ଅଜଣାର ଇଙ୍ଗିତେ ଦିନେ

ହେବ ଲୋ ମାଟିର ସ୍ତୁପ । ତା'ପରେ ଗହନ ଘନ ଅନ୍ଧାର କୋଳେ / ପୃଥିବୀ ବକ୍ଷୁ ଲୁଚିଯିବୁ ଆମେ ଘନ ବିସ୍ମୃତି ତଳେ ।" (ମହାନ୍ତି, ସହକାର, ଜୁନ୍, ୧୯୩୯ : ୨୪୦) ଏ ସମୟରେ ଜୀବନ ଓ ଯୌବନର କ୍ଷଣସ୍ଥାୟୀତ୍ୱ ଓ ନଶ୍ୱରତାକୁ ତରୁଣ କବି ଚିତ୍ତ ଲପଲବ୍ଧି କରିଛି । ପୁଣି ଯେଉଁ ଭଂଗୀରେ ନିଜର ପ୍ରେୟସୀକୁ ତରୁଣ କବି କହିଛନ୍ତି- ସେଥିରୁ କେବଳ ମେଚ୍ୟୁରିଟି ବା ପରିପୃକ୍ତିର ବାସ୍ନା ହିଁ ଆସେ । ଯୌବନର ଔଜଲ୍ୟରେ ଆଖି ଝଲସିଯିବା ବା ବାଟହୁଡ଼ିବା ତଥା ଏହି ଅଦୃଶ୍ୟ ସତ୍ତାର ନିୟନ୍ତ୍ରଣ ଓ ସର୍ବଶକ୍ତିମାନ ସତ୍ତାର କ୍ରିୟାକୁ ପାଶୋରି ଯିବା ସହଜ ମନେହେଲେ ହେଁ, କବି ଗୁରୁପ୍ରସାଦଙ୍କ ଠାରେ ଏହା ପରିଲକ୍ଷିତ ହୋଇନାହିଁ, ଅଧିକନ୍ତୁ ଜଣେ ସଚେତନ ପାଠକ ଏଠାରେ ମହାନ୍ତିଙ୍କ ସୂକ୍ଷ୍ମ କାବ୍ୟିକ ଓ ଚୈତନ୍ୟଗତ କ୍ଲାରିଟିକୁ ଉପଲବ୍ଧି କରିଥାଏ । କିନ୍ତୁ ଧୀରେଧୀରେ କବିତାକୁ ପ୍ରବେଶ କଲେ ଜଣାଯିବ ଯେ, କବିଚିତ୍ତ ଅନ୍ୟକିଛିକୁ ଗୁରୁତ୍ୱଦେଇ ଏହି ପ୍ରସଙ୍ଗକୁ ଏକ କାରକ ଭାବରେ ଉପସ୍ଥାପନ ମାତ୍ର କରିଛି । ଜୀବନ ଖୁବ୍ ଛୋଟ ଅବଧି ବିଶିଷ୍ଟ ଓ ଅନିଶ୍ଚିତତା ସଂପନ୍ନ । ତେଣୁ ତାକୁ ମନଭରି, ପ୍ରାଣଭରି ନିରୁତା ପ୍ରକୃତି ସହ ଜୀଇଁନେବାକୁ କବି ପସନ୍ଦ କରିଛନ୍ତି ଓ ଅଧିକରୁ ଅଧିକ ପ୍ରେରଣା ଦେଇଛନ୍ତି । 'ସପନତରୀ' ଆବଶ୍ୟକତା ଏଇଠି ଅନୁଭୂତ ହୋଇଛି । ଭୋଲଟାୟାର୍ ଥରେ କହିଥିଲେ- "The safest course is to do nothing against one's conscience. With this secret, we can enjoy life and have no fear from death." ଅର୍ଥାତ୍ ବିବେକକୁ ବାଧା ନଦେଇ ନିଜକୁ ଭଲ ଲାଗୁଥିବା କାମ କରିଯିବା ହିଁ ଜୀବନରେ ଆନନ୍ଦ ପାଇବାର ଅମୋଘ ରହସ୍ୟ । ଜେନ୍ ବର୍କିନ୍ (Jane Birkin) ଏ ସଂପର୍କରେ କହିଛନ୍ତି ଯେ, ଯେତେବେଳେ ତମେ ଜାଣିବ ଯେ ତୁମେ ଆନନ୍ଦରେ ଅଛ ଓ ସେହି ଆନନ୍ଦକୁ ଚିହ୍ନିପାରିବ, ସେତେବେଳେ ଜୀବନ ଆନନ୍ଦମୟ ହୋଇଯିବ । ଏଣୁ ବ୍ୟକ୍ତିକୁ ଏଥିପାଇଁ ବାହାରକୁ ନୁହେଁ, ଅଧିକନ୍ତୁ ନିଜ ଭିତରକୁ ଫେରି ଦେଖିବାକୁ ହେବ । Rachel Ann Nunes ତ ସିଧାସିଧା କହିଲେ- "Do what makes you happy, be with who makes you smile, laugh as much as you breathe, and love as long as you live." କେଡ଼େ ବଡ଼ ଓ ଗଭୀର ତତ୍ତ୍ୱର କଥା ଏ ଟିକକ ! ଟମି ବୋଲିନ୍ଙ୍କ ପରି ଜୀବନଦର୍ଶୀ କହନ୍ତି ଯଦି କୌଣସି କାର୍ଯ୍ୟ ଆନନ୍ଦମୟୀ ନୁହେଁ, ସେପରି କାର୍ଯ୍ୟ କରଣୀୟ ନୁହେଁ । କବି ଗୁରୁପ୍ରସାଦ ଯେପରି ଭାବରେ ସମାଜରୁ ଦୂରରେ, ନିର୍ଜନ ବନ ବୁକୁରେ, ପ୍ରକୃତିର ହୃଦୟ ଭିତରେ ଏକାନ୍ତ ନିବିଡ଼ତାର ସହ ନୀଡଟିଏ ରଚିବାକୁ ଚାହିଁଛନ୍ତି କବି ଜର୍ଜ ଗର୍ଡନ ବାଇରନ୍ (୧୭୮୮-୧୮୨୪)ଙ୍କ Child Harold's Pilgirimage କାବ୍ୟରେ ଅନୁରୂପ ସ୍ୱରରେ ଗାଇଉଠିଛନ୍ତି ନିଜ ହୃଦୟର ସ୍ପନ୍ଦନର ଗାଥା । ତାଙ୍କରି ଭାଷାରେ- "There is a pleasure in the pathless woods, / There is a rapture on the lonely shore,/ There is society, where none intrudes, / By the deep sea, and music in its roar: / I love not man the less, but Nature more." ବାଇରନ୍ ଏଇଟି ଲେଖିଲାବେଳକୁ ତାଙ୍କୁ ବୟସ ହୋଇଥିଲା ୨୩ ବା ୨୪ ବର୍ଷ । ସେ ମଧ୍ୟ ରୋମାଣ୍ଟିକ୍ କଥାଗୁଡ଼ିକୁ ବା ଗଳ୍ପ ଗୁଡ଼ିକୁ ପଦ୍ୟରେ ରଚନା କରୁଥିଲେ । ତାଙ୍କର ଜୀବନାୟନର ମାତ୍ର କେତୋଟି କଥା ଗୁରୁପ୍ରସାଦଙ୍କ ଜୀବନାୟନ ସହ ବେଶ୍ ସାମଞ୍ଜସ୍ୟ ମଧ୍ୟ ରକ୍ଷାକରେ । ତାଙ୍କର ପଦ୍ୟରେ ଲିଖିତ ପ୍ରସିଦ୍ଧ ବ୍ୟଙ୍ଗାତ୍ମକ ଉପନ୍ୟାସ 'ଡନ୍ ଜୁଆନ୍' (Don Juan) ପରି ଗୁରୁପ୍ରସାଦଙ୍କ ଦୀର୍ଘ କବିତା 'କାଳପୁରୁଷ' କଥା ଚିନ୍ତା କରାଯାଇପାରେ । ତେବେ ସବୁଜ କବିଙ୍କ ପରି ମର୍ତ୍ତ୍ୟରେ ଅମରାବତୀର ସ୍ୱପ୍ନ ସେ ଦେଖିନାହାଁନ୍ତି ସତ; କିନ୍ତୁ ଯୌବନକୁ ଅନୁଭବ କରିବା ପାଇଁ ସବୁଜ କବି ଅନ୍ନଦାଙ୍କ ପରି ଦୂର-ସୁଦୂରକୁ ଚାଲିଯିବାକୁ ଚାହିଁଛନ୍ତି । ଅନ୍ନଦାଶଙ୍କର ରାୟ ସେଦିନ ଗାଇଉଠିଥିଲେ- "ଯିବି ପଳାଇ / ଦୂରେ ସୁଦୂରେ/ ସ୍ୱପନ ଲୋକେ / ଗୋପନ ପୁରେ / ଗ୍ରହତାରକା ଏଡ଼ାଇ / ଯଉବନର / ଝରଣାକୂଳେ / ମଳୟ ଯହିଁ / ନିୟତ ବୁଲେ / କୁସୁମ କେତୁ ଉଡ଼ାଇ ।" (ପାଣିଗ୍ରାହୀ (ସଂ.), ୧୯୩୧ : ୧୩) ଅନ୍ନଦାଶଙ୍କର ଆହୁରି ଏହି 'ସୃଜନସ୍ୱପ୍ନ'ରେ ଗାଇଛନ୍ତି- "ସୃଜନ ମୋହ ମାଦକ ପରି / ରହିଛି ମୋର ଚେତନା ଭରି / ଦେଇଛି ସବୁ ଭୁଲାଇ । ଏ ଲୋକେ ମୋର ବାସନା ଦଳ / ବ୍ୟର୍ଥ ବୃଥା ସିନା ସକଳ ! / ଏ ଲୋକୁ ଯିବା ପଳାଇ ।" (ପାଣିଗ୍ରାହୀ (ସଂ.), ୧୯୩୧ : ୧୩) କବି ରାୟ ଯେଉଁ 'ଶୋଭାବନ' (ତତ୍ରୈବ- ପୃ. ୧୪) କଥା କହିଛନ୍ତି କବି ଗୁରୁପ୍ରସାଦ ଅବଶ୍ୟ ଏକ୍‌ଦମ୍ ସେହି ଆଲୋକିତ, ବ୍ୟଥାହୀନ, ଲେଶମାତ୍ର ଦୁଃଖହୀନ, କ୍ଷୁଧା-ପିପାସା ରହିତ ବନ କଥା କହିନାହାଁନ୍ତି, କିନ୍ତୁ ଏ ସମାଜ, ଏ ଲୋକମେଳ, ଭିଡ଼, ଜନମତ ଠାରୁ ଦୂରରେ 'ନିର୍ଜନ ବନ ବୁକୁରେ' (ମହାନ୍ତି, ସହକାର, ଜୁନ୍, ୧୯୩୯ : ୨୪୦) ରହିବା କଥା କହିଛନ୍ତି । ଅବଶ୍ୟ ଏଇଠି ଅନ୍ନଦାଙ୍କ 'ପ୍ରଳୟ ପ୍ରେରଣା' କବିତାର ସ୍ୱର ଝଙ୍କୃତ ହୁଏ । କିନ୍ତୁ ଗୁରୁପ୍ରସାଦଙ୍କ କବିତାରେ ପୁରାପୁରି ଏକା କଥା ନାହିଁ । ଅନ୍ନଦା ଗାଇଲେ- "ଅନନ୍ତ ଜୀବନମୋଦେ / ଅବହେଳେ ସ୍ପର୍ଦ୍ଧିତ ମରଣେ / ସମାଜ ମାନିବି ନାହିଁ / ଲୋକମତ ଦଳିବି ଚରଣେ ।" (ପାଣିଗ୍ରାହୀ (ସଂ.), ୧୯୩୧ : ୦୨) ମୃତ୍ୟୁ ଅବଶ୍ୟମ୍ଭାବୀ ବୋଲି କବି ଗୁରୁପ୍ରସାଦ ସ୍ୱୀକାର କରିଛନ୍ତି ଓ ଅନନ୍ତ ଶୟନରେ ଅଦୃଶ୍ୟ ନଟର ଇଙ୍ଗିତରେ ସବୁଦିନେ ଶେଷ ହୋଇଯିବ ବୋଲି କହିଛନ୍ତି ସତ କିନ୍ତୁ ଜୀବନକୁ ଜୀଇଁବା କଥା କହି ସେ ମଧ୍ୟ ମରଣକୁ ଆପଣାର ତଥା ଯୌବନର ପରୋକ୍ଷ ସ୍ପର୍ଦ୍ଧା ଦେଖାଇଛନ୍ତି । ପୁଣି ଏ ସମାଜରେ ପାପ, ମିଥ୍ୟା, ମୋହ, ପ୍ରବଞ୍ଚନା, ଧର୍ମ ନାମରେ, ନୀତି ନାମରେ, ଜାତି ନାମରେ ଓ ଅନ୍ୟାନ୍ୟ ମାନବକୃତ ଆବର୍ଜନାକୁ ଅସ୍ୱୀକାର କରି ଅନ୍ନଦାଙ୍କ ପରି ସେ ଏକାନ୍ତ ବାସ ତଥା ସୁଦୂରବର୍ତ୍ତୀ ସ୍ଥାନରେ ପ୍ରକୃତି ଭିତରେ କାଳାତିପାତ କରିବାକୁ ଇଚ୍ଛାପ୍ରକାଶ କରିଛନ୍ତି । ଗୁରୁପ୍ରସାଦଙ୍କ

'ସପନତରୀ' କବିତାର ପ୍ରଥମ ପଦ ବା ଷ୍ଟାଞ୍ଜାରେ ଯେଉଁ ମୃତ୍ୟୁ ବା ମୃତ୍ୟୁ ଓ ଜୀବନର କାରିଗରକୁ ଉପଲବ୍ଧି କରିବା କଥା କୁହାଯାଇଛି ତା'ର ଅନୁରୂପ ଅନୁଭବ ସବୁଜସଖା ହରିହର ମହାପାତ୍ରଙ୍କ 'ଯାଅଯାତ୍ରୀ' (ପାଣିଗ୍ରାହୀ (ସଂ), ୧୯୩୧ : ୫୫) ଓ 'ଭଗ୍ନବୀଣା' (ତତ୍ରୈବ : ୫୬-୫୭) କବିତାରେ ମିଳିଥାଏ। ସେହିପରି 'ଅଭିସାରିକା' କବିତାରେ କବି ଶରତଚନ୍ଦ୍ର ମୁଖାର୍ଜୀ ମଧ୍ୟ ସେଇ ବନକୁ ରୋମାନ୍ସର ସ୍ଥାନ ଓ ଜୀବନ ଯୌବନର ଉପଯୁକ୍ତ ସ୍ଥାନ ବୋଲି କହିଛନ୍ତି। ତାଙ୍କ ଭାଷାରେ- "ଚଞ୍ଚଳ ପାଦ ଚାଲି ଯାଅ ଚାଲି କାହିଁ ଗୋ / ଅନ୍ଧାରୁଆ ବନପଥ ତିଳେ ଭୟ ନାହିଁ ଗୋ / ××× / ବନପଥେ ହୃଦନାଥ ଅଛନ୍ତି କି ଚାହିଁ ଗୋ ?" (ପାଣିଗ୍ରାହୀ (ସଂ), ୧୯୩୧ : ୧୦୩) ସବୁଜ କବିର ପଳାୟନ ପ୍ରବୃତ୍ତି ପରି କବି ଗୁରୁପ୍ରସାଦ କଳ୍ପନାର ଲୋକରେ ନିଜକୁ ସୁରକ୍ଷିତ ଓ ସୁସ୍ଥ ମନେକରିଛନ୍ତି। ସେ କଳ୍ପନାର ଆୟୋଜନ ପାର୍ଥିବ ପ୍ରକୃତି କୋଳରେ ଦେଖାଯାଇଛି, ସବୁଜ କବିଙ୍କ ପରି ଗ୍ରହତାରକା ଏଡ଼ାଇ ସେ ଅନ୍ୟ ଏକ ଗ୍ରହ ବା ଅନ୍ୟଦେଶକୁ ଯିବାକୁ ଚାହିଁନାହାଁନ୍ତି। ସେଠି ଥିବ ବଣଲତା, ସେଥିରେ ଫୁଟିଥିବ କେତେ ରଙ୍ଗ, କେତେକେତେ ବାସ୍ନାର ଫୁଲ, ସେହି ଶ୍ୟାମଳିମା ଭିତରେ ଗୁଞ୍ଜରି ଉଠୁଥିବ ଶତଶତ ପ୍ରକାରର ପକ୍ଷୀଙ୍କ କୂଜନ, ସେସବୁ ବିହଗକାକଳି ମିଶି ତୋଳୁଥିବ ଏକ ଅପୂର୍ବ ପ୍ରକୃତିର ଅନନ୍ୟ ମଧୁ ସଂଗୀତର ମୂର୍ଚ୍ଛନା। ରୂପସୀ ବର୍ଷା ସେ କାନନରେ ହସିହସି ଯାଏ, ଶରତ ରାଣୀ ସେଇଟି ନଇଁପଡ଼ି ତଟସ୍ଥ ହେଉଥାଏ, ନବବସନ୍ତ ସେହି ବଣ ଦ୍ୱାରା ନିଜ ଅଞ୍ଚଳକୁ ଫୁଲରେ ଭର୍ତ୍ତି କରିଥାଏ। ଧରାବକ୍ଷରେ ଭରିଯାଏ ସବୁଜ ଶସ୍ୟରାଜି, ସବୁଠି ସବୁଜ ସବୁଜ, ପୂର୍ଣ୍ଣ ପୂର୍ଣ୍ଣ, ହସିଲା ହସିଲା ଲାଗେ। ଗ୍ରୀଷ୍ମ ମଧ୍ୟ ସେଠାକୁ ଆସିବା କଥା କହିଛନ୍ତି କବି। ସେ ପୁଣି ନିଜର ଭୀମ ଭୈରବ ରାଗତୋଳି ନିଜର ଝାଞ୍ଜିପବନ ସାଥିରେ ବନରୁ ବନ ଜାଳିପୋଡ଼ି ପ୍ରୋସେସନ୍ କରି ମାତିବା କଥା କହିଛନ୍ତି। ସେଠାରେ ପ୍ରକୃତିର ସମସ୍ତ ସ୍ପର୍ଶ ରହିବା କଥା କବି କହିଛନ୍ତି। ଗ୍ରୀଷ୍ମ, ବର୍ଷା, ବସନ୍ତ, ଶରତାଦି ସବୁର ସ୍ପର୍ଶରୁ ଜଣାପଡୁଛି କବି ଆଲୋକ-ଆନନ୍ଦ ଓ ସବୁଜିମାମୟ ପ୍ରାକୃତିକ ପରିବେଶ ଓ ପରିସ୍ଥିତିକୁ କୃତ୍ରିମ ଦୁନିଆଁରେ ନପାଇ ଦୁଃଖିତ ଓ ସେଥିପାଇଁ ସେ ଏପରି ଇଚ୍ଛାପ୍ରକାଶ କରିଛନ୍ତି। ଶୀତ ଓ ହେମନ୍ତର ଅନୁପସ୍ଥିତି ଅବଶ୍ୟ ଯୌବନ ସାପେକ୍ଷ ଓ ଜୀବନ ସାପେକ୍ଷ ଦର୍ଶନ ଓ ଭାବନାଦିକୁ ସୂଚାଏ। କିନ୍ତୁ ଗ୍ରୀଷ୍ମର ତାଣ୍ଡବକୁ ସ୍ୱୀକାର କରିବା କଥା ଏକପ୍ରକାର ବିରୋଧୀ ଚିନ୍ତାର ଆଭାସ ପ୍ରଦାନ କରେ। ତେବେ କବି ଯେ, ପ୍ରକୃତିମୁଖୀ ଓ Natureକୁ ଫେରିଯିବା କଥା କହୁଛନ୍ତି, ତା'କୋଳରେ ବଞ୍ଚିବା କଥା କହୁଛନ୍ତି- ଏଥିରେ ଦ୍ୱିରୁକ୍ତି ଥାଇନପାରେ। ଏପରି ଏକ ପ୍ରାକୃତିକ ପରିବେଶରେ ମଣିଷର ସ୍ୱାର୍ଥସୃଷ୍ଟ ସମାଜ-ନିୟମ-କାନୁନ୍-ଧର୍ମ-ଜାତି-ସରମ-ଭୟାଦିର ଲେଶ ମାତ୍ର ନଥିବ। ଏଣୁ ଏ ଆର୍ଟିଫିସିଆଲ୍ ଜଗତରୁ, ମଟେରିଆଲ୍ ଜଗତରୁ ଦୂରରେ ଏକ ପ୍ରାକୃତିକ ଜଗତ ପାଖରେ ଜୀବନକୁ ନିଜ ପ୍ରାଣପ୍ରିୟା-ପ୍ରେୟସୀ ପାଖରେ ରହି ଅତିବାହିତ କରିବାକୁ କବି ଇଚ୍ଛାପ୍ରକାଶ କରିଛନ୍ତି। କବିଙ୍କ ଭାଷାରେ- "ସେଥିପାଇଁ ଦୂରେ ବହୁଦୂରେ ସଖି, ନିର୍ଜନ ବନବୁକେ / ପ୍ରକୃତି ସହ ଶାନ୍ତ ଉରସେ ରଚିବା ନୀଡ଼ଟି ସୁଖେ / ବଣଲତା ଘେରା ପୁଷ୍ପରେ ଭରା ଶ୍ୟାମଳକୁଞ୍ଜ କୋଳେ / କୁହୁ କେକା ଯହିଁ ଉତ୍ସବେ ମାତି ମଧୁସଂଗୀତ ତୋଳେ / ରୂପସୀ ବର୍ଷା ଗମ୍ଭୀର ନୀଳ ହାସ ହସିଯାଏ ଯହିଁ / ଶରତ ରାଣୀର ସ୍ୱଚ୍ଛ ନୟନ ବଣକୋଳେ ପଡ଼େ ନଇଁ / ନବ ବସନ୍ତ ଅଞ୍ଚଳ ତା'ର ସଜାଇ ପୁଷ୍ପ ଭାରେ / ସୁନ୍ଦର କରି ଭରିଦିଏ ମାଟି ସବୁଜ ଶସ୍ୟସାରେ / ଗ୍ରୀଷ୍ମ ଯେଉଁଠି ଭୈରବ ଭୀମ ଝାଞ୍ଜି ପବନ ସାଥେ / ଅଗ୍ନି ଜଳାଇ ବନ ବନାନ୍ତେ ଗୁରୁ ଗୌରବେ ମାତେ / ସେଇ କାନନର ନିରୋଳ ନୀରବ ପୁରେ/ ଆମେ ଦିହେଁ ସଖି ଲୋକ ଗହଳରୁ ଅପସରି ଯିବା ଦୂରେ / ନଥିବ ସମାଜ ଲୋକେ ଅପବାଦ ନଥିବ ସରମ ଭୟ / ରାଷ୍ଟ୍ର, ଧରମ, ନିୟମର ସାଥେ ନାହିଁ ଥିବ ପରିଚୟ।" (ମହାନ୍ତି, ସହକାର, ଜୁନ୍, ୧୯୩୯ : ୨୪୦) ଏ ସମସ୍ତ କଳ୍ପନା ଆଶ୍ରୟ ନେଇଛି ସ୍ୱପ୍ନର। ତେଣୁ 'ସପନତରୀ'ରେ ଦୂରକୁ ଚାଲିଯିବା କଥା କବି କହିଛନ୍ତି। ଏହାର ଅର୍ଥ ମଧ୍ୟ ଏଇୟା ଯେ ସମାଜ ବିରୋଧରେ ସେ କରିଥିବା ଚିନ୍ତା ସହଜରେ ସଫଳ ହୋଇପାରିବନି ବୋଲି ମଧ୍ୟ ସେ ଜାଣିଥିଲେ। ଏଣୁ ସ୍ୱପ୍ନ ରାଜ୍ୟ, କଳ୍ପନା ରାଜ୍ୟର କଥା ଏଠାରେ ଉଠିଛି। ପ୍ରେମିକଟିଏ ନିଜେ ହିଁ ବିପ୍ଳବୀ। ସେ ବିପ୍ଳବ କରେ ସମାଜ ଓ ସାମାଜିକ ରୀତି-ନୀତି-ଧରାବନ୍ଧା ଫର୍ମୁଲା ବିରୁଦ୍ଧରେ। ଏଇ ସ୍ୱପ୍ନ ଜଗତରେ ମନମୁତାବକ ପ୍ରଣୟପୁଲକ, ଜ୍ୟୋତ୍ସ୍ନା ଆଲୋକ ପ୍ରଭୃତିର ଉପସ୍ଥିତି କଥା ଭାବି ରୋମାଞ୍ଚିତ ହୋଇଛନ୍ତି। ଭଲ ପାଇବାର ଚରମ ସ୍ଥିତିରେ ଶେଷରେ ଅନ୍ଧାର ଦିନେ ଆସିବ ଓ ସେ ଅନ୍ଧାରର କାରିଗର, ଅଜ୍ଞାତ ବିରାଟ ସତ୍ତାର ବିପୁଳ ଶରୀରରେ ବିଲୀନ ହୋଇଯିବା କଥା କହିଛନ୍ତି। ଅର୍ଥାତ୍ ଏଠାରେ 'ମୃତ୍ୟୁଚେତନା' ଓ 'ରହସ୍ୟବାଦୀ ଚେତନା' ଉଭୟ ଆସିଛି। କବି ଏକାଧାରରେ ମୃତ୍ୟୁ ସଚେତନ ଓ ରହସ୍ୟ ସଚେତନ। ନାଚୁରାଲ୍ ରୋମାନ୍ସରୁ ବା ଫିଜିକାଲ୍ ରୋମାନ୍ସରୁ ମୃତ୍ୟୁ ସଚେତନ ହୋଇ ପାରାନେଚୁରାଲ୍ ରୋମାନ୍ସ ଅନୁଭବ କରିବା ପରେ ପରେ ସାଙ୍ଗେ ସାଙ୍ଗେ ରହସ୍ୟବାଦୀ ଦୃଷ୍ଟି ଓ ଦର୍ଶନ ନେଇ "ଅଜଣାର ବିରାଟ ବିପୁଳ ଦେହରେ" ମିଶିବାର ମିଷ୍ଟିକ୍ ଅନୁଭୂତି ଲାଭ କରିଛନ୍ତି କବି ଶ୍ରୀ ମହାନ୍ତି। ମଧୁର ନିବିଡ଼ ସ୍ନେହରେ ହସିହସି ଦୁହେଁ ଅଜଣାର ବିରାଟ ବିପୁଳ ଦେହରେ ମିଶିଯିବା ଏକ ପରିପକ୍ୱ ଅନୁଭୂତି ମାତ୍ର। ଶେଷରେ ମାଟି ସଚେତନ- ପଞ୍ଚତତ୍ତ୍ୱ ବା ପଞ୍ଚଭୂତ ସଚେତନ ହୋଇ କବି କହିଛନ୍ତି ଶେଷରେ ଏଇ ମାଟି ସାଙ୍ଗରେ ଶେଷଦେଖା ହେବ ଓ ଶେଷରେ ଏ ଧରଣୀ ବୁକୁରୁ ଲିଭିଯିବ ଶେଷ ଚିହ୍ନରେଖା। କବି ଅତି ଅଳ୍ପ ବୟସରୁ ଅତି ପରିପକ୍ୱ ଭାବନା ଓ ଜୀବନାଦର୍ଶନର କଥା ଏହି କବିତାରେ ସୁରକ୍ଷିତ ରଖି ପାଠକକୁ ଏକ ବିସ୍ମିତଭରା ଭ୍ରୂକୁଂଚନ ମାତ୍ର ପ୍ରଦାନ କରିଛନ୍ତି। କବିଙ୍କର ଏ

ଚମତ୍କାର ପଂକ୍ତିଟି ଲକ୍ଷ୍ୟକଲେ ତା'ର ଗାମ୍ଭୀର୍ଯ୍ୟ ଜାଣିହେବ । ତାଙ୍କରି ଭାଷାରେ- "ସପନତରୀରେ ଦୂରେ ଦୂରେ ସଖି, ଆମେ ଦିହେଁ ଯିବା ବାହି / ପ୍ରଣୟ ପୁଲକେ ଜ୍ୟୋସ୍ନା ଆଲୋକେ ସଂଗୀତ ଗାଇଗାଇ / ଭଲପାଇ ସଖି, ଜୀବନ ହେବ ଲୋ ଭୋର / ତା'ପରେ ଆସିବ ଅନ୍ଧାର ଘନ ଘୋର / ସେଇ ଅଜଣାର ବିରାଟ ବିପୁଳ ଦେହେ / ହସିହସି ଦିହେଁ ମିଶିଯିବା ସଖି, ମଧୁର ନିବିଡ଼ ସ୍ନେହେ । ଏ ମାଟିର ସାଥେ ସେଇ ହେବ ଶେଷଦେଖା / ଧରଣୀ ବୁକୁରୁ ଲିଭିଯିବ ସଖି, ଆମରି ଚିହ୍ନରେଖା ।" (ମହାନ୍ତି, ସହକାର, ଜୁନ୍, ୧୯୩୯ : ୨୪୦) ଏଠାରେ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ଯେପରି ମୃତ୍ୟୁକୁ 'ପ୍ରିୟତମ ଶ୍ୟାମ' ବୋଲି କହିଛନ୍ତି ତରୁଣ କବି ଶ୍ରୀ ଗୁରୁପ୍ରସାଦ ଅନୁରୂପ ଭାବରେ ମୃତ୍ୟୁକୁ ନ ଡରି, ଭୟ ନକରି, ଜୀବନର ଏକ ସ୍ୱାଭାବିକ କ୍ରିୟା ଭାବରେ ଗ୍ରହଣ କରିଛନ୍ତି ।

ଏ କବିତାର ତୁଳନାତ୍ମକ ଆଲୋଚନା କଲାବେଳେ ସବୁଜ କବି ବୈକୁଣ୍ଠନାଥ ପଟ୍ଟନାୟକଙ୍କ 'ଅଳକା' କବିତାକୁ ପ୍ରସଙ୍ଗୀକୃତ କରାଯାଇପାରେ । "ତରୁଣ କାଳର ରୋମାଣ୍ଟିକ୍ ଭାବାଳୁତାରେ ଯେଉଁ ସ୍ୱପ୍ନରାଜ୍ୟକୁ ଚାଲିଯିବାର କଳ୍ପନାରେ କବି ମନ ସ୍ୱପ୍ନିଳ ହୋଇଉଠିଛି ସେ ରାଜ୍ୟ ଶ୍ୟାମାୟିତ ହୋଇଉଠିଛି ପ୍ରକୃତିର ଆଶୀର୍ବାଦରେ । ବିଳାସ, ବ୍ୟସନ, ଭୋଗ, ପ୍ରାଚୁର୍ଯ୍ୟ କିଛି ପାଇଁ କବି ମନର ଆକାଂକ୍ଷା ପ୍ରକାଶ ପାଇନି । ତାଙ୍କର ନିଭୃତ କାମନା ରୂପାୟିତ ହୋଇଛି ଏପରି ଗୋଟିଏ ଦେଶର କଳ୍ପନାରେ ଯେଉଁଠି ପ୍ରକୃତି ତା'ର ଅସୀମ ରୂପମାଧୁରୀ ଉନ୍ମୁକ୍ତ କରିଦେଇଛି । ସେଇ ଦେଶ ଅଭିମୁଖେ କବିଙ୍କ ସ୍ୱପ୍ନର ତରୀ ଭାସମାନ ।" (ବିଶ୍ୱାଳ, ୨୦୦୬ : ୨୮୯) କବି ବୈକୁଣ୍ଠଙ୍କ 'ଅଳକା' କବିତା ପ୍ରତି ଏ ଉକ୍ତି ଯେତିକି ପ୍ରଯୁଜ୍ୟ, ସେତିକି ପ୍ରଯୁଜ୍ୟ କବି ଗୁରୁପ୍ରସାଦଙ୍କ ଏହି 'ସପନତରୀ' କବିତା ପ୍ରତି । ଗୁରୁପ୍ରସାଦଙ୍କ ପରି ଆମେ ଲକ୍ଷ୍ୟ କରିବା ପଟ୍ଟନାୟକଙ୍କ 'ଅରୁଣଶ୍ରୀ' ସଂକଳନର 'ଅଳକା' କବିତା । କବି ଗାଇଛନ୍ତି- "ଯେ ଦେଶେ ନୀଳ ତଟିନୀ ଜଳେ/ ଯାଉଛି ଭାସି ସପନ ତରୀ; / ଯେ ଦେଶେ ରାତି ଲଜ୍ଜାବତୀ / ଦିବସ ଶେଯୁଁ ପଳାଏ ଥରି; / ପାଦପ ମୋହେ ଯେ ଦେଶେ ଲତା, / ନ ସହି ପ୍ରୀତି ସୋହାଗ ବ୍ୟଥା, / କୁସୁମ ଢାଳି ପଡ଼ଇ ଢଳି / ଫଗୁଣେ ନବ ପୀରତି ପରି / ଯାଉଛି ଭାସି ସପନତରୀ । ଯେ ଦେଶେ ଭରା ମଳୟ ଚୋର / ଫୁଲ ପରାଗ ଯାଏ ଗୋ ବୋଳି / ××× / ମୁକୁଳ ମଦେ ମୁଗ୍ଧ ପିକ / ପ୍ରିୟାରେ ଡାକେ ଆକୁଳ ଭରେ, / ××× / ଯାଏ ଗୋ ଭାସି ତଟିନୀ ଜଳେ / ପ୍ରିୟାରେ ଡାକେ ଆକୁଳ ଭରେ ।" (କୁଞ୍ଜବିହାରୀ ଦାଶ (ସଂ.), ବୈକୁଣ୍ଠନାଥ ଗ୍ରନ୍ଥାବଳୀ (ପ୍ରଥମ ଭାଗ), ୧୯୭୬ : ଅରୁଣଶ୍ରୀ; ପୃ-୦୭) ରବୀନ୍ଦ୍ରନାଥ ଥରେ କହିଥିଲେ- "ଜୀବନେର ପଥେ ମାନୁଷ ଯାତ୍ରା କରେ ନିଜେକେ ଖୁଁଜେ ପାବାର ଜନ୍ୟୋ ।" ଗୁରୁପ୍ରସାଦଙ୍କ ଏହି କବିତାରୁ ବୋଧହୁଏ ସେହି ଖୋଜିବା ଆରମ୍ଭ ହୋଇଛି ଓ ସେହି ଖୋଜିବାର ଅଭୀପ୍ସାରୁ ହିଁ ଦାର୍ଶନିକତାର ସର୍ଜନା । ବୈକୁଣ୍ଠନାଥ ମଧ ସେହି ଅଶେଷର କଥା କହିଛନ୍ତି । ତା'ରି ଭିତରେ ବିଲୀନ ହେବାର କଥା କହିଛନ୍ତି । ତାଙ୍କରି ଭାଷାରେ- "ସକଳ ସୌନ୍ଦର୍ଯ୍ୟବୋଧ, ଭ୍ରାନ୍ତ ଅବିଶ୍ୱାସ/ ସହସ୍ର ଆକ୍ଷେପ କ୍ଷୋଭ ଅଶାନ୍ତ ନିରାଶ । ସବୁ ସେହି ସୃଷ୍ଟି ଲାଗି / ଦେଇ ଶେଷ ଦାନ / ନିରବେ ଅଶେଷ ମଧ୍ୟେ ହେବୁରେ ନିର୍ବାଣ ।" (ଅରୁଣଶ୍ରୀ, 'ସୃଷ୍ଟି', ୧୯୭୬ : ୮୪) ଏଇଟି 'ଉତ୍କଳ ସାହିତ୍ୟ' ପ୍ରତିକାର ୩୭ଶ ଭାଗ, ବୈଶାଖ ୧୩୩୫ ସାଲ ୧ମ ସଂଖ୍ୟାରେ ପ୍ରକାଶ ପାଇଥିଲାବେଳେ ପୂର୍ବୋକ୍ତ 'ଅଳକା' କବିତାଟି 'ଉତ୍କଳ ସାହିତ୍ୟ'ର ୩୪ଶ ଭାଗ ଆଶ୍ୱିନ ୧୩୩୮ ସାଲ, ୬ଷ୍ଠ ସଂଖ୍ୟାରେ ପ୍ରକାଶ ଲାଭ କରିଥିଲା । ହେଗେଲ୍‌ଙ୍କ ପରି ସେହି କବିତାରେ ଶ୍ରୀ ମହାନ୍ତିଙ୍କ ପାଇଁ "Beauty is merely the spiritual making it self sensuous." କଥାଟି ସତ । ଚାରିପାଖର ସେହି ପ୍ରାକୃତିକ ସୌନ୍ଦର୍ଯ୍ୟ ମଧ୍ୟରେ ପରମକୁ ସେ ଅନୁଭବ କରିଥାଆନ୍ତି । ରବୀନ୍ଦ୍ରନାଥ ଟାଗୋରଙ୍କ ଲିଖିତ 'ସୋନାର ତରୀ' କବିତାର ରହସ୍ୟବାଦୀ ଭାବଧାରା ଏଠାରେ ପ୍ରଣିଧାନଯୋଗ୍ୟ । କବି ପରମ ସତ୍ୟକୁ ଉପଲବ୍ଧି କରିଛନ୍ତି, ସ୍ୱୀକାର କରିଛନ୍ତି; କଳ୍ପନାରେ ବା ଯୌବନର ଉତ୍ତାଳ ତରଙ୍ଗରେ ଭାସିନଯାଇ ସେ ବରଂ ସପନର ସୁନାତରୀ ନେଇ, ସତ୍‌କର୍ମ କରି ପବିତ୍ର ରହି, ପରମର ଯୋଗ୍ୟ ହୋଇ ସେ ଅଦୃଶ୍ୟ ସତ୍ତା ପରମ ସହ ମିଶିବାକୁ ମନସ୍ଥ କରିଛନ୍ତି । ଏଇଟି କ'ଣ କମ୍ କଥା! ରବୀନ୍ଦ୍ରନାଥ ଗାଇଉଠିଲେ- "ମରନରେ, ତୁହୁଁ ମମ ଶ୍ୟାମ ସମାନ । ମେଘ ବରନ ତୁଟ୍, ମେଘ ଜଟାଜୁଟ୍, ରକ୍ତ କମଲକ ର, ରକ୍ତ ଅଧରଫୁଟ, ତାପବିମୋଚନ କରୁନ କୋର ତବ, ମୃତ୍ୟୁ-ଅମୃତ କରେ ଦାନ ।" (Zech କବି Brezina ତ ରୋମାଣ୍ଟିକ୍ ଭାବଦର୍ଶନରେ ମୃତ୍ୟୁକୁ 'A bath in the golden rain of star' ଓ 'a sweet kiss on the lips' ବୋଲି କହିଛନ୍ତି । ରବୀନ୍ଦ୍ରଙ୍କ ଆଉ ଏକ ପଙ୍‌କ୍ତି ଏହି ମାନସିକତାର, ଯାହା ଏ ପ୍ରସଙ୍ଗରେ ମନେପଡ଼େ । "ପରାନ୍ କହିଛେ ଧୀରେ, ହେ ମୃତ୍ୟୁ ମଧୁର- ଏହି ନୀଳାମ୍ବର ଏକି ତବ ଅନ୍ତଃପୁର । ଆଜି ମୋର ମନେ ହୟେ ଏ ଶ୍ୟାମଲା ଭୂମି- ଜଲେ ସ୍ଥଲେ ଲୀଳା ଆଜି ଏଇ ବରଷାର / ଏଇ ଶାନ୍ତି, ଏ ଲାବଣ୍ୟ ସକଲି ତୋମାର / ମନେ ହୟେ ଯେନ ତବ ମିଲନ ବିହୀନେ / ଅତିଶୟ, କ୍ଷୁଦ୍ର ଆମି ଏ ବିଶ୍ୱ ଭୁବନେ ।" ରୋମାଣ୍ଟିକ୍ ମନର ଏ ହେଉଛି ଅନନ୍ୟ ବିଭବ ଓ ବିଭାବ ମାତ୍ର । ଗୁରୁପ୍ରସାଦଙ୍କ ଏହି କବିତାକୁ ମର୍ମେମର୍ମେ ଅନୁଭବ କଲାପରେ କେହି କରିପାରିବେ ନାହିଁ ଯେ, ସେ ପ୍ରାଥମିକ ପ୍ରସ୍ତରେ ଦୁର୍ବଳ ଓ ତାରୁଣ୍ୟ ଜନିତ ଅସଚେତନ-ଦର୍ଶନ-ଜୀବନଦୃଷ୍ଟି ରହିତ ଚପଳମତି କବିତା ହିଁ ରଚନା କରିଛନ୍ତି । ବରଂ ଏହାର ପଠନ, ମନନ ଓ ଆତ୍ମୀକରଣ ପରେ ଜଣେ ମୁକ୍ତକଣ୍ଠରେ କହିପାରିବ ଯେ, ଗୁରୁପ୍ରସାଦ ନିଜର ତାରୁଣ୍ୟକୁ ଅତିକ୍ରମ କରି ତଦୀୟ ପ୍ରାଥମିକ ପର୍ଯ୍ୟାୟରେ ମଧ ଉତ୍ତୀର୍ଣ୍ଣ କାବ୍ୟ ଚେତନାରେ ଦୀକ୍ଷିତ ହୋଇପାରିଛନ୍ତି । ଏଥିରୁ ତାଙ୍କର ଅଦ୍ଭୁତ କବିତ୍ୱକୁ ଅନୁଭବ

କରିହୁଏ । ଗୁରୁପ୍ରସାଦ ବ୍ୟତିକ୍ରମ ଭାବରେ ତରୁଣ ସୁଲଭ ଚପଳତାର ପର୍ଯ୍ୟାୟକୁ କାହିଁ କେତେବର୍ଷ ଆଗରୁ ଛାଡ଼ିଆସିଲେଣି ଓ ଏ ବେଳକୁ ସେ ଯଥେଷ୍ଟ ମେଚ୍ୟୋର୍ ହୋଇସାରିଲେଣି ବୋଲି ଜଣାପଡ଼େ ।

ତରୁଣ ଗୁରୁପ୍ରସାଦଙ୍କର ଆଉ ଏକ ସୁନ୍ଦର କବିତା ହେଉଛି 'ସହକାର' ପତ୍ରିକାର ୨୦ବର୍ଷ, ୫ମ ସଂଖ୍ୟା ଅର୍ଥାତ୍ ସେପ୍ଟେମ୍ବର ୧୯୩୯ରେ ପ୍ରକାଶିତ 'ଅସ୍ତରାଗ' କବିତା । ସେଠାରେ କବି ପଂକଜରାଣୀକୁ ସମ୍ବୋଧନ କରି ତମାମ୍ କବିତାଟି ରଚନା କରିଛନ୍ତି । 'ପଂକଜ' ବା ପଦ୍ମକୁ ଏଠାରେ 'ରାଣୀ' ବୋଲାଯାଇଛି । ରାଣୀ ସମ୍ବୋଧନ ପଛରେ ଅବଶ୍ୟ ଭାରତୀୟ ତଥା ଉତ୍କଳୀୟ ମିଥ୍ ରହିଛି । ସୂର୍ଯ୍ୟ ହେଉଛନ୍ତି ପ୍ରେମିକ, ପତି ଓ ପଦ୍ମ ହେଉଛନ୍ତି ପ୍ରେମିକା ରାଣୀ । କବି ଏଠାରେ ତୃତୀୟ ପୁରୁଷ ବା ତୃତୀୟ ପକ୍ଷ ଭାବରେ ପଦ୍ମିନୀଙ୍କୁ ଅନୁରୋଧ କରିଛନ୍ତି । ସେ ଅବଗତ କରି କହିଛନ୍ତି ଯେ, ଏବେ ଓଢଣାଟାଣି ନିମିଳିତ ହେବାର ସମୟ ଆସିନାହିଁ, ଯେଣୁ ପଶ୍ଚିମ ଆଶାରେ ତଥାପି ରହିଛି ସୂର୍ଯ୍ୟଙ୍କ ସୁନେଲି କିରଣ । ସୀମାନ୍ତରେ ତଥାପି ଦିଗ୍‌ବଳୟ ସେପାଖେ ରହିଛି ସୂର୍ଯ୍ୟଙ୍କ ଅପଲକ ଚାହାଣୀର ଚମକ, ତା'ରି ଦୀପ୍ତି ଓ ସେ ଦୀପ୍ତିର ବ୍ୟାପ୍ତି ଏଯାଏଁ ରହିଛି । ସୂର୍ଯ୍ୟ ଏ ପର୍ଯ୍ୟନ୍ତ ତମକୁ ଚାହିଁ ରହିଛନ୍ତି, ତେଣୁ ତୁମେ ଓଢ଼ଣା ଟାଣନା । ଏଯାଏଁ ଅନ୍ଧାର ଆବୋରି ନାହିଁ, ରାତି ସ୍ୱର୍ଶ ଏଯାଏ ଆସିନି ପୃଥିବୀରେ, ଏଣୁ ତୁମେ ଓଢ଼ଣା ଟାଣିବାର ଆବଶ୍ୟକତା ନାହିଁ । ମେହେର ତାଙ୍କର 'କୀଚକବଧ' କାବ୍ୟର ଦ୍ୱିତୀୟ ସର୍ଗରେ ଗ୍ରହରାଜ ସୂର୍ଯ୍ୟଙ୍କ ଦକ୍ଷିଣାୟନ ଗତିରେ ଅର୍ଥାତ୍ 'ଯମାଳୟ' ଗମନରେ ପଦ୍ମିନୀ ବିଷ୍ଣୁପଦସ୍ରୁତ ଜଳରେ ଝାସଦେଇ ଆତ୍ମହତ୍ୟା କରିବାର ବର୍ଣ୍ଣନା ଭାରତୀୟ ସଂସ୍କୃତି-ପରଂପରା-ବିଶ୍ୱାସବୋଧ ଓ ଚଳଣିର କଥାକୁ ବେଶ୍ ସ୍ପଷ୍ଟ କରିଥାଏ । ଗୁରୁପ୍ରସାଦଙ୍କ ଏହି କବିତାରେ ପଦ୍ମ ସେହିପରି ଏକ ପୁଷ୍ପ ବିଶେଷରେ ସୀମିତ ନରହି ଏକ ପବିତ୍ରତା, ସତୀତ୍ୱ ସଂପନ୍ନା, ସଂସ୍କୃତିପ୍ରାଣା ଭାରତୀୟ ନାରୀର ବ୍ୟକ୍ତିତ୍ୱକୁ ଧାରଣ କରିଛି । ଯଥାର୍ଥରେ ଏଠାରେ culture ର matrix ମଧ୍ୟରେ prospopoeia ଟକ୍‌ନିକ୍‌ର କ୍ଷେପଣ ବା ପ୍ରୟୋଗ କରାଯାଇଛି ବୋଲି କହିବାକୁ ହେବ । ପଦ୍ମର ଅନନ୍ୟ ସୌନ୍ଦର୍ଯ୍ୟ ସାଙ୍ଗକୁ ଅସ୍ତରାଗର ସୂର୍ଯ୍ୟଙ୍କ ଅରୁଣିମା ଦ୍ୱାରା ସ୍ୱର୍ଶ ହେବା ଚିତ୍ରକୁ ବିମ୍ବାଧରରେ ବା ଗୋଲାପୀ ଅଧରରେ ପଦ୍ମର କପୋଳରେ ଚୁମ୍ବନ ଆଙ୍କିବା ଚିତ୍ରର ପରିକଳ୍ପନା କରି ଏକ ରୋମାଣ୍ଟିକ୍ ପରିବେଶର ସର୍ଜନା କରିଛନ୍ତି କବି ଗୁରୁପ୍ରସାଦ । ତାଙ୍କରି ଭାଷାରେ- "ପଙ୍କଜରାଣୀ ଓଢ଼ଣାଟି ତବ ଟାଣନା / ରାତି ଯେ ଆସିନି ସେ କଥା କି ତୁମେ ଜାଣନା ? / ପଶ୍ଚିମେ ସଖି, ଏବେବି ରହିଚି ଦିନର ସୁନେଲି ଆଲୋକ / ସୀମାବଳୟର ପ୍ରାନ୍ତେ ରହିଚି ଦିନର ଦୀପ୍ତି ଚମକ । ଲୁଚିନାହିଁ ଦୂର ବନବିଲ ସଖି, ରାତିର ପରଶ ଲାଗିନି / ସୁରୂଯ ମୁହଁର ରକ୍ତିମା ଛାପି ଅନ୍ଧାର ସଖି, ଜାଗିନି । ଲୁଚି ଯେ ଯାଉଚ ଓଢ଼ଣାର ତଳେ ପାରୁନ କି ଅନୁଭବି ଗୋ / ଗୋଲାପି ଆଲୁଅ ଏବେ ବି ଯେ ତୁମ କପୋଳରେ ଯାଏ ଚୁମି ଗୋ । ତୁମରି ନିଜର ସୁରୂଯ ଦେବତା ଦେଖ ସଖି, ସୀମାରେଖାରେ / ଲିଭିଯିବା ଆଗୁଁ ମନ ଭରିନିଏ ଆକୁଳେ ନୟନ ଦେଖାରେ ।" (ମହାନ୍ତି, ସହକାର, ସେପ୍ଟେମ୍ବର, ୧୯୩୯ : ୪୧୦) କବିତାର ରୋମାନ୍‌ସ ପ୍ରକୃତି ମଧ୍ୟଦେଇ କିପରି ପ୍ରବାହିତ ଲକ୍ଷ୍ୟ କରାଯାଇପାରେ । ପ୍ରେମିକଟିଏ ପ୍ରେମିକା ଠାରୁ ଦେଖାକରି ଗଲାବେଳେ ତା'ର ମନ ଓ ଛାତି ପୂରୁନଥିବା, ବୁଝିବାକୁ ରାଜିନଥିବା ବେଳେ ଆଖିର ଆକୁଳତା କିପରି ଅପଲକ ଦୃଷ୍ଟିରେ ଶେଷଯାଏଁ ଯଥାସମ୍ଭବ ନିଜ ପ୍ରେୟସୀକୁ ଦେଖିବାକୁ ଚେଷ୍ଟାକରେ, ତାହା ଅତ୍ୟନ୍ତ ଚମତ୍କାର ଭାବରେ ସୂର୍ଯ୍ୟାସ୍ତ ସମୟକୁ ନେଇ ପଦ୍ମ ଓ ସୂର୍ଯ୍ୟଙ୍କୁ ଯଥାକ୍ରମେ ସମୟର ଆଦେଶାଧୀନ ପ୍ରେମିକା ଓ ପ୍ରେମିକ ଭାବରେ ଚିତ୍ରିତ କରି ଦର୍ଶାଇ ଦିଆଯାଇଛି । ପୁଣି କବି ମନେପକାଇ ଦେଇଛନ୍ତି ସକାଳ ବା ଦିବସର ଆରମ୍ଭ ସମୟକୁ । ମନେପକାଇ ଦେଇଛନ୍ତି ସୂର୍ଯ୍ୟ କିପରି ଗଗନରେ ଉଇଁଲା ମାତ୍ରେ କଅଁଳ କିରଣେ ପଦ୍ମର ଓଠକୁ ଅତ୍ୟନ୍ତ ସନ୍ତର୍ପଣ ଓ ଶ୍ରଦ୍ଧାର ସହ ଚୁମ୍ବନ କରିଥିଲା । ସେ ଆହୁରି ମନେପକାଇ ଦେଇଛନ୍ତି- କିପରି ପଦ୍ମ ଧୀରେଧୀରେ ଆଖିଖୋଲି ଚାହିଁଲାବେଳେ ପାହାନ୍ତି କାକର ପାଣିରେ ନିଦମିଶା ଆଖି ଧୋଇଥିଲା, ସେ କାକର ବୁନ୍ଦା ତା'ମୁହଁରେ ଟୋପାଟୋପା ହୋଇ ଲାଗିଥିଲା ବେଳେ ସୂର୍ଯ୍ୟ ତା'ର ଗୋଲାପି ଆଲୋକରେ ବା କରରେ ଉଚ୍ଛୁଳା ଆବେଗରେ ଅତି ଧୀରେଧୀରେ କାକରର ଟୋପାକୁ ପୋଛି ଦେଇଥିଲା । ଏପରି ଛାତିରେ ଛାତିଏ ପ୍ରେମ, ସ୍ନେହ, ଶ୍ରଦ୍ଧା ଓ ସଂପ୍ରୀତି ରଖିଥିବା ପ୍ରେମିକ ସୂର୍ଯ୍ୟ ଲିଭିଯିବା ଆଗରୁ ଶେଷଥର ଲାଗି ଅତ୍ୟନ୍ତ ଆକୁଳ ଚିତ୍ତଭରା ଚକ୍ଷୁରେ ଚାହିଁରହିଛି । ଏଣୁ କବି ପଦ୍ମିନୀ ସୁନ୍ଦରୀକୁ ଅନୁରୋଧ କରିଛନ୍ତି ନ ରାଗି, ନ ରୁଷି, ଅଭିମାନ ନକରି ଆଉକିଛି ସମୟ ମୁହଁ ଦେଖାଇବା ପାଇଁ । କବି ଆହୁରି ବୁଝାଇ କହିଛନ୍ତି ଯେ, ରାତି ତ ଆସିନି, ଏତେ ତରତର କାହିଁକି ହେଉଛ ? ପୁଣି ଅସ୍ତରେଖାକୁ ଦେଖାଇ କହିଛନ୍ତି କିପରି ଥରଥର ଅରୁଣିମା ତଥାପି ରହିଛି । ପୂର୍ବ ଆକାଶକୁ ଠାରି ଦେଖାଇଛନ୍ତି ଏଯାଏଁ ଜହ୍ନ ଉଇଁନି, ତା'ର କିରଣ ନାହିଁ, ସନ୍ଧ୍ୟାରେ ଏଯାଏଁ କୂଳବଧୂ ତନୁ ମାଜଣା ମଧ କରିନି, ଅର୍ଥାତ୍ ସନ୍ଧ୍ୟା ଆସିନି । ମାତ୍ର ଅଭିମାନିନୀ ପ୍ରିୟା ପଙ୍କଜରାଣୀ ଥରୁଟିଏ ମଧ ଅପେକ୍ଷମାଣ ପ୍ରେମିକ ସୂର୍ଯ୍ୟକୁ ଫେରିଚାହିଁନି । କବିଚିତ୍ତ ଏହି କାରୁଣ୍ୟରେ କ୍ଷତାକ୍ତ ହୋଇ କହିଛି- 'ତୁମେ ଖୁବ୍ ନିଷ୍ଠୁର-ନିର୍ମମ ।' କବିଙ୍କ ଭାଷାରେ- "ମନେପଡ଼େନି କି ସକାଳେ ସେ ଯେବେ ପୁରୁବ ଗଗନେ ଉଇଁଲା / କେଡ଼େ ଶରଧାରେ କଅଁଳ କିରଣେ ଓଠଟି ତମରି ଛୁଇଁଲା । ନିଦ ଅଳସରେ ତମେ ଯେବେ ସଖି, ଧୀରେ ଆଖି ଖୋଲି ଚାହିଁଲ / ପାହାନ୍ତି କାକର ପାଣିରେ ସଖି ଗୋ, ନିଦମିଶା ଆଖି ଧୋଇଲ । ଗୋଲାପି ଆଲୋକେ ମୁହଁରୁ ତୁମରି ଉଚ୍ଛୁଳା ଆବେଗେ ସେହି ଗୋ / ଅତି ଧୀରେଧୀରେ କାକରର ଟୋପା ପୋଛିଦେଲା ନିଜ ହାତେ ଗୋ । ଲିଭିଯିବା

ଆଗୁଁ ଶେଷଥର ଲାଗି ଆକୁଳେ ସେ ଯାଏ ଚାହିଁ ଗୋ / ଅଭିମାନ ଭରେ ଲୁଚନାହିଁ ସଖି, ଆଖି ବୁଜିଦିଅ ନାହିଁ ଗୋ । ରାତି ତ ଆସିନି କ୍ଷଣେ ରହୁ ସଖି, କିଆଁ ଏଡ଼େ ତରତର ଗୋ / ଅସ୍ତରେଖାରେ ଚାହିଁ ଦେଖ ଥରେ ଅରୁଣିମା ଥରଥର ଗୋ, / ଦେଖ ଦୂରେ ସଖି ପୁରୁବ ଗଗନେ ଏବେ ବି ଜାଗିନି ଜୋଛନା / କଳା ଅନ୍ଧାରେ ଦିଗ୍‌ବଧୂ ଚାହିଁ କରି ନାହିଁ ତନୁ ମାଜଣା । ନିଷ୍ଠୁର ତୁମେ ଏଡ଼େ ଗୋ / ଲୁହ ଛଳଛଳ ସୁରୁଯ ଆଖିରେ ଚାହିଁଲ ବି ନାହିଁ ଥରେ ଗୋ ।" (ମହାନ୍ତି, ସହକାର, ସେପ୍ଟେମ୍ବର, ୧୯୩୯ : ୪୧୦) ପଦ୍ମ କିନ୍ତୁ କବିଙ୍କ ଶତେକ ଅନୁରୋଧ, ଅନୁନୟ, ସ୍ମୃତିରୋମନ୍ଥନ ଓ ସୂର୍ଯ୍ୟଙ୍କ ଆକୁଳ ଚାହାଣୀ ସତ୍ତ୍ୱେ ନିଜର ଅଭିମାନରୁ ମୁକ୍ତ ହୋଇନାହିଁ । ଓଢ଼ଣା ଟାଣି ଆଖି ବୁଜିଦେଇଛି ସରୋଜିନୀ । ସେ ଦୁଃଖ, ଯନ୍ତ୍ରଣା ଓ ଅପମାନରେ ସୂର୍ଯ୍ୟ ଅସ୍ତମିତ ହୋଇଛନ୍ତି । ପଦ୍ମ ବା କମଳିନୀର ଓଢ଼ଣା ଟାଣିବା ଓ ଆଖିବୁଜିବା ସହ ସନ୍ଧ୍ୟାର ଚାରୁଛବି ମଉଳି ଯାଇଛି । କବି ବର୍ଣ୍ଣନା କରିଛନ୍ତି- "ଏଡ଼େ ନିର୍ମମ ଟାଣିଲ ଓଢ଼ଣା ବୁଜିଦେଲ ସଖି, ନୟନ / କି ଆଘାତ ଦେଲ ସୁରୁଯ ହିୟାରେ ସେ କଥା କି ଥରେ ଭାବିନ । ଅପମାନ ଭରେ କି ଯାତନା ପାଇ ସୁରୁଯ ଯାଏ ନିଭି ଗୋ / ତମ ପଛେ ମଉଳି ଗଲାଣି ସନ୍ଧ୍ୟାର ଚାରୁଛବି ଗୋ..." (ମହାନ୍ତି, ସହକାର, ସେପ୍ଟେମ୍ବର, ୧୯୩୯ : ୪୧୦) ପ୍ରେମ-ପ୍ରଣୟରେ ପ୍ରେମିକ ଓ ପ୍ରେମିକା ମଧ୍ୟରେ ଏହିପରି ଚାରିଚକ୍ଷୁର ମିଳନ, ବିଚ୍ଛେଦ, ଅଭିମାନାଦି ଘଟଣା ଘଟିଥାଏ । ପ୍ରକୃତି ମାଧ୍ୟମରେ ନିର୍ମଳ ପ୍ରେମର ସଜଳ ଚିତ୍ର ଏତେ ନିଖୁଣ ଭାବରେ ଅଙ୍କନ କରି କବି ଅର୍ଥରେ ଚମତ୍କାରିତା ଆଣିଛନ୍ତି । ଯଦି କୌଣସି ମାନବୀ ପ୍ରେମିକ-ପ୍ରେମିକାକୁ ନେଇ ଏହା ବର୍ଣ୍ଣନା କରୁଥାଆନ୍ତି ତେବେ ଏହା ଚମତ୍କାର ଅତିଶୟୋକ୍ତି ଅଳଂକାରର ଆଖ୍ୟା ପାଇବ । ମାତ୍ର ଯଦି ଏହା ପ୍ରକୃତିକୁ ନେଇ ରଚନା ମାତ୍ର କରାଯାଇଥାଏ, ତେବେ ଏହା ଉପମା ରୂପକାଦି ଅଳଙ୍କାରଯୁକ୍ତ ଏକ ଚମତ୍କାର ବର୍ଣ୍ଣନା ମାତ୍ର ବୋଲି ସ୍ପଷ୍ଟ ହୋଇଥାଏ । କବିତା ଶେଷ ପଙ୍‌କ୍ତିରେ ସାର୍ବକାଳିକ ଦର୍ଶନଟି ସ୍ଥାନ ପାଇଛି । ଏ ଦର୍ଶନ ଜୀବନ ପ୍ରତି ରହିଥିବା ପ୍ରଗାଢ଼ ଅନୁଭୂତିର ଦର୍ଶନ । ଦୁନିଆଁର ଏ ଅଜବ ବିଚାର, ମଣିଷର ଏ ଅଜବ ପ୍ରକୃତି । ଯାହାଲାଗି ଛାତିରେ ଅନେକ ପ୍ରେମ, ସ୍ନେହ, ଶ୍ରଦ୍ଧା, ଦୁର୍ବଳତା ଥାଏ ଓ ତା'ପାଇଁ ସେ ଶତେକ ଯାତନା ସହିବାକୁ ପ୍ରସ୍ତୁତ ଥାଏ, ସେହି ପ୍ରେମ୍ୟ ବ୍ୟକ୍ତିଟି କିନ୍ତୁ ସେ ପ୍ରେମ, ସେ ଶ୍ରଦ୍ଧା ଓ ତ୍ୟାଗାଦିର ମୂଲ୍ୟ ବୁଝେନା । ତା'ର ମୁହଁ ଫେରାଇ ନେବାରେ ଯେ କି କଷ୍ଟ, କି ଯାତନା, ସେକଥା ସେ ବୁଝିପାରେନା । ପ୍ରେମରେ ଦୂରେଇଗଲେ ଯନ୍ତ୍ରଣା ହୁଏ । ପ୍ରେମ ଆହୁରି ଝଟକିଉଠେ ଶୁଦ୍ଧ ସୁବର୍ଣ୍ଣ ପରି । କବିଙ୍କ ଭାଷାରେ- "ସାରା ଦୁନିଆର ଏଇ ତ ଅଟଇ ବିଚାର / ଯାହା ଲାଗି ବୁକୁ ହାଣିହୁଏ ସେ ଗୋ ବୁଝେନା ଦରଜ ହିୟାର ।" (ମହାନ୍ତି, ସହକାର, ସେପ୍ଟେମ୍ବର, ୧୯୩୯ : ୪୧୦) ପ୍ରେମର ଏ ବୁକୁଫଟା ଦୃଶ୍ୟ ସହ ସଂସାରର ରୀତିକୁ ସାର୍ବଜନୀନ କରାଇ କବି ଗୁରୁପ୍ରସାଦ ଲେଖିଛନ୍ତି- "ମରମ ଫଟାଇ ଯା ଲାଗି ଲୋତକ ଝରଝର ଝରେ ଆଖିରୁ / ସହାନୁଭୂତିର ନିଃଶ୍ୱାସ ଥରେ ଜାଗେ ନାହିଁ ତା'ର ଛାତିରୁ । ଜଣକର ବୁକୁ ପୋଡ଼ିଯାଏ ସିନା ସେ କଥା ଅନ୍ୟ ବୁଝେ କି / ଝୁରିଝୁରି ଜଣେ ଜଳିପୋଡ଼ି ମରେ ସେ କଥା ଅନ୍ୟ ଭାବେ କି ? ଏତ ଦୁନିଆର ନିୟମ / ଜଣକର ଲାଗି ଜଳି ମରିବାକୁ ଆଉ ଜଣକର ଜନମ ।" (ମହାନ୍ତି, ସହକାର, ସେପ୍ଟେମ୍ବର, ୧୯୩୯ : ୪୧୧) ସୂର୍ଯ୍ୟ ନିଜେ ଜଳି ଜଳି ଜୀବନ ଜୀଇଁବା କଥା ଏଠାରେ ଅତ୍ୟନ୍ତ ଚମତ୍କାର ଭାବରେ କୁହାଯାଇଛି । ଲର୍ଡ ଅଲ୍‌ଫ୍ରେଡ୍ ଟେନିସନ୍ ଥରେ ଗାଇଲେ- "I hold it true, whate'er be fall; / I feel it when I sorrow most; / This better to have loved and lost / Than never to have loved at all." (In Memoriam, verse XXVII) ସେହିପରି Nicholas Sparks କହନ୍ତି- "I fell in love with her when we were together, then fell deeper in love with her in the years we were apart." ସୂର୍ଯ୍ୟ ଓ ପଦ୍ମିନୀଙ୍କ ପ୍ରଣୟସିକ୍ତ ଦୃଶ୍ୟକୁ ଦେଖିଲେ ମନରେ ଗୁଣୁଗୁଣୁ ହୁଏ ବିଶିଷ୍ଟ ଆମେରିକୀୟ ଲେଖିକା ଏଲିଜାବେଥ୍ ବର୍ଗଙ୍କ (Elizabeth Berg) ଉକ୍ତି- "There is love in holding and there is love in letting go." ଜୀବନରେ ଆମେ ଭିନ୍ନ ଭିନ୍ନ ରାସ୍ତା ଦେଇଯାଉ । ସୂର୍ଯ୍ୟ ଓ ପଙ୍କଜରାଣୀଙ୍କ ଜୀବନପଥ ମଧ୍ୟ ଅଲଗା ଅଲଗା । କିନ୍ତୁ ଉଭୟେ ଉଭୟଙ୍କ ପ୍ରେମରେ ପରସ୍ପରର ରଂଗକୁ ନିଜ ଦେହରେ ଅଲିଭା ଅବିର ପରି ପ୍ରେମର ସନ୍ତକ ଭାବି ବୋଲି ହୋଇଛନ୍ତି । Tim McGrawଙ୍କ ଉକ୍ତି ଏଠାରେ ମନକୁ ଆସେ- "we all take different paths in life, but no matter where we go, we take a little of each other everywhere." ସୂର୍ଯ୍ୟ ଓ ପଦ୍ମଙ୍କ ଶେଷ ପରିଣତି ଦେଖି Tabitha Suzumaଙ୍କ ପୁସ୍ତକ 'Forbidden'ର ଏକ ଧାଡ଼ି ମନେପଡ଼େ- "At the end of the day it's about how much you can bear, how much you can endure. Being together, we harm nobody; being apart, we extinguish ourselves." କି ଚମତ୍କାର ଅଙ୍ଗୀକାରବୋଧ, କି ଚମତ୍କାର ଅଭିବ୍ୟକ୍ତି ଓ କି ଚମତ୍କାର ସାମ୍ୟ, ସାଦୃଶ୍ୟ ! ପରସ୍ପରର ବିରହରେ ସମୟ ସ୍ରୋତରେ ଉଭୟେ ପରସ୍ପରକୁ କ୍ଷତି ନ ପହଞ୍ଚାଇ ମଧ୍ୟ ନିଜକୁ ନିଃଶେଷ କରିଦେଇଛନ୍ତି । ପ୍ରକୃତିକୁ ନେଇ ମେହେରଙ୍କ ପରେ ଆଉ କିଏ ଏଡ଼େ ଚମତ୍କାର ଭାବରେ ବର୍ଣ୍ଣନା କରିବା ଓଡ଼ିଆ ସାହିତ୍ୟରେ ବିରଳ । ପୁଣି ଗୁରୁପ୍ରସାଦଙ୍କ ତରୁଣାବସ୍ଥାରେ ଏପରି ପରିପକ୍ୱ ବର୍ଣ୍ଣନା ଚିନ୍ତାତୀତ ଚେତନାର ପରିଚାୟକ ମାତ୍ର ।

କବି ଶ୍ରୀଯୁକ୍ତ ମହାନ୍ତିଙ୍କ ଅନ୍ୟତମ କ୍ଷୁଦ୍ର କବିତା ହେଉଛି 'ଅପରାଜିତା', ଯାହା 'ସହକାର' ପତ୍ରିକାର ୨୦ଶ ବର୍ଷ, ୭ମ ସଂଖ୍ୟା ଅର୍ଥାତ୍ ନଭେମ୍ବର ମାସ ୧୯୩୯ ମସିହାରେ ପ୍ରକାଶ ପାଇଥିଲା । ଚମତ୍କାର ଅଳଙ୍କାର ପ୍ରୟୋଗ କରି କବି ଏହାର ସୌନ୍ଦର୍ଯ୍ୟଶ୍ରୀ ବୃଦ୍ଧି କରିଛନ୍ତି । କବିପ୍ରେୟସୀ ଆଖିରେ ଭରି ଆସୁଥିବା

ଲୁହକୁ ଅପରାଜିତା ଶିଶିର ଟୋପା ବୋଲି କହିଛନ୍ତି କବି । ଏଠାରେ ଲୁହ ଟୋପାକୁ ଅର୍ଥାତ୍ ପ୍ରକୃତ ବର୍ଣ୍ଣନୀୟ ବସ୍ତୁକୁ ନିଷେଧ କରାଯାଇଛି ଓ ତାକୁ ଅନ୍ୟ ଏକ ପଦାର୍ଥ ବୋଲି ପ୍ରତିପାଦନ କରାଯାଇଛି । ତେଣୁ ଏଠାରେ ଅପହ୍ନୁତି ଅଳଙ୍କାରର ଆଭାସ ମିଳିଛି ଓ ଶିଶିର ଟୋପା ସରି କହିବା ଦ୍ୱାରା ଉପମା ଅଳଙ୍କାରର ପ୍ରୟୋଗ ସ୍ପଷ୍ଟ ହୋଇଛି । ପ୍ରିୟାର ରକ୍ତ ଅଧରରେ ଫୁଟିଉଠୁଥିବା ସ୍ମିତହାସକୁ ହେମନ୍ତ ପାହାନ୍ତି ପ୍ରହରରେ ଫୁଟିଉଠୁଥିବା ଗୋଲାପ ଫୁଲ ସହ ତୁଳନା କରାଯାଇଛି । ଏଠାରେ ବାସ୍ତବରେ ପ୍ରକୃତ ବର୍ଣ୍ଣନୀୟ ପଦାର୍ଥ 'ହସ' ଫୁଟିଉଠିବା ସହ ଗୋଲାପ ଫୁଟିଉଠିବାର ସମ୍ଭାବନା କରାଯାଇଛି । ଅତଏବ ଏଠାରେ ପ୍ରତୀୟମାନୋତ୍ପ୍ରେକ୍ଷା ପରି ଆଭାସିତ ହେଲେ ହେଁ ଉତ୍ପ୍ରେକ୍ଷା ବାଚକ ଶବ୍ଦ 'କି'ର ପ୍ରୟୋଗ ଦ୍ୱାରା ଏଠାରେ 'ବାଚ୍ୟୋତ୍ ପ୍ରେକ୍ଷା' ଅଳଙ୍କାର ରହିଛି ବୋଲି ସ୍ପଷ୍ଟ ହୁଏ । କବି ଗୁରୁପ୍ରସାଦଙ୍କ ଭାଷାରେ– "ତୁମରି ଆଖିକୋଣେ ଲୁହ ସେ ଆସେ ଭରି / ଅପରାଜିତା ସେ ଗୋ ଶିଶିର ଟୋପା ସରି / ରକତ ଓଠକୋଣେ ଯେ ଦରହାସ ଉଠେ / ହେମନ୍ତ ପାହାନ୍ତିରେ ଗୋଲାପ ସେ କି ଫୁଟେ !" (ମହାନ୍ତି, ସହକାର, ନଭେମ୍ବର, ୧୯୩୯ : ୬୫୨) ପ୍ରକୃତିର ସୁନ୍ଦରତା ସହ କବି ନିଜ ପ୍ରେୟସୀର ଲୁହ, ହସ ଉଭୟକୁ ତୁଳନା କରିଛନ୍ତି । ହେମନ୍ତ ପାହାନ୍ତିରେ ଗୋଲାପ ପରି କୋମଳମୁଖୀ ବିମ୍ବୋଷ୍ଠୀ ତରୁଣ ଯୁବାର ହସକୁ ଦେଖି, ମୁହଁରେ ଟୋପାଟୋପା ଶିଶିର ବିନ୍ଦୁର ସୌନ୍ଦର୍ଯ୍ୟକୁ ଦେଖି ବିମୋହିତ ହୋଇଛନ୍ତି । ପୁଣି ଦିନାନ୍ତରେ ରବି କିରଣର ଚିକ୍‌ମିକ୍ ଶୋଭା ମେଘର କପୋଳରେ ଅନନ୍ୟ ସୌନ୍ଦର୍ଯ୍ୟର ଫୁଆରା ସୃଷ୍ଟି କରିଥାଏ । ମେଘମେଦୁର ମଧ୍ୟରେ ସୂର୍ଯ୍ୟକିରଣ ଯେପରି ଚିକ୍‌ମିକ୍ କରୁଥାଏ, ତା'ର ଶୋଭା କ୍ଷୟ ହୋଇନଥାଏ ସନ୍ଧ୍ୟାର ସ୍ପର୍ଶରେ । କବି ଦୃଷ୍ଟିରେ ତାହା ଧରଣୀର ବୁକୁ ପରେ ମଧୁରୂପ ଢାଳିଦିଏ । ସେମିତି କବି ପ୍ରିୟାର ଅଧରକୋଣରେ ଫୁଟିଉଠୁଥିବା ହସ କେଇମାତ୍ର ମୁହୂର୍ତ୍ତ ପାଇଁ ଫୁଟିଉଠିଲେ ମଧ୍ୟ ସେ ହସ ପ୍ରେମିକ ପାଇଁ ସାରଧନ, ସ୍ମୃତିପଟ୍ଟରେ ଦାଉଦାଉ ଶୋଭିତ ଚାରୁଚିତ୍ରପଟ୍ଟ । ଛୋଟ କବିତାଟି ମଧ୍ୟରେ ପ୍ରେମର ଓ ସୌନ୍ଦର୍ଯ୍ୟପିପାସୁ ପ୍ରେମିକ ତଥା ତରୁଣ କବିର ଭାବାବେଗ ବେଶ୍ ସ୍ପଷ୍ଟ ଭାବେ ରୂପାୟିତ ହୋଇଛି । କବିଙ୍କ ଭାଷାରେ– "ଅବଶ ଦିନଶେଷେ ରବିର ଜ୍ୟୋତିରେଖା / ବଉଦ କପୋଳରେ ଲେଖେ ଯେ, ରୂପ-ଲେଖା/ ସଞ୍ଜର ଛାୟା ଲାଗି ମଉଳେ ନାହିଁ ସିଏ / ଧରଣୀବୁକେ ମଧୁରୂପ ସେ ଢାଳିଦିଏ / ସେମିତି ସଜନି ଗୋ ଅଧରକୋଣେ ତବ/ ନିମିଷ ପାଇଁ ଫୁଟେ ଯେ ହସ ଗଉରବ / କ୍ଷଣକ ପରେ ସିନା ସେ ହସ ଯାଏ ଲିଭି / ସ୍ମୃତି ଯେ, ଧରିରଖେ ସେ ଚାରୁମୁହଁ ଛବି ।" (ମହାନ୍ତି, ସହକାର, ନଭେମ୍ବର, ୧୯୩୯ : ୬୫୨) ଏହି ଶେଷ ପଦରେ କବି ଉପମାଳଙ୍କାର ପ୍ରୟୋଗ କରି ଅର୍ଥରେ ଚମତ୍କାରିତା ଆଣିଛନ୍ତି । ନୀଳଫୁଲ ରୋମାଣ୍ଟିକ୍ ଆନ୍ଦୋଳନର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରେରଣା । ପାଶ୍ଚାତ୍ୟ କଳାକୃତିରେ ନୀଳଫୁଲର ଗୁରୁତ୍ୱ ଏତେ ଅଧିକ ଯେ, ଏହାକୁ ଏକ ମୋଟିଫ୍ ଭାବରେ ମଧ୍ୟ ବ୍ୟବହାର କରାଯାଏ ବୋଲି ଜନ୍ ଗେଜ୍ ତାଙ୍କର କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ ପ୍ରେସ୍ ଦ୍ୱାରା ପ୍ରକାଶିତ (୧୯୯୯) 'Color and Meaning : Art, Science and Symbolism' ପୁସ୍ତକରେ ବିଶଦ ଭାବରେ ଆଲୋଚନା କରିଛନ୍ତି । ଇଂରାଜୀ ଓ ଜର୍ମାନ୍ ସାହିତ୍ୟରେ ମଧ୍ୟ ଏହି ନୀଳରଙ୍ଗର ଫୁଲକୁ ଏକ ପବିତ୍ର ପ୍ରତୀକ ବୋଲି କୁହାଯାଇଛି । ତାଙ୍କ ମତରେ "This blue flower is the watchword and sacred symbol of the Romantic school." (Boyesen, 1892 : 324) "It is meant to symbolize to deep and sacred longings of a poet's soul. Romantic poetry invariably deals with longing; not a definite, formulated desire for some obtainable object, but a dim, mysterious aspiration, a trembling unrest, a vague sense of kinship with the infinite, and a consequent dissatisfaction with every form of happiness which the world has to offer. (Boyesen, 1892 : 324) କବି ଗୁରୁପ୍ରସାଦଙ୍କ ଆଲୋଚ୍ୟ 'ଅପରାଜିତା' କବିତାଟି ସଂପୂର୍ଣ୍ଣରୂପେ ଓଡ଼ିଆ ସବୁଜଧାରାର କବିତା ଗୋତ୍ରୀୟ । ଅବଶ୍ୟ ଏଥିରେ ଏସ୍ଥେଟିକ୍ ଦୃଷ୍ଟିକୋଣଟି ରହିଛି । ଅପରାଜିତା ଉପରେ ଶିଶିର ଟୋପା ସହ ପ୍ରେୟସୀର ଆଖିକୋଣର ଲୁହ ବିନ୍ଦୁ, ହେମନ୍ତ ପାହାନ୍ତିରେ ଗୋଲାପ ଫୁଲ ଫୁଟିବା ସହ ପ୍ରେୟସୀର ରକ୍ତିମ ଅଧରରେ ହସ ଫୁଟିବା, ଦିନାନ୍ତର ରବିକିରଣ ମେଘ କପୋଳରେ ଚିକ୍‌ମିକ୍ ରୂପଶ୍ରୀ ଆଙ୍କିବା, ସଞ୍ଜର ଛାୟାଲାଗି ମଉଳୁ ନଥିବା ଓ ଧରଣୀବୁକୁରେ ମଧୁରୂପ ଢାଳୁଥିବା ପରି ସଜନୀର ଅଧରକୋଣରେ ନିମିଷେ ପାଇଁ ହସ ଫୁଟି ଗୌରବର ବିଷୟ ହେବା ଓ ହୃଦୟରେ ସ୍ମୃତି ହୋଇ ରହିଯିବା ପରି ତୁଳନା କବିତାରେ ଏସ୍ଥେଟିକ୍ ସେନ୍ସ କଥା ହିଁ କହିଥାଏ । କବିତାର ଆଉ ଗୋଟିଏ ଦିଗ ହେଉଛି 'ଅପରାଜିତା' ଫୁଲର ବର୍ଣ୍ଣନା । ଅପରାଜିତାର ଫୁଟିବା ଓ ସୌନ୍ଦର୍ଯ୍ୟକୁ ମଧ୍ୟ ଏଠାରେ ସମାନ୍ତରାଳ ଭାବରେ ବର୍ଣ୍ଣନା କରାଯାଇଛି । ମାତ୍ର କବି ପ୍ରେୟସୀର ବର୍ଣ୍ଣନା କଥା ପ୍ରଥମ ପଦର ତୃତୀୟ ଓ ଚତୁର୍ଥ ପାଦରୁ ଜଣାପଡ଼େ । "ରକତ ଓଠକୋଣେ ଯେ ଦରହାସ ଉଠେ / ହେମନ୍ତ ପାହାନ୍ତିରେ ଗୋଲାପ ସେ କି ଫୁଟେ !" (ଅପରାଜିତା) ତେବେ ସର୍ବୋପରି ଏହି କବିତାଟି ଗୁରୁପ୍ରସାଦ ନିଜର ତରୁଣାବସ୍ଥାରେ ଲେଖିଥିଲେ ମଧ୍ୟ ଏଥିରେ ଥିବା ଅର୍ଥ ଚମତ୍କାରିତା ଓ ବର୍ଣ୍ଣନାପଟୁତା ପ୍ରଭୃତିକୁ ଅସ୍ୱୀକାର କରାଯାଇପାରିବ ନାହିଁ ।

ସେହିପରି ସହକାରର ବିଂଶ ଭାଗର ୮ମ ଓ ୯ମ ମିଳିତ ସଂଖ୍ୟାରେ ୧୯୩୯ ମସିହା ଡିସେମ୍ବର ମାସରେ ପ୍ରକାଶ ପାଇଥିବା 'ଅଲାଜୁକୀ' କବିତା ଏକ ଗ୍ରାମ୍ୟ ଜୀବନର ନିଚ୍ଛକ ସ୍ମୃତିକଥା ମାତ୍ର । ଏକ ରୋମାଣ୍ଟିକ୍ ବାତାବରଣ ଭିତରେ ଅଳ୍ପବୟସ୍କା ତରୁଣୀର ରୋମାଣ୍ଟିକ୍ ସ୍ମୃତି ଉପରେ ପର୍ଯ୍ୟବେସିତ ଏହି କବିତା ।

ଗ୍ରାମ୍ୟ ବାଳିକାଟି ପାହାଡ଼ ତଳେ ନଦୀକୁ ପାଣି ଆଣିବାକୁ ଆସିଛି । କାଖରେ ତା'ର ମାଟି କଳସୀ । କଳସୀଟି ସୁନୀଳ ସ୍ୱଚ୍ଛ ଜଳରେ ଛଳଛଳ । ତହିଁରେ ଉଦିତ ସୂର୍ଯ୍ୟଙ୍କର ସୁନେଲି କିରଣ ପଡ଼ି ହୀରକଖଣ୍ଡ ପରି ଚକ୍‌ଚକ୍ କରୁଛି କଳସୀର ମୁହଁ । ନଈରେ ସୁନେଲି ଖରା ପ୍ରତିଫଳିତ ହୋଇ ଢେଉରେ କରିଛି ଚିକ୍‌ମିକ୍ ଖେଳ । ସେହି ଚିକ୍‌ମିକ୍ ସୁନେଲି ଖରାକୁ ଦେଖି ସେ ଝିଅଟି ଆନମନା ହୋଇଉଠିଛି । ଏଣୁ ସେ ଘରକୁ ଫେରିବାରେ ବିଳମ୍ବ ହୁଏ । ତେଣୁ ଧୀରେଧୀରେ ଘରପାଖ ହେଲାବେଳକୁ ଭାସି ଆସୁଥାଏ ବଡ଼ ଭାଉଜଙ୍କ ପାଟି ଶବ୍ଦ । ଗାଉଁଲି ଭାଷାରେ ବଡ଼ଭାଉଜ ଗାଳି ଦେଉଥାଆନ୍ତି 'ଅଲାଜୁକୀ' ବୋଲି ସମ୍ବୋଧନ କରି । ପାଣି ନେଲାପରେ ବୋଧହୁଏ ରନ୍ଧାରନ୍ଧି କାମ ହୋଇଥାଆନ୍ତା । ଏଣୁ ନିଜର ଚପଳତା ହେତୁ ସେ ବିଳମ୍ବ ହୋଇଛି । ସୁତରାଂ ସେ ବିଳମ୍ବ ହେତୁକ ଗାଳିମନ୍ଦ ସବୁ ମଥାପାତି ସହିଯାଏ ସେହି ଯୁବତୀ । କିନ୍ତୁ ମନେମନେ ଭାବେ କଅଁଳ ଖରାରେ ପାଣିଖେଳର ଆନନ୍ଦ ଓ ଖୁସି କଥା କିଏ ବୁଝିବ ? ଏଠାରେ ଦେଖିବା କଥା କବିଙ୍କର ପ୍ରଥମ ପୁରୁଷ ବ୍ୟାଖ୍ୟାନ ସାଙ୍ଗକୁ ସଲିଲକି ଷ୍ଟାଇଲର ପାଦଚିହ୍ନ କିଛି ରହିଛି । କବିଙ୍କ ଭାଷାରେ- "ବଡ଼ ଭାଉଜଙ୍କ ପାଟି ଶୁଭେ ବାରି ଆର ପାଖରୁ / ଆହା ଅଲାଜୁକୀ, ଏତେବେଳେ ପରେ, ନଈରୁ ଫେରୁ / ଯେତେ ଗାଳିମନ୍ଦ ସବୁ ମଥାପୋତି ସହି ମୁଁ ଯାଏ / କଅଁଳ ଖରାରେ ପାଣିଖେଳ କଥା ବୁଝିବ କିଏ ?" (ମହାନ୍ତି, ସହକାର, ଡିସେମ୍ବର, ୧୯୩୯) ତଥାକଥିତ ଓଡ଼ିଶୀ ଗ୍ରାମ୍ୟ ଚଳଣି ଓ କିଶୋରୀ ମନର ମନସ୍ତାତ୍ତ୍ୱିକ ଚିତ୍ର ଏଠାରେ ସ୍ପଷ୍ଟ ହୋଇଛି ।

ଗୁରୁପ୍ରସାଦଙ୍କ ଆଉ ଏକ କବିତା ସ୍ୱନାମଧନ୍ୟ ସାହିତ୍ୟ ପ୍ରତିକା 'ଉତ୍କଳ ସାହିତ୍ୟ'ର ୧୯୪୦ ଜାନୁଆରୀ ମାସରେ ପ୍ରକାଶିତ ୪୩ଶ ଭାଗ, ୯ମ ସଂଖ୍ୟାରେ ବାହାରିଥିଲା । କବିତାର ଶୀର୍ଷକ ଥିଲା 'ସଜଳ ଆଖିନୀରେ' । (ମହାନ୍ତି, ଉତ୍କଳ ସାହିତ୍ୟ, ଜାନୁଆରୀ, ୧୯୪୦ : ୩୦୮) ଯୌବନର ନୀରାଜନା କରୁଥିବା ତରୁଣ ପ୍ରାଣରେ ଜୀବନର କରୁଣ ସ୍ଥିତି ସଂପର୍କରେ ଉଦ୍‌ବେଳନ ସୃଷ୍ଟି ହୋଇଛି । ଜୀବନର ବିବିଧ ବାସ୍ତବ ଦିଗ ପ୍ରତି ସେ ସଚେତନ ହୋଇଛନ୍ତି । ନବଯୁଗ ସାହିତ୍ୟ ସଂସଦର ଉଦ୍‌ଭବ, 'ଆଧୁନିକ' ପତ୍ରିକାର ବିକାଶ ଓ ଭଗବତୀଚରଣ, ଅନନ୍ତ ପଟ୍ଟନାୟକ ଓ ସଚ୍ଚିଦାନନ୍ଦ ରାଉତରାୟଙ୍କ ପ୍ରଗତିବାଦୀ ସାହିତ୍ୟ ସର୍ଜନା ସମ୍ଭବତଃ ଗୁରୁପ୍ରସାଦଙ୍କୁ ପ୍ରଭାବିତ କରିଛି, ତାଙ୍କର ରୋମାଣ୍ଟିକ୍ ତରୁଣ ହୃଦୟକୁ ଦ୍ରବୀଭୂତ ଓ ଉଦ୍‌ବେଳିତ କରିପକାଇଛି । ସଚ୍ଚିରାଉତରାୟଙ୍କ 'ଅଭିଯାନ', ଅନନ୍ତ ଓ ସଚ୍ଚିଦାନନ୍ଦଙ୍କ ମିଳିତ ଉଦ୍ୟମରେ ପ୍ରକାଶିତ 'ରକ୍ତଶିଖା' ପୁସ୍ତକ ୧୯୪୦ ବେଳକୁ ପ୍ରକାଶ ପାଇସାରିଥିଲା । ଏହାର ପ୍ରଭାବ ମଧ୍ୟ ଖୁବ୍ ବେଶି ଥିଲା ସେ କାଳରେ । ବିଶେଷ କରି ବୈଜ୍ଞାନିକ ସାମ୍ୟବାଦ ଉପରେ ପ୍ରତିଷ୍ଠିତ ବ୍ରହ୍ମପୁରରୁ ପ୍ରକାଶିତ 'ନବୀନ' ପତ୍ରିକାର ତା- ୨୩.୦୩.୧୯୩୫ରିଖ ସଂଖ୍ୟାରେ ପ୍ରକାଶ ଲାଭ କରିଥିବା 'ଶ୍ରମିକର ଶ୍ରୀପଞ୍ଚମୀ' କବିତା ଦ୍ୱାରା ଗୁରୁପ୍ରସାଦ ପ୍ରଭାବିତ ହୋଇଥାଇପାରନ୍ତି । କାରଣ ସେତେବେଳକୁ ଓଡ଼ିଶାରେ ପ୍ରଗତିବାଦୀ ଚେତନା ବିଚ୍ଛୁରିତ ହୋଇପଡ଼ିଲାଣି ଚାରିଆଡ଼େ, ସାଧାରଣଙ୍କ ମନ ଅଗଣାରେ ।

ସେହିପରି ରାଉତରାୟଙ୍କ 'ମାନବ' ଶୀର୍ଷକ ଆଉ ଏକ କବିତା ଯାହା 'ଉତ୍କଳ ସାହିତ୍ୟ' ପତ୍ରିକାର ୩୬ଶ ଭାଗ, ୬ଷ୍ଠ ସଂଖ୍ୟା, ଆଶ୍ୱିନ ୧୩୩୯ ତଥା ୧୯୩୨ ମସିହାରେ ପ୍ରକାଶିତ ହୋଇଥିଲା, ତା'ର ପ୍ରଭାବ ମଧ୍ୟ ସ୍ପଷ୍ଟ ଏହି 'ସଜଳ ଆଖି ନୀରେ' କବିତାରେ । ସେହି ରାଉତରାୟଙ୍କ 'ମାଳା' କବିତାର ଏକ ଅଂଶ ଦେଖନ୍ତୁ । "ଜୀବନ ରାଜପଥେ, ଜନତାର ଭୀମ ସଂଘର୍ଷଣେ / ଏ ମାଳାର ପ୍ରତିଫୁଲ ଲୋଟିବ ଗୋ ଯେବେ ଅକାରଣେ / କଠିନ ସବଳ ବାହୁ ଛିନ୍ନ କରି ଲୋଡ଼ିବ ଆଘ୍ରାଣ / ମାଳାର ଗୌରବ ରକ୍ଷା ହେତୁ ରକ୍ଷୀ ଅସି କଲି ଦାନ / ନୀରବିଲା କଣ୍ଠ ତବ, ବୁଝିଲିନି କିବା ପ୍ରୟୋଜନ / ରହସ୍ୟ ଅଦ୍ଭୁତ ପ୍ରଭୁ ଅଶ୍ରୁଖୋଲି ଧୋଇଲା ନୟନ ।" (ରାଉତରାୟ, ଉତ୍କଳ ସାହିତ୍ୟ, ୩୯ଶ ଭାଗ, ୫ମ ସଂଖ୍ୟା, ଭାଦ୍ର, ୧୩୪୨ ବା ୧୯୩୩:) ସେହି ସଚ୍ଚିଦାନନ୍ଦଙ୍କ 'ଉତ୍କଳ ସାହିତ୍ୟ' ପ୍ରତିକାରେ ପ୍ରକାଶିତ 'ମାନବ' (୧୯୩୨), 'ଭୟଙ୍କର' (୧୯୩୫), 'ଶେଷରାତ୍ରୀ' (୧୯୩୫), 'ଜୀବନ କବିତା' (୧୯୩୧) ଓ 'ମାଟିର ପତଙ୍ଗ' (୧୯୩୫) ପ୍ରଭୃତି କବିତା ଓଡ଼ିଆ ସାହିତ୍ୟରେ ଏକପ୍ରକାର ଜୀବନ ଓ ବାସ୍ତବତା କୈନ୍ଦ୍ରିକ ବାତାବରଣ ସୃଷ୍ଟି କଲାଣି ସେତେବେଳକୁ । ଗୁରୁପ୍ରସାଦଙ୍କ 'ସଜଳ ଆଖି ନୀରେ' କବିତାଟି ସେହି ବାତାବରଣ ଓ ଆତ୍ମସଚେତନତାର ଫଳପ୍ରସୂ ମାତ୍ର । ଏଣୁ 'ଜୀବନ' କବିଚିଉ ପାଇଁ ପାଲଟିଛି 'ମରୁପଥ' । ସମସ୍ତ 'କଳ୍ପନା' ପାଲଟିଛି 'କୁହୁକମାୟା'ରେ । ଏଣୁ ଏକ ନବଯୌବନ, ତା'ର ଉତ୍ତେଜନା, ଫଗୁଣର ସମୀରଣ, କୁହୁତାନ, ମଧୁର ବାସ୍ନା ପ୍ରଭୃତି କ୍ଷଣସ୍ଥାୟୀ । ଏହି ଉତ୍ତାପ ଓ ଉତ୍ତେଜନାର ଯୌବନ କଥା ନିମିଷକ ପାଇଁ । ମାତ୍ର ଅନନ୍ତ ଜୀବନର ସ୍ରୋତ କଥା ଏଇଠି ନାହିଁ । କବିଙ୍କ ଭାଷାରେ- "କବିତା କାହିଁ ସତେ ? / ଜୀବନ ମରୁପଥେ / ସକଳ କଳାପନା କୁହୁକ ମାୟାଖାଲି / ନୂତନ ଯଉବନେ / ଫଗୁଣ ସମୀରଣେ / ନିମିଷେ ଆସେ କେତେ ନିମିଷେ ଯାଏ ଚାଲି ?" (ମହାନ୍ତି, ଉତ୍କଳ ସାହିତ୍ୟ, ଜାନୁଆରୀ, ୧୯୪୦ : ୩୦୮) ଦୁଃଖ, ଯନ୍ତ୍ରଣା, କଷ୍ଟରେ ଲୁହ ଗଡ଼ାଇ ଗଡ଼ାଇ ସାରାଜୀବନ ଯେ ଥରେ ହେଲେ ହସିନାହିଁ ସେ ଜୀବନ କି ପ୍ରକୃତ ଜୀବନ ପଦବାଚ୍ୟ ! ସେ ଯନ୍ତ୍ରଣାଦଗ୍ଧ ପ୍ରାଣରେ କବିତାର ଚିହ୍ନ କାହିଁ ? କବିତା କହିଲେ ଏଠାରେ ଚିରନ୍ତନ ଜୀବନ ଶିବତ୍ୱର କଥାକୁ ବୁଝାଏ । ନିଷ୍ଠୁର ବାସ୍ତବତା, ଯନ୍ତ୍ରଣାଦଗ୍ଧ ସତ୍ୟତା ପାଖରେ ସ୍ୱପ୍ନ-ଆକାଂକ୍ଷା ଓ କଳ୍ପନାର ମାନେ କିଛି ନାହିଁ । ବରଂ ବାସ୍ତବତା ସହ ଯୁଝିହୋଇ ଜୀବନକୁ ସରସ-ସୁନ୍ଦର ଓ ସ୍ୱାଦିଷ୍ଟ କରିବା କଥା- ତାହାହିଁ କବି ଚକ୍ଷୁରେ ଶ୍ରେୟସ୍କର । କବିଙ୍କ ଭାଷାରେ- "ବ୍ୟଥାର ପୂଜା କରି /

ଉଷୁମ ଲୋତକରେ / ଜୀବନସାରା ଧରି / ହସି ନାହିଁ ଯେ ଥରେ / କବିତା କାହିଁ ସତେ ! ଆହତ ପ୍ରାଣେ ତା'ର / ସପନ ନୀଡ଼ ରଚି / କି ଲାଭ ହେବ ତା'ର ।" (ତତ୍ରୈବ : ୩୦୮) ଆହତ ପ୍ରାଣରେ ସ୍ୱପ୍ନର ମୂଲ୍ୟ କିଛିହେଲେ ନାହିଁ, ବରଂ ବାସ୍ତବତା ସହ ଯୁଝିହୋଇ ଜୀବନକୁ ଠିକ୍ ଭାବରେ ଜୀଇଁବା, ଜୀବନ ପଥକୁ ସୁଗମ କରିବା ହିଁ ଶ୍ରେୟସ୍କର । ଅତ୍ୟନ୍ତ ଦୁଃଖ ଓ ଶୋଚନାର ସହ କବି ବ୍ୟଙ୍ଗାତ୍ମକ ଭାବରେ କହିଛନ୍ତି ଯେ, ଯେଉଁମାନେ ଲୁହର ସ୍ରୋତରେ ଭାସିଯିବା ସାର, ଜୀବନ ଭରି ଯା'ର ଦୁଃଖ ଯାତନାର ଗୁରୁଭାର ସେ କାହୁଁ ସୁଖୀ ହେବ ? ଅଶ୍ରୁର ପୂଜାରୀ ଭାବରେ ସେ ଚିରଦିନ ଅଶ୍ରୁସ୍ରବଣ କରିବା ସାର ହେବ ସିନା ଜୀବନ ତା'ର ଆନନ୍ଦରେ କଟିବା ସାତ ସପନ । ତେଣୁ କବି ବ୍ୟଞ୍ଜନାର ପ୍ରୟୋଗ କରି କହିଛନ୍ତି ସଜଳ ଆଖି ନୀରେ ଅର୍ଥାତ୍ ଲୁହରେ ଚିରକାଳ ସେ ସୁଖୀ ହେବ । ଅର୍ଥାତ୍ ଏପରି ଦରିଦ୍ର, ଅସହାୟ ମଣଷର ଦୁଃଖ, ଯାତନା ଓ କଷ୍ଟ ହିଁ ଚିର ସହଚର । କବିଙ୍କ ଭାଷାରେ- "ବରଷା ଝରଝରେ / ଭାସି ଗୋ ଲୁହଜଳେ / ଅଶ୍ରୁର ପୂଜାହାରୀ / ଯିବି ଗୋ ବାହି ଧୀରେ / ଜୀବନ ଭରି ଯାର / ଯାତନା ଗୁରୁଭାର / ସେ ସିନା ସୁଖୀ ହେବ / ସଜଳ ଆଖିନୀରେ ।" (ମହାନ୍ତି, ଉତ୍କଳ ସାହିତ୍ୟ, ଜାନୁଆରୀ, ୧୯୪୦ : ୩୦୮) ଏଇଠି କବି ଗୁରୁପ୍ରସାଦଙ୍କ ସ୍ୱର ଜୀବନର ଉତ୍ତପ୍ତ ଅଥଚ କୋମଳ ଦିଗ ପ୍ରତି ଯତ୍ନବାନ ହୋଇଛି । ଜୀବନର ଗୁରୁତ୍ୱ ବଢ଼ିଯାଇଛି । ସିରିୟସ୍‌ନେସ୍ ଢ଼େର୍ ବଢ଼ିଯାଇଛି । ଏହି ସିରିୟସ୍‌ନେସ୍‌ରେ ଆଖି ଛଳଛଳ ଓ କବିତ୍ୱ ଏକ ନୂଆରୂପ ନେବାର ପ୍ରସ୍ତୁତି ପର୍ଯ୍ୟାୟରେ ରହିଛି । ବସ୍ତୁତଃ ଏହି କବିତାରେ ତରୁଣ କବିଚିତ୍ତର ଆତ୍ମସଚେତନତା ସ୍ୱଚ୍ଛ ରୂପଧାରଣ କରିଛି । ଏହି ଆତ୍ମସଚେତନତା ହିଁ ଗୁରୁପ୍ରସାଦଙ୍କୁ ଏହି ଧାରାର କବିତା ରଚନାରୁ କ୍ଷାନ୍ତ ରଖିଛି ଓ ସମାଜ-ଜୀବନକୁ ନିରେଖି ଦେଖି ସମୀକ୍ଷା କରିବାକୁ ପ୍ରେରଣା ଦେଇଛି । ଏହି ପ୍ରେରଣା ଉତ୍ସୃତ ସ୍ୱାନୁଭୂତି ଓ ଅଭିଜ୍ଞତା ତାଙ୍କୁ ଉତ୍ତରକାଳରେ ଖାଲି ବାସ୍ତବବାଦୀ କରି ଗଢ଼ିତୋଳି ନାହିଁ, ଅଧିକନ୍ତୁ ଜୀବନ ପ୍ରତି ସେ ଅନେକାଂଶରେ ବ୍ୟଙ୍ଗାତ୍ମକ ହୋଇଉଠିଛନ୍ତି । ହଁ, ଅବଶ୍ୟ ଏ ଜୀବନ ପାରଂପରିକ ଜୀବନଧାରା ନୁହେଁ, ଏହି ଜୀବନ ହେଉଛି ତଥାକଥିତ ଆଧୁନିକ ଓ ଉଚ୍ଛୃଙ୍ଖଳ ଜୀବନଧାରା, ସ୍ୱେଚ୍ଛାଚାରୀ ଜୀବନଧାରା । ସମାଲୋଚକ ବାବାଜୀ ଚରଣ ପଟ୍ଟନାୟକ କହନ୍ତି- "କାଳବକ୍ଷରେ ମହାକବି, ଉତ୍ପାଦକ କବି ଓ ଚିନ୍ତାମଣି କବିଏ କ୍ୱଚିତ୍ ଆବିର୍ଭୂତ ହୋଇଥାନ୍ତି । କିନ୍ତୁ ଶିଳ୍ପସାଧକ କବିଙ୍କ ସଂଖ୍ୟା ସବୁକାଳରେ ପ୍ରାୟଶଃ ଲୋକଯୋଗାଯୋଗ ଦୃଷ୍ଟିରୁ ନିରୂପିତ ହୋଇଥାଏ । ଏ ଧରଣର କବିଏ ପୂର୍ବବର୍ତ୍ତୀ ସ୍ରଷ୍ଟାଙ୍କ ପ୍ରଭାବରୁ ମୁକ୍ତ ରହିବେ କିପରି ? କିନ୍ତୁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଅନୁସୃତ ହେବାରେ ଏମାନଙ୍କ ସୃଷ୍ଟିକାଳ ଅତିକ୍ରମରେ ସମର୍ଥ ହୁଏ । ତାହା ହେଉଛି ପ୍ରଭାବ ଅଂଗୀକାରର ଶକ୍ତି ଓ ସ୍ୱସଚେତନତା । ଗୁରୁପ୍ରସାଦଙ୍କ କବିସତ୍ତାରେ ଏ ଦୁଇଟିଯାକ ବ୍ୟକ୍ତିସତ୍ତା ପ୍ରତିପୋଷିତ ଓ କାବ୍ୟାଭିବ୍ୟକ୍ତିର ଉତ୍ପ୍ରେରକ ।" (ପଟ୍ଟନାୟକ, ୨୦୦୭ : ୧୦) ସମାଲୋଚକ ପ୍ରଫେସର ନିତ୍ୟାନନ୍ଦ ଶତପଥୀ ଏ ବାବଦରେ କହନ୍ତି- "ମନେହୁଏ ୧୯୪୦ର ପ୍ରାରମ୍ଭରେ ଶ୍ରୀ ମହାନ୍ତି ତାଙ୍କ କାବ୍ୟ-ଆଭିମୁଖ୍ୟ ସଂପର୍କରେ ହୁଏତ ସଚେତନ ହୋଇଛନ୍ତି ଓ ଆତ୍ମସମୀକ୍ଷା କରିଛନ୍ତି । ଏହିବର୍ଷ ଜାନୁୟାରୀ ମାସରେ ପ୍ରକାଶିତ କବିତା 'ସଜଳ ଆଖିନୀରେ' ଏହି ଆତ୍ମୋପଲବ୍ଧିର ସ୍ୱର ବହନକରେ । ××× । ଏହି ମାନସିକ ଦ୍ୱନ୍ଦ୍ୱ ପରେ ତାଙ୍କ କାବ୍ୟସାଧନା ଅତ୍ୟନ୍ତ ଖଣ୍ଡିତ ପ୍ରାୟ କିଛିଦିନ ପାଇଁ ସଂପୂର୍ଣ୍ଣ ନୀରବ ମଧ୍ୟ । ଏହି ନୀରବତା ହିଁ ତାଙ୍କ କବିତାର ପରବର୍ତ୍ତୀ ପଦକ୍ଷେପ ପାଇଁ ଏକ ମାନସିକ ପ୍ରସ୍ତୁତି । କାରଣ ୧୯୪୦ରୁ ସ୍ୱାଧୀନତା ପର୍ଯ୍ୟନ୍ତ ତାଙ୍କ ସୃଷ୍ଟିର କୌଣସି ପରିଚୟ ସମସାମୟିକ ପତ୍ରପତ୍ରିକାରେ ମିଳେ ନାହିଁ । ବୋଧହୁଏ ଏଇ ସୁପ୍ତାବସ୍ଥା ଥିଲା ଏକ ଜୀର୍ଣ୍ଣ କାବ୍ୟ ନିର୍ମୋକକୁ ଫିଙ୍ଗି ଆଧୁନିକ କାବ୍ୟଚେତନାକୁ ଅବଲମ୍ବନ କରିବାର ଏକ ପ୍ରସ୍ତୁତି ପର୍ବ ।" (ଶତପଥୀ, ୧୯୮୫ : ୫୧୭) ଗ୍ରାମ୍ୟ ଜୀବନରୁ ସହରୀ ଜୀବନ ଆଡ଼କୁ କବି ସମୀକ୍ଷକ ଭାବରେ ଆସି ଚିତ୍ରିତ କରିଛନ୍ତି ସହରର ସ୍ନାୟୁ ଜଗତକୁ, ତା'ର ଭିତ୍ତି, ଭୂତି ଓ ଅନୁଭୂତିକୁ । ଯୁଦ୍ଧୋତ୍ତର ପୃଥିବୀର ଧୂସର, ଧୂମିଳ, ବିଷାକ୍ତ ଓ ଅନ୍ଧକାରମୟ ପରିବେଶକୁ କବି ଯା'ରି ପର ପର୍ଯ୍ୟାୟରେ ଚିତ୍ରିତ କରିଛନ୍ତି ।

ଗୁରୁପ୍ରସାଦଙ୍କ ଏହି ପର୍ଯ୍ୟାୟର ଶେଷ କବିତା ଆମେ 'ସହକାର' ପତ୍ରିକାର ୨୧ଶ ଭାଗ, ୧୩୪୨ ସାଲ ବୈଶାଖ ମାସ ସଂଖ୍ୟାରେ ଦେଖିଥାଉଁ ଯାହାର ଶୀର୍ଷକ ଥିଲା 'କାହାଣୀ' (ପୃଷ୍ଠା-୮୨) । ତରୁଣ କାଳରେ ତରୁଣୀଟିକୁ ଦେଖି କବି ପ୍ରାଣରେ ପ୍ରେମର ଉଚ୍ଛ୍ୱାସ ଅନୁଭବ ହୋଇଛି । ପ୍ରତିଦିନ ସେହି ଝିଅଟି ନଦୀକୁ ପାଣି ଆଣିବାକୁ ଯାଏ । ତେର-ଚଉଦ ବର୍ଷର ସେ ବାଳିକା । କବି ଉପମା ଅଳଙ୍କାର ପ୍ରୟୋଗ କରି ସେ ତରୁଣୀର ସୌନ୍ଦର୍ଯ୍ୟକୁ ବର୍ଣ୍ଣନା କରିଛନ୍ତି । ଦୂର ଆକାଶର ଧଳା ମେଘରେ ଚନ୍ଦ୍ର କିରଣ ପଡ଼ିଲେ ତାହା ଯେପରି ଶୁଭ୍ର ସୁନ୍ଦର ଦେଖାଯାଏ, ତା'ଚିକ୍‌ମିକ୍ କଳାପରି ସୁନାରଂଗୀ ଦେହରେ ସେହିପରି ଯୌବନ ନୂଆ କରି ଛୁଏଁ । କବିଙ୍କ ଭାଷାରେ- "ଏଇ ବାଟେ ପ୍ରତିଦିନ ସେ / ଯାଏ ପାଣି ଆଣିବାକୁ ନଈକି / ତା'ର ବୟସ ଯେ ଅତି ଅଳପ / ହେବ ତେର କି ଚଉଦ ସରିକି । ଦୂର ଆକାଶର ଧଳା ବଉଦେ / ଲାଗେ ପ୍ରଥମେ ଜ୍ୟୋଛନା ଯେମିତି / ତା'ର ସୁନା ପରି ତୋରା ଦେହରେ / ଛୁଏଁ ନୂଆ ଯଉବନ ସେମିତି ।" (ମହାନ୍ତି, ସହକାର, ମେ, ୧୯୪୦ : ୮୨) 'ପରି', 'ଯେମିତି', 'ସେମିତି' ପ୍ରଭୃତି ଉପମା ବାଚକ ଶବ୍ଦ ପ୍ରୟୋଗ କରି କବି ନିଜ ପ୍ରେମିକାର ରୂପ ଯୌବନକୁ ବର୍ଣ୍ଣନା କରିଛନ୍ତି । ଦୂର ଆକାଶର 'ଧଳା ବଉଦ' ସହ ତା'ର ସୁନାପରି 'ଦେହ' ସହ ଓ 'ଜ୍ୟୋଛନା' ସହ ତା'ର 'ଯୌବନ'କୁ ତୁଳନା କରାଯାଇଛି । ନୂଆ ଜୋଛନା ସହ ନୂଆ ଯଉବନକୁ କବି ଦେଖିଛନ୍ତି । ପୁଣି ଦେହର ରଂଗକୁ ସୁନାର ରଙ୍ଗ ସହ ତୁଳନା କରିଛନ୍ତି । ଏଠାରେ 'ଧଳା ବଉଦ', 'ଜ୍ୟୋଛନା', 'ସୁନା' ପ୍ରଭୃତି

ଉପମାନ ଓ ତରୁଣୀ ପ୍ରେମିକାଟି 'ଉପମେୟ' ଓ ତା'ର 'ନୂଆ ଯୌବନ' ତଥା 'ଯୌବନ ନୂଆଁ କରି ଛୁଇଁବା' ପ୍ରଭୃତି ଉପମେୟ ଭାବରେ ବର୍ଣ୍ଣିତ । ଗାଁର ଧୂଳି ରାସ୍ତାରେ କାଖରେ ପାଣି କଳସୀ ଧରି ସାନ ସାନ ତା'ର ପାଦ ପକାଇ ସେ ଯେବେ ଅଳସ ମଧୁର ଚାଲିରେ ଚାଲିଥାଏ କବିଙ୍କୁ ମନେହୋଇଛି ବାଟର ଦୁଇପାଖରୁ କିଆବଣ ଗହୀରରୁ ପଛରୁ ଛପିଛପି ଆସି ବଡ଼ ଚାଲାକିରେ ପବନ ତା'ର ଫିକା ହଳଦିଆ ବସନକୁ ଓଟାରି ଦିଏ । ସେହି ପବନର ଦୁଷ୍ଟାମିକୁ ପ୍ରୋଜୋପୋପିଆ ଟକ୍‌ନିକ୍ ଦ୍ୱାରା ସେ ଆହୁରି ବର୍ଣ୍ଣନା କରି କହିଛନ୍ତି- ଯେ, ସେହି ପବନ ଦୁଷ୍ଟାମି କରି ତା'ମଥାଲୁଗା ଟାଣି ଖସାଇ ଦିଏ, ପିଠିପଟ ଜୁଡ଼ା ଫିଟାଇଦିଏ । ପୁଣି ପବନ ଯେବେ ତା'ର ଛାତି ଲୁଗାକୁ ଧରି ଭିଡ଼େ, ତରୁଣୀଟି ଲାଜରେ ତା'ଲୁଗାକୁ ଛାତିରେ ଜାକିଧରେ । କବିଙ୍କ ଭାଷାରେ- "ତା'ର ସାନସାନ ପାଦ ପକାଇ / ଯେବେ ଏଇ ଗାଆଁ ବାଟ ଧୂଳିରେ / ମାଟି କଳସୀଟି ଧରି କାଖରେ / ଯାଏ ଅଳସ ମଧୁର ଚାଲିରେ । ବାଟ ଦୁଇପାଖ କିଆଗହୀରୁ / ପଛୁ ଛପିଛପି ଆସି ପବନ / କେଡ଼େ ଚଲାଖିରେ ଦିଏ ଓଟାରି / ତା'ର ଫିକା ହଳଦିଆ ବସନ । ଦିଏ ମଥାଲୁଗା ଟାଣି ଖସାଇ / ତା'ର ଫିଟିପଡ଼େ ଜୁଡ଼ା ପିଠିରେ / ତା'ର ଛାତି ଲୁଗା ଧରି ଭିଡ଼ିଲେ / ତାକୁ ଜାକି ରଖେ ଲାଜେ ଛାତିରେ ।" (ମହାନ୍ତି, ସହକାର, ମେ, ୧୯୪୦ : ୮୨) କିନ୍ତୁ ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡ଼ିଶାରେ ପ୍ରେମର ପରିଭାଷା ଏଇ ନିମ୍ନ ପଙ୍‌କ୍ତିରୁ ବେଶ୍ ଜଣାପଡ଼େ । କେହି କାହାରି ସହ କଥା ହୋଇନାହାଁନ୍ତି ମାତ୍ର ପରସ୍ପର ପ୍ରତି ପ୍ରେମଭାବ ରହିଛି । ସମ୍ମୋହନ ରହିଛି । କବିଙ୍କ ଭାଷାରେ- "ସେ ଯେ ଏଇବାଟେ ଯାଏ ଏମିତି / ନିତି ପାଣି ନେବା ପାଇଁ ସକାଳେ / ମୁଁ ଯେ ପରିଚୟ ତା'ର ସାଥିରେ / କେବେ କରି ନାହିଁ କଥା ଭାଷାରେ ।" (ତତ୍ରୈବ, ପୃ- ୮୨) ତା'ର କୃଷ୍ଣ ଗଭୀର ଆଖି ଯୋଡ଼ିକର ମାୟାରେ କବିଙ୍କ ତରୁଣ ପ୍ରାଣ ଦ୍ରବୀଭୂତ ହୋଇଯାଇଛି । ତା'ର ତରଳ ଚାହାଣୀରେ ଯୁଗଯୁଗର ପରିଚୟ, ଯୁଗଯୁଗର ସଂପର୍କ ଥିବାର କଥା କହେ । ମନେହୁଏ, ସତେଯେପରି ସେ ବହୁ ଯୁଗର ପୁରୁଣା ସାଥୀ । କବି କଳ୍ପନାରେ ରୋମାଣ୍ଟିକ୍ କାହାଣୀ ସ୍ଥାନ ପାଇଛି । କଳ୍ପନାରେ ପୂର୍ବଜନ୍ମ ସବୁର କାହାଣୀ କବି ଚିତ୍ତରେ ଉଦ୍‌ଭାସିତ ହୋଇଛି । ସେ ସେହି କାହାଣୀରେ ତଲ୍ଲୀନ ହୋଇ ବିପୁଳ ପ୍ରାପ୍ତିର ଆଶାରେ ତଟସ୍ଥ ହୋଇ ସେହି ତରୁଣୀକୁ ଅବଲୋକନ କରନ୍ତି । ଏମିତି ପରସ୍ପର କେହିକାହାକୁ କିଛି ନକହି ଆଖିରେ ଆଖିରେ ଚାହାଣୀରେ ପରସ୍ପରକୁ ଜୀବନର କାହାଣୀ କହିଛନ୍ତି । ଶେଷରେ ଅତି ଚମତ୍କାର ଭାବରେ କବି ସ୍ୱଷ୍ଟୋକ୍ତି ରଖି କହିଛନ୍ତି "ଆମେ ଦୁହେଁ ପରସ୍ପରକୁ ଭଲପାଉ ମାତ୍ର ସେ ଭଲପାଇବା ରହିଛି ଛାତିର ଗଭୀର ଅଥଚ ସୁରକ୍ଷିତ ସ୍ଥାନରେ- ଅତଳ ଦେଶରେ । କବିଙ୍କ ରୋମାଣ୍ଟିକ୍ କଲମରେ ଏହା ଗାୟନଯୋଗ୍ୟ ହୋଇ ଅତି ଚମତ୍କାର ରୂପ ନେଇଛି । ତାଙ୍କରି ଭାଷାରେ- "ତା'ର କଳା କଳା ଆଖି ଯୋଡ଼ିକ / ତା'ର ତରଳ ମଧୁର ଚାହାଣୀ / କହେ କେତେ ଯୁଗ ପରିଚୟର / କେତେ ସ୍ନେହ ମଧୁବୋଳା କାହାଣୀ / ଆମେ ଦିହେଁ ନିତି ଏମିତି / ହେଉ କଥା କୁହାକୁହି ଆଖିରେ/ ଆମେ ଭଲପାଉ ଦିହେଁ ଦିହିଁଙ୍କି / ଅତି ଗୋପନରେ ଛାତି ଭିତରେ ।" (ମହାନ୍ତି, ସହକାର, ମେ, ୧୯୪୦ : ୮୨) ହୁଏତ ଏହି କବିତାଟି 'ସଜଳ ଆଖି ନୀରେ' କବିତା ଆଗରୁ ଲେଖା ଯାଇଥିଲା ମାତ୍ର ପରେ ପ୍ରକାଶ ପାଇଛି । ମାତ୍ର ଏହା ସ୍ପଷ୍ଟ ଯେ, କବିଙ୍କ ଉପରେ ଲୋହିତ ପ୍ରଭାବ ପଡ଼ିବା ପୂର୍ବ ସମୟର କବିତା ଏଇଟି । ଏଇ କବିତାର ରଙ୍ଗ-ରୂପ-ଗନ୍ଧ ସବୁକିଛି ସବୁଜ-ସବୁଜ ଓ ସବୁଜ ଧର୍ମରେ ଦୀକ୍ଷିତ ଓ ଏକ୍‌ଦମ୍ ରୋମାଣ୍ଟିକ୍ ତଥା ତାରୁଣ୍ୟର ଭାବୋଚ୍ଛ୍ୱାସ ମାତ୍ର । ଏହି କବିତା ପଢ଼ିଲେ ଦେଖାଯାଆନ୍ତି ଅନ୍ନଦା, ବୈକୁଣ୍ଠ, କାଳିନ୍ଦୀ, ଶରତ ଓ ହରିହର ମହାପାତ୍ରଙ୍କ ପରି ତରୁଣ ପଞ୍ଚସଖା ।

କବି ଶ୍ରୀ ମହାନ୍ତି ସବୁବେଳେ ଜୀବନର ସେଇ ପ୍ରାକୃତିକ ଛନ୍ଦର ତଲାସ୍ କରିଛନ୍ତି । ସେ ପ୍ରେମ, ସେଇ ନିବିଡ଼ତା, ସ୍ୱଚ୍ଛତା ଓ ସରଳତା ପୂର୍ଣ୍ଣ ଜୀବନ । ତାଙ୍କ ଜୀବନାୟନକୁ ଲକ୍ଷ୍ୟକଲେ ଜାଣିହେବ ସେ ଗ୍ରାମ୍ୟ ଜୀବନକୁ, ଗାଁର ଲୋକଙ୍କୁ କେତେ ଭଲପାଉଥିଲେ, କେତେ ଝୁରିହେଉଥିଲେ । ସହରୀ ଜୀବନରେ ସେଇ ସ୍ୱଚ୍ଛତାକୁ ନପାଇ ସେହି ପ୍ରୀତି, ସଂପ୍ରୀତି, ସହାନୁଭୂତି, ସଫେଦିକୁ ନପାଇ ସେ କବିତାକୁ ଆଉ ରୋମାଣ୍ଟିକ୍ କରି ରଖିପାରି ନାହାଁନ୍ତି । ନା ସେ ପ୍ରଗତିବାଦର ଲୋହିତ ଶିଖାରେ ସଂପ୍ରୀତିର ଗୀତି ଗାଇଲେ ନା ସେ ରୋମାଣ୍ଟିକ୍ ଚେତନାର ସବୁଜ ଗୀତି ରଚନା କଲେ । ତାଙ୍କ ଆଗରେ ଧୂସର-ଧୂମିଳ ଜୀବନ ତାଙ୍କ କବିତାକୁ ସେହିପରି କରିପକାଇଲା ଏଣ୍ଟିରୋମାଣ୍ଟିକ୍ । ଯେଉଁ ସ୍ୱଚ୍ଛତା ଓ ସୌନ୍ଦର୍ଯ୍ୟକୁ ସେ ଦେଖିଥିଲେ, ଚାହିଁଥିଲେ ସ୍ୱାଧୀନତା ପୂର୍ବରୁ, ତାକୁ କିନ୍ତୁ ପାଇଲେନି ସ୍ୱାଧୀନତା ପରେ । ଏପରିକି ସ୍ୱାଧୀନତାର ଅବ୍ୟବହିତ ପୂର୍ବରୁ ସମାଜ ଓ ବ୍ୟକ୍ତିର ରଂଗ-ରୂପ-ଚେହେରା, ଭିତର-ବାହାର ସବୁକିଛି ବଦଳିଗଲା- ଛିନ୍‌ଛତ୍ର ହୋଇଗଲା । ତା'ର କାରଣ ଅନେକ । କିଛି ସାମାଜିକ, କିଛି ରାଜନୀତିକ, କିଛି ଛଦ୍ମ ଅର୍ଥନୀତିକ ଆଉକିଛି ମାନସିକ, ବିକୃତ ମାନସିକ କାରଣ ତା'ଠି ରହିଛି । ନାରୀ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଫର୍ଦ୍ଦ । ଖାଲି ଜୀବନର କାହିଁକି ସମଗ୍ର ସମାଜର ସେ କେନ୍ଦ୍ର । ସେଇ ଫର୍ଦ୍ଦଟି, ସେଇ କେନ୍ଦ୍ରଟି ବଦଳିଯାଇଛି ମାନସିକ ସ୍ତରରେ । ତେଣୁ ତନ୍ମନରେ ରୋମାଣ୍ଟିକ୍ ଓ ସଦା ସବୁଜ ଗୁରୁପ୍ରସାଦ ପ୍ରଥମରୁ ଯେଉଁପରି ଜୀବନକୁ ଦେଖିଛନ୍ତି, ଚାହିଁଛନ୍ତି ଓ ପାଇଛନ୍ତି ପରବର୍ତ୍ତୀ ପର୍ଯ୍ୟାୟରେ ତାକୁ ନପାଇ, ତା'ର ଛାୟାକୁବି ଯେତେବେଳେ ପାଇବା ମୁସ୍କିଲ ହୋଇଯାଇଛି- ସେ ବିଳିବିଳେଇ ଉଠିଛନ୍ତି । ଜୀବନର କାରୁଣ୍ୟକୁ କବିତାରେ ନିଜ ବିଷାଦବୋଧ ଦ୍ୱାରା ପ୍ରକାଶ କରିଛନ୍ତି । ସେଇଟି ଲୋକଙ୍କୁ ଲାଗିଲା 'ନୂତନ' । ଏଣୁ ସେ ହେଲା 'ନୂତନ କବିତା, ଜୀବନ ପ୍ରତି ନୂଆ ଦୃଷ୍ଟି ଓ ଦର୍ଶନଯୁକ୍ତ କବିତା, ଠିକ୍ ଜୀବନ ପ୍ରତି ବ୍ୟକ୍ତିର ଯେ ଚେତନା, ଯେ ଭାବ,

ସେହିପରି କବିର ଏ କବିତା ।

ଏହି ଗୁରୁପ୍ରସାଦୀୟ ଚେତନା କଥା ତାଙ୍କ କବିତାର ଟାଇଟଲ୍ ବା ଶୀର୍ଷକରୁ ବେଶ୍ ବାରିହୋଇପଡ଼େ । ଜଣେ ସରଳ, ସବୁଜ, ସତ୍ୟ-ଶିବ-ସୁନ୍ଦର ତଥା ସରସ ଜୀବନର ଆଶାୟୀ ବା ପୂଜାରୀ ନହୋଇଥିଲେ ସେ କେବେ ତାଙ୍କର ସବୁତକ କବିତାର ଶୀର୍ଷକ ସେହିପରି ରଖିନଥାନ୍ତେ । ଅବଶ୍ୟ 'ନୂତନ କବିତା' (୧୯୫୫) ପରେପରେ ଯେଉଁ କବିତା ତକ ସେ ଲେଖିଲେ ସେସବୁର ଶୀର୍ଷକ ଗୁଡ଼ିକ ଭାରି ରୋମାଣ୍ଟିକ୍ ପ୍ରତୀତ ହୋଇଛି ଯଦିଓ କବିତାର କଣ୍ଟେଣ୍ଟ ତଦନୁରୂପ ରୋମାଣ୍ଟିକ୍ ହୋଇପାରିନି । ଉଦାହରଣ ସ୍ୱରୂପ ତାଙ୍କ 'କପୋତ-କପୋତୀ', 'ଚଂପାଫୁଲ', 'ପ୍ରିୟବାନ୍ଧବୀ', 'ଶରତ ଋତୁରେ ଜହ୍ନ', 'ସୁନାର ଝରଣା', 'ଅଳକା ସାନ୍ୟାଲ୍', 'ଚିଠି', 'ଆଖିର କପୋତ ମୋର', 'ନିହିତ ଗୋଧୂଳି', 'ପିକ୍‌ନିକ୍', 'ଛୁଟିର ଖରା', 'ଦୃଷ୍ଟିର ଦିଗନ୍ତ', 'ସିଡୁଆ', 'କେଉଁଘାସ ? କେଉଁ ବାଲିଚର' ବା 'ଫେରନ୍ତା ବାଟର ପକ୍ଷୀ', 'ମାର୍ଶାଘାଇ', 'ସାମ୍ନାରେ ଶୀତ ରାତି', 'ବସନ୍ତ ସହିତ ଆସେ','ଏସ୍‌ରାଜ ଭାଓଲିନ୍', 'ସନେଟ୍‌ର ସେ ସ୍ତ୍ରୀ ଲୋକ', 'ଫାଲ୍‌ଗୁନର ଫୁଲ ସୁଖେ', 'ଏଠି ଭୋର୍ ପବନରେ', 'ତା' ଆଖିର ତୁଳନା ତ', 'ଦେହର ନିର୍ଲଜ୍ଜ ଭୋକ', 'ଏ ନାଲି ମାଟିର ରାସ୍ତା', 'ନିଭୃତ ଏକାନ୍ତ ମୋର', 'କ୍ୟାମ୍ପସ୍ ବ୍ଲୁଜ୍', 'ଆର ଶତାବ୍ଦୀକୁ', 'ମାଣିକେଶ୍ୱରୀ', 'ପିଣ୍ଟୁପାଇଁ ଗୋଟିଏ କବିତା', 'ବାବା ପାଇଁ ଦୁଇଟି କବିତା', 'କେତେ ସ୍ୱପ୍ନ ପରେ', 'ଖୋଲା କବାଟ', 'ଆପଣ ଆସନ୍ତୁ ଫେରି', 'ଅପେକ୍ଷା', 'ସେ ଆଖି ତ', 'ମୋ ବୁଢ଼ିମାଆର ରାତି', 'ସକାଳ କୁହୁଡ଼ି' ଓ 'ମୋର ସବୁ ସ୍ନେହ' ପ୍ରଭୃତି ଶୀର୍ଷକରୁ କବିଙ୍କର ରୋମାଣ୍ଟିକ୍ ଆଭିମୁଖ୍ୟ ସ୍ପଷ୍ଟ ହୋଇଛି । ମାତ୍ର କବିତାର କନ୍‌ଟେଣ୍ଟ୍ ସବୁ ତଦନୁରୂପ ରୋମାଣ୍ଟିକ୍ ହୋଇପାରି ନାହିଁ । ଅବଶ୍ୟ ତାହା ଇଚ୍ଛାକୃତ ଓ ତା'ର କାରଣ ମଧ୍ୟ ରହିଛି । ଶେଷଜୀବନ ଯାଏଁ ସେ ଯେଉଁ କବିତା ସବୁ ଲେଖିଛନ୍ତି, ସବୁର ଶୀର୍ଷକରୁ ଏହି ସବୁଜିମାକୁ ଲକ୍ଷ୍ୟ ଅବଶ୍ୟ କରିହୁଏ । ସବୁଥିରେ ଲକ୍ଷ୍ୟ କରିହେବ ଜନାକୀର୍ଣ୍ଣ ସହରରେ ସେ କିପରି ଭୋଗିଛନ୍ତି ଉହଡହ ନିର୍ଜନତା, ଧୂସର ଆକାଶ ଆଉ ବିବର୍ଣ୍ଣ ପୃଥିବୀର ବ୍ୟଥା । ଏଣୁ ସେ କାମନା କରିଛନ୍ତି ସେଇ ପୂର୍ବ ସରଳତା, ସୌନ୍ଦର୍ଯ୍ୟ ଓ ସରସତାକୁ ଯେଉଁଥିରେ ସ୍ୱଟିକରେ ଗଢ଼ାହୋଇଛି ତାଙ୍କର ଜୀବନର ଭିତ୍ତିଭୂମି । ପାରସ୍ପରିକ ସହାନୁଭୂତି, ସାହଚର୍ଯ୍ୟ ଓ ଐକ୍ୟ ମଧ୍ୟରେ ସେ ଖୋଜିଛନ୍ତି ସତ୍ୟ ଜୀବନର ଶିବ ସ୍ୱରୂପକୁ ଓ ଅନୁଭବ କରିବାର ଆକାଂକ୍ଷା ରଖିଛନ୍ତି ସେହି ସତ୍ୟ-ଶିବର ସୁନ୍ଦରତାକୁ । ଏହାହିଁ ଗୁରୁପ୍ରସାଦଙ୍କ କବିତାର ଅସଲ ଭିତ୍ତି, ଅସ୍ଥିମଜ୍ଜା ବା ଗ୍ରାଉଣ୍ଡ ରିଏଲଟି ତଥା ଇନର୍'ଫ୍ୟାକ୍ଟ

ପ୍ରଥମରୁ ଯେଉଁ ଆଡୋଲୋସେନ୍ସର କଥା କୁହାଯାଇଛି ତାହା ଏକ କାରଣ ମାତ୍ର ହୋଇପାରେ । କିନ୍ତୁ ଗୁରୁପ୍ରସାଦ ଯେ ଅନନ୍ୟ ଓ ଅସାଧାରଣ କବିତ୍ୱର ଉପାଦାନରେ ଗଢ଼ା ହୋଇଥିଲେ ସେ କଥାଟିକୁ ଅଣଦେଖା ଆଦୌ କରାଯାଇପାରିବ ନାହିଁ । ନୂତନ କବିତାର ପରଂପରାରେ ଏଲିଅଟ୍‌ଙ୍କ ପରି ସେ ମଧ୍ୟ ଯଥେଷ୍ଟ ସମାଲୋଚନାର ଶରବ୍ୟ ହୋଇଥିଲେ । 'ଝଙ୍କାର' ପତ୍ରିକାର ୭ମ ବର୍ଷ ୮ମ ସଂଖ୍ୟା (ବିଛା, ୧୩୬୨)ର ପୃ-୮୧୬ ରୁ ୮୧୮ ମଧ୍ୟରେ 'ପୁସ୍ତକ ପରିଚୟ' ବିଭାଗରେ 'ସଂବୁଦ୍ଧ'ଙ୍କ ଦ୍ୱାର ପ୍ରଦତ୍ତ ମନ୍ତବ୍ୟ ଦ୍ରଷ୍ଟବ୍ୟ । କିନ୍ତୁ କହିବା ବାହୁଲ୍ୟ ଯେ, କବିଙ୍କ କବିତା ଗୁଡ଼ିକର ଆଭିମୁଖ୍ୟ ପ୍ରାକ୍ ସ୍ୱାଧୀନତା ପର୍ଯ୍ୟାୟରେ ସିଧାସଳଖ ଥିଲାବେଳେ 'ନୂତନ କବିତା' ବା ଉତ୍ତର ସ୍ୱାଧୀନତା କାଳରେ ତାହା ହୋଇଯାଇଥିଲା ଏକାନ୍ତ ତୀର୍ଯ୍ୟକ୍ । ଏଣୁ ଏଠାରେ statement poetry ଓ oblique poetry କଥା ମନଭିତରେ ଗ୍ରହଣ କରି ବିଚାର କଲେ କବି ଯେ ଉଚିତ୍ ନ୍ୟାୟ ପାଇପାରିବେ- ଏହା ନିଃସନ୍ଦେହ । ତେବେ ପ୍ରତ୍ୟେକ କବି ଯେ ରୋମାଣ୍ଟିକ୍ ହେବା ଉଚିତ୍- ତା'ର ମଧ୍ୟ କୌଣସି ଧରାବନ୍ଧା ଫର୍ମୁଲା ନାହିଁ । କିନ୍ତୁ କବି ନିଶ୍ଚିତ ଭାବେ ସମାଜକୁ ସନ୍ମାର୍ଗରେ ପ୍ରେରିତ କରିବା ଆବଶ୍ୟକ । ଏବଂ ଏହି ନ୍ୟାୟରେ କବି ଗୁରୁପ୍ରସାଦ ଉତ୍ତରକାଳରେ ଲେଖିଥିବା କବିତାର ଏହି 'ତୀର୍ଯ୍ୟକ ଶୈଳୀ'ର ସାହଚର୍ଯ୍ୟରେ ଉପର୍ଯ୍ୟୁକ୍ତ ପୋଏଟିକ୍ ଜଷ୍ଟିସ୍‌କୁ ଅକ୍ଷୁର୍ଣ୍ଣ ରଖିଛନ୍ତି । ଏସବୁ ଦିଗରୁ ବିଚାରକଲେ ଜଣାପଡ଼ିବ- କବି ଶ୍ରୀ ମହାନ୍ତିଙ୍କର ଏହି ଅନାଲୋଚିତ ଓ ଅନାଲୋକିତ ବା ଅଳ୍ପାଲୋକିତ କାବ୍ୟିକ ଦିଗଟି ଅନ୍ୟ ସବୁ କୃତିର ସଠିକ୍ ବିଚାର ନିମିତ୍ତ କେତେ ଅଧିକ ମହତ୍ତ୍ୱପୂର୍ଣ୍ଣ ଓ ଜରୁରୀ ଅଟେ । ଏଣୁ ଶେଷରେ ଏହି ନିଷ୍କର୍ଷରେ ଉପନୀତ ହେବାରେ କୌଣସି ଦ୍ୱନ୍ଦ୍ୱ ବା ଦ୍ୱିଧା ନାହିଁ ଯେ, ଏହି କବିତା ଗୁଡ଼ିକ କବିଙ୍କର ଆଦ୍ୟକାଳର ତଥା ଉନ୍ମେଷକାଳୀନ ସମ୍ଭାବନାମୟ କବିତ୍ୱର ଶକ୍ୟ ଫଳପ୍ରସୂ ମାତ୍ର ।

**ପ୍ରାଥମିକ ଉତ୍ସାବଳୀ (Primary Sources)**


୧. ମହାନ୍ତି, ଗୁରୁପ୍ରସାଦ, 'ଅପରାଜିତା', ସହକାର, ୨୦ଶ ଭାଗ / ୭ମ ସଂଖ୍ୟା, କାର୍ତ୍ତିକ, ୧୩୪୭, ନଭେମ୍ବର, ୧୯୩୯ ।
୨. ମହାନ୍ତି, ଗୁରୁପ୍ରସାଦ, 'ଅଲାକୁକୀ', ସହକାର, ୨୦ଶ ବର୍ଷ / ୮ମ ଓ ୯ମ ସଂଖ୍ୟା, ମାର୍ଗଶିର, ୧୩୪୭, ଡିସେମ୍ବର, ୧୯୩୯ ।
୩. ମହାନ୍ତି, ଗୁରୁପ୍ରସାଦ, 'ଅସ୍ତରାଗ', ସହକାର, ୨୦ଶ ବର୍ଷ / ୫ମ ସଂଖ୍ୟା, ଭାଦ୍ର, ୧୩୪୬, ସେପ୍ଟେମ୍ବର, ୧୯୩୯ ।
୪. ମହାନ୍ତି, ଗୁରୁପ୍ରସାଦ, 'କାହାଣୀ', ସହକାର, ୨୧ଶ ବର୍ଷ / ୧ମ ସଂଖ୍ୟା, ବୈଶାଖ, ୧୩୪୭, ମେ, ୧୯୪୦ ।
୫. ମହାନ୍ତି, ଗୁରୁପ୍ରସାଦ, 'ଲତା', ସହକାର, ୨୦ଶ ବର୍ଷ / ୧ମ ସଂଖ୍ୟା, ବୈଶାଖ, ୧୩୪୬, ଏପ୍ରିଲ୍, ୧୯୩୯ ।
୬. ମହାନ୍ତି, ଗୁରୁପ୍ରସାଦ, 'ସଜଳ ଆଖିନୀରେ', ଉତ୍କଳ ସାହିତ୍ୟ,

୪୩ଶ ଭାଗ / ୯ମ ସଂଖ୍ୟା, ପୌଷ, ୧୩୪୭, ଜାନୁଆରୀ, ୧୯୪୦ ।

୭. ମହାନ୍ତି, ଗୁରୁପ୍ରସାଦ, 'ସପନତରୀ', ସହକାର, ୨୦ଶ ବର୍ଷ / ୩ୟ ସଂଖ୍ୟା, ଆଷାଢ଼, ୧୩୪୬, ଜୁନ୍, ୧୯୩୯ ।

୮. ମହାନ୍ତି, ଗୁରୁପ୍ରସାଦ, 'ସେଦିନ', ସହକାର, ୨୦ଶ ବର୍ଷ / ୨ୟ ସଂଖ୍ୟା, ଜ୍ୟେଷ୍ଠ, ୧୩୪୬, ମେ, ୧୯୩୯ ।

### ଅନୁସୃତ ଗ୍ରନ୍ଥାବଳୀ (Works Cited)

1. Boyesen, Hjalmar, Essays on German Literature, New York: C. Scribner's Sons, 1892.
2. Breinbauer, Cecilia, Youth : Choices and Change : Promoting Healthy Behaviours in Adolescents, Washington D. C. : Pan American Health Organisation, 2005.
3. Cooper, David Graham, The Death of the Family, London: Penguin, 1974.
4. Cox, Frank D. & Demmitt, Kelvin, Human Intimacy: Marriage, the Family and Its Meaning, Boston, Massachusetts: Cengage Learning, 2013.
5. Erikson, Erik H., Childhood and Society, London : Penguin, 1973.
6. Fenwick, Elizabeth & Smith, Tony, Adolescence : The Survival Guide for Parents and Teenagers, London : Piatkus Books, 1993.
7. Goleman, Daniel, Emotional Intelligence, New York : Bantam Books, 1995.
8. Hatfield, Nancy T., Brodribb's Introductory Pediatric Nursing, Philadelphia : Lippincott Williams and Wilkins, 2007.
9. Klein, Mavis, Okay Paranting : A Psychological Handbook for Parents, London : Judy Piatkus Publishers Ltd., 1991.
10. Landsberg, Michell, The World Children's Books, New York : Simon & Schuster, 1989.
11. Skynner, Robib & Cleese, John, Families and How to Survive Them, London : Arrow, 1994.
12. Spufford, Francis, The Child that Books Built, London : Faber and Faber, 2002.

୧୩. ଚାନ୍ଦ, ନୀତିରଂଜନ, 'ସମୁଦ୍ର ସ୍ନାନରେ ବିଷଣ୍ଣ ଅନୁରାଗର ସନେଟ୍", ତାରା ଖସିବାର ବେଳ, ସଂପା. ପ୍ରଫେସର ଗଣେଶ୍ୱର ମିଶ୍ର, ଭୁବନେଶ୍ୱର : ଗୁରୁପ୍ରସାଦ ମହାନ୍ତି ସ୍ମୃତି ସଂସଦ, ୨୦୦୫, ୧୫୯-୧୬୮ ।

୧୪. ଦାଶ, କୁଞ୍ଜବିହାରୀ (ସଂ.), ବୈକୁଣ୍ଠନାଥ ଗ୍ରନ୍ଥାବଳୀ, କଟକ : ଉତ୍କଳ ସାହିତ୍ୟ ସମାଜ, ୧୯୭୯ ।

୧୫. ନାୟକ, ସନ୍ତୋଷ କୁମାର, ଈକ୍ଷା-ବୀକ୍ଷା-ସମୀକ୍ଷା, ବାଲେଶ୍ୱର : ହାଇଫେନ୍, ନଭେମ୍ବର, ୨୦୧୩ ।

୧୬. ନାୟକ, ସନ୍ତୋଷ କୁମାର, ତୂଳୀ ଓ ତୁଳନା, ବାଲେଶ୍ୱର : ହାଇଫେନ୍, ଡିସେମ୍ବର, ୨୦୧୩ ।

୧୭. ପଟ୍ଟନାୟକ, ବାବାଜୀ ଚରଣ, ସାହିତ୍ୟର ବାଟେଘାଟେ, କଟକ : ଅଗ୍ରଦୂତ, ୨୦୦୭ ।

୧୮. ପାଣିଗ୍ରାହୀ, କାଳିନ୍ଦୀଚରଣ (ସଂ.) ସବୁଜ କବିତା, କଟକ : ସବୁଜ ସାହିତ୍ୟ ସମିତି, ୧୯୩୧ ।

୧୯. ପ୍ରହରାଜ, ଗୋପାଳଚନ୍ଦ୍ର ଓ ଅନ୍ୟାନ୍ୟ, ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ, କଟକ : ଉତ୍କଳ ସାହିତ୍ୟ ପ୍ରେସ୍, ୧୯୩୪ ।

୨୦. ବିଶ୍ୱାଳ, ସ୍ନିଗ୍ଧା, ସବୁଜ କବିତା ଓ କବି ବୈକୁଣ୍ଠନାଥ, କଟକ : ବିଦ୍ୟାପୁରୀ, ୨୦୦୬ ।

୨୧. ମହାନ୍ତି, ଯତୀନ୍ଦ୍ର ମୋହନ, ସୂର୍ଯ୍ୟସ୍ନାତ : ଓଡ଼ିଆ କବିତା ଆଲୋଚନା, ଭୁବନେଶ୍ୱର : ବିଦ୍ୟା, ୧୯୯୯ ।

୨୨. ମିଶ୍ର, ସଂଘମିତ୍ରା, କବିତ୍ୱ ଓ ସୃଜନଶୀଳତା, କଟକ : ମିତା ବୁକ୍ସ, ୨୦୧୦ ।

୨୩. ରଥ, ପ୍ରଫୁଲ୍ଲ କୁମାର, କବି ସଚ୍ଚିଦାନନ୍ଦ ଓ ଗୁରୁପ୍ରସାଦ, କଟକ : ଅଧୁନା ପ୍ରକାଶନୀ, ୧୯୮୫ ।

୨୪. ରଥ, ବନମାଳୀ, ଭାରତୀୟ ସାହିତ୍ୟ ତତ୍ତ୍ୱ, ଭୁବନେଶ୍ୱର : ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ୨୦୧୩ ।

୨୫. ଶତପଥୀ, ନିତ୍ୟାନନ୍ଦ, ସତୁରୀରୁ ସହସ୍ରାବ୍ଦୀ, କଟକ : ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ୨୦୧୩ ।

୨୬. ଶତପଥୀ, ନିତ୍ୟାନନ୍ଦ, ସବୁଜରୁ ସାଂପ୍ରତିକ, କଟକ : ଗ୍ରନ୍ଥମନ୍ଦିର, ୧୯୮୫ ।

୨୭. ଷଡ଼ଙ୍ଗୀ, ନୃସିଂହ ଚରଣ, କବିମାନସ : ଅତୀତ ଓ ସାଂପ୍ରତିକ, କଟକ : ଏସ୍. ବି. ପବ୍ଲିକେଶନ୍ସ, ୧୯୯୩ ।

### ଅନୁସୃତ ପତ୍ରପତ୍ରିକା

୧. Nayak, S. K., "A Coup D œil at the Life and Literature of Guruprasad Mohanty", WWJMRD, 2018; 4 (2) : 252-261.

୨. ଜେନା, ସଂଗ୍ରାମ, "ନିହିତ ଗୋଧୂଳିରୁ ନଷ୍ଟ ନକ୍ଷତ୍ର", କୋଣାର୍କ, ୨୦୦୫; ୧୩୫ ସଂଖ୍ୟା, ନଭେମ୍ବର-ଡିସେମ୍ବର-ଜାନୁଆରୀ, ପୃ- ୧୬୬-୧୬୯ । ସଂପା,

ଦୀପକ ମିଶ୍ର, ପ୍ରକାଶକ- ଓଡ଼ିଶା ସାହିତ୍ୟ ଅକାଦେମି ।

୩. ବାରିକ୍, ସୌରୀନ୍ଦ୍ର, "ସମ୍ଭାବନାର ଅଭିସାର", କୋଣାର୍କ, ୨୦୦୫; ୧୩୫ ସଂଖ୍ୟା, ନଭେମ୍ବର-ଡିସେମ୍ବର-ଜାନୁଆରୀ, ପୃ- ୧୪୭-୧୫୩ । ସଂପା, ଦୀପକ ମିଶ୍ର, ପ୍ରକାଶକ- ଓଡ଼ିଶା ସାହିତ୍ୟ ଅକାଦେମି ।

୪. ବେହେରା, ସୁଧୀର ଚନ୍ଦ୍ର, "ଚେତନାର ଚୌଛକିରେ ଚିହ୍ନିତ ଚରିତ୍ର : ହରେକୃଷ୍ଣ ଦାସ", କୋଣାର୍କ, ୨୦୦୫; ୧୩୫ ସଂଖ୍ୟା, ନଭେମ୍ବର-ଡିସେମ୍ବର-ଜାନୁଆରୀ, ପୃ-୧୫୮-୧୬୫ । ସଂପା, ଦୀପକ ମିଶ୍ର, ପ୍ରକାଶକ- ଓଡ଼ିଶା ସାହିତ୍ୟ ଅକାଦେମି ।

୫. ମହାନ୍ତି, ଗୁରୁପ୍ରସାଦ, "କପୋତ କପୋତୀ", "ନବଭାରତ, ସିଂହ, ୧୩୫୬, ଅଗଷ୍ଟ, ୧୯୫୦, ଦ୍ୱିତୀୟ ବର୍ଷ, ୧୦ମ ସଂଖ୍ୟା (ନୂଆପ୍ରସ୍ଥ),ପୃ- ୩୮୪-୮୫ ।

୬. ମହାପାତ୍ର, ସୀତାକାନ୍ତ, "ଗୁରୁପ୍ରସାଦ ଆମ ଦୁଃଖ, ଆମ ବିଷଣ୍ଣତାର ପ୍ରମୁଖ ପ୍ରବକ୍ତା", କୋଣାର୍କ, ୨୦୦୫; ୧୩୫ ସଂଖ୍ୟା, ନଭେମ୍ବର-ଡିସେମ୍ବର-ଜାନୁଆରୀ, ପୃ- ୧୩୩-୧୩୬ । ସଂପା, ଦୀପକ ମିଶ୍ର, ପ୍ରକାଶକ- ଓଡ଼ିଶା ସାହିତ୍ୟ ଅକାଦେମି ।

୭. ମିଶ୍ର, ତୀର୍ଥାନନ୍ଦ, "ପରାଶ ଓ ପରାସର କବି ଗୁରୁପ୍ରସାଦ", କୋଣାର୍କ, ୨୦୦୫; ୧୩୫ ସଂଖ୍ୟା, ନଭେମ୍ବର-ଡିସେମ୍ବର-ଜାନୁଆରୀ, ପୃ- ୧୭୦-୨୦୨ । ସଂପା, ଦୀପକ ମିଶ୍ର, ପ୍ରକାଶକ- ଓଡ଼ିଶା ସାହିତ୍ୟ ଅକାଦେମି ।

୮. ମିଶ୍ର, ହରିହର, "ଭିନ୍ନ ଜୀବନର ଭାଷ୍ୟକାର କବି ଗୁରୁପ୍ରସାଦ", କୋଣାର୍କ, ୨୦୦୫; ୧୩୫ ସଂଖ୍ୟା, ନଭେମ୍ବର-ଡିସେମ୍ବର-ଜାନୁଆରୀ, ପୃ- ୧୩୭-୧୪୬ । ସଂପା, ଦୀପକ ମିଶ୍ର, ପ୍ରକାଶକ- ଓଡ଼ିଶା ସାହିତ୍ୟ ଅକାଦେମି ।

୯. ଶତପଥୀ ନିତ୍ୟାନନ୍ଦ, "ଗୁରୁପ୍ରସାଦଙ୍କ କବିତାର ପ୍ରାରମ୍ଭିକ ପ୍ରସ୍ଥ (୧୯୩୯-୪୦)" କୋଣାର୍କ, ୨୦୦୫; ୧୩୫ ସଂଖ୍ୟା, ନଭେମ୍ବର-ଡିସେମ୍ବର-ଜାନୁଆରୀ, ପୃ- ୧୫୪-୧୫୭ । ସଂପା, ଦୀପକ ମିଶ୍ର, ପ୍ରକାଶକ- ଓଡ଼ିଶା ସାହିତ୍ୟ ଅକାଦେମି ।

୧୦. ସାହୁ, କୃଷ୍ଣଚରଣ, "ସମୁଦ୍ରସ୍ନାନ ଓ କବି ଗୁରୁପ୍ରସାଦ", ମୂଲ୍ୟାୟନ-୭,୨/୨,ଫେବୃୟାରୀ,୧୯୮୦, ପୃ- ୧୩-୨୨ । ସଂପା. ପ୍ରଫୁଲ୍ଲ କୁମାର ଜଗଦ୍ଦେବ, ପ୍ରକାଶକ- ମହାନଦୀ ବୁକ୍ସ, ଭୁବନେଶ୍ୱର ।

ଓ. ଶି. ସେ-୧
ସହକାରୀ ପ୍ରଫେସର ଓ ବିଭାଗମୁଖ୍ୟ
ଅଧିସ୍ନାତକ ଓଡ଼ିଆ ବିଭାଗ
ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ
ବାଲେଶ୍ୱର-୭୫୬୦୦୧, ଓଡ଼ିଶା

ISSN -2583-147X(P), Vol.- 8, Issue No. II, May 2022
Bastabatara Pariprakash Prachee
*Peer Reviewed and Referred Research Journal*

# ୧୯୮୦ ପରବର୍ତ୍ତୀ ଓଡ଼ିଆ କ୍ଷୁଦ୍ରଗଳ୍ପରେ ଚରିତ୍ର

-ରାଜେଶ କୁମାର ସେଠୀ

ଅଶୀ ପରବର୍ତ୍ତୀ ଓଡ଼ିଆ ଗଳ୍ପ ମାନସ ମଣିଷର ବହୁ ଅବସ୍ଥା ଓ ଅନୁଭବକୁ ଗଭୀର ବିଶ୍ଳେଷଣ କରି ତା'ର ଅନ୍ତର୍ବର୍ତ୍ତୀ ଇଲାକାକୁ ଯଥେଷ୍ଟ ଆଲୋକିତ କରିପାରିଥିବା ଦୃଷ୍ଟିରୁ ଆମ ସାହିତ୍ୟରେ ଚରିତ୍ର ଚିତ୍ରଣର ଅଭିନନ୍ଦନୀୟ ଭୂମିକା ରହିଛି । ମଣିଷର ଅହଂକାର ଅସହାୟତା, ରାଗ, ରୁଷା, ହସ, କାନ୍ଦ, ଲଜ୍ଜା, ପ୍ରେମ ଓ ଆତ୍ମିକତା ଆଦି ନାନା ବୈଶିଷ୍ଟ୍ୟ ଚରିତ୍ର ମାଧ୍ୟମରେ ଗଳ୍ପରେ ରୂପ ପାଇଛି । ତେଣୁ ଗଳ୍ପ ସାହିତ୍ୟରେ ଚରିତ୍ରର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ସମାଜରେ ଆତଯାତ ବହୁବିଦ୍ଧ ଚରିତ୍ରଗୁଡ଼ିକୁ ଗାଳ୍ପିକ ନିଜ ନିଜର ଦୃଷ୍ଟିଭଙ୍ଗୀ ଓ ବିଷୟ ଅନୁଯାୟୀ ଚିତ୍ରଣ କରିଥାଏ । ଆଜିକାଲିର ଗଳ୍ପରେ ପରିବେଶ, ପରିସ୍ଥିତି ଓ ଘଟଣା ଅନୁଯାୟୀ ମନୁଷ୍ୟ ନିଜର କାର୍ଯ୍ୟାବଳୀକୁ ବଦଳାଉଥିବାରୁ ବର୍ତ୍ତମାନ ଗଳ୍ପରେ ଏକ ଭିନ୍ନ ଧରଣର ଚରିତ୍ର ଦୃଶ୍ୟମାନ ହୁଅନ୍ତି । ଯାହା ସମସ୍ତ ଦୃଷ୍ଟିକୋଣରୁ ଆଧୁନିକ । ଗୋଟିଏ ଚରିତ୍ର ଭିତରେ ବହୁବିଦ୍ଧ କାର୍ଯ୍ୟକଳାପକୁ ଗାଳ୍ପିକଟିଏ ଦେଖାଇବାକୁ ବ୍ୟଗ୍ର ହୁଏ । ଉଦାହରଣ ସ୍ୱରୂପ ଆମେ ଦେବ୍ରାଜ ଲେଙ୍କାଙ୍କ "ଚରିତ୍ର" ଗଳ୍ପଟିକୁ ନେବା । ଏହି ଗଳ୍ପର ମୁଖ୍ୟ ଚରିତ୍ର ଯେ ସେ ରାଜାଙ୍କର ଜଣେ ଅନୁଗତ । ରାଜାଙ୍କ କଥାରେ ହଁ ରାଜାଙ୍କ କଥାରେ ନା, ଏପରି ବଞ୍ଚିବା ଶିଖିଅଛି । କିନ୍ତୁ ଯେତେବେଳେ ନିଜ ଉପରେ ବିପଦ ଆସେ ସେତେବେଳେ ସେ ରାଜାଙ୍କ କଥା ସଂପୂର୍ଣ୍ଣ ଭୁଲିଯାଏ । ଯେମିତି କି ରାଜାଙ୍କ ଏଇ ଦାସାନୁଦାସ ରାଜାଙ୍କୁ କେବେ ଦେଖିନାହିଁ କି ଚିହ୍ନିନାହିଁ । ଆପେ ବଞ୍ଚିଲେ ବାପାର ନାଁ ନ୍ୟାୟରେ ସେ ସବୁକିଛି ପାଶୋରି ଦେବାକୁ ଉଚିତ୍ ମଣେ ।

ଠିକ୍ ସେହିପରି ରମାକାନ୍ତ ରଥଙ୍କ 'ମେଘ ଓ ଅନ୍ୟାନ୍ୟ ଗଳ୍ପ' ପୁସ୍ତକର 'ମେଘ' ଶୀର୍ଷକ ଗଳ୍ପଟି ଯେତିକି ହୃଦୟ ବିଦାରକ ସେତିକି ମୂଳ ମନୋବିଶ୍ଳେଷଣ ଧର୍ମୀ । ଗଳ୍ପର ମୁଖ୍ୟ ଚରିତ୍ର "ମେଘ ବରାଳର ବୃତ୍ତିଥିଲା ମାଙ୍କଡ଼ ମାରିବା" । "ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଅଧିକ ଖାଦ୍ୟ ଉତ୍ପାଦନ ପାଇଁ ସରକାର କେତୋଟି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ମାଙ୍କଡ଼ମାନେ ବହୁତ ଖାଦ୍ୟଶସ୍ୟ ନଷ୍ଟ କରୁଥିବାରୁ ସେମାନଙ୍କୁ ମାରିବା ଅନ୍ୟତମ କାର୍ଯ୍ୟକ୍ରମ ଥିଲା । ଶିକାରୀକୁ ମାଙ୍କଡ଼ ପିଛା ତିନିଟଙ୍କା ମିଳୁଥିଲା । ସେ ମାରିଥିବା ମାଙ୍କଡ଼ର ଲାଙ୍ଗୁଡ଼ ତହସିଲ୍‌ଦାରଙ୍କ ଆଗରେ ଦାଖଲ କଲେ ତାକୁ ଟଙ୍କା ଦିଆଯାଉଥିଲା ।" (୧)

ଏଇ ମେଘ , ବାଉରୀ ଘର ଝିଅ କେଳିକୁ ବିଭାହେବ ବୋଲି ନିଜର ଘରଦ୍ୱାର ସାଇ-ପଡ଼ିଶା ସମସ୍ତଙ୍କୁ ଛାଡ଼ି ଆସି ଅନ୍ୟ ଗାଁରେ ରହିଲା । ଅଥଚ ତାହାର ସ୍ତ୍ରୀ କେଳି ମେଘର ବଳବୟସ ହଟିବାରୁ ଗାଁର ଅନ୍ୟ ପୁରୁଷଙ୍କ ସହିତ ନାଟ ତମସା କଲା । ତେଣୁ ମେଘ ଘରଛାଡ଼ି ପୁଣି ସହରକୁ ଚାଲିଗଲା । ପରେ ଯେତେବେଳେ ଘରକୁ ଆସି ଦେଖେ କେଳି ଏଡ୍ସ ବେମାରିରେ ପଡ଼ି ମୃତ୍ୟୁ ସହ ସଂଗ୍ରାମ କରୁଛି । ସେତେବେଳେ ପୁଣି ତା' ମନରେ ପ୍ରେମପୂର୍ଣ୍ଣ ଦରଦ ଫୁଟିଉଠିଛି । ମାନବୀୟ ମୂଲ୍ୟବୋଧରେ ମେଘର ମନ ତରଳି ଯାଇଛଉ। କେଳିର ମୃତ୍ୟୁପରେ ପରେ ହିଁ ତା'ର ଅକସ୍ମାତ ମୃତ୍ୟୁ ହୋଇଛି ।

ଆଲୋଚିତ ଗଳ୍ପଟିରେ ମେଘ ବରାଳର ଚାରିତ୍ରିକ ଗୁଣାବଳୀ ବାରମ୍ବାର ପରିସ୍ଥିତି ଓ ପରିବେଶ ଅନୁସାରେ ବଦଳୁଅଛି । ଯେଉଁଥିପାଇଁ ମେଘ ବରାଳ ଏକ ସାର୍ଥକ ଆଧୁନିକ ଚରିତ୍ରର ଗୁଣାବଳୀକୁ ବହନ କରୁଅଛି । ଅଶୀପରର ଗଳ୍ପ ସାହିତ୍ୟରେ ମୁଖ୍ୟତଃ ଏହି ଧରଣର ଚରିତ୍ର ବହୁବିଧ ଦେଖିବାକୁ ମିଳେ । ଯେଉଁଥିରେ ପାରଂପରିକ ଧାରାର ଚରିତ୍ର, ଶୈଳୀ ପରିବେଷଣରେ ବିଶେଷ ଭିନ୍ନତା ପରିଲକ୍ଷିତ ହୁଏ । ଏ ସମୟର ଗଳ୍ପରେ ଚରିତ୍ରମାନ ସାର୍ବଜନୀନ ନ ହୋଇ ବ୍ୟକ୍ତିକୈନ୍ଦ୍ରିକ ହୋଇଉଠିଛନ୍ତି ।

ସାଧାରଣ ଦୃଷ୍ଟିରୁ ବିଚାରକରି ଦେଖିଲେ ଚରିତ୍ରଗୁଡ଼ିକ ଜୀବନର ଗୋଟିଏ ଗୋଟିଏ ଛୋଟ ଅଂଶକୁ ଗଳ୍ପ ମାଧ୍ୟମରେ ପାଠକ ସାମ୍ନାକୁ ଆଣିବାକୁ ଚାହିଁଛନ୍ତି । ଯେଉଁଥିପାଇଁ ଆଧୁନିକ ଗଳ୍ପରେ ଚରିତ୍ର ଖୋଜିବା ବଡ଼ ସହଜସାଧ୍ୟ ନହୋଇ ଟିକେ ଜଟିଳ ମନେହେଉଛି । ବିଂଶ ଶତାବ୍ଦୀର ପ୍ରାରମ୍ଭ ଭାଗରେ ଅତ୍ୟନ୍ତ ସହଜବୋଧ ଚରିତ୍ର, ଯେପରି ଗାଁ ଝିଅ, ବୋହୂ ଓ ମରଦମାନଙ୍କୁ ନେଇ ସେମାନଙ୍କ ଆଶା ନିରାଶାର ଘଟଣାବଳୀ ଗଳ୍ପରେ ସ୍ଥାନ ପାଉଥିଲା । କିନ୍ତୁ ବର୍ତ୍ତମାନର ଗଳ୍ପ ଆଉ କିଛି ଅଧିକ ଆଶା ରଖୁଛି । ନିତି ଦିନିଆ ଘଟଣାର ଚିତ୍ରଶାଳା ଭିତରେ ହଠାତ୍ ଯେଉଁ ଦୁର୍ଘଟଣାଟିଏ ଘଟିଯାଉଛି , ତାହାହିଁ ଗଳ୍ପର ବିଷୟବସ୍ତୁ ଭାବେ ପାଠକମାନଙ୍କ ଆଗରେ ଉଭା ହେଉଛି । ଗୋପବନ୍ଧୁ ଗଳ୍ପର 'ନିରାକାର' ଠିକ୍ ସେହିପରି ଗୋଟିଏ ଚରିତ୍ରଉ। ନିରାକାରର ସାହସ ଆଗରେ ଯେମିତି ପୃଥିବୀର ସମସ୍ତ ବାଧାବିଘ୍ନ ଭାଙ୍ଗିରୁଜି ଚୁରମାର ହୋଇଯାଉଛି । ପୁଅର ଅସୁସ୍ଥତା କାରଣରୁ ସେ ହଠାତ୍ ନେଇଥିବା ନିଷ୍ପତ୍ତି ତାକୁ ଯେତେ ପଙ୍ଗୁ କରିଦେଉଥିଲେ ବି ? ତାର ଧୈର୍ଯ୍ୟ କେବେ ଭାଙ୍ଗିନାହିଁ ।

ଦେବ ପ୍ରସାଦ ଦାଶଙ୍କର 'ରକ୍ତସ୍ନାନ' ଗଳ୍ପର 'ସଦାନନ୍ଦ' 'ମେଘ ଫେରିଲା ପରେ' ଗଳ୍ପର 'ପୂଜା' ହୃଷିକେଶ

ପଣ୍ଡାଙ୍କର 'କେଦାରଗୌରୀ କଥାର' 'କେଦାର' ଆଦି ଚରିତ୍ରମାନେ ଏହି ପର୍ଯ୍ୟାୟର । ଚିରତ୍ର ଭିତରେ ଥିବା ଅସୀମ ଧୈର୍ଯ୍ୟ ଓ ସାହସିକତା ହିଁ ଗଳ୍ପଗୁଡ଼ିକୁ ସ୍ୱତନ୍ତ୍ର କରିପାରିଛି। ଏ ସମସ୍ତ ହେଉଛି ଚରିତ୍ର ଭିତରେ ଥିବା ମାନବୀୟ ଅନୁଭବର ପ୍ରତିଫଳନ । ଯାହାପାଇଁ ଗଳ୍ପର ଯଥାର୍ଥତା ପ୍ରକାଶପାଇଛି । ବିଂଶ ଶତାବ୍ଦୀର ସପ୍ତମ ଅଷ୍ଟମ ଦଶକରେ ଅନେକ ଗାଳ୍ପିକଙ୍କ ଚରିତ୍ରମାନେ ଗାଁ ଛାଡ଼ି ଆସି ସହରରେ ଡ଼େରାପକାନ୍ତି । ବହୁ ଗାଳ୍ପିକଙ୍କ ଚରିତ୍ର ସୃଷ୍ଟିରେ ଗାଁ ଅପେକ୍ଷା ସହରର ଚାକଚକ୍ୟ ଓ ଚାଲିଚଳନ ଅତି ନିଖୁଣଭାବେ ଫୁଟିଉଠେ । ଏ ଧରଣର ଗଳ୍ପ ସୃଷ୍ଟିରେ କିଶୋରୀ ଚରଣ ଦାସ, ବୀଣାପାଣି ମହାନ୍ତି, ଜଗଦୀଶ ମହାନ୍ତି, ଶାନ୍ତନୁ ଆଚାର୍ଯ୍ୟ, ଚନ୍ଦ୍ରଶେଖର ରଥ, ରାମଚନ୍ଦ୍ର ବେହେରା, ତରୁଣ କାନ୍ତି ମିଶ୍ର, ଦେବଦାସ ଛୋଟରାୟ, ଅରବିନ୍ଦ ରାୟ, ମନୋରମା ମିଶ୍ର, ଦେବପ୍ରସାଦ ଦାଶ ପ୍ରମୁଖ ଗାଳ୍ପିକଙ୍କୁ ବିଚାର କରାଯାଏ ।

କିଶୋରୀ ଚରଣଙ୍କ 'ବିଷ' ଗଳ୍ପର ମିଃ ସୋମ୍, ମିଃ ଗୁପ୍ତା, 'ଅତିଥି' ଗଳ୍ପର ସୁନୀତି ଦେବୀ, ବନ ମୟୂର ଗଳ୍ପରେ ମିସ୍ ସରୋଜା, ଶାନ୍ତନୁ ଆଚାର୍ଯ୍ୟଙ୍କ 'ଚତୁର୍ଥ ରାତି' ଗଳ୍ପର ସେହି ନିରୂପିତ ପୁରୁଷ, 'ରାଞ୍ଚି ଏକ୍ସପ୍ରେସ୍' ଗଳ୍ପର ମିସ୍ ତାରା, ପାରମିତା ଶତପଥୀଙ୍କ 'ବିଦେଶିନୀ' ଗଳ୍ପର ସିଦ୍ଧାର୍ଥ,ମିନତି ଆଦି ଚରିତ୍ର ସହରର ଚାକଚକ୍ୟ ଭିତରେ ବଢ଼ି ଆସିଥିବା ଚରିତ୍ର । ଏମାନେ ତେଣୁ ସହରୀ ସଭ୍ୟତାର କଥା କହିଛନ୍ତି । ଯଥେଷ୍ଟ କର୍ମସଂସ୍ଥାନ ନ ପାଇ ଯୁବପିଢ଼ି ଯେଉଁ ମାନସିକ ଅବସାଦର ଦୁଃଖ ଭୋଗ କରୁଛି । ତାହା ଆମ ଗଳ୍ପ ମାନଙ୍କରେ ସୁସ୍ପଷ୍ଟ । ରାଜନୈତିକ ଅସ୍ଥିରତା, ବିଶୃଙ୍ଖଳିତ ଜୀବନ ଓ ଅର୍ଥ ସର୍ବସ୍ୱ ମଣିଷ ପାଖରେ ଆଜି ଯେମିତି ସବୁକିଛି ତୁଚ୍ଛ ମନେହେଉଛି। ଯାହା ପାଖରେ ଅର୍ଥ ଅଛି ସେ ସମସ୍ତ ଶୌର୍ଯ୍ୟ ଓ ଆଭିଜାତ୍ୟର ପାରାବାରରେ ବୁଡ଼ି ରହୁଛି । ଆଉ ଯାହାପାଖରେ କିଛି ନାହିଁ । ସେ ନିଃସହାୟ ପରି ପଡ଼ିରହୁଛି । ଅଶୀ ପରବର୍ତ୍ତୀ ଓଡ଼ିଆ ଗଳ୍ପରେ ଏହାର ନିଖୁଣ ଚିତ୍ର ଉପସ୍ଥାପନା କରାଯାଇଅଛି । ଏ ସମସ୍ତ ଭିତରେ ମଧ୍ୟ ଗ୍ରାମ୍ୟ ଜୀବନର ମହତ୍ତ୍ୱକୁ ଗାଳ୍ପିକମାନେ ବାରମ୍ବାର ସ୍ମରଣ କରିଛନ୍ତି ।

ଗାଳ୍ପିକ ମନୋଜ ଦାସ, ହୃଷିକେଶ ପଣ୍ଡା, ବିଷ୍ଣୁ ସାହୁଙ୍କ ଭଳି ଗାଳ୍ପିକମାନଙ୍କ ଗଳ୍ପରେ ଶିଶୁ କିଶୋର ଚରିତ୍ର ବହୁ ପରିମାଣରେ ଦେଖିବାକୁ ମିଳେ । ଏମାନେ ଶିଶୁର ମନସ୍ତତ୍ତ୍ୱ ବିଚାରଧାରାକୁ ନେଇ ବହୁ ଗଳ୍ପ ରଚନା କରିଛନ୍ତି । ମନୋଜ ଦାସଙ୍କ 'ଡାହାଣୀ ଆଲୁଅ' 'ଶେଷ ବସନ୍ତର ଚିଠି' 'ଅନେକ ସ୍ମିତହସ' ଆଦି ଗଳ୍ପରେ କିଶୋର ମନସ୍ତତ୍ତ୍ୱ ସହିତ କିଶୋର କିଶୋରୀଙ୍କ ଚାରିତ୍ରିକ ବିଶ୍ଳେଷଣ ଘଟିଅଛି ।

ବୀଣାପାଣି ମହାନ୍ତିଙ୍କ 'ବିକଳ୍ପ' ଗଳ୍ପରେ କିଶୋର ମନ କିପରି ସମାଜର ନାନାବିଧ କୁସଙ୍ଗ ଓ ରୁଗ୍ଣ ମାନସିକତାର ଶିକାର ପାଲଟୁଛି ତାହା ବର୍ଣ୍ଣିତ । ଧନୀ ଘରର ପିଲା ସାଥିରେ ଗରିବ ଘରର ପିଲାଟାଏ ମିଶିଲେ ସେ କିପରି ନିଜକୁ ବାରମ୍ବାର ତା' ସହିତ ତୁଳନା କରିବସେ । ଆଉ ଶେଷରେ ଅର୍ଥପାଇଁ ଚୋରି କରିବାକୁ ପଛାଏ ନାହିଁ ତାହାକୁ ଗାଳ୍ପିକା ଦେଖାଇଛନ୍ତି । ଅନ୍ଧକାରର ଛାଇ ଗଳ୍ପରେ ଗୋଟିଏ ନିମ୍ନ ମଧ୍ୟବିତ୍ତ ଘରର ପିଲା କୋଇଲି କିପରି ଅନ୍ୟ ଝିଅମାନଙ୍କୁ ସ୍କୁଲରେ ଦେଖି ତାଙ୍କ ପରି ଡ୍ରିଲ୍ କରୁଛି । ଆଉ ଏଥିପାଇଁ ମା' ଠାରୁ ଗାଳି ଶୁଣୁଅଛି । ତାହାକୁ ଗାଳ୍ପିକ ଅତି ଚମତ୍କାର ଢ଼ଙ୍ଗରେ ପରିବେଷଣ କରିଛନ୍ତି ।

ଝର୍କା ପାଖରେ ପ୍ରତିଦିନ ମୁଁ ରେଲିଂଧରି ଚାହିଁ ରହେ କସରତ କରୁଥିବା ସେଇ ଅଳ୍ପ ବୟସ୍କ ଝିଅଗୁଡ଼ିକୁ । ଆଖି ଖୋଜିବୁଲେ ସେଇ ଗହଳି ଭିତରେ ମୋର ଝିଅ ରୋଜିକୁ । ଠିକ୍ ଭାବରେ ସେ ଡ୍ରିଲ୍ କରିପାରୁଛି କି ନାହିଁ, କଲାବେଳେ ସେ କିପରି ଦିଶୁଛି ... ତା'ର ଶରୀର ଗଠନ ପାଇଁ ଏହା ଯେ ଏକାନ୍ତ ଆବଶ୍ୟକ ଇତ୍ୟାଦି ଚିନ୍ତାରେ ମୁଁ ଅନ୍ୟମନସ୍କ ହୋଇପଡେ଼। ଯେତେବେଳେ କୋଇଲି ଉପରେ ମୋର ନଜର ପଡ଼ିଯାଏ ... କ'ଣ ସେ ଭାବୁଛି ... କ'ଣ ସେ କରୁଛି ... ଆଶ୍ଚର୍ଯ୍ୟ କଥା, ଡ୍ରିଲ୍ ସରିଗଲା ପରେ ଦିନେ ଦିନେ ଏଣିକି ତେଣିକି ଚାହିଁ ମନକୁ ମନ ଠିକ୍ ସେମିତି ହାତଗୋଡ଼ ଛାଟି ଡ୍ରିଲ୍ କରେ । ନିଛାଟିଆ ପଡ଼ିଆଟାରେ ଛିଡ଼ାହୋଇ କନ୍‌କନ୍ ହୋଇ ଏଣିକି ତେଣିକି ଚାହେଁ କାଳେ କିଏ ଦେଖିଦେବେ କିଉ ଆହା ସତକୁ ସତ ଯେମିତି ଦୁଃର୍ଘଟଣାଟା କାଲି ଘଟିଗଲା ମୋରି ଆଗରେ ।

ଦ୍ୱିପ୍ରହରର ଉଚ୍ଚାଟ ଖରା । ଖରାରେ ଠିଆହୋଇ କୋଇଲି ମନକୁ ମନ ଡ୍ରିଲ୍ କରୁଥିଲା ବୋଧହୁଏ । ଗୋଟିଏ ବିକଳ କାନ୍ଦଣାରେ ମୋ'ର ଦିବା ସ୍ୱପ୍ନଟା ଭାଙ୍ଗିଗଲା । ଭୂତିଆରି ଛାଟରେ କୋଇଲିର ମା' ତାକୁ ବାଡେ଼ଇ ବାଡେ଼ଇ ଲୁଗାକାନି ଧରି ଗୋଛାକରି ଟାଣି ନେଉଛି ତଳେ ଘୋଷାରି ଘୋଷାରି, ପାଖରେ ଲଙ୍ଗଳା ଛୁଆଟା ରାହାଧରି ଦୌଡୁଛି ... ।"(୨)

ଫକୀରମୋହନ ସେନାପତିଙ୍କ 'ରେବତୀ' ଗଳ୍ପର ରେବତୀ ଚରିତ୍ର ପରି 'ଅନ୍ଧକାରର ଛାଇ' ଗଳ୍ପର କୋଇଲି ଚରିତ୍ର ଭିତରେ ରହିଛି ବହୁ ସାମଞ୍ଜସ୍ୟ । କୋଇଲି ଅନ୍ୟମାନଙ୍କ ପରି ପାଠ ପଢ଼ିବାକୁ ଇଚ୍ଛା ପ୍ରକାଶ କରିଛି । ଅନ୍ୟ ଝିଅମାନଙ୍କ ସହିତ ମିଶି ଖେଳିବାକୁ ଓ ସ୍କୁଲରେ ପ୍ରାର୍ଥନା କ୍ଲାସ୍‌ରେ ଡ୍ରିଲ୍ କ୍ଲାସ୍‌ରେ ଡ୍ରିଲ୍ କରିବାକୁ ଚାହିଁଛି ହେଲେ ମା'ର ବାରଣ ତାକୁ ଏ ସମସ୍ତ କର୍ମରୁ ନିବୃତ୍ତ କରାଇଛି । ତା' ଦେଖାଇ ଦିଆଯାଇଛି ଏହି ଗଳ୍ପରେ । ପୁନଶ୍ଚ ଏ ସମସ୍ତଙ୍କ ଅଭାବରେ ଶିଶୁ ମନରେ ସୃଷ୍ଟି ହୋଇଥିବା ବହୁବିଦ୍ଧ ଭାବନା ମୂଳଦେଇ ଗାଳ୍ପିକ ଦର୍ଶାଇ ଦେବାକୁ ଚାହାନ୍ତି ଯେ, ପ୍ରତ୍ୟେକ ପିଲାର ପାଠ ପଢ଼ିବା ଲାଗି ଅଧିକାର ଅଛି । ଏଥିରୁ ସେମାନଙ୍କୁ ବଞ୍ଚିତ କଲେ ପିଲାମାନଙ୍କ ମନରେ ଗଭୀର ଆଘାତ ଲାଗେ । ଯେଉଁ ଆଘାତ କି ପରବର୍ତ୍ତୀ ସମୟରେ ଶିଶୁଟିର ମାନସିକ ବିକାଶରେ ବାଧା ସୃଷ୍ଟି କରିପାରେ । ଶିଶୁର ମନ କଅଁଳ ପତ୍ର ପରି ।ସାମାନ୍ୟ ଆଘାତରେ ଏହା ମଧ୍ୟ ଝଡ଼ିଯାଇପାରେ ।

ଇତିହାସର ଘଟଣା ଯେମିତି ଆଧୁନିକ ଗଳ୍ପରେ ରୂପ ପାଇଛି । ଠିକ୍ ସେହିପରି ଇତିହାସର ଚରିତ୍ରମାନେ ମଧ୍ୟ ଗଳ୍ପ ମାଧ୍ୟମରେ ଆତ୍ମପ୍ରକାଶ କରିଛନ୍ତି । ଦେବପ୍ରସାଦ ଦାଶ, ସାରଦା ପ୍ରସାଦ ମିଶ୍ର, ଅଜୟ ସ୍ୱାଇଁ, ସରୋଜିନୀ ସାହୁ, ହୃଷିକେଶ ପଣ୍ଡା, ଦୀପ୍ତି ପଟ୍ଟନାୟକ, ପଦ୍ମଜ ପାଳ ଆଦିଙ୍କ ଗଳ୍ପରେ ଇତିହାସର ବହୁ ଘଟଣା ନୂତନ ଦୃଷ୍ଟିଭଙ୍ଗୀରେ ରୂପଲାଭ କରିଛି ।

ହୃଷିକେଶ ପଣ୍ଡାଙ୍କ 'ଧର୍ମପଦ' ପଦ୍ମଜ ପାଳଙ୍କ ଇତିହାସର ମୁହଁ, ଦୀପ୍ତି ପଟ୍ଟନାୟକଙ୍କ ପାଦୁକେଶ୍ୱର, କୃଷ୍ଣକୁମାରୀ, ଦେବପ୍ରସାଦ ଦାସଙ୍କର ଆଲ୍ଲାଦୀନ୍‌ର ଦୀପ ଆଦି ଗଳ୍ପର ଚରିତ୍ରମାନେ ଇତିହାସ ସମ୍ମତ । ହେଲେ କାହାଣୀରେ ଗାଳ୍ପିକମାନେ ଊଣା ଅଧିକେ ଭିନ୍ନତା ଆଣି ନୂଆ ରୂପରେ ଚରିତ୍ରମାନଙ୍କ ବିକାଶ କରି ଦେଖାଇଛନ୍ତି । ଦୀପ୍ତି ପଟ୍ଟନାୟକଙ୍କ କୃଷ୍ଣାକୁମାରୀ ଗଳ୍ପକୁ ଉଦାହରଣ ରୂପେ ନେବା ... ଏହି ଗଳ୍ପଟି ମେଓ୍ୱାର ରାଜବଂଶର ଇତିହାସକୁ ଆଧାର କରି ରଚିତ ହୋଇଛି । ଯେଉଁଥିରେ ରାଣା ଭୀମ ସିଂହ, କୃଷ୍ଣାକୁମାରୀ, ମାନସିଂ, ଜଗତ ସିଂଙ୍କ ପରି ଚରିତ୍ର ଏହି ଗଳ୍ପରେ ରହିଛନ୍ତି ।

"ମେଓ୍ୱାର ରାଜବଂଶରେ ଜନ୍ମ ହୋଇଥିଲେ ମଧ୍ୟ ରାଜା ଭୀମ ସିଂହ ତାଙ୍କର ପୂର୍ବ ପୁରୁଷମାନଙ୍କ ଭଳି ଶୌର୍ଯ୍ୟ ବୀର୍ଯ୍ୟରେ ମଣ୍ଡିତ ନଥିଲେ । ଷଡ଼ଯନ୍ତ୍ରକାରୀମାନଙ୍କର ବିଷପ୍ରୟୋଗରେ ତାଙ୍କର ଜ୍ୟେଷ୍ଠଭ୍ରାତା ହମିର୍‌ଙ୍କର ମୃତ୍ୟୁପରେ ଭୀମ ସିଂହ ମାତ୍ର ଦଶବର୍ଷ ବୟସରେ ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ମେଓ୍ୱାରର ସିଂହାସନରେ ଅଭିଷିକ୍ତ ହୋଇଥିଲେ । ତାଙ୍କର ମାତା ଏଥିପାଇଁ ଆଦୌ ସମ୍ମତ ନଥିଲେଉ କାରଣ ଏହି ସିଂହାସନ ପାଇଁ ସେ ଥର ଥର କରି ତାଙ୍କର ସ୍ୱାମୀ ରାଣା ଆର୍‌ସି ସିଂହ ଓ ଚତୁର୍ଦ୍ଦଶ ବର୍ଷୀୟ ପୁତ୍ର ହମିର୍‌ଙ୍କୁ ଷଡ଼ଯନ୍ତ୍ରକାରୀ ମାନଙ୍କର ଚକ୍ରାନ୍ତ ହେତୁ ଅସମୟରେ ହରାଇଥିଲେ । କିନ୍ତୁ ଅନନ୍ୟୋପାୟ ହୋଇ ଶେଷକୁ କନିଷ୍ଠ ପୁତ୍ର ଭୀମ ସିଂହଙ୍କୁ ମାତ୍ର ଦଶବର୍ଷ ବୟସରେ ସିଂହାସନରେ ଆରୋହଣ କରିବାପାଇଁ ଅନୁମତି ଦେବାକୁ ବାଧ୍ୟ ହୋଇଥିଲେ । ପ୍ରକୃତରେ ମାତା ବାଇଜୀ ରାଜ୍ ତାଙ୍କର ଅଭିଭାବକ ଭାବରେ ମେଓ୍ୱାର ରାଜ ସିଂହାସନ ଅଧିକାର କରିଥିଲେ ।"(୩)ଏହିପରି ଗୋଟିଏ ରାଜ ପରିବାରର ପାରିବାରିକ କଳହକୁ ନେଇ ଗଳ୍ପଟି ରଚନା କରାଯାଇଥିଲେ ବହୁ ଇତିହାସ ସ୍ୱୀକୃତ ଚରିତ୍ରମାନେ ଏଥିରେ ଘଟଣା ବିଶେଷରେ ଆସିଛନ୍ତି ।

ସାଂପ୍ରତିକ ସମୟର ଗଳ୍ପରେ ବହୁ ସଂଖ୍ୟକ ଆଦିବାସୀ ଚରିତ୍ରମାନଙ୍କୁ ଆମେ ଦେଖିବାକୁ ପାଇଥାଉ ବିଶେଷ କରି ହୃଷିକେଶ ପଣ୍ଡାଙ୍କ କୃତି ବିଶେଷ ସ୍ମରଣୀୟ । ହୃଷିକେଶଙ୍କ ବ୍ୟତୀତ ଶାନ୍ତନୁ ଆଚାର୍ଯ୍ୟଙ୍କ 'ବନ୍ଦରିଆ' ଗିରି ଦଣ୍ଡସେନାଙ୍କ 'ଆଶ୍ରୟ' ଗାୟତ୍ରୀ ସରାଫ୍‌ଙ୍କ 'ଜଳି ଜଳି ଯାଉଥିବା ପାହାଡ଼', ପରେଶ ପଟ୍ଟନାୟକଙ୍କ 'ବିସ୍ଥାପିତ' ସଦାନନ୍ଦ ତ୍ରିପାଠୀଙ୍କ ସୈନିକ, ଗୁରୁପ୍ରସାଦ ମହାନ୍ତିଙ୍କ ଶିକାର, ଭୀମ ପୃଷ୍ଟିଙ୍କ 'ଅଧେ ମଣିଷ' ଯେଉଁଥିରେ ପାରଂପରିକ ଧାରାର ଚରିତ୍ର, ଶୈଳୀ ପରିବେଷଣରେ ବିଶେଷ ଭିନ୍ନତା ପରିଲକ୍ଷିତ ହୁଏ । ଏ ସମୟର ଗଳ୍ପରେ ଚରିତ୍ରମାନ ସାର୍ବଜନୀନ ନ ହୋଇ ବ୍ୟକ୍ତିକୈନ୍ଦ୍ରିକ ହୋଇଉଠିଛନ୍ତି ।

ସାଧାରଣ ଦୃଷ୍ଟିରୁ ବିଚାରକରି ଦେଖିଲେ ଚରିତ୍ରଗୁଡ଼ିକ ଜୀବନର ଗୋଟିଏ ଗୋଟିଏ ଛୋଟ ଅଂଶକୁ ଗଳ୍ପ ମାଧ୍ୟମରେ ପାଠକ ସାମ୍ନାକୁ ଆଣିବାକୁ ଚାହିଁଛନ୍ତି । ଯେଉଁଥିପାଇଁ ଆଧୁନିକ ଗଳ୍ପରେ ଚରିତ୍ର ଖୋଜିବା ବଡ଼ ସହଜସାଧ୍ୟ ନହୋଇ ଟିକେ ଜଟିଳ ମନେହେଉଛି । ବିଂଶ ଶତାବ୍ଦୀର ପ୍ରାରମ୍ଭ ଭାଗରେ ଦେବାଶିଷ ପାଣିଗ୍ରାହୀଙ୍କ 'ରାସ୍ତାକଡ଼ର ଘର', ରାଜ୍ୟବର୍ଦ୍ଧନ ଧଳ ମହାପାତ୍ରଙ୍କ 'ଏ ମଣିଷକୁ ମାଓ କଲା କିଏ' ରଜତ ମହାପାତ୍ରଙ୍କ 'ନିୟମଗିରିର ଝିଅ', ଆଦିଗଳ୍ପରେ ଆଦିବାସୀ ଚରିତ୍ରମାନଙ୍କୁ ଦେଖିବାକୁ ମିଳିବା ସହିତ । ସେମାନଙ୍କ ଦୁଃଖ-ଯାତନା ଓ ହାନିଲାଭର ଚିତ୍ର ମଧ୍ୟ ପାଠକ ଦେଖିବାକୁ ପାଏ ।

ହୃଷିକେଶ ପଣ୍ଡାଙ୍କ 'ସାହାବ ଦେବତା' ଗଳ୍ପଟି କୋରାପୁଟ ପୃଷ୍ଠଭୂମି ଆଧାରିତ । ଏକଥା ସେ ଅଞ୍ଚଳରେ ପ୍ରଶାସକ ଥିବା ଶ୍ରୀ ପଣ୍ଡା ବିକାଶ ପଛରେ ଲୋକ ଦେଖାଣିଆ ରାଜନୀତିକୁ ଦେଖାଇବାକୁ ଚାହିଁଛନ୍ତି । ଗଳ୍ପଟିର ନାୟକ-ନାୟିକା ଭାବେ ସର୍ଗିଗୁଡ଼ା ଗାଁର ଚାଙ୍ଗୁ ଓ ବଉଳଫୁଲର ମଧ୍ୟରେ ଗଢ଼ି ଉଠିଥିବା ପ୍ରେମ ସଂପର୍କ ପରବର୍ତ୍ତୀ ପର୍ଯ୍ୟାୟରେ ଦାମ୍ପତ୍ୟରେ ରୂପ ପାଇଛି । ହେଲେ ଟାଉଟର ଉଦୁଲିଆର ଘରଭଙ୍ଗା କଥା ଏଥିରେ ପ୍ରତିବନ୍ଧକ ସାଜିଛି । ସରକାରୀ ଯୋଜନା, କୃଷି-ଶିକ୍ଷାର ବିକାଶର ବାସ୍ତବଚିତ୍ର 'ସାହାବ ଦେବତା' ଗଳ୍ପଟିକୁ ମର୍ମସ୍ପର୍ଶୀ କରିପାରିଛି ।

'ସାହାବ ଦେବତା' ଗଳ୍ପ ସହିତ ଶ୍ରୀ ପଣ୍ଡାଙ୍କ ଛଞ୍ଚାଣ, କୋରସ, ବାଘ, ରାଜପୁତ୍ର, 'ମିଛଖୁସି ସତ ଦୁଃଖ' ପରି ଗଳ୍ପରେ ଆମ୍ଭେମାନେ ଆଦିବାସୀ ଚରିତ୍ରମାନଙ୍କୁ ଭେଟିବାକୁ ପାଇଥାଉଉ ନିମ୍ନରେ 'ସାହବ ଦେବତା' ଗଳ୍ପରୁ ଏକ ଉଦାହରଣ ନିଆଯାଇପାରେ, ଯେଉଁଠି ପ୍ରଧାନମନ୍ତ୍ରୀଙ୍କ ଆସିବା ନିମନ୍ତେ ସରଳ ଆଦିବାସୀ ଚରିତ୍ରମାନଙ୍କୁ ଶିକ୍ଷିତ ଲୋକମାନେ କିପରି ଭୂଆଁ ବୁଲାଇ ଥିଲେ ତାର ଚିତ୍ର ଦେଖିବାକୁ ମିଳିବ - "କେତେ ଲୋକଙ୍କୁ ଶଗଡ଼ଟିଏ, ବଳଦ ହଳେ, ଚାଉଳ, ଡ଼ାଲି, କିରାସିନି, ଇତ୍ୟାଦି ମିଳିଗଲା । ଗାଁରେ ଗୋଟେ ସରକାରୀ ଦୋକାନ ହେଲା ଗାମାଙ୍ଗ ଘରେ, ଏଣିକି ଗାଁକୁ କିଏ ଆସିଲେ ସେ ନିଜକୁ ଗାମାଙ୍ଗ ନକହି ଡିଲର ବୋଲି କହିଲା ।

ଗାଁରେ ଟ୍ୟୁବ୍‌ଓ୍ୱେଲଟିଏ ବସାଗଲା । ଗାଁ ମୁଣ୍ଡରେ ଦୁଇଟା ଖୋଲା ଖନ୍ଦା ପାଇଖାନା କରାଗଲାଉଓ ସେଠି ସମୂହ ଶୌଚାଳୟ, ପୁରୁଷ / ସ୍ତ୍ରୀ ଲେଖାଗଲା, ଗାଁ ଠାକୁରାଣୀଙ୍କ ଉପରେ ଗୋଟିଏ ଡାଟି ବଇଡ଼ା କରି ତାକୁ ଚୂନରେ ଧଉଳେଇ ତା' ଆଗରେ 'ଆଦର୍ଶ ପାଠାଗାର' ବୋଲି ସାଇନ୍ ବୋର୍ଡ଼ ମାରି

ଦିଆଗଲା । ସେଠି ଗୋଟେ ଆଲମିରା ଓ କିଛି ବହି ରଖାଗଲା ଓ ତାକୁ ସବୁଦିନ ପୋଛାପୋଛି କରିବା ପାଇଁ ଗୋଟେ ଧାଙ୍ଗଡ଼ାକୁ ନିଯୁକ୍ତ କରାଗଲା । ଗାଁ ପିଲାଙ୍କୁ ଓ ଗର୍ଭବତୀ ମହିଳାଙ୍କୁ ଗହମ ଓ ଗୁଡ଼ ସିଝେଇ ଖୁଆଇବା ପାଇଁ ବୁୟା ଘରେ ଏକ କେନ୍ଦ୍ର ଖୋଲାଗଲା।ଓ ଗାଁ କଡ଼ର ଶାଳବଣି ସଫାକରି ସେଠି ଛୋଟ ଛୋଟ ବିଦେଶୀ ଗଛ ପୋତାଗଲା ଓ ତହିଁରେ 'ସାମାଜିକ ବନୀକରଣ ପ୍ରକଳ୍ପ' ବୋଲି ଓଡ଼ିଆ ଓ ଇଂରେଜିରେ ଲେଖାଗଲା ।"(୪)

ହୃଷିକେଶ ପଣ୍ଡା ଯେଉଁ କେତୋଟି ଆଦିବାସୀ ଭିତ୍ତିକ ଗଳ୍ପ ରଚନା କରିଛନ୍ତି । ସବୁଥିରେ ଆଦିବାସୀ ଚରିତ୍ରମାନଙ୍କ ଦୁଃଖ ଦୁର୍ଦ୍ଦଶାକୁ ଦେଖାଇବାକୁ ଚାହିଁଛନ୍ତି । ବାସ୍ତବରେ ସେମାନଙ୍କୁ ଶିକ୍ଷା ଓ ସାମାଜିକ ସୁଖ-ସୁବିଧା ଠାରୁ କିପରି ବଞ୍ଚିତ କରାଯାଉଛି ତାର ଚିତ୍ର ସେ ଅତି ନିଖୁଣ ଭାବରେ ଉତ୍ଥାପନ କରିଛନ୍ତି । ହୃଷିକେଶଙ୍କ ଆଦିବାସୀ ଗଳ୍ପର ଆଉ ଏକ ବିଶେଷ କଥା ହେଉଛି, ତାର ଭାଷା । ଆଦିମ ଅଧିବାସୀମାନଙ୍କ ଭାଷାକୁ ସେ ଚମତ୍କାର ଢଙ୍ଗରେ ଅବିକଳ ଉପସ୍ଥାପନା କରିବାରେ ନିଜର ସ୍ୱାତନ୍ତ୍ର୍ୟକୁ ପ୍ରତିପାଦନ କରିଅଛନ୍ତି।

ସାଂପ୍ରତିକ ସମୟର ଗଳ୍ପରେ ପୁରୁଷ ଚରିତ୍ର ଅପେକ୍ଷା ନାରୀ ଚିରତ୍ରମାନେ ଅଧିକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ନେଇ ପାଠକ ସାମ୍ନାକୁ ଆସୁଛନ୍ତି । ଏହାର ଏକ ମୁଖ୍ୟକାରଣ ହେଉଛି ଓଡ଼ିଆ ଗଳ୍ପ ସାହିତ୍ୟରେ ବର୍ତ୍ତମାନ ଲେଖିକାମାନେ ନିଜ ନିଜର ମନର ଭାବକୁ ପ୍ରକାଶ କରିବା ପାଇଁ ବିଶେଷ ଆଗ୍ରହ ଦେଖାଇଛନ୍ତି । ସରୋଜିନୀ ସାହୁ, ପାରମିତା ଶତପଥୀ, ମମତାମୟୀ ଚୌଧୁରୀ, ଗାୟତ୍ରୀ ସରା', ଶକୁନ୍ତଳା ବଳିଆରସିଂହ, ଶାନ୍ତି ମହାପାତ୍ର, ସୁଲୋଚନା ଦାସ, ପ୍ରତିଭା ରାୟ, ଚିରଶ୍ରୀ ଇନ୍ଦ୍ରସିଂ, ହିରଣ୍ମୟୀ ମିଶ୍ରଙ୍କ ପରି ଗାଳ୍ପିକମାନେ ବହୁ ପରିମାଣରେ ଗଳ୍ପ ଲେଖି ନିଜ ନିଜର ପଦଧ୍ୱନିକୁ ଓଡ଼ିଆ ଗଳ୍ପ ସାହିତ୍ୟରେ ସୁଦୃଢ଼ କରିଲେଣି । କେବଳ ଯେ ଲେଖିକାମାନଙ୍କ ଦ୍ୱାରା ଓଡ଼ିଆ ଗଳ୍ପରେ ନାରୀ ଚରିତ୍ରମାନଙ୍କ ସ୍ୱାତନ୍ତ୍ର୍ୟତା ବୃଦ୍ଧି ଘଟିଛି ତା ନୁହେଁ,  ପୁରୁଷ ଲେଖକମାନେ ମ୍ଳ ନିଜ ନିଜର ଗଳ୍ପରେ ନାରୀ ଚରିତ୍ରମାନଙ୍କୁ ସ୍ୱତନ୍ତ୍ର ଅନୁଶୀଳନ କରିଛନ୍ତି ।

ମହାପାତ୍ର ନୀଳମଣୀ ସାହୁଙ୍କ 'ସୁମିତ୍ରାର ହସ' ଓ 'ସୁମିତ୍ରାର ଲୁହ' ଗଳ୍ପରେ ସୁମିତ୍ରା ଚରିତ୍ର ଗୌରହରି ଦାସଙ୍କର ଅହଲ୍ୟାର ବାହାଘର ଗଳ୍ପର 'ଅହଲ୍ୟା' ଚରିତ୍ର, ସରୋଜିନୀ ସାହୁଙ୍କ 'ରେପ୍' ଗଳ୍ପର 'ସୁବର୍ଣ୍ଣା' ଚରିତ୍ର, ବୀଣାପାଣି ମହାନ୍ତିଙ୍କ 'ଅନ୍ଧକାରର ଛାଇ' ଗଳ୍ପର 'କୋଇଲି ଚରିତ୍ର', ପଦ୍ମଜ ପାଳଙ୍କ 'କେହି ଜଣେ ସାବିତ୍ରୀ' ଗଳ୍ପର 'ସାବିତ୍ରୀ' ଚରିତ୍ର ଆଦି ଏକ ଏକ ସ୍ମରଣୀୟ ସୃଷ୍ଟି । ନାରୀ ମନର ଅକୁହା କଥା, ଜୀବନର ଅସହାୟତା, ଦୁଃଖ, ସନ୍ତାପ, ପ୍ରେମ, ସଂଗୁପ୍ତ ଭାବନା, ଅଭିପ୍ସା, ଅସଂତୋଷ, ଆଦିକୁ ଗାଳ୍ପିକମାନେ ଯଥା ସମ୍ଭବ ଦେଖାଇ ଦେବାକୁ ଚେଷ୍ଟା କରାଯାଇଛି । ପୁରୁଷ ପରି ନାରୀମାନେ ବି ସମାଜର ହିତ ସାଧନରେ ଯଥେଷ୍ଟ ସହାୟକ, ପୁରୁଷ ତୁଳନାରେ କିନ୍ତୁ ଆମ ସମାଜ ନାରୀକୁ ଉଚିତ୍ ସମ୍ମାନ ଦିଏ ନାହିଁ । ପୁରୁଷର ସ୍ୱାଧୀନତା, ଉଚ୍ଚାକାଂକ୍ଷା, ସ୍ୱାଭିମାନ ଆଗରେ ନାରୀ ସବୁବେଳେ ନିଜକୁ ହେୟ ମନେକରେ । କିନ୍ତୁ ବର୍ତ୍ତମାନର ଲେଖକ ଲେଖିକାମାନଙ୍କ ଗଳ୍ପରେ ଏ ସବୁର ଚିତ୍ର ପରିଦୃଷ୍ଟ ହୁଏନାହିଁ । ବରଂ ଏହା ବଦଳରେ ଆମ ସମୟର ଗଳ୍ପକାରମାନେ ନାରୀ ଚରିତ୍ରମାନଙ୍କୁ ପୁରୁଷ ତୁଳନାରେ ସମାନ ଦୃଷ୍ଟିରେ ଦେଖିବା ପାଇଁ ଇଚ୍ଛା ପ୍ରକାଶ କରିଅଛନ୍ତି । ଏ ଦୃଷ୍ଟିରୁ ଓଡ଼ିଆ ଗଳ୍ପ ବିଶ୍ୱ ସାହିତ୍ୟର ଏକ ମର୍ଯ୍ୟାଦାବନ୍ତ ସ୍ଥାନକୁ ସ୍ପର୍ଶ କରିଛି । ଅଶୀକାଳର ଅନେକ ଗାଳ୍ପିକଙ୍କ ଗଳ୍ପରେ ମାନବୀୟ ସମ୍ବେଦନଶୀଳତା, ଦୟା କ୍ଷମା ମୋହ ଇତ୍ୟାଦିର ଚିତ୍ରମ୍ଳ ଦେଖିବାକୁ ମିଳେ । ଫକୀରମୋହନ ସେନାପତିଙ୍କ 'ରାଣ୍ଡିପୁଅ ଅନନ୍ତା' ଗଳ୍ପର ଅନନ୍ତା ଚରିତ୍ରପରି ବର୍ତ୍ତମାନ ସମୟରେ କିଏ ନିଜର ଜୀବନକୁ ବାଜି ଲଗାଇ ଅନ୍ୟମାନଙ୍କ କଥା ଚିନ୍ତା କରୁଅଛି ? ତଥାପି ମାନବିକତା ବଂଚିଛି । ଆଜିବି ଶହେରେ ଗୋଟିଏ ଚରିତ୍ର ବାହାରୁଛି ଆଗକୁ ଗୋଟିଏ ଜୀବନ ବଦଳରେ ଯଦି ଗୋଟିଏ ଜୀବନ ଯାଉଛି ତେବେ ସେମାନେ ହସି ହସି ଏସବୁକୁ ସ୍ୱୀକାର କରିନେଇଛନ୍ତି । ଏ କ୍ଷେତ୍ରରେ ବିଷ୍ଣୁ ସାହୁ, ଦେବାଶିଷ୍ ପାଣିଗ୍ରାହୀ, ଗୌରହରି ଦାସ, ଗୌରାଙ୍ଗ ଚରଣ ଦାଶ, ସଦାନନ୍ଦ ତ୍ରିପାଠୀ, କମଳା ଶତ୍ପଥୀଙ୍କ ପରି ଗାଳ୍ପିକମାନେ ନିଜର ପରାକାଷ୍ଠା ଦେଖାଇବାକୁ ଭୁଲିନାହାନ୍ତି । ଆଉ କେତେକ ଗାଳ୍ପିକବୃନ୍ଦ ଅତି ସାଧାରଣ ସ୍ତରର ଚରିତ୍ରମାନଙ୍କୁ ନେଇ ଗଳ୍ପ ଲେଖିଛନ୍ତି । ସେମାନଙ୍କ ମ୍ଳରେ ଭୀମ ପୃଷ୍ଟି, ପଦ୍ମଜ ପାଳ, ଦେବ୍ରାଜ ଲେଙ୍କା, ମନୋଜ ପଣ୍ଡା, ହୃଷିକେଶ ପଣ୍ଡାଙ୍କ ପରି ଗାଳ୍ପିକମାନେ ଅଗ୍ରଗଣ୍ୟ । ଏମାନଙ୍କ ଗଳ୍ପର ମୁଖ୍ୟ ଚରିତ୍ରମାନେ ହେଉଛନ୍ତି, ଦିନ ମଜୁରିଆ, କେଳା, ଆଦିବାସୀ ଓ ଦରିଦ୍ର ଜନତା, ଯେଉଁମାନେ ନିଜର ସ୍ୱାଭିମାନକୁ କେବେ ଭୁଲିଯାଇ ପାରିନାହାଁନ୍ତି । ସ୍ୱାଭିମାନ ଆଗରେ ପଛେ ନଖାଇ ନପିଇ ଶୁଖି ଶୁଖି ମରିଯିବେ କିନ୍ତୁ ମୁଣ୍ଡନୁଆଁଇ କାହାକୁ ଭିକ୍ଷା ଦିଅନ୍ତୁ ଶବ୍ଦ ପଦେ କହିପାରିବେ ନାହିଁ । ଓଡ଼ିଆ ଗଳ୍ପରେ ଏ ଧରଣର ଚରିତ୍ର ବହୁପୂର୍ବରୁ ସୃଷ୍ଟି ହୋଇଥିଲେ ବି ବର୍ତ୍ତମାନ ସମୟରେ ଏହାର ପ୍ରଭାବ ଯେମିତି ହଜିଯାଉଛି । ଓଡ଼ିଆ ଜାତି ଦିନେ ଏଇ ଦମ୍ଭ ଓ ବିଶ୍ୱାସକୁ ପାଥେୟକରି ଅତୀତ ଉତ୍କଳର ଜୟଗାନ କରିଥିଲା । ଗାଳ୍ପିକ ଗୋଦାବରୀଶ ମହାପାତ୍ରଙ୍କ 'ଏବେ ମ୍ଳ ବଂଚିଛି' ଗଳ୍ପରେ ଏହି ଚିତ୍ର ସୁସ୍ପଷ୍ଟ । 'ଜୀବନ ଥିଲେ ଭାଇ ପାତିବା ନାହିଁ ହାତ ମଣିଷ ପରି ଦିନେ ମଣିଷ ହୋଇବା ସତ' , ବାସ୍ତବରେ ଓଡ଼ିଆମାନଙ୍କ ଏହି ସ୍ୱାଭିମାନୀ ପଣ ସବୁକାଳରେ ଆମ ସାହିତ୍ୟିକମାନଙ୍କୁ ପ୍ରଭାବିତ କରିଆସୁଛି । ବିଷ୍ଣୁ ସାହୁଙ୍କ 'ମୁନ୍ନାପାଇଁ ପ୍ରାର୍ଥନା' 'ଗୋଟିଏ ଗାଁର ଚିତ୍ରପଟ' ଭୀମ ପୃଷ୍ଟିଙ୍କ 'ମଣିଷ ମୁଣ୍ଡର ଖେଳ' 'ନର୍କଯାତ୍ରା' ପରି ଗଳ୍ପରେ ଏହି ଭାବଧାର ସ୍ପଷ୍ଟଉ ।

ସମାଜରେ ଆତଯାତ ବହୁ ଚରିତ୍ର ବିଶେଷ ଆମ ସମୟର ଗଳ୍ପରେ ଆତ୍ମପ୍ରକାଶ ଲାଭକରି ନିଜର ସ୍ୱାତନ୍ତ୍ର୍ୟକୁ ପ୍ରତିପାଦନ କରିପାରିଛନ୍ତି । କିନ୍ତୁ ଏପରି କେତେକ ଚରିତ୍ର ଅଛନ୍ତି । ଯେଉଁମାନଙ୍କ ସଂପର୍କରେ ବିଦ୍ଧିବଦ୍ଧ ଲେଖନୀ ଚାଳନା କରିବାକୁ ଗାଳ୍ପିକ ଭୟ କରିଛି କିମ୍ବା ବହୁବିଧ ସମସ୍ୟାର ସମ୍ମୁଖୀନ ହୋଇଛି । ଏପରି ସ୍ଥଳେ ସେ ସିଧା ସିଧା ଚରିତ୍ରଗୁଡ଼ିକୁ ଗଳ୍ପରେ ନ ନେଇ ମାନବେତର ଚରିତ୍ର ମାଧ୍ୟମରେ ସେମାନଙ୍କ କଥା କହିବାକୁ ଚାହିଁଛି । ଆଲୋଚିତ ଗଳ୍ପରେ ମାଧ୍ୟମରେ ଆମେ ଯେଉଁ 'ବାଘ'ର ଚିତ୍ରକୁ ଦେଖୁ ସେ ସାଧାରଣ ବାଘ ନୁହେଁ । ସମାଜରେ ବସବାସ କରୁଥିବା ରକ୍ତମୁଖା ବାଘ କିମ୍ବା ନାରୀଦେହଲୋଭୀ ବାଘ ।

ମନୋଜ ଦାସଙ୍କ ଶୃଗାଳ, ବ୍ୟାଘ୍ରାରୋହଣ, ବିହଙ୍ଗ, ବିଲେଇ ପ୍ରଭୃତି ଗଳ୍ପରେ ଇତର ଜୀବମାନଙ୍କ କଥା ହିଁ ଗଳ୍ପର ମୁଖ୍ୟ କଥାବସ୍ତୁକୁ ଆଗକୁ ନେଇପାରିଛି । ମନୋଜ ଦାସଙ୍କ 'ବିଲେଇ' ଗଳ୍ପର ଚରିତ୍ର ଏକ କଥା କହିପାରୁନଥିବା ବା ନିଜର ଅସହାୟତା ଓ ଦୁଃଖକୁ ପ୍ରକାଶ କରିପାରୁନଥିବା ଗୋଟିଏ ଚରିତ୍ର । ଯେ କି ମାଲିକ ଠାରୁ ଅକାରଣେ ମାଡ଼ଖାଇ ଘରୁ ବିଦାହେବାକୁ ବାଧ୍ୟ ହୋଇଛି । ଠିକ୍ ସେହିପରି 'ବିହଙ୍ଗ' ଗଳ୍ପର ପକ୍ଷୀ ଚରିତ୍ରମାନେ ଏକତା ଓ ସାମୂହିକ ଶକ୍ତିର ପରାକାଷ୍ଠାକୁ ପ୍ରତିପାଦନ କରିଛନ୍ତି ।

ପଦ୍ମଜ ପାଳଙ୍କ 'ଜହ୍ଲାଦ' ଗଳ୍ପରେ ବେଙ୍ଗର କାର୍ଯ୍ୟକଳାପ ବଡ଼ ଚମତ୍କାର ରୂପଲାଭ କରିଛି । ଦାଶବେନୁହୁରଙ୍କ 'କାଉ', ବାଦୁଡ଼ି, ଚନ୍ଦ୍ରଶେଖର ରଥଙ୍କ 'ଚେର' ଆଦି ଗଳ୍ପରେ ଏହି ଭାବଧାରା ସୁସ୍ପଷ୍ଟ ଏମିତି ବହୁ ଓଡ଼ିଆ ଗଳ୍ପ ରହିଛି ଯେଉଁଥିରେ କି ନାନାବିଧ ପଶୁପକ୍ଷୀ ଗୋଟିଏ ଗୋଟିଏ ଚରିତ୍ର ହୋଇ ଆତ୍ମପ୍ରକାଶ କରିଅଛନ୍ତି । ଆଧୁନିକ ମଣିଷର ବହୁବିଧ ସମସ୍ୟା ଓ ଜୀବନଚର୍ଯ୍ୟାକୁ ବାସ୍ତବରେ ନହେଲେ ବି ପ୍ରତୀକ ଚରିତ୍ର ମାଧ୍ୟମରେ ଦେଖାଇ ଦେବାକୁ ଚାହିଁଛନ୍ତି ।

ଅତଏବ୍ ଅଶୀ ପରବର୍ତ୍ତୀ ଓଡ଼ିଆ ଗଳ୍ପରେ ଆମ ଗାଳ୍ପିକମାନେ ସମାଜରେ ଆତଯାତ ବହୁ ଚରିତ୍ରର ଚାରିତ୍ରିକ ଗୁଣାବଳୀକୁ ବିଶ୍ଳେଷଣ କରି ଅଛନ୍ତି । ସେମାନଙ୍କ ଚରିତ୍ର ମାଧ୍ୟମଦେଇ ସମକାଳର ସମସ୍ୟା ଓ ଏହାର ସମାଧାନର ପନ୍ଥା ଖୋଜିଛନ୍ତି । ଦୈନନ୍ଦିନର ଜୀବନ ଶୈଳୀ ମଧ୍ୟରେ ବହୁ ଘଟଣା ଓ ଦୁର୍ଘଟଣା ଘଟୁଥିଲେ ବି ସମସ୍ତଙ୍କୁ ଗଳ୍ପର ରୂପ ଦେବା ଯେମିତି ଆମ ଗାଳ୍ପିକମାନଙ୍କ ପାଇଁ ସମ୍ଭବ ହୋଇନାହିଁ । ଠିକ୍ ସେହିପରି ସମାଜରେ ବହୁବିଧ ଚରିତ୍ରମାନଙ୍କ ମଧ୍ୟରୁ ଗାଳ୍ପିକ ଖୋଜିଛି କେଉଁ ଚରିତ୍ର ତାର କେଉଁ ଗୁଣ ପାଇଁ ସମସ୍ତଙ୍କ ପାଖରେ ପରିଚିତ ହୋଇପାରିଛି । ତାହାକୁ କେବଳ ଆମ ଗାଳ୍ପିକମାନେ ନିଜ ନିଜର ଗଳ୍ପରେ ନେଇଅଛନ୍ତି। ବାସ୍ତବରେ ଅଶୀକାଳର ଓଡ଼ିଆ ଗଳ୍ପରେ ବହୁବିଦ୍ଧ ଚରିତ୍ରର ସମାବେଶ ହିଁ ଓଡ଼ିଆ ଗଳ୍ପକୁ ବିଶ୍ୱମୁଖୀ କରିବାରେ ସହାୟକ ହୋଇଛି ।


## ପ୍ରାନ୍ତଟୀକା

୧. ରଥ, ରମାକାନ୍ତ, ମେଘ ଓ ଅନ୍ୟାନ୍ୟ ଗଳ୍ପ, ଗ୍ରନ୍ଥାଳୟ ପ୍ରକାଶକ, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ପ୍ରଥମ ସଂସ୍କରଣ : ୨୦୦୨, ପୃଷ୍ଠା-୧୦୧ ।

୨. ମହାନ୍ତି, ବୀଣାପାଣି, ଅନ୍ଧକାରର ଛାଇ, ଲେଖିକା ପ୍ରକାଶନ, ଗୌରୀପଲ୍ଲୀ, କେଦାର ଗୌରୀ ରୋଡ୍, ଭୁବନେଶ୍ୱର-୨, ପୃଷ୍ଠା-୧ ।

୩. ପଟ୍ଟନାୟକ, ଦୀପ୍ତି, ଅନ୍ୟ ଆକାଶ, ପ୍ରଦ୍ୟୋତ ପ୍ରକାଶନ, ଦାସ ସାହି, ଜୋବ୍ରା, କଟକ-୭୫୩୦୦୪, ପ୍ରଥମ ପ୍ରକାଶ, ବିଜୟା ଦଶମୀ-୨୦୦୪, ପୃଷ୍ଠା-୧୦୪ ।

୪. ପଣ୍ଡା, ହୃଷୀକେଶ, ଗଳ୍ପ ସମଗ୍ର (ଦ୍ୱିତୀୟ ଭାଗ), ଫ୍ରେଣ୍ଡସ୍ ପବ୍ଲିସର୍ସ, ପୁସ୍ତକ ପ୍ରକାଶନ ଓ ବିକ୍ରେତା, ବିନୋଦ ବିହାରୀ କଟକ, ପ୍ରଥମ ସଂସ୍କରଣ-୨୦୧୫, ପୃଷ୍ଠା-୧୫୭ ।

## ସହାୟକ ଗ୍ରନ୍ଥସୂଚୀ

୧. ବାରିକ, ଡକ୍ଟର କବିତା, ଶହେ ବର୍ଷର ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପ ଏକ ତାତ୍ତ୍ୱିକ ବିଶ୍ଳେଷଣ ୧୮୯୮ ରୁ ୧୯୯୮, ବିଦ୍ୟାପୁରୀ, ବାଲୁବଜାର କଟକ, ଦ୍ୱିତୀୟ ସଂସ୍କରଣ ,ଜୁନ୍ ୨୦୧୪।

୨. ସାମଲ, ଡକ୍ଟର ବୈଷ୍ଣବ ଚରଣ, ସଂପାଦନା ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ଭୂମି ଓ ଭୂମିକା, ଓଡ଼ିଶା ବୁକ୍ ଷ୍ଟୋର, ଦ୍ୱିତୀୟ ମୁଦ୍ରଣ ୨୦୧୫, ବିନୋଦ ବିହାରୀ, କଟକ-୭୫୩୦୦୨।

୩. ଦାଶ, ସୁରେଶ ଚନ୍ଦ୍ର, ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଳ୍ପ ପ୍ରସଙ୍ଗ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ପ୍ରଥମ ପ୍ରକାଶ-୨୦୧୮, ବିନୋଦ ବିହାରୀ, କଟକ-୭୫୩୦୦୨ ।

୪. ଦେ, ମିଥୁନ ଚନ୍ଦ୍ର, ସଂପାଦନା ଗଳ୍ପ ବିଚାର, ଶାକ୍ୟ ପବ୍ଲିକେସନସ୍, ପ୍ରଥମ ପ୍ରକାଶ ୨୦୧୭, ଏନ୍-୬/୨୩୮(ଡ଼ି) ଆଇ.ଆର.ସି. ଭିଲେଜ-୧୫, ଭୁବନେଶ୍ୱର ।



ରେଭେନ୍ସା ବିଶ୍ୱବିଦ୍ୟାଳୟ,କଟକ

ISSN -2583-147X(P), Vol.- 8, Issue No. II, May 2022
Bastabatara Pariprakash Prachee
*Peer Reviewed and Referred Research Journal*

# ପଲ୍ଲୀକବି ନନ୍ଦକିଶୋର ଏକ ସଂକ୍ଷିପ୍ତ ଆକଳନ

ଡକ୍ଟର ବସନ୍ତ କିଶୋର ସାହୁ

ଭାରତ ଏକ ଗ୍ରାମ ବହୁଳ ଦେଶ । ଯୁଗେ ଯୁଗେ ଗାଆଁର ପ୍ରାକୃତିକ ଶୋଭା ସମ୍ପଦ ସାଧାରଣ ଜନତାଙ୍କ ଠାରୁ ଆରମ୍ଭ କରି କବି ଲେଖକ, ଭାବୁକ ଆଦି ସମସ୍ତଙ୍କୁ ଆକୃଷ୍ଟ କରି ଆସିଛି । ତାଳ-ତମାଳ, ଗୁଆ ନଡିଆ, ବର ଓ ଆମ୍ବ ଗଛ ପରିବେଷ୍ଟିତ ହୋଇଥାଏ ସବୁ ଗାଆଁ । ତା ପାଖକୁ ଲାଗି ସୁବିସ୍ତୃତ ଶସ୍ୟକ୍ଷେତ୍ର । ଗାଆଁ ଶେଷରେ ଥାଏ ବିରାଟ ପୋଖରୀ । ସେଥିରେ ନାଲିନେଳି କଇଁଫୁଲର ସମ୍ଭାର । କେଉଁଠି କେଉଁଠି ପଦ୍ମଫୁଲ ଭରା ପୋଖରୀ । ପୋଖରୀ କୂଳରେ ଦେବ ମନ୍ଦିର । ଧାଡ଼ି ଧାଡ଼ି ଚାଳଘର ମଝିରେ ଥାଏ ଧୂଳିଧୂସରିତ ଗାଆଁ ଦାଣ୍ଡ । ସେହି ଦାଣ୍ଡରେ ପିଲାମାନଙ୍କର ସକାଳ ସଞ୍ଜରେ ଖେଳ କସରତ-ହୋ ହାଲା ଗ୍ରାମ୍ୟ ପରିବେଶକୁ ଅଧିକ କୋଳାହଳମୟ କରଥାଏ ।

ଗ୍ରାମବାସୀଙ୍କ ସମୂହ ସହଯୋଗରେ ପାଳିତ ହୁଏ ଗାଆଁରେ ଅନେକ ଯାନିଯାତ୍ରା ଓ ପର୍ବପର୍ବାଣି । ପ୍ରତ୍ୟେକ ପୂଜା ପାର୍ବଣରେ ଥାଏ ସ୍ୱତନ୍ତ୍ରତା । ନାନା ବିବିଧତା ମଧ୍ୟରେ ଭାଇଚାରା ଭାବ ସହିତ ଅନ୍ୟକୁ ଆପଣେଇ ନେବାର ମନୋବୃତ୍ତି ଗ୍ରାମ୍ୟ ସଂସ୍କୃତିର ମୂଳପିଣ୍ଡ । ପରକୁ ଆପଣାର କରିବା, ପର ଦୁଃଖରେ ଦୁଃଖି ହେବା ହେଉଛି ଗାଆଁ ଲୋକଙ୍କ ଜୀବନ ନିର୍ବାହ ଶୈଳୀର ମୁଖ୍ୟ ବୈଶିଷ୍ଟ୍ୟ । ଗାଆଁର ଲୋକଙ୍କର ଆପଣାପଣ, ଭାଇଚାରା ଭାବ, ମିଳିମିଶି ଚଳିବା ଆଦି ସ୍ୱର୍ଗୀୟ ଗୁଣ କେଉଁ ଆବହମାନ କାଳରୁ ପ୍ରଚଳିତ ଥିଲେହେଁ ଏହାର ସ୍ୱରୂପ ଓଡ଼ିଆ ସାହିତ୍ୟରେ ଊନବିଂଶ ଶତାବ୍ଦୀର ଶେଷ ଓ ବିଂଶ ଶତାବ୍ଦୀର ପ୍ରଥମ ପାଦରେ ପ୍ରଥମେ ପ୍ରକାଶିତ ହେଲା । ଓଡ଼ିଆ ସାହିତ୍ୟରେ ଗାଆଁ ମାଟିର ସୁଖ ଦୁଃଖ, ଭଲମନ୍ଦ ସହିତ ଗାଆଁର ସମସ୍ତ ଘଟଣାର ଆଦ୍ୟ ଓଁକାର ଯିଏ ପ୍ରଥମେ ଶୁଣାଇଲେ ସେ ହେଉଛନ୍ତି ପଲ୍ଲୀ କବି ନନ୍ଦକିଶୋର ବଳ ।

ଓଡ଼ିଶାରେ ଆଧୁନିକ ଶିକ୍ଷାର ବିସ୍ତାର ଫଳରେ ଓଡ଼ିଆ ସାହିତ୍ୟରେ ପାଶ୍ଚାତ୍ୟ ସାହିତ୍ୟର ଯେଉଁ ପ୍ରଭାବ ପଡିଲା, ଏହା ହେଉଛି ତାର ଫଳଶ୍ରୁତି । ନନ୍ଦକିଶୋରଙ୍କ ପୂର୍ବରୁ ପଲ୍ଲୀ ଜୀବନର ଏତେ ବାସ୍ତବ ଓ ସଫଳ ରୂପ ଅନ୍ୟ କୌଣସି ସ୍ରଷ୍ଟା ଅଙ୍କନ କରିବାକୁ ସଫଳ ହୋଇନଥିଲେ । ରାଧାନାଥ ଓଡ଼ିଶାର ହ୍ରଦ, ନଦନଦୀ ଓ ପ୍ରକୃତିକୁ ନେଇ କବିତା ଲେଖିଲେ; ମଧୁସୂଦନ ଋତୁ ବର୍ଣ୍ଣନା ଓ ବିଭୁ ବନ୍ଦନାରେ ପରକାଷ୍ଠା ପ୍ରଦର୍ଶନ କଲେ । ସେହି ସମୟରେ ନନ୍ଦକିଶୋର ପଲ୍ଲୀ ଜୀବନର ନିଖୁଣଚିତ୍ର ରୂପାୟିତ କରି ସମସ୍ତଙ୍କୁ ଆକୃଷ୍ଟ କରିବାକୁ ଲାଗିଲେ । ତାଙ୍କ କାବ୍ୟକବିତାରେ ପଲ୍ଲୀର ସମସ୍ତ କଥା ହେଲା ମୁଖ୍ୟ ବିଭବ । ଗାଆଁ ଅବଧାନ, ଗାଆଁ ଭଣ୍ଡାରି, ଯୋଗୀ, ଗାଆଁ ପୁରୋହିତ, ଧାନ କ୍ଷେତ, ଗାଆଁ ମନ୍ଦିର, ଗାଆଁ ଶଶ୍ମାନ, ଗାଆଁ ଖଳା ଆଦି ପ୍ରତ୍ୟେକ ଚିତ୍ର ଅତି ସୁନ୍ଦର ସରଳ ଭାବରେ ତାଙ୍କ କବିତାରେ ସ୍ଥାନ ପାଇଲା । ପାଶ୍ଚାତ୍ୟ ଶିକ୍ଷାର ପ୍ରଭାବ ଫଳରେ ଯେତେବେଳେ ସହରର ବିକାଶ ଓ ସହରୀ ଜୀବନର ବିସ୍ତାର ଓଡ଼ିଶାରେ ମୁଣ୍ଡ ଟେକୁଥିଲା, ସେହି ସଂକଟ କାଳରେ ନନ୍ଦକିଶୋର ଗ୍ରାମ୍ୟ ଜୀବନର ରସଘନ ଚିତ୍ର ପ୍ରକାଶ କରି ଗ୍ରାମ୍ୟ ଜୀବନକୁ ପୁର୍ନଜୀବନ ପ୍ରଦାନ କଲେ । ତାଙ୍କ କଲମ ମୂନରେ ପଲ୍ଲୀ ହୋଇଗଲା ଅନନ୍ୟ । ତାଙ୍କ ଦୃଷ୍ଟି ଓ କୃଷ୍ଟିରେ ଗାଆଁ ହେଲା ସୁନ୍ଦର, ତାର ସ୍ମୃତି ହେଲା ସୁନ୍ଦରତର ଓ ଗାଆଁର ପାଣି ପବନ ଗଛ ଲତା ସବୁ ହୋଇଗଲା ସୁନ୍ଦରତମ । ପଲ୍ଲୀର ନିଖୁଣ ଚିତ୍ର ଅଙ୍କନ କରି ସେ ହୋଇଗଲେ ପଲ୍ଲୀକବି ।

ପଲ୍ଲୀକବି ନନ୍ଦକିଶୋର ତାଙ୍କ ପଲ୍ଲୀଚିତ୍ର ୧ମ, ୨ୟ, ୩ୟ ଏବଂ ଅନ୍ୟାନ୍ୟ କବିତାରେ ଗାଆଁ ମାଟିର ଯେଉଁ ଅମୃତମୟ ବାସ୍ତବ ଓ ନିଖୁଣଚିତ୍ର ଅଙ୍କନ କରିଛନ୍ତି-ତାହା ଅନନ୍ୟ । ତାଙ୍କ ପଲ୍ଲୀଚିତ୍ର ଗ୍ରାମ୍ୟ ପରିବେଶର ଏକ ମନ୍ମୟ ଆଲେଖ୍ୟ । ପଲ୍ଲୀଚିତ୍ର ୧ମ ଭାଗରେ ସ୍ଥାନ ପାଇଥିବା ଗ୍ରାମଖଳା, ଚାଟଶାଳୀ, ତୋଟା, ଗ୍ରାମଦେବତା, ଗ୍ରାମ ମହାଦେବ, ଗ୍ରାମ ଶ୍ମଶାନ, ଗ୍ରାମ ହାଟ ଆଦି କବିତାଗୁଡ଼ିକରେ ଗ୍ରାମ୍ୟ ଜୀବନର ପ୍ରକୃତିଚିତ୍ର ଅତି ସୁନ୍ଦର ଓ ସାବଲୀଳ ଶୈଳୀରେ ପ୍ରକାଶ ପାଇଛି । ସେହିପରି ୨ୟ ଭାଗରେ ଋତୁ ବର୍ଣ୍ଣନାର ଚାରୁଚିତ୍ର ପ୍ରକାଶ ପାଇବା ସହିତ ପଲ୍ଲୀ ଜୀବନଚର୍ଯ୍ୟାର ସମସ୍ତ କଥା ପ୍ରକାଶିତ । ଋତୁଚକ୍ର ଆବର୍ତ୍ତନରେ ପାଳିତ ହେଉଥିବା ପର୍ବପର୍ବାଣି ସହିତ କୃଷକ ଜୀବନର ବିଭିନ୍ନ କାର୍ଯ୍ୟର ଚିତ୍ର ପ୍ରକାଶ ପାଇଛି । ପଲ୍ଲୀଚିତ୍ରର ୩ୟ ଭାଗରେ ପଲ୍ଲୀକୁ ନେଇ ସମସ୍ତ ଚରିତ୍ର ଯଥା ଉତ୍କଳ ଶିଳ୍ପୀ, କୃଷକ, ଲଳନା, ବିଧବା, ପଲ୍ଲୀ ଜନତାର ସଂକୀର୍ଣ୍ଣ ମନୋବୃତ୍ତି, କୁସଂସ୍କାର, ଯୁବକ, ଖଣ୍ଡାୟତ, କରଣ, ଭିକ୍ଷୁକ, ବ୍ରାହ୍ମଣ ଆଦିଙ୍କର ଯେଉଁ ସୁନ୍ଦର ଓ ବାସ୍ତବ ବର୍ଣ୍ଣନା ପ୍ରକାଶ କରିଛନ୍ତି ତାର ପଟାନ୍ତର ନାହିଁ । ତାଙ୍କ ପୂର୍ବରୁ ଏପରି ବର୍ଣ୍ଣନା କୌଣସି କବିଙ୍କର କବିତାରେ ପ୍ରକାଶ ପାଇନଥିଲା । ମୋଟାମୋଟି ଭାବେ ଗାଆଁ ମାଟିର ସମସ୍ତ କଥା, ସମସ୍ତ ଚିତ୍ର ଓ ସାଂସ୍କୃତିକ ଧାରା ଏହି ୩ଟି ଗ୍ରନ୍ଥରେ ଅତି ସୁନ୍ଦର ଭାବେ ପ୍ରକାଶ ଲାଭ କରି ପାଠକଙ୍କୁ ହୃଦୟକୁ ଆଲୋଡ଼ିତ କରିଥାଏ ।

ପଲ୍ଲୀକବିଙ୍କର ପଲ୍ଲୀଚିତ୍ର ପୁସ୍ତକ ତ୍ରୟରେ ଲୋକ ସାହିତ୍ୟର ଯେଉଁ ଉପାଦାନ ସବୁ ପ୍ରକାଶ ପାଇଛି ତାହା ଅତୁଳନୀୟ । ଗାଆଁର ସାଧାରଣ ଜନତା ବ୍ୟବହାର କରୁଥିବା ଲୋକୋକ୍ତି, ରଢ଼ି, ପ୍ରବଚନ, ଢଗଢମାଳି ତଥା କଥିତ ଶବ୍ଦର

ଯେଉଁ ବ୍ୟବହାର କରାଯାଇଛି ତାହା ତାଙ୍କ କବିତାକୁ ଅଧିକ ମଧୁର ଓ ରସପୂର୍ଣ୍ଣ କରି ପଲ୍ଲୀଜନତାଙ୍କୁ ଆକୃଷ୍ଟ କରିବାରେ ସହାୟକ ହୋଇଛି ।

ପଲ୍ଲୀକବି ତାଙ୍କ କବିତାରେ ପଲ୍ଲୀମାଟିର ଯେଉଁ ଆଦ୍ୟ ସ୍ପର୍ଶ ପ୍ରଦାନ କରି କାଳଜୟୀ ହେଲେ ତାହା ତାଙ୍କ ପରବର୍ତ୍ତୀ ଅନେକ କବିଙ୍କୁ ଆଲୋଡ଼ିତ ଓ ପ୍ରଭାବିତ କରିଛି । ନନ୍ଦକିଶୋରଙ୍କ ପରବର୍ତ୍ତୀ କାଳରେ ପଲ୍ଲୀଚିତ୍ରକୁ ନେଇ ଅନେକ କବି କବିତା ଲେଖିବା ସହିତ ପରବର୍ତ୍ତୀ କାଳରେ ପଲ୍ଲୀଗୀତ, ପଲ୍ଲୀ କବିତା ଆଦି ଅନେକ ଶୀର୍ଷକର ସ୍ୱତନ୍ତ୍ର ଧାରା ସୃଷ୍ଟି ହୋଇଛି ଓଡ଼ିଆ ସାହିତ୍ୟରେ ।

ନନ୍ଦକିଶୋରଙ୍କ ଆବିର୍ଭାବ ୧୮୭୫ ଓ ତିରୋଭାବ ୧୯୨୮ । କଟକ ଜିଲ୍ଲାର ମାହାଙ୍ଗା ଥାନା ଅନ୍ତର୍ଗତ କୁସୁପୁର ଗ୍ରାମରେ । ଗାଆଁ କଡ ଦେଇ ବହି ଯାଉଛି ସ୍ୱରୂପା ବିରୂପା ନଦୀ । ଯାହାର କଳକଳ ନାଦ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ କବିଙ୍କ ମନରେ କିମିଆ ଲଗାଇ ଦେଇଛି । ପ୍ରତିଦିନ ସେ ବିରୂପା କୂଳର ପିଙ୍ଗୁଳେଇ ଠାକୁରାଣୀଙ୍କ ପାଖରେ ସନ୍ଧ୍ୟା ସମୟ ଅତିକ୍ରାନ୍ତ କରିବା ସହିତ ଅନେକ କବିତା ଲେଖିଛନ୍ତି । ଗାଆଁମାଟିର ଶାନ୍ତ-ସରଳ-ସୁମଧୁର ରୂପ ତାଙ୍କ ମନରେ ଗଭୀର ପ୍ରଭାବ ପକାଇଛି । ଗାଆଁ ମାଟିରେ ଜନ୍ମଲାଭ କରିଥିବା ମଣିଷଟି ସହରରେ ଯେତେ ସୁବିଧା ସୁଯୋଗ ଓ ବିଳାସବ୍ୟସନ ଲାଭ କଲେ ମଧ ଗାଆଁର ଶାନ୍ତ ସରଳ ରୂପକୁ ସେ କେବେ ଭୁଲି ପାରେ ନାହିଁ । ସୁଦୂର ପ୍ରବାସରେ ଥାଇ ସେ ଗାଆଁ ମାଟିକୁ ଫେରି ଆସିବାକୁ ସର୍ବଦା ସ୍ୱପ୍ନ ଦେଖୁଥାଏ । ଗାଆଁ ମାଟିର ମମତା ନିକଟରେ ସବୁକିଛି ତା ନିକଟରେ ତୁଚ୍ଛ । ଗାଆଁର ସ୍ମୃତି ଅପାଶୋରା । ଏହାର ସୁନ୍ଦର ଚିତ୍ର ପଲ୍ଲୀକବିଙ୍କ କବିତାରେ ଅତି ସୁନ୍ଦର ଭାବରେ ରୂପାୟିତ ହୋଇଛି ।

ଶାନ୍ତିପୂର୍ଣ୍ଣ ଆରେ ପଲ୍ଲୀଗ୍ରାମ
ମଧୁରିମାମୟ ତୋର ନାମ
ନଗରୀର ରାଜ ସୁଖ ମୋହ ପକ୍ଷେ ଘୋର ଦୁଃଖ
ଆଗୋ ପ୍ରିୟ ପଲ୍ଲୀ, ତୋ ପଲ୍ଲବମୟ ଅଙ୍କ
ଛାୟା ତଳେ ଆଶ୍ରିବାକୁ ମୁହିଁ ସଦା ରଙ୍କ ॥
-ପଲ୍ଲୀଚିତ୍ର-୧ମ/ନନ୍ଦକିଶୋର ଗ୍ରନ୍ଥାବଳୀ, ପୃ.୧

ଏହି ପଦକରୁ ଗାଆଁମାଟି ପ୍ରତି ତାଙ୍କର କେତେ ଆକର୍ଷଣ ଥିଲା ତାହା ବୁଝି ହୁଏ । ଗାଆଁର ଶାନ୍ତସରଳ ମଧୁର ପରିବେଶରେ ଅବସ୍ଥାନ କରିବାକୁ ନନ୍ଦକିଶୋର ସର୍ବଦା ଆଶା ପ୍ରକଟ କରିଛନ୍ତି । ତାଙ୍କ ଆଖିରେ ଗାଆଁ ଗଡ଼ିଆ, ଖେଳପଡିଆ, ଗାଆଁ ଲୋକ ସବୁ ଗୋଟି ଗୋଟି ହୋଇ ଭାସି ଉଠିଛି । ତାଙ୍କ ମନର କଥା ସରଳ, ସାବଲୀଳ ଓ ସୁନ୍ଦର ଗାଆଁ ପରିବେଶ, ଗାଆଁର ସ୍ମୃତି ଆହୁରି ନିଆରା । ତାକୁ କେବେ ଭୁଲି ହୁଏ ନାହିଁ । ଯେତେ ଭୁଲିବାକୁ ଚେଷ୍ଟ କଲେ ମଧ ସେ ମନ ଭିତରକୁ ପଶି ଆସେ । ଗାଆଁ ପାଖ ଦେଇ ବହି ଯାଉଥିବା ବିରୂପା ନନ୍ଦୀ, ନଦୀ ନିକଟରେ ଥିବା ମଠ, ମଠ ଚର୍ତୁପାର୍ଶ୍ୱରେ ଥିବା ବୃକ୍ଷରାଜି କବିଙ୍କୁ କରିଛି ପ୍ରଭାବିତ । ଗାଆଁର ପ୍ରାକୃତିକ ଶୋଭାସମ୍ପଦକୁ କବି ଆଦୌ ଭୁଲି ପାରି ନାହାନ୍ତି । ଏହାର ସ୍ୱରୂପ ତାଙ୍କ ରଚନାରେ ଚମତ୍କାର ଭାବରେ ପ୍ରକାଶ ପାଇଛି-

ମନୋହର ତଟିନୀର ତଟ
ଶୋଭେ କାହିଁ ବୈଷ୍ଣବଙ୍କ ମଠ
ଶାନ୍ତ ଋଷି ତପୋବନ-ସମ ରାଜେ ଉପବନ
ଅଶ୍ୱତଥ-ପନସ-ଚୂତ-ବଟ-ବଂଶରାଜି
କି ନିସର୍ଗ-ଲାବଣ୍ୟରେ ଅଛି ମଠ ସାଜି ॥

ଗାଆଁର ସଞ୍ଜ ସକାଳ ସବୁ ସୁନ୍ଦର । ସକାଳ ହେଲେ ନାଲି ମୁରୁଜ ବୁଣି ହୋଇଯାଏ ଗାଆଁ ମାଟିରେ । କାଉର କାଆ ଡାକରେ ଗ୍ରାମ୍ୟ ଜୀବନ ହୋଇଉଠେ ଚଳ ଚଞ୍ଚଳ । ଗାଆଁର ନବବଧୂ ପ୍ରାତଃ ସ୍ନାନ ସମାପନ କରି ଗାଆଁ ଦାଣ୍ଡକୁ ପୂତ ପବିତ୍ର କରେ-କୃଷକ ଓ ଶ୍ରମଜୀବୀ ନିଜ୍ୟକର୍ମ ସାରି ନିଜ ନିଜ କର୍ମଭୂମିକୁ ଚାଲି ଯାଆନ୍ତି । ଗାଈଆଳ ପିଲା ଗାଈଗୋଠ ଅଡେଇ ଅଡେଇ ଗୀତଗାଇ ଯାଏ-ପିଲାମାନେ ନାନା ପ୍ରକାର ଖେଳରେ ଗାଆଁ ଦାଣ୍ଡକୁ ମୁଖରିତ କରନ୍ତି । ଗାଆଁ ଦାଣ୍ଡରେ ଯେପରି ଜୀବନ ସଞ୍ଚାରିତ ହୋଇଯାଏ । ନନ୍ଦକିଶୋରଙ୍କ ରଚନାରେ ଏହା ଅଧିକ ଜୀବନ୍ତ ଓ ହୃଦ୍ୟ ହୋଇଛି ।

ପୂର୍ବାଶା-ଲଲାଟେ ଶୋହେ ଶୁଭ୍ର ଶୁକ୍ରତାରା
ବରଷେ କି ବିଶ୍ୱଧାମେ ଅମୃତର ଧାରା ।
ପ୍ରାଚୀନର-ସନ୍ଦୂରିମା ପ୍ରକାଶେ ଶୋଭାଗରିମା
ଧନ୍ୟ ଧନ୍ୟ ପ୍ରକୃତି ଗୋ ଧନ୍ୟ ଚାରୁଶୀଳା
କେ ବର୍ଣ୍ଣି ପାରିବ ତୋର ଅପରୂପ ଲୀଳା !
ଶୁଭିଲାଣି ବାୟସର କାଆ କାଆ ସ୍ୱନ
ଶଯ୍ୟା ତେଜି ଉଠ ଏବେ ରେ ଅଳସ ମନ ।
ସୁକୁମାରୀ ବଧୂଗଣ ତେଜି ପତି-ଆଲିଙ୍ଗନ
କରନ୍ତି ସେ ଆନ ମନେ ନିତ୍ୟକର୍ମମାନ ॥
-ପ୍ରଭାତ / ନନ୍ଦକିଶୋର ଗ୍ରନ୍ଥାବଳୀ/ପୃ.୨୪୭

ସକାଳ ପରି ସନ୍ଧ୍ୟା ବର୍ଣ୍ଣନା ମଧ ଆହୁରି ହୃଦ୍ୟ ଓ ମନଛୁଆଁ ହୋଇଛି ତାଙ୍କ କବିତାରେ ।

ବୁଡିଅଛି ଡାଆଣିଆ ଖରା
ହୋଇଛି ଦିନର ଅବସାନ
ଅଳସ ଅବଶ ଏବେ ଧରା
ଅବସନ୍ନ ପ୍ରକୃତି-ପରାଣ ।
-ସନ୍ଧ୍ୟା/ନନ୍ଦ କିଶୋର ଗ୍ରନ୍ଥାବଳୀ/ପୃ.୨୫୦

ଗାଆଁ ପରିବେଶ, ଗାଆଁର ସମସ୍ତ ଘଟଣା କବି ଲେଖନୀରେ ହୋଇଛି ଅନନ୍ୟ । ଆଧୁନିକ ଶିକ୍ଷା ବିସ୍ତାର ଓ ସଭ୍ୟତାର ବିକାଶ ଫଳରେ ଆମର ଐତିହ୍ୟ, ପରମ୍ପରା ଓ ସଂସ୍କୃତି କ୍ରମେ ଲୋପ ପାଇଯାଉଛି । ଆଜି ଶିକ୍ଷାର୍ଥୀ ପଥ ଭ୍ରଷ୍ଟ । ଗୁରୁଙ୍କୁ ସେ ଆଜି ସମ୍ମାନ ଦେଇ ଜାଣୁନାହିଁ । ଶିକ୍ଷାଥୀଙ୍କୁ ଦଣ୍ଡ ଦେବା ଅଧିକାର ଆଜି ଶିକ୍ଷକ ହାତରୁ କାଢ଼ି ନିଆଯାଇଛି । ମାତ୍ର, ତାଙ୍କ

ସମୟରେ ଗାଆଁ ଚାଟଶାଳୀର ପାଠ ପଢ଼ାର ଯେଉଁ ପରମ୍ପରା ପ୍ରଚଳିତ ଥିଲା ସେଠି ବିଦ୍ୟାର୍ଥୀଙ୍କ ମଧ୍ୟରେ ପ୍ରତିଯୋଗିତା ଲାଗୁଥିଲା କିଏ ଆଗ ଚାଟଶାଳୀରେ ପହଞ୍ଚିବ । କାରଣ ଯିଏ ଆଗ ପହଞ୍ଚେ ସିଏ ଗୋଟିଏ ପାହାର ମାଡ଼ ଖାଉଥିଲା ବେଳେ ପଛରେ ଆସୁଥିବା ବିଦ୍ୟାର୍ଥୀଟିକୁ ଅଧିକ ବେତ ପାହାର ଖାଇବାକୁ ହେଉଥିଲା । କବିଙ୍କ ରଚନାରେ ଏହାର ବର୍ଣ୍ଣନା ଅତି ସୁନ୍ଦର ଭାବରେ ପ୍ରକାଶ ପାଇଛି-

ଗ୍ରାମ ମଧ୍ୟେ ଗ୍ରାମ ଚାଟଶାଳୀ
ଯମଦଣ୍ଡ ଅବଧାନ ଜାଳା
ବିଳମ୍ବେ ଯେହୁ ଆସିବ ଶୂନ୍ୟ ଖାଇ ପ୍ରାଣ ଯିବ
ଏକ, ଦୁଇ ମାଗି ଛାତ୍ରେ ହୁଅନ୍ତି ବାହାର
ଛାପ ନ ଶୁଖୁଣୁ ବିଧି ଖାଇ ଆସିବାର ॥

ଏଥିରୁ ସେ ସମୟର ଶିକ୍ଷା ପଦ୍ଧତି ତଥା ଦଣ୍ଡ ଦେବାର ପ୍ରଥା ଜଣା ଯାଇଥାଏ ।

ଋତୁଚକ୍ର ଆବର୍ତ୍ତନରେ ଗାଆଁରେ ପାଳିତ ହୁଏ ଅନେକ ପର୍ବପର୍ବାଣି । ଗାଆଁର ସବୁ ଲୋକ ପର୍ବପର୍ବାଣିଗୁଡ଼ିକୁ ଆନନ୍ଦ ଉଲ୍ଲାସର ସହିତ ପାଳନ କରିଥାନ୍ତି । ଭିନ୍ନ ଭିନ୍ନ ପର୍ବରେ ଭିନ୍ନ ଭିନ୍ନ ପ୍ରକାରର ପିଠାପଣା ପ୍ରସ୍ତୁତ ହେବା ସହିତ ସମସ୍ତେ ନୂଆ ପୋଷାକ ପରିଧାନ କରନ୍ତି । ଲୋକମାନେ ନିଜେ ଯେତିକି ଖାଆନ୍ତି ସାହି ପଡିଶାଙ୍କୁ ସେତିକି ବାଣ୍ଟନ୍ତି ଓ ଖୁଆନ୍ତି । ତେଣୁ ପର୍ବପର୍ବାଣିଗୁଡ଼ିକ ଗ୍ରାମ୍ୟ ସଂସ୍କୃତିର ପ୍ରାଣକେନ୍ଦ୍ର । ଏହି ପର୍ବପର୍ବାଣିରେ ଗ୍ରାମବାସୀ ବିଭିନ୍ନ ପ୍ରକାରର ପିଠାପଣା ଖାଇ ବିଭିନ୍ନ ପ୍ରକାର ଖେଳ ଖେଳି ମଉଜ ମଜଲିସ୍‌ରେ ସମୟ ଅତିବାହିତ କରନ୍ତି । ଲୋକଚଳଣିର ଏହି ମୁଖ୍ୟ ବିଭବକୁ କବି ପ୍ରକାଶ କରିବା ପାଇଁ କୁଣ୍ଠା ପ୍ରକାଶ କରି ନାହାନ୍ତି ।

ରଜ ତିନିଦିନ ଖାଇ ପୋଡ ପିଠା
ଗ୍ରାମ ଆମ୍ବତୋଟା ତଳେ
ଖେଳନ୍ତି ଉଦ୍ଦାମେ ବାଗୁଡ଼ି, ଦାଣ୍ଡିଆ
ପଲ୍ଲୀ ଯୁବକ ସକଳେ
ବାଘ, ଛେଳି, ଶାରୀ-ଶୁଆ, ଧାନଉଁଷା
ଅବା ଲୁଚକାଳି ଖେଳ
ଖେଳିଥାନ୍ତି ଜହ୍ନ ରାତିରେ ଶିଶୁଏ
ହୋଇ ଦାଣ୍ଡେ ଏକ ମେଳ ॥

ସେହିପରି ଗ୍ରାମ୍ୟ ଜୀବନରେ ହାଟର ମହତ୍ତ୍ୱ ସବୁଠାରୁ ଅଧିକ ମନେ ହୋଇଥାଏ । ସପ୍ତାହରେ ଗୋଟିଏ ଦିନ କିମ୍ବା ସ୍ଥଳ ବିଶେଷରେ ଦୁଇ ଦିନ ହାଟ ବସିଥାଏ । ଆଖପାଖ ଆଠଦଶ ଖଣ୍ଡ ଗାଆଁର ଲୋକ ଏକତ୍ର ହୋଇ ଜିନିଷପତ୍ର ବିକାକିଣା କରନ୍ତି । ତା ସହିତ ସେଠାରେ ନିଜନିଜର ଭାବ ବିନିମୟ ମଧ୍ୟ କରି ପରସ୍ପର ମଧ୍ୟରେ ଖୁସି ବାଣ୍ଟନ୍ତି । କବି ନନ୍ଦକିଶୋରଙ୍କ ରଚନାରେ ଏହାର ସୁନ୍ଦର ଚିତ୍ର ପ୍ରକାଶ ପାଇଛି ।

ଗ୍ରାମେ କାହିଁ ବସେ ପାଳିହାଟ
ପୁରିଯାଏ ଗ୍ରାମ ବାଟଘାଟ
ଆସିଣ ଦୋକାନୀମାନେ ବସି ବସି ନିଜ ସ୍ଥାନେ
ଯେ ଯାହାର ସଉଦା ସେ କିଣନ୍ତି ବିକନ୍ତି
ପଇସା କଉଡ଼ି, ରବି ବଦଳି ରଖନ୍ତି ॥
-ଗ୍ରାମ ହାଟ/ନନ୍ଦକିଶୋର ଗ୍ରନ୍ଥାବଳୀ, ପୃ.୨୧

ଏତିକିରେ ନନ୍ଦକିଶୋର ଗ୍ରାମ୍ୟ ବର୍ଣ୍ଣନାର ଚିତ ସରିନାହିଁ । ଭାରତ ହେଉଛି କୃଷି ପ୍ରଧାନ ଦେଶ । ଅଧିକାଂଶ ଲୋକ କୃଷି ଉପରେ ନିର୍ଭର କରନ୍ତି । ଚାଷ ସରିଲେ ଅମଳ ପାଇଁ କୃଷକ ଖଳରେ ସେ ସବୁକୁ ଅମଳ କରି ଘରେ ସାଇତି ରଖେ । ସେଇ ସାମାନ୍ୟ କଥା ମଧ୍ୟ କବିଙ୍କ ଦୃଷ୍ଟିରୁ ବାଦ ପଡିନାହିଁ । ସେ ତାଙ୍କ ଗ୍ରାମ୍ୟଖଳା କବିତାରେ ଲେଖିଛନ୍ତି-

ଗ୍ରାମ ପ୍ରାନ୍ତେ କରି ଲୋକେ ଖଳା
ମେରି ପୋତି ପକାନ୍ତି ବେଙ୍ଗଳା
ବାନ୍ଧି ମଞ୍ଚା ମଧ୍ୟ ସ୍ଥାନେ ଜଗନ୍ତି ରାତ୍ରିରେ ଧାନେ
ମିଛ ସତେ ଦେଖିଥାନ୍ତି ଯେ ସର୍ବ ଘଟନା
କଳନା ବଳରେ ପ୍ରାତେ କରନ୍ତି କଳ୍ପନା ॥...

ଆଜିକାଲି ପରି ଇଲେକ୍ଟ୍ରିକ ଲାଇନ ନଥିଲା । ଲୋକେ ଅନ୍ଧାରରେ ଖଳା ଜଗୁଥିଲେ । ସେଇ ଅନ୍ଧାରରେ ନାନା କାଳ୍ପନିକ କାହାଣୀ ଯଥା ଭୂତ ପ୍ରେତ ଠାରୁ ଆରମ୍ଭ କରି ଅନେକ କଥା ସେମାନେ ସକାଳେ ମନରୁ ଫାନ୍ଦି କହିଥାଆନ୍ତି । ସେଇ କଥାକୁ କବି ସୁନ୍ଦର ଭାବରେ ଏଠାରେ ପ୍ରକାଶ କରିଛନ୍ତି ।

ଶିଶୁ କବିତା କ୍ଷେତ୍ରରେ ମଧ୍ୟ ପଲ୍ଲୀକବି ନିଜର ଏକ ସ୍ୱତନ୍ତ୍ର ସରଣୀ ସୃଷ୍ଟି କରିଥିଲେ । ନାନାବାୟା ଗୀତ ହେଉଛି ତାର ଏକ ନିଚ୍ଛକ ଉଦାହରଣ । ଏଥିରେ ସ୍ଥାନୀତ କବିତାମାନଙ୍କରେ ତାଙ୍କର ମୌଳିକତା ଅଧିକ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ତାଙ୍କର ସର୍ବଜନାଦୃତ କେତେ କବିତାର ପଙ୍କ୍ତି ହେଲା-"ମେଘ ବରଷିଲା ଟପର ଟପର, କେଶୁର ମାଇଲା ଗଜା, କେଉଁ ରାଇଜରେ ରହିଲେ ମୋ ରଜା ତେଲିଙ୍ଗି ବାଇଦ ବଜା', "ବିଲୁଆ ନନାରେ ବିଲୁଆ ନନା, ଘର ପୋଡିଗଲା ପଛକୁ ଅନା"। ଏହି ପଂକ୍ତିଗୁଡ଼ିକ ଏବେ ସମସ୍ତଙ୍କ ମନରେ ସାଇତା ହୋଇ ରହିଛି ।

ନନ୍ଦକିଶୋରଙ୍କ ପ୍ରତ୍ୟେକ କବିତା ଗାଆଁ ମାଟିର ବାସ୍ନାରେ ବାସ୍ନାୟିତ । ତାଙ୍କ କବିତରେ ଗାଆଁ ମାଟିର କଥା ଯେପରି ସରଳ ଓ ସାବଲୀଳ ଭାବରେ ପ୍ରକାଶ ପାଇଛି ତାହା ଅନ୍ୟ କୌଣସି କବିଙ୍କ ରଚନାରେ ପ୍ରକାଶ ପାଇନାହିଁ । ଆଧୁନିକ ସଭ୍ୟତା ଓ ସହରୀକରଣ ଫଳରେ ଆଜି ଭାରତୀୟ ଗାଆଁ ତାର ସ୍ୱାତନ୍ତ୍ର୍ୟତା ହରାଇ ବସୁଥିବା ବେଳେ ପଲ୍ଲୀକବି ନନ୍ଦକିଶୋରଙ୍କ କବିତା କାଳ କାଳ ପାଇଁ ଗାଆଁ ମାଟିର କଥା ପ୍ରକାଶ କରି ଚାଲିଥିବ ।

ସାହିତ୍ୟିକ ଓ ଶିକ୍ଷାବିତ୍
କୁସୁପୁର-୭୫୪୨୦୫, କଟକ (ଓଡ଼ିଶା)

ISSN -2583-147X (P), Vol.- 8, Issue No. I, April 2022
Bastabatara Pariprakash Prachee
*Peer Reviewed and Referred Research Journal*

# ପଶ୍ଚିମ ଓଡିଶାର ଲୋକଧାରାରେ ପ୍ରତୀକିତ 'ଢ଼ଗ' ଓ'ବଖାନି'

ଡକ୍ଟର ଦେବାଶିଷ ପାଣ୍ଡିଆ

ଭାଷାକୁ ସରସ, ସୁନ୍ଦର ତଥା ବ୍ୟଞ୍ଜନାଧର୍ମୀ କରିବାରେ 'ଢ଼ଗ'ର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ ଅଟେ । ଲୋକ ସାହିତ୍ୟର ଗବେଷକ ମାନେ ଏହାକୁ ଏକ ପ୍ରମୁଖ ଲୋକ ଉପାଦାନ ଭାବରେ ଗ୍ରହଣ କରିଛନ୍ତି । ଏହା ଲୋକ ସମାଜ ଓ ଜୀବନର ବୈଶିଷ୍ଟ୍ୟ ଉନ୍ମୋଚନ କରିଥାଏ । ଅତି ପ୍ରାଚୀନକାଳରୁ ମଣିଷର ଅଭିଜ୍ଞତା ଓ ସାର୍ବଜନୀନ ସତ୍ୟର ସ୍ୱରୂପ, ଏହି ଢ଼ଗ ମାନଂକରେ ନିହିତ ଥାଏ ।

**ଢ଼ଗର ଅର୍ଥ ଓ ସ୍ୱରୂପ :**

'ଢ଼ଗ' ହେଉଛି ଗୋଟିଏ ଦେଶଜ ଶବ୍ଦ । ସ୍ୱର୍ଗତ ବିଶ୍ୱନାଥ କରଙ୍କ ଉତ୍କଳ ସାହିତ୍ୟ ପ୍ରେସ୍‌ରେ ଛପା ହୋଇଥିବା 'ଉତ୍କଳ ଅଭିଧାନ'ରେ ଏହାର ଅଭିଧାନିକ ଅର୍ଥ ସୂଚେଇବାକୁ ଯାଇ କୁହାଯାଇଛି ଯେ, 'ସ୍ତ୍ରୀଲୋକ ବା ସାଧାରଣ ଲୋକ ଉଦାହରଣ ଛଳରେ କହୁଥିବା ପ୍ରବଚନକୁ 'ଢ଼ଗ' ବୋଲି କୁହାଯାଏ । (ଉତ୍କଳ ଅଭିଧାନ ପୃ.୩୨୮) । ସ୍ୱର୍ଗତ ଜମେଶ୍ୱର ରଥଙ୍କ ଦ୍ୱାରା ସଂକଳିତ 'ଅଜନ୍ତା ଓଡ଼ିଆ ଅଭିଧାନ'ରେ ମ୍ଭ 'ଢ଼ଗ' ଶବ୍ଦର ଅର୍ଥ ଭାବରେ 'ପ୍ରବଚନ'କୁ ଗ୍ରହଣ କରାଯାଇଛି (ଅଜନ୍ତା ଓଡ଼ିଆ ଅଭିଧାନ ପୃ.୬୧୪) ସେହିପରି ଅନେକ ଗବେଷକ ଢ଼ଗର ଅର୍ଥ ଭାବରେ ପ୍ରବଚନକୁ ଗ୍ରହଣ କରିଛନ୍ତି ।

ଢ଼ଗ ବହୁ ପ୍ରାଚୀନ କାଳରୁ ସ୍ୱୀକୃତ, ବହୁ ପ୍ରଚଳିତ ଉକ୍ତି । ଏହାକୁ କେହି କେହି ଆପ୍ତବାକ୍ୟ ବା ଆର୍ଷ ବାକ୍ୟ ଭାବରେ ମ୍ଭ ଗ୍ରହଣ କରିଥାନ୍ତି । ଅଭିଜ୍ଞ ମଣିଷର ନୀତିବାକ୍ୟ ଭାବରେ ମ୍ଭ ଏହା ସ୍ୱୀକୃତ । ଏହି 'ଢ଼ଗ'ର ସ୍ରଷ୍ଟା ନିର୍ଦ୍ଦିଷ୍ଟ ଜଣେ ବ୍ୟକ୍ତି ହୋଇଥିଲେ ମ୍ଭ ତାହାର ଗୁଣ ଆବେଦନ ଦୃଷ୍ଟିରୁ ତାହା ସର୍ବଜନଗ୍ରାହୀ ହୋଇପାରିଛି । ସର୍ବସାଧାରଣଙ୍କ ପାଇଁ ଗ୍ରହଣୀୟ ବା ଶିକ୍ଷଣୀୟ ହେଉଥିବା କୌଣସି ଗୁଢ଼ ତତ୍ତ୍ୱ ବା ଉପଦେଶାତ୍ମକ ତଥ୍ୟକୁ ସୁନ୍ଦର ସାବଲୀଳ ଭାବରେ ପ୍ରକାଶ କରିବା ହେଉଛି ଢ଼ଗର ମୁଖ୍ୟ ଉଦ୍ଦେଶ୍ୟ । ଭାଷାର ଚାତୁର୍ଯ୍ୟ ଓ ପ୍ରକାଶ ଭଂଗୀକୁ ଖୁବ୍ ଚିତ୍ତାକର୍ଷକ ଭାବରେ ଉପସ୍ଥାପିତ କରିବା ଦିଗରେ ଢ଼ଗର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

ପଣ୍ଡିତ ସୂର୍ଯ୍ୟନାରାୟଣ ଦାସ ଢ଼ଗର ସଂଜ୍ଞା ପ୍ରତିପାଦନ କରିବାକୁ ଯାଇ କହିଛନ୍ତି – 'ଏ ଗୁଡ଼ିକ ଦେଶ, ସମାଜ ଓ ସଂସ୍କୃତିର ମାନଦଣ୍ଡ ଓ ଦର୍ପଣ ସ୍ୱରୂପ । ପୁଣି ସ୍ୱଚ୍ଛ ନିର୍ମଳ, ସରଳ, ନିରଳସ ଓ ଅନୁଭୂତି ସମ୍ପନ୍ନ ଉଚ୍ଚକୋଟୀର ଜୀବନ ସୃଷ୍ଟି କରିବା ପାଇଁ ଏ ଗୁଡ଼ିକର ଲକ୍ଷ୍ୟ ।' (ଓଡ଼ିଆ ସାହିତ୍ୟର ଇତିହାସ ୧ମ ଖଣ୍ଡ ପୃ.୫୭/୫୮) ପୁଣି, ବିଶିଷ୍ଟ ଲୋକତତ୍ତ୍ୱ ବିଦ୍ କୁଞ୍ଜବିହାରୀ ଦାସ ଏହାର ସ୍ୱରୂପ ନିର୍ଣ୍ଣୟ କରି କହନ୍ତି – 'ଢ଼ଗ'ର ଅନୁଭୂତି ନିବିଡ଼ତମ, ଶବ୍ଦ ସୂକ୍ଷ୍ମତମ ତଥା ଏହାର ରୂପ ସଂକ୍ଷିପ୍ତ' । (ଲୋକବାଣୀ ସଞ୍ଚୟନ, ମୁଖବନ୍ଧ) ପ୍ରଫେସର ଭୁବନେଶ୍ୱର ବେହେରା, 'ମଣିଷ ସମାଜର ତେରେଛା ଦୃଷ୍ଟିଭଂଗୀର ବାସ୍ତବତାରୁ ରୂପ ନେଇ ଢ଼ଗ ଜନ୍ମ ନିଏ ବୋଲି ମତ ଦେଇଛନ୍ତି । (ଶୁଣପରୀକ୍ଷ- ପୃ.୫୨)

'ଢ଼ଗ' ସାଧାରଣତଃ କହିବାର ଏକ କଳାତ୍ମକ ଢ଼ଙ୍ଗ ବା ଏକ ବିଶେଷ ପ୍ରକାଶ ଶୈଳୀକୁ ବୁଝାଇଥାଏ । ଯାହାର ଉଦ୍ଦେଶ୍ୟ କଥା ଅଳ୍ପ ଭାବ ଅଧିକ । ଢ଼ଗ ବୋଲୁଥିବା ବ୍ୟକ୍ତି ସୀମିତ ଶବ୍ଦାବଳୀ ମ୍ଭରେ ଯାହା କହିଥାଏ ଶ୍ରୋତା ତହିଁରୁ ବିସ୍ତୃତ ଅର୍ଥ ବୁଝିବାରେ ସମର୍ଥ ହୋଇଥାଏ । ନିର୍ଦ୍ଦିଷ୍ଟ ଏକ ସମାଜ ଓ ଜାତିର ପ୍ରାଣସ୍ପନ୍ଦନକୁ ନିର୍ଣ୍ଣୟ କରିବା ପାଇଁ ଏହି ଢ଼ଗ ସବୁ ବିଶେଷ ସାହାଯ୍ୟରେ ଆସିଥାନ୍ତି । ଏହି ଢ଼ଗ ଭିତରେ ନିର୍ଦ୍ଦିଷ୍ଟ ଏକ ସମାଜର ରୀତି ନୀତି ଚଳି ଚଳନର ପ୍ରତିଚ୍ଛବି ଲୁଚି ରହିଥାଏ । ପୁଣି ଏହା ବ୍ୟକ୍ତି ଜୀବନର ସ୍ୱରୂପ ଉନ୍ମୋଚନ କରିବାରେ ମ୍ଭ ସହାୟକ ହୋଇଥାଏ । ଓଡିଶାର ପଶ୍ଚିମାଞ୍ଚଳର ଲୋକ ଜୀବନରେ ମ୍ଭ ଏହି ଢ଼ଗର ପ୍ରଚଳନ ଦେଖିବାକୁ ମିଳିଥାଏ । ସମଗ୍ର ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପ୍ରଚଳିତ ଢ଼ଗ, ଆଂଶିକ ପରିବର୍ତ୍ତନ ଘଟି ବିଭିନ୍ନ ସ୍ଥାନରେ ପ୍ରଚଳିତ ହୋଇଥାଏ । କେତେକ 'ଢ଼ଗ' ସ୍ଥାନୀୟ ପରିବେଶ ଓ ଲୋକଜୀବନକୁ ମ୍ଭ ଭିତ୍ତିକରି ପ୍ରଚଳିତ ହୋଇ ଆସୁଛି । ପଶ୍ଚିମ ଓଡିଶାରେ ପ୍ରଚଳିତ କେତୋଟି 'ଢ଼ଗ'କୁ ନିମ୍ନଲିଖିତ ଶିରୋନାମା ଭିତ୍ତିରେ ବର୍ଗୀକରଣ କରାଯାଇ ସଂକ୍ଷେପରେ ତାହାର ଆଲୋଚନା କରାଯାଇଛି ।

**ନୀତିଶିକ୍ଷାମୂଳକ ଢ଼ଗ :**

ପୂର୍ବରୁ 'ଢ଼ଗ'ର ଅର୍ଥ ପ୍ରବଚନ ବୋଲି ସୂଚେଇ ଦିଆଯାଇଛି । ଏଣୁ ଢ଼ଗକୁ ପ୍ରକୃଷ୍ଟ ବା ଉତ୍କୃଷ୍ଟ ବଚନ ପର୍ଯ୍ୟାୟର ବୋଲି କୁହାଯାଇ ପାରେ । ଢ଼ଗ ମ୍ଭମରେ ମଣିଷକୁ ନୀତି ଶିକ୍ଷା ମ୍ଭ ଦିଆଯାଇଥାଏ । ତେବେ, ଏହା କେତେବେଳେ ପରୋକ୍ଷ ତ ପୁଣି କେତେବେଳେ ପ୍ରତ୍ୟକ୍ଷ ହୋଇଥାଏ । ବେଳେ ବେଳେ କେତେକ ଢ଼ଗସଂପୂର୍ଣ୍ଣ ନୀତିବାଣୀ ଓ ଉପଦେଶ ଭିତ୍ତିକ ହୋଇଥାଏ । ନିମ୍ନରେ ଏହାର କେତୋଟି ଉଦାହରଣ ଦିଆଗଲା ।

୧. ସବୁ କଥାଥି ତରକି ଥିବୁ ନାଇଁ ହଜାବୁ ବାଡ଼ି,
ଭିରକି ଦେଲେ ବାହାରି ବଛା ଲେହେଁଟି ପଡ଼ବା ଗାଡ଼ି ।

ଏହାର ଅର୍ଥ ହେଲା ଯେ, ସମସ୍ତକାମ ସାବଧାନତାର ସହ କରିବା ସହିତ ବୁଦ୍ଧି ଓ ବିବେକର ନିର୍ଦ୍ଦେଶରେ ଜୀବନ ନିର୍ବାହ କରିବା ଉଚିତ ଅନ୍ୟଥା କ୍ଷତି ଓ ବିପଦଗ୍ରସ୍ତ ହେବାର ସମ୍ଭାବନା ରହିଥାଏ । ପ୍ରତ୍ୟେକ ବ୍ୟକ୍ତି ପାଇଁ ଏହି ଢ଼ଗଟି ନୀତିଶିକ୍ଷା ମୂଳକ । ମଣିଷକୁ ଠିକ୍ ମାର୍ଗରେ ଯିବା ପାଇଁ ଏଥିରେ ଯେଉଁ ଏଷଣା ରହିଛି ତାହା ଗୁରୁତ୍ୱପୂର୍ଣ୍ଣ ।

୨. ଖାଏବୁ ପିତା ଗାଏବୁ ଗୀତା
ତେଭେ ଯାଇ ହେବୁ ଜଗତ ଜିତା ।

ପିତା ଖାଦ୍ୟ ବିଭିନ୍ନ ରୋଗ ନିବାରକ ବୋଲି ଆମର ପ୍ରାଚୀନ ଚିକିତ୍ସାଶାସ୍ତ୍ରରେ ବର୍ଣ୍ଣିତ ଅଛି । ସେହିପରି ଗୀତା ହିନ୍ଦୁଧର୍ମର

ଏକ ପବିତ୍ର ଗ୍ରନ୍ଥ ହୋଇଥିବାରୁ ଏହାକୁ ପାଠ କଲେ ମନ ପବିତ୍ର ହୋଇଥାଏ । ଉପରୋକ୍ତ ଢ଼ଗରେ ତେଣୁ ପିତା ଖାଦ୍ୟ ଖାଇବା ପାଇଁ ଓ ଗୀତା ପାଠ, ପାଇଁ ଆହ୍ୱାନ ଦିଆଯାଇଛି । ସୁସ୍ଥ ସମାଜ ଜୀବନ ଗଠନ ପରିପ୍ରେକ୍ଷୀରେ ଏସବୁ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ । ଏହିପରି ଅନେକ 'ଢ଼ଗ', ବିଭିନ୍ନ ଅଞ୍ଚଳରେ ପ୍ରଚଳିତ ହୋଇ ଆସିଛି । ପଶ୍ଚିମ ଓଡିଶାରେ ପ୍ରଚଳିତ ଢଗଗୁଡିକୁ ନିମ୍ନ ଲିଖିତ ଶିରୋନାମାରେ ବିଭକ୍ତ କରି ସେ ଗୁଡିକର ଆଲୋଚନା କରାଯାଇ ପାରେ ।

**କୃଷି ଭିତ୍ତିକ ଢ଼ଗ :**

ପଶ୍ଚିମ ଓଡିଶାର ଅଧିବାସୀ ମୁଖ୍ୟତଃ କୃଷି ଉପରେ ନିର୍ଭର ଶୀଳ । ଏଠାକାର ସମାଜ ଜୀବନ କୃଷିଦ୍ୱାରା ପ୍ରଭାବିତ । ଦୀର୍ଘ ଦିନର କୃଷି ସମ୍ପର୍କୀୟ ଅଭିଜ୍ଞତାରୁ ଅଭିଜ୍ଞ ବ୍ୟକ୍ତି ବିଶେଷ ସୃଷ୍ଟି କରି ଯାଇଛନ୍ତି ଅନେକ ଢ଼ଗ । ଯେମିତିକି –

୧. କ୍ଷେତ୍ କରବୁ ବାହାଲ୍ ଜମି
ଉପରେ ଥିବା ମୁଡ଼ା ଟେ
ଗାଁ କେ ସୁନ୍ଦର ଧୂବା, ଭଣ୍ଡାରି
ଘରକେ ସୁଂଦର ବୁଢ଼ାଟେ ।

ପାଣି ରହିବା ପରି ଖାଲୁଆ ଜମି ସହିତ ତାର ଉପର ମୁଣ୍ଡରେ ଯଦି ଛୋଟ ପୋଖରୀ ଟିଏ ଥିବ ତେବେ ତାହା ଚାଷ ପାଇଁ ଉତ୍ତମ । ସେହି ପ୍ରକାର ଜମିରେ ଧାନ ଚାଷ କଲେ ମରୁଡ଼ି ଦାଉରୁ ରକ୍ଷାମିଳେ ଓ ଉତ୍ତମ 'ସଲ ହୁଏ । ସେହିପରି ଗାଁ ପାଇଁ, ପରିବାର ପାଇଁ ଯଥାକ୍ରମେ ଧୋବା, ଭଣ୍ଡାରି ଓ ବୃଦ୍ଧ ବ୍ୟକ୍ତିର ଆବଶ୍ୟକ ଅତ୍ୟଧିକ ।

୨. 'ନାଇଁ ବୁନ୍‌ବ ଏକ୍ କାଶିଆ,
ହେଇ ଯିବ ବର୍ ମସିଆ ।

ଅର୍ଥାତ୍, ଥରେ ମାତ୍ର ହଳ କରି ବିହନ ବୁଣିଲେ 'ସଲ ଅମଳ ଭଲ ହୁଏ ନାହିଁ । ଏଣୁ ଭଲ ଅମଳ ପାଇଁ ଦୁଇ ତିନିଥର ଯୋତି ବିହନ ବୁଣିବା ଉଚିତ ।

୩. କୁଶେର ଜଗାସି ଚିକିର ପୋ
କପା ଜଗାସି ବାପର୍ ପୋ

ଆଖୁ ଚାଷ ଅଧିକ ପରିଶ୍ରମ ଓ ବ୍ୟୟ ସାପେକ୍ଷ । କପାଚାଷ ସେହି ଦୃଷ୍ଟିରୁ ଭଲ । ଏଣୁ ବୁଦ୍ଧିମାନ ଲୋକ ଆଖୁଚାଷ ଅପେକ୍ଷା କପାଚାଷକୁ ଗୁରୁତ୍ୱ ଦେବା ଉଚିତ ।

୪. ଜନ୍ମେ ରୁଇଲେ କର୍ମେ ଦାଇ
ତିଜେ ରୁଇଲେ ଗିଜେ ଦାଇ

ଚାଷ ସଅଳ ନ କଲେ କିପରି ଚାଷୀ କ୍ଷତିଗ୍ରସ୍ତ ହୋଇଥାଏ ତାହା ଏହି ଢ଼ଗ ମାଧ୍ୟମରେ ସୂଚେଇ ଦିଆଯାଇଛି । ଜନ୍ମାଷ୍ଟମୀ ବେଳକୁ ରୁଆ ବିହୁଡ଼ା କଲେ କର୍ମାରେ ଥିଲେ ଯାଇ ଅମଳ କରିବାର ସମ୍ଭାବନା ଥାଏ । ସେହି ପରି ବାଲି ତୃତୀୟା (ତିଜ) ବେଳକୁ ରୁଆକାମ କଲେ 'ସଲ ଅମଳ କରିବାର ଆଶାକ୍ଷୀଣ । ଏହିପରି ଅନେକ କୃଷି ଭିତ୍ତିକ ଢ଼ଗ ଆମ ଭାଷାରେ ପ୍ରଚଳିତ ।

**ସାମାଜିକ ଚଳଣୀଭିତ୍ତିକ ଢ଼ଗ :**

ଆମର ନିତି ଦିନିଆ ଚଳଣୀକୁ ଭିତ୍ତିକରି ଅନେକ ଗୁଡ଼ିଏ ଢ଼ଗ ପ୍ରଚଳିତ । ଏ ଗୁଡ଼ିକରୁ ଆମର ସମାଜ ଜୀବନର ସ୍ୱରୂପ ଉନ୍ମୋଚିତ ହୋଇଥାଏ । ଯେମିତି କି –

୧. ଗାଇ ମାଏଲେ ମଲ
ଗାଇକେ ମାଏଲ ମଲ ।

ଅର୍ଥାତ୍, ଗାଇ ଯଦି ତୁମକୁ ମାରେ ବା ଆକ୍ରମଣ କରେ ଆହତ ହେବ । ସେହିପରି ତୁମଦ୍ୱାରା ଗାଇ ଯଦି ମୃତ୍ୟୁମୁଖରେ ପଡ଼ିବ ତେବେ ତୁମେ ଗୋ ହତ୍ୟା ପାପରେ ଭାଗୀ ହେବ । ଏଣୁ ଉଭୟ ଥିରେ ବିପଦ ଅଛି ।

୨. ଆଏଲା ଗଲା ବାଏଗନ ପଲ୍‌ହା
ଛେଲ୍ ଖାଇ ଦେଲେ ଗଲା ।

ଅସ୍ଥାୟୀ ଜିନିଷକୁ ଲକ୍ଷ୍ୟକରି ଏହି 'ଢ଼ଗ' କୁହାଯାଇଥାଏ ।

୩. ରେଙ୍ଗାଲ୍ ଗଛର କରଚା
ନାଇଁ ଦେଖଲା ମନ୍ ଧୁକୁର୍ ପୁଚୁର୍
ଦେଖିଦେଲେ ମନ୍ ପରଛା ।

ଗୋଟିଏ ଜିନିଷକୁ ଦେଖିବା ପୂର୍ବରୁ ତାକୁ ନେଇ ଆଶଙ୍କାମୂଳକ ଭାବନା କରିବା ଉଦ୍ଦେଶ୍ୟରେ ଏହା କୁହାଯାଇଥାଏ ।

**ଆକ୍ଷେପମୂଳକ ଢ଼ଗ :**

ବେଳେ ବେଳେ ବ୍ୟକ୍ତି ଜାତି ଓ ସମାଜରେ ଥିବା କେତେକ ଅସଂଗତି ପ୍ରତି ଆକ୍ଷେପ କରାଯାଇ ଅନେକ ଢ଼ଗ ସୃଷ୍ଟି ହୋଇଛି । ତାହା ସମାଲୋଚନା ବା ବ୍ୟଙ୍ଗ ବିଦ୍ରୁପ ମୂଳକ ହୋଇଥାଏ । ନିମ୍ନରେ ତାର କେତୋଟି ଉଦାହରଣ ଦିଆଗଲା ।

୧. ମର୍‌ରେ ମୋର୍ ଡ଼ମ୍‌ପନ୍
ଘଏତା ଯାଉଛେ ଛେଲ୍ ଚରେଇ
ମାଏଝି ଦେଖୁଛେ ଦରପନ୍

ଅଳ୍ପ ରୋଜଗାର କରୁଥିବା ସ୍ୱାମୀର ସମ୍ବଳ ନ ଦେଖି ଅଧିଖ ବ୍ୟୟ କରି ଉପହସିତ ହେଉଥିବା ସ୍ତ୍ରୀ ପ୍ରତି ଆକ୍ଷେପ କରି ଏହି ଢ଼ଗ କୁହାଯାଏ ।

୨. ଆଇ କିରେ ମନ ବାଇକି,
ଶୁଲ୍‌ହ ବଖରା ଘର କରି କରି
ବାହାରେ ଶୁଇଛୁ କାହିଁକି ?

ସମସ୍ତ ପ୍ରକାର ସୁଖ ସ୍ୱାଛନ୍ଦ୍ୟ ଥାଇ ବି ଉପଭୋଗ କରି ପାରୁନଥିବା ବ୍ୟକ୍ତିକୁ ବ୍ୟଙ୍ଗ କରି ଏହି ଢ଼ଗ କୁହାଯାଏ ।

୩. ଅଗର୍ ବକ୍ତା ଅଗର ଚଲା,
ସେ ହେସି ସବ୍‌କର ଶଲା ।

ଆଗତୁରା ପରାମର୍ଶ ଦେଉଥିବା ଓ ମୁରବୀ ପଣିଆ ଦେଖାଇ କାର୍ଯ୍ୟ କରୁଥିବା ବ୍ୟକ୍ତି ଅନେକ କ୍ଷେତ୍ରରେ ସମାଲୋଚିତ ହୋଇଥାଏ । ବିଭିନ୍ନ ଅଘଟଣ ପାଇଁ ତାଙ୍କୁ ଦାୟି କରାଯାଇ ନିନ୍ଦା ବଦନାମ କରାଯାଇଥାଏ ।

୪. ପାଁଡ଼୍‌ବର କାଏଁ ହଲ୍‌ଧାନ୍,
ପାଁଡ଼୍‌ବ ବୁଲେ ଗାଁ ଗାଁ ।

ନିଜର ଅନ୍ନ ସଂସ୍ଥାନର ଚିନ୍ତା ଛାଡ଼ି ନିଶ୍ଚିନ୍ତରେ ଏଣେ ତେଣେ ବୁଲି ସମୟ ନଷ୍ଟ କରୁଥିବା ଲୋକକୁ ଆକ୍ଷେପ କରି ଏହା କୁହାଯାଇଥାଏ ।

**ଢ଼ଗର ସାହିତ୍ୟିକ ମୂଲ୍ୟ :**

ପଶ୍ଚିମଓଡିଶାରେ ପ୍ରଚଳିତ ଢ଼ଗରେ କେବଳ ସଂସ୍କୃତି, ସଭ୍ୟତା ଓ ସ୍ଥାନୀୟ ଲୋକ ଜୀବନର ଯେ ପ୍ରତି'ଳନ ଘଟିଛି ତାହା ନୁହେଁ, ଏହାର ସାହିତ୍ୟିକ ମୂଲ୍ୟକୁ ମ୍ନ ଅସ୍ୱୀକାର କରାଯାଇ ନ ପାରେ । ଏହି ଢ଼ଗ ଗୁଡ଼ିକରେ ଛନ୍ଦର ବୈଚିତ୍ର୍ୟ, ରସ ପ୍ରୟୋଗ, ଅଳଂକାର ସମାବେଶ ଭାଷାତାତ୍ତ୍ୱିକ ମୂଲ୍ୟବୋଧ, ସାଂଗୀତିକ ମୂଲ୍ୟବୋଧ ସହିତ ସମାଜ ଜୀବନକୁ ସମୁନ୍ନତ କରି ଗଢ଼ି ତୋଳିବା ପାଇଁ ପ୍ରେରଣା ରହିଥାଏ । ଢ଼ଗ ହେଉଛି ଆମ ସମାଜର ବେଦ ସଦୃଶ । ଲୋକଗୀତ ଓ ଲୋକନୃତ୍ୟ ଭଳି ଏ ଗୁଡ଼ିକ ଆମର ଲୋକଭାଷା ଓ ଲୋକ ସାହିତ୍ୟର ଅମୂଲ୍ୟ ସଂପଦ । ଲୋକ ସାହିତ୍ୟର ସମସ୍ତ ବିଭବ ଠାରୁ ଏହାର ସୀମା ବ୍ୟାପକ ।

**ବଖାନି: ଅର୍ଥ ଓ ସ୍ୱରୂପ**

ଆମ ଲୋକସାହିତ୍ୟର ଏକ ଅନନ୍ୟ ବିଭବ ହେଉଛି ବଖାନି । ଅସାଧାରଣ ବୁଦ୍ଧି ଓ ଜ୍ଞାନ ଥିବା ବ୍ୟକ୍ତିକଂର କଳ୍ପନା ଶକ୍ତିରୁ ବଖାନିର ସୃଷ୍ଟି । ବହୁ ପ୍ରାଚୀନ କାଳରୁ ଏହା ଆମ ସମାଜରେ ପ୍ରଚଳିତ ହୋଇ ଆସୁଛି । ଭାଷାକୁ ସରସ ସୁନ୍ଦର ଓ ଭାବବ୍ୟଞ୍ଜକ କରିବାରେ ବଖାନି ଗୁଡ଼ିକର ଭୂମିକା ଯଥେଷ୍ଟ ଅଧିକ । ଲୋକ ସାହିତ୍ୟର ମହତ୍ତ୍ୱ ଏ ସବୁ ଦ୍ୱାରା ପ୍ରତି-ପାଦିତ ହୋଇଥାଏ । ପୃଥିବୀର ସବୁ ଅଞ୍ଚଳରେ ଏବଂ ସବୁ ସଂସ୍କୃତିରେ ବଖାନି ପ୍ରଚଳିତ ।

କୋଣସି କଥାକୁ ବଖାଣିବା ବା ବ୍ୟାଖ୍ୟା କରିବାରୁ ବଖାନି ଶବ୍ଦ ଆସିଥିବା, ଅନୁମାନ କରାଯାଏ । ବକ୍ତା ଅତି ସୁନ୍ଦର ଶୈଳୀରେ ଶ୍ରୋତାକୁ ଏକ ପ୍ରଶ୍ନ ପଚାରି ଥାଏ । ଉତ୍ତର ଦେବାକୁ ଯାଇ ଶ୍ରୋତା ଟିକିଏ ଧନ୍ଦି ହୋଇପଡ଼େ । ଅର୍ଥ ପାଇଁ ଧନ୍ଦି ହେବାକୁ ପଡୁଥିବାରୁ କେତେକ ଅଞ୍ଚଳରେ ବଖାନିକୁ 'ଧନ୍ଦା' ବୋଲି ମ୍ନ କୁହାଯାଇଥାଏ । ଏହାକୁ ପ୍ରହେଳିକା ବୋଲି ମ୍ନ କେତେକ ଗ୍ରହଣ କରିଥାନ୍ତି । ଓଡ଼ିଆ ଲୋକ ସାହିତ୍ୟର ଆଲୋଚକ ମାନେ ଏହାକୁ 'ନାଁ ଦିଆ' ବୋଲି ବିବେଚନା କରିଛନ୍ତି । ଇଂରାଜୀ ଭାଷାରେ ବଖାନିକୁ 'Riddle' ବୋଲି କୁହାଯାଏ ।

ବଖାନିର ଲିଖିତ ରୂପ ନାହିଁ । ଲୋକ ସାହିତ୍ୟର ବିଭିନ୍ନ ବିଭାଗ ପରି ଏହା ମୌଖିକ । ବଖାନିକୁ ସବୁ ଯୁଗରେ ବୁଦ୍ଧି ଓ ଜ୍ଞାନର କଥା ବୋଲି ଲୋକମାନେ ଭାବି ଆସିଛନ୍ତି । ବଖାନିକୁ ବକ୍ରୋକ୍ତିର ଚାତୁରୀ ସହିତ ରୂପକ ଓ ସୌନ୍ଦର୍ଯ୍ୟ ଜ୍ଞାନ ଯୁକ୍ତ ଏକ ବୁଦ୍ଧି ମାପକ ମନୋରଞ୍ଜନ ଧର୍ମୀ ଖେଳ ଭାବରେ ଗ୍ରହଣ କରାଯାଇଥାଏ । ଏହା ଦ୍ୱିଅର୍ଥ ରସ ଦ୍ୟୋତକ, ଠିକ୍ ପଣ୍ଡିତଙ୍କ ଶ୍ଳୋକ ଓ ଅବଧାନଙ୍କ ମାନସାଙ୍କ ପରି । ଏହା ସାଧାରଣତଃ ଆବୃତ୍ତି ଯୋଗ୍ୟ ଏକ-ପାଦିକ, ଦ୍ୱି-ପାଦିକ ଓ ତ୍ରି-ପାଦିକ ହୋଇ ଶେଷରେ ଯତିପାତ ହୋଇଥାଏ । ଗୋଟିଏ ଗୋଟିଏ ବଖାନି ଷଷ୍ଠ-ପାଦିକ ମ୍ନ ହୋଇଥାଏ ।

ବଖାନିର ଉତ୍ପତ୍ତି କେବେ ଓ କିପରି ହେଲା ସେ ବିଷୟରେ ସଠିକ୍ ଭାବରେ କିଛି କହିବା ସମ୍ଭବ ନୁହେଁ । କେଉଁ କାଳରୁ ଏହା ପ୍ରଚଳିତ ହୋଇ ଆସୁଛି ତାହା ମ୍ନ ଜାଣିବା ସହଜ ନୁହେଁ । ପ୍ରାଚୀନ ପୁରାଣ ସାହିତ୍ୟରେ ବିଭିନ୍ନ ବଖାନିର ଉପସ୍ଥାପନା ଦେଖିବାକୁ ମିଳିଥାଏ । ଗ୍ରୀକ୍ ପୁରାଣରେ ବୀର ଇଡିପସ୍‌କୁ ପଚରା ଯାଇଥିବା ବଖାନି, ମହାଭାରତର ବନପର୍ବରେ ଯୁଧିଷ୍ଠୀରଙ୍କୁ ପଚରା ଯାଇଥିବା ବଖାନି ସବୁ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ । ପୁଣି ବୌଦ୍ଧଜାତକର ବିଭିନ୍ନ କାହାଣୀରେ ମ୍ନ ଏସବୁର ଉପସ୍ଥାପନା ରହିଅଛି । ଏ ସବୁର ଉପସ୍ଥାପନା ପୃଥିବୀର ବିଭିନ୍ନ ସ୍ଥାନରେ ଓ ସମାଜରେ ପ୍ରଚଳିତ ବଖାନି ସବୁର ପ୍ରାଚୀନତାକୁ ସୂଚୀତ କରିବା ସଂଗେ ସଂଗେ ଏହାର ବୌଦ୍ଧିକ ଦିଗ ପ୍ରତି ଦୃଷ୍ଟି ଆକର୍ଷଣ କରାଯାଇଥାଏ ।

ପୃଥିବୀର ବିଭିନ୍ନ ଅଞ୍ଚଳ ପରି ପଶ୍ଚିମ ଓଡିଶାରେ ମ୍ନ ଅସଂଖ୍ୟ ବଖାନି ପ୍ରଚଳିତ ହୋଇ ଆସୁଛି । ଏହି ସବୁ ଆମର ସଂସ୍କୃତି, ପରଂପରା, ବିଚାରଧାରା, ବୁଦ୍ଧିକୌଶଳ ଆଦିର ପରିସର ଠଉରାଇ ଦିଏ । ପଶ୍ଚିମଓଡିଶାର କଥିତ ଭାଷାରେ ଅନେକ ଶ୍ଳେଷାତ୍ମକ, ରୂପକାତ୍ମକ ଗୁଣଯୁକ୍ତ ବଖାନି ରହିଛି ଯାହାକୁ କି ନିମ୍ନ ଲିଖିତ ଶିରୋନାମା ଭିତ୍ତିରେ ଆଲୋଚନା କରାଯାଇ ପାରେ ।

**ମାନବ ଶରୀର ସମ୍ବନ୍ଧୀୟ ବଖାନି:**

ମଣିଷ ଓ ମଣିଷର ବିଭିନ୍ନ ଅଂଗ ପ୍ରତ୍ୟଙ୍ଗକୁ ନେଇ ଆମ ଭାଷାରେ ସୃଷ୍ଟି ହୋଇଛି ଅନେକ ବଖାନି । ଏସବୁରେ ବଖାନି ସୃଷ୍ଟି କରିଥିବା ବ୍ୟକ୍ତିଙ୍କ ଅଦ୍ଭୁତ ପୂର୍ବ କଳ୍ପନାଶକ୍ତି, କବିତ୍ୱ ପ୍ରତୀକିତ ହୋଇଥାଏ । ଏହାର କେତୋଟି ଉଦାହରଣ ନିମ୍ନରେ ପ୍ରଦତ୍ତ ହେଲା ।

୧. ଉପରେ ମଚା ତଳେ ମଚା
ମଝିରେ ଶୁଇଛେ ଗୁରିଆ ବଛା ।

ଏହାର ଉତ୍ତର ହେଲା ମଣିଷର 'ଜିଭ' । ଏଠାରେ ଉପର ଓ ତଳ ପାଟିକୁ ମଚା ସହିତ ତୁଳନା କରି ଓ ଜିଭକୁ ଗୁରିଆ ବଛା ସହିତ ତୁଳନା କରାଯାଇ ଏହି ବଖାନି ପ୍ରସ୍ତୁତ କରାଯାଇଛି ।

୨. ଗୁଛାର୍ ତଲେ ମିଲିର୍ ମାଲିର୍
ମିଲିର୍ ତଲେ ସେଁ
ତାର୍ ତଲ୍‌କେ ବୁଦୁର୍ ବାଦୁର
ବୁଝଲେ ସିନେ ହେ ।

ଏହାର ଉତ୍ତର ହେଲା, ମୁଣ୍ଡର ବାଳ, ଆଖି, ନାକ ଓ ପାଟି । ମୁଣ୍ଡର ବାଳ ଗୁଛା (ବୁଦା) ଭଳିଆ ଦିଶେ । ଏହାର ଠିକ୍ ତଳକୁ ଆଖି, ମିଲିର୍ ମାଲିର୍ (ଅର୍ଥାତ୍ ଢ଼ୋଳା ଏପଟ ସେପଟ ହେବା) କରୁଥାଏ । ଆଖିର ଠିକ୍ ତଳକୁ ନାକ ସୁଁ ସୁଁ କରୁଥାଏ । ଏବଂ ନାକର ତଳକୁ ପାଟିଥାଏ । ସେହିପରି ମାନବର ସ୍ୱରୂପ ପ୍ରକାଶ କରିବାକୁ ଯାଇ କୁହାଯାଇଛି-

ସଖାଲ ବେଲେ ଚାଏର୍ ଗୁଡ଼ିଆ
ଦୁଇ ପହରେ ଦୁଇ
ସଂଜ ବେଲ୍‌କେ ତିନ୍ ଗୁଡ଼ିଆ
କିଏ ପାର୍‌ବ କହି ।

ଏହି ବଖାନିର ଉତ୍ତର ହେଲା ମଣିଷ । ମଣିଷ ଜୀବନର ଶୈଶବରେ ଅର୍ଥାତ ସକାଳରେ ହାତ, ଗୋଡ଼, ଉଭୟରେ ରଂଗିଥାଏ ତେଣୁ ସେହି ସମୟକୁ ଚାରିଗୁଡ଼ିଆ ବୋଲି କୁହାଯାଇଥାଏ । ମ୍ନାହ୍ନରେ ଅର୍ଥାତ୍ ଯୁବକ ସମୟରେ ଦୁଇ ଗୋଡ଼ରେ ଓ ଅପରାହ୍ନରେ (ସଂଜରେ) ଅର୍ଥାତ୍ ଜୀବନର ବାର୍ଦ୍ଧକ୍ୟ ଅବସ୍ଥାରେ ବାଡ଼ି ଦ୍ୱାରା ଚାଲୁଥିବାକୁ ଯଥାକ୍ରମେ ଦୁଇ ଗୋଡ଼ିଆ ଓ ତିନିଗୋଡ଼ିଆ ବୋଲି କୁହାଯାଇଛି । ମଣିଷ ଜୀବନକୁ ନେଇ ଏଇ ବଖାନି ଟି ଖୁବ୍ ତାତ୍ପର୍ଯ୍ୟପୂର୍ଣ୍ଣ ।

ମଣିଷ ଜୀବନ ସ୍ୱଭାବ ଓ ମଣିଷର ବିଭିନ୍ନ ଅଂଗ ପ୍ରତ୍ୟଙ୍ଗକୁ ନେଇ ଅନେକ ବଖାନି ରହିଛି । ଏ ପ୍ରକାର ବଖାନି

ସବୁ ମଣିଷ ଓ ଜୀବନର ସ୍ୱରୂପ ନିର୍ଣ୍ଣୟ କରିବାରେ ସହାୟକ ହୋଇଥାନ୍ତି ।

**ମାନବେତର ପ୍ରାଣୀ ସମ୍ବନ୍ଧୀୟ ବଖାଣି:**

ମାନବ ପରି ମାନବେତର ପ୍ରାଣୀମାନଂକୁ ନେଇ ଆମ ଭାଷାରେ ସୃଷ୍ଟି ହୋଇଛି ଅନେକ ବଖାଣି । ନିମ୍ନରେ ସେ ସବୁର କେତୋଟି ଉଦାହରଣ ପ୍ରଦତ୍ତହେଲା ।

୧. ଆଣ୍ଠୁନୁ ତଲ୍‌କେ କଁଟା, ବୁଲ୍‌ସି ଟିକ୍‌ରା ଭଟା ।
ଏହାର ଉତ୍ତର ହେଲା - ଝିଣ୍ଟିକା । ଝିଣ୍ଟିକାର ଗୋଡ଼ରେ କଣ୍ଟା କଣ୍ଟା ହୋଇଥାଏ ଓ ସେ ପଡ଼ିଆରେ ବୁଲୁଥାଏ ।

୨. ଅଡ଼େ ଆଡ଼େ ଦେଖିସି ସିଧା ସିଧା ଯାଏସି
ଭୁରସା ଦେଖେଲେ ଯେତେ ଢୁକି ଯାଏସି ଗାତେ ।
ଉତ୍ତର ହେଉଛି କଙ୍କଡ଼ା ।

୩. ପୁଟ୍‌କି ମାଏଝି ହାଟ୍‌କେ ଗଲା
ସବୁ ଖଜା ମିଠେଇ ଅଇଁଠା କଲା ।
ଏହାର ଅର୍ଥ ହେଉଛି ମାଛି । ଏଠି ମାଛିକୁ ଗେଡ଼ୀ ମହିଳା ସହ ତୁଳନା କରାଯାଇଛି । ବଜାରରେ ବିକ୍ରି ହେଉଥିବା ଖଜା ମିଠେଇ ଉପରେ ମାଛି ବସୁଥିବାରୁ ତାହାକୁ ଅଇଁଠା କରେ ବୋଲି କୁହାଯାଇଛି ।

୪. ମୁନୁଷ୍ ରକତ୍ ପିଇସି, ହେଲେ ବାଘ୍ ନୁହେ ସେ,
ଲମ୍‌ହା ଲମ୍‌ହା ଗୋଡ୍ ଥିସି, ହେଲେ ବଁକ ନୁହେ ସେ,
ବଂଶୀ ବଜଉ ଥାଏସି, ହେଲେ କୃସ୍‌ନ ନୁହେ ସେ ।
ଏହାର ଉତ୍ତର ହେଉଛି ମଶା । ବାଘ ପରି ମଣିଷ ରକ୍ତପିଏ । ବଗ ପରି ଲମ୍ବା ଗୋଡ଼ ଥାଏ ଏବଂ ଭଗବାନ ଶ୍ରୀକୃଷ୍ଣ ବଂଶୀ ବଜାଇଲା ପରି ଗୁଣୁ ଗୁଣୁ କରିଥାଏ ।

୫. ମୁଡ୍ ନାଇଁନ କେନ୍ ଜୀବନର ଜିଭ୍ ନାଇଁନ କାର
ଗୋଡ୍ ନାଇଁ ଥାଇ ଧାଏଁସି କିଏ ଆଏଁଖ ନାଇଁନ କାର ।
ଏହାର ଉତ୍ତର ହେଉଛି କଙ୍କଡ଼ା, ମଗର, ସାପ ଓ ଜୋକ ।

**ଗୃହପୋଯୋଗୀ ବସ୍ତୁ ସମ୍ବନ୍ଧୀୟ ବଖାଣି:**

ଆମ ଅଞ୍ଚଳରେ ପ୍ରଚଳିତ ବଖାନୀ ଭିତରେ ଅନେକ ଗୃହପୋଯୋଗୀ ବସ୍ତୁ ସମ୍ବନ୍ଧୀୟ ବଖାଣି ରହିଅଛି । ଦୈନଂଦିନ ଜୀବନରେ ବ୍ୟବହୃତ ବସ୍ତୁ ମାନଂକୁ ନେଇ ସୃଷ୍ଟି ହୋଇଥିବା ବଖାଣି ସବୁ ପ୍ରତୀକାତ୍ମକ ଯେତିକି ବୁଦ୍ଧିଦୀପ୍ତ ସେତିକି ।ଯଥା-

୧. ଆଠ ଖଣ୍ଡ ହାଡ଼େ ଡ଼ଲେ ପୁଟା, କିଏ ଜାନିଛ କହରେ ପୁତା
(ଉତ୍ତର - ଖଟ)

୨. କଁଚା ନାଇଁ ଖାଏ ସୁଖା ଖାଏସି
ପାଏନ୍ ଦେଲେ ଗଛ୍ ମରି ଯାଏସି ।
ଉତ୍ତର ହେଉଛି ନିଆଁ । ଶୁଷ୍କ ଜିନିଷ ପଡ଼ିଲେ ପୋଡ଼ିଥାଏ । କଞ୍ଚା ଜିନିଷ ନିଆଁରେ ପୋଡ଼ି ନଥାଏ । ପାଣି ପଡ଼ିଲେ ନିଆଁ ଲିଭିଯାଏ ।

୩. ଘର ଭିତରେ ଲମ୍ କରି,
ଶୁଇ ଅଛେ ମୁହଁ ତଳ କରି ।
ଏହାର ଅର୍ଥ ହେଉଛି ଢ଼େଙ୍କି । ଯିଏ କି ଲମ୍ବା ଓ ମୁହଁ ତଳକରି ପଡ଼ିରହିଥାଏ ।

୪. ଝନେ ବଲୁଛେ ସଖାଲ ପାଉ
ଝନେ ବଲୁଛେ ରାଏତ୍ ହେଉ
ଝନେ ବଲୁଛେ ପାହୁକି ନାଇଁପାହୁ
ମୋର୍ କାଏଁଟା ଯାଉ ।
ଏହା ହେଉଛି ଖଟ, ଅଡ଼ା ଓ ସିକା । ରାତିରେ ମଣିଷ ଖଟ ଉପରେ ଶୋଉ ଥିବାରୁ ଖଟ ଶୀଘ୍ର ସକାଳ ହେଉବୋଲି କହିଥାଏ ଓ ରାତି ହେଲେ ଅଡ଼ାରୁ ଶେଯ, ପାଛୁଡ଼ା କାଢ଼ି ଖଟ ଉପରେ ପରା ଯାଉଥିବାରୁ ସେ ରାତି ହେଉ ବୋଲି ଚାହେଁ କିନ୍ତୁ ଶିକା ଉପରେ ଦିନ ରାତି ଜିନିଷ ରହିଥିବାରୁ ତାକୁ ଦିନ ହେଲେ କି ରାତି ହେଲେ କିଛି ଯାଏ ଆସେ ନାହିଁ ।

**ଖାଦ୍ୟ, ଫଳ, ମୂଳ ସମ୍ବନ୍ଧୀୟ ବଖାଣି:**

ଯେଉଁ ବଖାଣି ଗୁଡ଼ିକ ଏହି ପର୍ଯ୍ୟାୟ ଭୁକ୍ତ, ନିମ୍ନରେ ସେ ଭିତରୁ କେତୋଟି ଉଦାହରଣ ଦିଆଗଲା ।

୧. ଉପକୁ ଭିତରେ ଡୁବକୁ ନାଚେ
ସୁନା ଗୁଁଡ଼ି ଧାନ ଭୁଗୁଲେ ପାଚେ ।
ଉତ୍ତର ହେଉଛି ଭାତ । ଭାତ ରାନ୍ଧିଲା ବେଳେ ପାଣି ଡ଼ବ ଡ଼ବ ଫୁଟି ଗଲେ ଚଉଳ ଲଗାଯାଏ । ଚଉଳ ଫୁଟି ଗଲେ ଭାତ ହୁଏ ।

୨. କହତ ପୁତା, 'ଲ୍ ସୁଆଦିଆ ପତର ପିତା ।
ଉତ୍ତର - କାକୁଡ଼ି, କାକୁଡ଼ି ଖାଇଲେ ସୁଆଦିଆ ଲାଗୁଥିଲା ବେଳେ ତାହାର ପତ୍ର ପିତା ଲାଗିଥାଏ ।

୩. ପାଏନ୍ ଅଛେ ଝୁରି ନାଇଁ, ଝାର ଅଛେ ଜନ୍ତୁ ନାଇଁ ।
ଉତ୍ତର - ନଡ଼ିଆ । ନଡ଼ିଆ ଭିତରେ ପାଣିଥାଏ ହେଲେ ମାଛ ନଥାଏ । ଠିକ୍ ସେହିପରି ନଡ଼ିଆ କତା ଥାଇ ଜଙ୍ଗଲ ପରି ଦିଶୁଥିଲେ ମ୍ଭ ତହି ଜନ୍ତୁ ନାହିଁ । ବଖାନି ତିଆରି ଥିବା ବ୍ୟକ୍ତିର ଅଦ୍ଭୂତ ପୂର୍ବ କଳ୍ପନା ଶକ୍ତିରୁ ଏହିପରି ଅସଂଖ୍ୟ ସୃଷ୍ଟି ହୋଉଅଛି ।

**କୃଷି ସମ୍ବନ୍ଧୀୟ ବଖାଣି:**

ଆମ ଲୋକ ଜୀବନର ପ୍ରମୁଖ ଆଧାର ହେଉଛି କୃଷି । କୃଷି ସମ୍ବନ୍ଧୀୟ ବିଭିନ୍ନ ଅଭିଜ୍ଞତା ଓ ସାଧାରଣ ଜ୍ଞାନକୁ ଭିତ୍ତି କରି ଅନେକ ଢ଼ଗ, ବଖାନି ସମେତ ଲୋକଗୀତ ସବୁ ସୃଷ୍ଟି ହୋଇଛି । ଏ ସବୁରେ, କୃଷି ଓ ମାନବ ଜୀବନ କିଭଳି ଅଂଗାଙ୍ଗୀ ଭାବରେ ଜଡ଼ିତ ତାହା ନିହିତ ହୋଇଅଛି । ଯଥା-

୧. ରୁଆ ବିହିଡ଼ା ସଏଲାନ
କୁଜି କେ ଡ଼ାକ୍ ପଡ଼୍‌ଲାନ ।
ଉତ୍ତର ହେଲା - ଦା' । ରୁଆ ବିହୁଡ଼ା ସରିଗଲା ପରେ ଧାନ ଦାଇବା ପାଇଁ ଦା' କୁ ଲୋଡ଼ାଯାଏ ।

୨. ଆଏଲେ କୁନୁଆଁ ମାରଲେ ବୁକା
ଭାଗଲେ କୁନୁଆଁ ଜୀଇଁଲା ବୁକା ।
ଅର୍ଥାତ୍- ପଲହା ରୁଇବା (ତଳି ମାରିବା) । ରୁଇବା ପାଇଁ ପଲହା (ତଳି) ମରାଯାଏ । ରୁଇ ସାରି ଭୂତିଆରେନ୍ (ତଳି ମାରୁଥିବା ସ୍ତ୍ରୀ ଲୋକ) ମାନେ ଚାଲି ଯାନ୍ତି । ତେଣେ ଖେତରେ ପଲହା ମରି ନଯାଇ ଜୀଇଁ ଉଠେ । ଚାଷ କାର୍ଯ୍ୟର ତଳିମରା ପ୍ରସଂଗରେ ଏହି ବଖାନି ସୃଷ୍ଟି ହୋଇଛି ।

୩.	ରସେ ଚର୍‌ସି ରସିଆ, ନିରସେ ଚର୍‌ସି କିଏ ?
କେତେ କେତେ ଜୀବର,
ଜୁଁତୁ ଭିତରେ ପାଏନ୍ ନାଇଁ ପିଏ ସିଏ ।

ଉତ୍ତର ହେଉଛି 'ଧାନ ପୋକ' । ଏହି ପୋକ ଧାନରସ ଶୋଷି ବଞ୍ଚିଥାଏ ।

**ପ୍ରକୃତି ସମ୍ବନ୍ଧୀୟ ବଖାନି:**

ବଖାନି ସୃଷ୍ଟି କରିଥିବା ଅଭିଜ୍ଞ ବ୍ୟକ୍ତି ମାନେ ପ୍ରକୃତିରୁ ବିଭିନ୍ନ ଉପାଦାନ ନେଇ ବଖାନି ସୃଷ୍ଟି କରିଛନ୍ତି । ଯେମିତିକି-

୧.	ତାର୍ ବୁଆ ମୁଇଁ, ମୋର ବୁଆ ହେଏ
ଆମର୍ ଲାଗି ତମେ ସଭେ, ଆମର ଉପରେ କିଏ ?

ଉତ୍ତର ହେଉଛି – 'ମେଘ'

୨.	ପତର ଥାଲି, ଲାଲ୍ ସାହେବର ଗିଜେ କାଲି ।

ଉତ୍ତର ହେଉଛି – 'ପଳାଶ ଫୁଲ' । ପଳାଶ ପତ୍ରରେ ଖଲି ତିଆରି ହୁଏ । ଫୁଲ ଲାଲ ଦିଶେ ଓ ତାର ବୃନ୍ତ କଳା ରଂଗର ।

୩.	ସଁପୁର ସୂତା ଗଜମୁକୁତା, ଖାଏଲେ ସରେ ନାଇଁ
ଆଏଜ୍ ଖାଇକରି କାଲ୍‌କି ନୁର୍‌ଲେ, ପାଏବୁ କାହିଁ ।

ଏହାର ଉତ୍ତର ହେଉଛି 'କୁଆପଥର' । ଏହା ମୁକ୍ତା ପରି ଦିଶେ । ଖାଇକରି କେହି ଏହାକୁ ସାରି ପାରେ ନାହିଁ । ଶୀଘ୍ର ପାଣି ହୋଇ ଯାଉଥିବାରୁ ରଖି ହୁଏ ନାହିଁ ।

ପ୍ରକୃତି ବିଷୟକ ଅନେକ ବଖାନିରେ ସୃଷ୍ଟିକର୍ତ୍ତା (ବ୍ୟକ୍ତି)ଙ୍କ ଗଭୀର ଅର୍ନ୍ତଦୃଷ୍ଟି, ପ୍ରଜ୍ଞା ଓ କଳ୍ପନା ଶକ୍ତି ପ୍ରକଟିତ ହୋଇଥାଏ ।

**ବଖାନିର ସାହିତ୍ୟିକ ମୂଲ୍ୟ:**

ପଶ୍ଚିମ ଓଡିଶାରେ ପ୍ରଚଳିତ ବଖାନି ସବୁର ଭାଷାଗତ ଓ ସାହିତ୍ୟିକ ମୂଲ୍ୟ ଅତ୍ୟଧିକ । ଏହାର ଭାଷା ସରଳ । ଆଞ୍ଚଳିକ ଶବ୍ଦର ଚମତ୍କାର ପରିପ୍ରକାଶ ଏ ସବୁରେ ଦେଖିବାକୁ ମିଳିଥାଏ । ଭାଷା ଉଭୟ ଗଦ୍ୟ ଓ ପଦ୍ୟଧର୍ମୀ । କଥିତ ଭାଷାର ବ୍ୟବହାର ଥିବାରୁ ଏହା ସମସ୍ତଙ୍କ ପାଇଁ ଗ୍ରହଣୀୟ ହୋଇଥାଏ । ଏ ଗୁଡ଼ିକ ଲୋକ ମୁଖରେ ପ୍ରଚଳିତ ହେଲେ ହେଁ ଏହା ସ୍ୱତନ୍ତ୍ର ଛନ୍ଦରେ ପ୍ରକାଶିତ ହୋଇ ଅଛି । ଏହି ଛନ୍ଦ ହିଁ ମଣିଷର ମନ ଭିତରେ ସୃଷ୍ଟି କରିଥାଏ ଚରମ ଆମୋଦ । ଚରଣ ଦୃଷ୍ଟିରୁ ଆଲୋଚନା କଲେ କେତେକ, ଦୁଇ ଚରଣ ବିଶିଷ୍ଟ, ତିନି ଚରଣ ବିଶିଷ୍ଟ, ଚାରିଚରଣ ବିଶିଷ୍ଟ ଏ ପରିକି ଛଅ ଚରଣ ବିଶିଷ୍ଟ ମଧ୍ୟ ହୋଇଥାଏ । ଛନ୍ଦର ବୈଚିତ୍ର୍ୟ ସମେତ ରସ ପ୍ରୟୋଗ, ଅଳଂକାର ସମାଦେଶ, ସାଂଗୀତିକ ମୂଲ୍ୟବୋଧ ଆଦି ଏହି ବଖାନି ସବୁରେ ପରିଲକ୍ଷିତ ହୋଇ ଏହାର ସାହିତ୍ୟିକ ମୂଲ୍ୟକୁ ଅଭିବୃଦ୍ଧି କରିଥାଏ ।

ବଖାନିର ପରିସର ଖୁବ୍ ବ୍ୟାପକ । ସାମାଜିକ ଜୀବନର ବହୁବିଧ ରହସ୍ୟ ଏଥିରେ ନିହିତଥାଏ । ଏହା ଦୈନନ୍ଦିନ ଜୀବନ ପାଇଁ ଯେପରି ଉପାଦେୟ, ସେହିପରି କୌତୂହଳ ପ୍ରଦ । ଏହି ବଖାନି ସବୁ ଆମ ସଂସ୍କୃତି ଓ ପରଂପରାର ଆଧାରରେ ସୃଷ୍ଟି ହୋଇ ଥିବାରୁ ଏଥିରେ ନିଜସ୍ୱ ସାଂସ୍କୃତିକ ଜିଜ୍ଞାସାବୋଧ ଓ ସାହିତ୍ୟିକ ମୂଲ୍ୟବୋଧ ନିହିତ । ଏହା ଆମ ଭାଷା ଓ ସଂସ୍କୃତିର ଗୁରୁତ୍ୱପୂର୍ଣ୍ଣ ବିଭବ ହୋଇଥିବାରୁ ଏସବୁର ସଂଗ୍ରହ ଓ ଏହା ଉପରେ ଏକକ ଗବେଷଣା ଆଜି ଖୁବ୍ ଆବଶ୍ୟକ ମନେହୁଏ ।

ଉପସଂହାରରେ ଏତିକି କୁହାଯାଇ ପାରେ ଯେ, କୌଣସିବି ସମାଜ ପାଇଁ ସେ ଦେଶର ଭାଷା, ସାହିତ୍ୟର ଢ଼ଗ ଓ ବଖାନୀ ଏକ ମୂଲ୍ୟବାନ ସଂପଦ । ନିର୍ଦ୍ଦିଷ୍ଟ ଅଞ୍ଚଳର ଚଳଣି, ପରମ୍ପରା, ଆଚାର, ବିଚାର ଏହା ଦ୍ୱାରା ପ୍ରତୀକିତ ହୋଇଥାଏ । ବାସ୍ତବିକ ଏହା ହିତୋପଦେଶ ଭଳି ମଣିଷ ସମାଜ, ପରିବାର ଓ ବ୍ୟକ୍ତିକୁ ସୁଶୃଙ୍ଖଳିତ କରି ଗଢ଼ି ତୋଳିଥାଏ । ଆଧୁନିକ ଜୀବନ ଶୈଳୀ ଦ୍ୱାରା ଆଜି ଆମ ଭାଷା ବିପନ୍ନ ହେବାକୁ ବସିଛି । ଏହି ସମୟରେ ଆମ ଭାଷାର ଏଇ ସୁଂଦରତମ ବିଭବ ସବୁ ଲୋପ ପାଇବାର ଆଶଙ୍କା ଦେଖାଦେଇଛି । ଜନମାନସରୁ ଏହା ହଜି ଯିବା ପୂର୍ବରୁ ଏହାର ସଂଗ୍ରହ ଓ ସଂରକ୍ଷଣ ପାଇଁ ସବୁସ୍ତରରୁ ଉଦ୍ୟମ ହେବା ଆବଶ୍ୟକ ।

**ସହାୟକ ଗ୍ରନ୍ଥ :**

୧. ଓଡିଆ ଲୋକ ସାହିତ୍ୟ ଓ ଲୋକ ସଂସ୍କୃତି – କୃଷ୍ଣଚନ୍ଦ୍ର ପ୍ରଧାନ (୧୯୯୮)
୨. ଲୋକ ଜୀବନ ଓ ଲୋକ ସାହିତ୍ୟ – ଚୌଧୁରୀ ଅଜୟ ପ୍ରଧାନ ଓ ଦିଲ୍ଲୀପ ସ୍ୱାଇଁ (୧୯୯୬)
୩. କଳାହାଣ୍ଡିର ଲୋକ ସଂସ୍କୃତି – ମହେନ୍ଦ୍ର କୁମାର ମିଶ୍ର (୧୯୯୬)
୪. ଭୁଗଲେ ବଖାନି – ନିମାଇଁ ଚରଣ ପାଣିଗ୍ରାହୀ (୨୦୦୬)
୫. ପଶ୍ଚିମ ଓଡ଼ିଶାର ଢ଼ଗଢ଼ମାଲୀ ରୂଢ଼ି ପ୍ରୟୋଗ ଓ ବଖାନି ମାଳା – ନରସିଂହ ଗୁରୁ, ଦୁଃଖୀଶ୍ୟାମ ତ୍ରିପାଠୀ (୧୯୯୮)
୬. ଲୋକବାଣୀ ସଂଚୟନ – କୁଞ୍ଜବିହାରୀ ଦାସ, (୧୯୭୬)
୭. ଓଡ଼ିଆ ଲୋକ ସାହିତ୍ୟ ସମୀକ୍ଷା – ଶ୍ୟାମ ସୁଂଦର ମହାପାତ୍ର, ମିହିର କୁମାର ସାହୁ (୨୦୦୫) (ସଂ)
୮. ପଶ୍ଚିମ ଓଡ଼ିଶାର ଢ଼ଗ ଢ଼ମାଳୀ, ରୂଢ଼ି ପ୍ରୟୋଗ ଓ ବଖାନି ମାଳା – ନରସିଂହ ପ୍ରସାଦ ଗୁରୁ, ଦୁଃଖୀଶ୍ୟାମ ତ୍ରିପାଠୀ (ସଂ) ୧୯୯୮

*ସଦସ୍ୟ, ଓଡିଶା ସାହିତ୍ୟ ଏକାଡେମୀ*
*ରାମଜୀ ନଗର, ସୋନପୁର*

RNI No. : ODIODI/2015/64435 • P.R. No. : CK(C)/96/2022-2024 • www.pracheenews.com

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ